# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ (୨୦ ପୃଷ୍ଠା) | Bhubaneswar, Friday, December 1/2023 | Page 20 | ₹ 7.00

୫୦ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 8 | ମୂଲ୍ୟ₹୭/-





# ଜାତୀୟ ଶିକ୍ଷା ନୀତି ଲାଗୁ ହେବା ଉଚିତ: କୁଳାଧିପତି

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

ଜାତୀୟ ଶିକ୍ଷା ନୀତି–୨୦୨୦ ଲାଗୁ କରିବା ପାଇଁ ଏକ ନୀତି ନିର୍ଘଣ୍ଟ ପ୍ରଣୟନ ସହ ପ୍ରଥମ ପର୍ଯ୍ୟାୟରେ ଚାରିବର୍ଷିଆ ସ୍ନାତକ ଶିକ୍ଷା ପ୍ରଚଳନର ବ୍ୟବସ୍ଥା ହେବା ଦରକାର। ଏଥିନିମନ୍ତେ ପାଠ୍ୟକ୍ରମ, ସଂରଚନା, ଦକ୍ଷତା ବିକାଶ ଓ ଧନ୍ଦାମୂଳକ ପାଠ୍ୟକ୍ରମ ପ୍ରସ୍ତୁତ ହେବା ଆବଶ୍ୟକ। ଜାତୀୟ ଶିକ୍ଷା ନୀତି–୨୦୨୦ ଅନ୍ତର୍ଗତ ପ୍ରଶିକ୍ଷଣ, ପ୍ରୋଜେକ୍ଟ କାର୍ଯ୍ୟ ଓ ଇଣ୍ଟର୍ନଶିପ୍ ସହ ଶିଳ୍ପ ସଂଯୋଗର ଭିତ୍ତି ପ୍ରସ୍ତୁତ କରିବାକୁ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ପରାମର୍ଶ ଦେଇଛନ୍ତି।

ଗୁରୁବାର ରାଜଭବନରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳପତି ସମ୍ମିଳନୀରେ ଉଦ୍‌ବୋଧନ ଦେଇ କୁଳାଧିପତି ତଥା ରାଜ୍ୟପାଳ କହିଛନ୍ତି, ଓଡ଼ିଶାରେ ବହୁ ଉଚ୍ଚମାନର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ରହିଛି। ଭୁବନେଶ୍ୱର ପୂର୍ବ ଭାରତର ଶୈକ୍ଷିକ କେନ୍ଦ୍ର ହେବା ସ୍ଥଳେ ଗୋଟିଏ ବି ପ୍ରମୁଖ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନ ଓଡ଼ିଶାରେ ନ ରହିବା ନିଶ୍ଚିତ ରୂପେ ଚିନ୍ତାର ବିଷୟ। ଏ ଦିଗରେ ପ୍ରୟାସ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କୁଳାଧିପତି ଆହୁରି କହିଛନ୍ତି ଯେ, ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ସ୍ନାତକ ଶିକ୍ଷାସ୍ତରରେ ରିସର୍ଚ୍ଚ ଆଣ୍ଡ୍ ଡେଭଲପ୍‌ମେଣ୍ଟ ସେଲ୍ ପ୍ରତିଷ୍ଠା ହେବା ଦରକାର ଏବଂ ବହୁ ସଂଖ୍ୟାରେ ପେଟେଣ୍ଟ ହାସଲ ପାଇଁ ଉଦ୍ୟମ କରାଯିବା ଉଚିତ। ବ୍ୟାପକ ବୈଷୟିକ ଜ୍ଞାନକୌଶଳ, ପ୍ରଯୁକ୍ତି ବିଦ୍ୟା, ଇ–ଅଫିସ୍, ଡିଜିଟାଲ୍ ମାଧ୍ୟମର ବିପୁଳ ଉପଯୋଗ ଓ ନିୟମିତ ଅଡିଟ୍ ଉପରେ କୁଳାଧିପତି ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ରହୁଛନ୍ତି, ଯେଉଁମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ। ସେମାନଙ୍କ ଭାଷା, ସଂସ୍କୃତି, ନୃତ୍ୟଗୀତ, ଜୀବନଶୈଳୀ ଓ ଆଚାର ବ୍ୟବହାର ସମ୍ପର୍କରେ ସ୍ଥାନୀୟ ବିଶ୍ୱବିଦ୍ୟାଳୟ ତଥ୍ୟ ସଂଗ୍ରହ, ଗବେଷଣା, ମ୍ୟୁଜିୟମ ପ୍ରତିଷ୍ଠା ଉପରେ ଧ୍ୟାନ ଦେବା ଦରକାର। ଭାରତ ସରକାର ଉଚ୍ଚଶିକ୍ଷାର ବିକାଶ ନିମନ୍ତେ ବିବିଧ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ପର୍ଯ୍ୟାପ୍ତ ସହଯୋଗ କରୁଛନ୍ତି। ଏସବୁର ଉପଯୋଗ କରି ଭଲ ଗ୍ରେଡ୍ ହାସଲ କରିବାକୁ ତଥା ଶିକ୍ଷା ଓ ଗବେଷଣାକୁ ପ୍ରାଧାନ୍ୟ ଦେବାକୁ କୁଳାଧିପତି ପରାମର୍ଶ ଦେଇଛନ୍ତି। ଠିକଣା ସମୟରେ ପରୀକ୍ଷା କରିବା ସହ ଠିକ୍ ସମୟରେ ଫଳ ପ୍ରକାଶନ ଓ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବାକୁ କୁଳପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୁଳପତି ସମ୍ମିଳନୀରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥିତି ଓ ପରିଚାଳନା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତ, ଉଚ୍ଚଶିକ୍ଷା ବିଭାଗର ସଚିବ ଅରବିନ୍ଦ ଅଗ୍ରୱାଲ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଗଙ୍ଗାଧର ସାହୁ, ଓକାକ୍‌ର ମୁଖ୍ୟ ନିର୍ବାହୀ ଅଧିକାରୀ ମନୋଜ ପଟ୍ଟନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ମଧୁସୂଦନ ଦାସ ପ୍ରମୁଖ ନିଜ ବିଭାଗ ଅନ୍ତର୍ଗତ ବିଶ୍ୱବିଦ୍ୟାଳୟର ସ୍ଥିତି ଓ ପ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କୁଳପତିମାନେ ବିଶ୍ୱବିଦ୍ୟାଳୟର ପ୍ରଗତି, ଭବିଷ୍ୟତର ଯୋଜନା, କାର୍ଯ୍ୟାନ୍ୱୟନ ବିଷୟରେ ତଥ୍ୟ ସୂଚନା ଦେଇଥିଲେ।


ସମ୍ମିଳନୀରେ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ଏବଂ ଅନ୍ୟମାନେ।


























































# ୪ରେ ବାତ୍ୟା

## ୫ରୁ ୭ ଓଡ଼ିଶା ଉପକୂଳରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ)**

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନଠାରେ ସୃଷ୍ଟି ହୋଇଥିବା ଲଘୁଚାପ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅବପାତରେ ପରିଣତ ହୋଇଛି। ଏହାପରେ ଅବପାତ ଆହୁରି ଘନୀଭୂତ ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବ। ଡିସେମ୍ବର ୩ ତାରିଖ ସୁଦ୍ଧା ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ୪ ତାରିଖ ସକାଳେ ସାମୁଦ୍ରିକ ଝଡ଼ ଉତ୍ତର ତାମିଲନାଡୁ ଓ ଦକ୍ଷିଣ ଆନ୍ଧ୍ର ଉପକୂଳରେ ପହଞ୍ଚିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହାର ପ୍ରଭାବରେ ୫ରୁ ୭ ତାରିଖ ଯାଏ ଦକ୍ଷିଣ, ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷ କରି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବାତ୍ୟା ଯୋଗୁ ଉପକୂଳରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି।

ଲଘୁଚାପ ପ୍ରଭାବରେ ଡିସେମ୍ବର ୧ ତାରିଖରୁ କେନ୍ଦ୍ରୀୟ ବଙ୍ଗୋପ ସାଗର ଓ ଏହା ସଂଲଗ୍ନ ଅଞ୍ଚଳରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ପ୍ରବାସୀଙ୍କ ପ୍ରଭାବ**

# ହେନ୍‌ରି କିସିଙ୍ଗରଙ୍କ ପରଲୋକ



ଆମେରିକାର ପୂର୍ବତନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍‌ଙ୍କ ସହ ପୂର୍ବତନ ପରରାଷ୍ଟ୍ର ସଚିବ ହେନ୍‌ରି କିସିଙ୍ଗର(ଡାହାଣ)।

**ୱାଶିଂଟନ,୩୦।୧୧**

ଆମେରିକାର ପୂର୍ବତନ ପରରାଷ୍ଟ୍ର ସଚିବ ତଥା ବରିଷ୍ଠ କୂଟନୀତିଜ୍ଞ ହେନ୍‌ରି କିସିଙ୍ଗରଙ୍କର ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୦ ବର୍ଷ ହୋଇଥିଲା। ୧୯୭୦ ଦଶକରେ ଭାରତର ନେତୃତ୍ୱକୁ ସେ ତିରସ୍କାର କରିଥିଲେ। ଏପରିକି ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ସେ ଜାତିଆଣ ଏବଂ ଘୃଣ୍ୟ ଶବ୍ଦ ବ୍ୟବହାର କରିଥିଲେ। ୧୯୭୪ ଅକ୍ଟୋବର ଏବଂ ୨୦୧୨ ମାର୍ଚ୍ଚରେ ଭାରତ ଗସ୍ତରେ ଆସିଥିବା କିସିଙ୍ଗରଙ୍କୁ ଅନେକେ ରାଷ୍ଟ୍ରନେତା ବିବେଚନା କରିଥାନ୍ତି। ଭାରତ-ଆମେରିକା ସମ୍ପର୍କକୁ ମଜଭୁତ କରାଇବାରେ ସେ ପ୍ରତିଶ୍ରୁତିବଦ୍ଧ ଥିଲେ। ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଏବଂ ଗେରାଲ୍ଡ ଫୋର୍ଡଙ୍କ ସମୟରେ କିସିଙ୍ଗର ପରରାଷ୍ଟ୍ର ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ସେ ବୈଶ୍ୱିକ ବ୍ୟାପାରକୁ ଅସାଧାରଣ ଭାବେ ପ୍ରଭାବିତ କରିଥିଲେ। ୧୯୭୩ରେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିଥିଲା। ତାଙ୍କର ଦୀର୍ଘଦିନର ବିଦେଶ ନୀତି ଉପରେ ଏବେ ମଧ୍ୟ ଭାବପୂର୍ଣ୍ଣ ବିତର୍କ ହୋଇଥାଏ।

ଇହୁଦୀ ଶରଣାର୍ଥୀ କିସିଙ୍ଗର ୧୯୩୮ରେ ତାଙ୍କ ପରିବାର ସହ ନାଜି ଜର୍ମାନୀରୁ ପଳାଇଆସିଥିଲେ। ଆମେରିକାରେ ଶିକ୍ଷାଗ୍ରହଣ କରିବା ସହ ହାର୍ଭାର୍ଡ ୟୁନିଭର୍ସିଟିରୁ ୧୯୫୧ ଏବଂ ୧୯୫୪ରେ ଯଥାକ୍ରମେ ମାଷ୍ଟର ଅଫ୍ ଆର୍ଟ୍‌ସ ଏବଂ ଡକ୍ଟର ଅଫ୍ ଫିଲୋସଫି ଡିଗ୍ରୀ ହାସଲ କରିଥିଲେ। ୧୯୬୯ରୁ ୧୯୭୭ ପର୍ଯ୍ୟନ୍ତ ଆମେରିକାର ବହିର୍ବ୍ୟାପାର ନୀତିରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସୋଭିଏତ୍ ୟୁନିୟନ ସହ ଆମେରିକାର ସମ୍ପର୍କ ବଢ଼ାଇବାରେ ସେ ଅଗ୍ରଣୀ ଭୂମିକା ନେଇଥିଲେ। ସେ ଚାଇନା ସହ ଯୁକ୍ତରାଷ୍ଟ୍ରର ସମ୍ପର୍କ ସ୍ଥାପନ କରାଇଥିଲେ। ଯୋମ କିପ୍ପୁର ଯୁଦ୍ଧ ବନ୍ଦ କରିବାରେ ସେ ମଧ୍ୟପ୍ରାଚ୍ୟ ସହ କୂଟନୈତିକ ଆଲୋଚନାରେ ସଫଳ ହୋଇଥିଲେ। ☞ପୃଷ୍ଠା-୧୧

# ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ

## ଏମ୍‌ପି, ରାଜସ୍ଥାନରେ ଭାଜପା ସପକ୍ଷରେ ଏକ୍‌ଜିଟ୍ ପୋଲ୍

**ମଧ୍ୟପ୍ରଦେଶ**

ମୋଟ ଆସନ ୨୩୦ | ମ୍ୟାଜିକ୍ ନଂ ୧୧୬

| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଦୈନିକ ଭାସ୍କର | ୯୫-୧୧୫ | ୧୦୫-୧୨୦ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୧୪୦-୧୬୨ | ୬୮-୯୦ |
| ଜନ୍ କୀ ବାତ୍ | ୧୦୦-୧୨୩ | ୧୦୨-୧୨୫ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୧୫୧ | ୭୪ |

**ରାଜସ୍ଥାନ**

ମୋଟ ଆସନ ୧୯୯ | ମ୍ୟାଜିକ୍ ନଂ ୧୦୦

| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଏବିପି ନ୍ୟୁଜ୍ ସି-ଭୋଟର | ୯୪-୧୧୪ | ୭୧-୯୧ |
| ଦୈନିକ ଭାସ୍କର | ୯୮-୧୦୫ | ୮୫-୯୫ |
| ଇଣ୍ଡିଆ ଟୁଡେ- ଆକ୍ସିସ୍ ମାଇଁ ଇଣ୍ଡିଆ | ୮୦-୧୦୦ | ୮୬-୧୦୬ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୮୦-୯୦ | ୯୪-୧୦୪ |

**ଛତିଶଗଡ଼**

ମୋଟ ଆସନ ୯୦ | ମ୍ୟାଜିକ୍ ନଂ ୪୬

| ସଂସ୍ଥା | ଭାଜପା | କଂଗ୍ରେସ |
|---|---|---|
| ଏବିପି ନ୍ୟୁଜ୍-ସି-ଭୋଟର | ୩୬-୪୮ | ୪୧-୫୩ |
| ଦୈନିକ ଭାସ୍କର | ୩୫-୪୫ | ୪୬-୫୫ |
| ଇଣ୍ଡିଆ ଟୁଡେ-ଆକ୍ସିସ୍ ମାଇଁ ଇଣ୍ଡିଆ | ୩୬-୪୬ | ୪୦-୫୦ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୩୦-୪୦ | ୪୬-୫୬ |

**ତେଲଙ୍ଗାନା**

ମୋଟ ଆସନ ୧୧୯ | ମ୍ୟାଜିକ୍ ନଂ ୬୦

| ସଂସ୍ଥା | ବିଆର୍‌ଏସ୍ | କଂଗ୍ରେସ | ଭାଜପା+ | ଏଆଇଏମ୍‌ଆଇଏମ୍ |
|---|---|---|---|---|
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୩୧-୪୭ | ୬୩-୭୯ | ୨-୪ | ୫-୭ |
| ଜନ୍ କୀ ବାତ୍ | ୪୦-୫୫ | ୪୮-୬୪ | ୭-୧୩ | ୪-୭ |
| ନ୍ୟୁଜ୍ ୨୪-ଟୁଡେଜ୍ ଚାଣକ୍ୟ | ୩୩ | ୭୧ | ୭ | ୦ |
| ରିପବ୍ଲିକ୍ ଟିଭି-ମେଟ୍ରିଜ୍ | ୪୬-୫୬ | ୫୮-୬୮ | ୭ | ୫-୭ |

**ମିଜୋରାମ**

ମୋଟ ଆସନ ୪୦ | ମ୍ୟାଜିକ୍ ନଂ ୨୧

| ସଂସ୍ଥା | ଏମ୍‌ଏନ୍‌ଏଫ୍ | ଜେଡ୍‌ପିଏମ୍ | କଂଗ୍ରେସ | ଭାଜପା |
|---|---|---|---|---|
| ଏବିପି ନ୍ୟୁଜ୍-ସି-ଭୋଟର | ୧୫-୨୧ | ୧୨-୧୮ | ୨-୮ | ୦ |
| ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ | ୧୪-୧୮ | ୧୨-୧୬ | ୮-୧୦ | ୦-୨ |
| ଜନ୍ କୀ ବାତ୍ | ୧୦-୧୪ | ୧୫-୨୫ | ୫-୯ | ୦-୨ |
| ରିପବ୍ଲିକ୍ ଟିଭି-ମେଟ୍ରିଜ୍ | ୧୭-୨୨ | ୭-୧୨ | ୭-୧୦ | ୧-୨ |

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଛତିଶଗଡ଼, ତେଲଙ୍ଗାନାରେ କଂଗ୍ରେସ ଏବଂ ମଧ୍ୟପ୍ରଦେଶ, ରାଜସ୍ଥାନରେ ଭାରତୀୟ ଜନତା ପାର୍ଟି (ଭାଜପା) ଜିତିପାରେ। ସେହିପରି ଉତ୍ତର ପୂର୍ବାଞ୍ଚଳର ମିଜୋରାମରେ ଜୋରାମ୍ ପିପୁଲ୍ସ ମୁଭ୍‌ମେଣ୍ଟ (ଜେଡ୍‌ପିଏମ୍) ସହ ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ୍)ର କଡ଼ା ମୁକାବିଲା ହୋଇଥିବାବେଳେ ଦୁଇ ଜାତୀୟ ଦଳ କଂଗ୍ରେସ ଓ ଭାଜପା ପଛରେ ପଡ଼ିଯାଇଛନ୍ତି। ତେଲଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ଗୁରୁବାର ସନ୍ଧ୍ୟାରେ ଭୋଟ ଗ୍ରହଣ ଶେଷ ହେବା ପରେ ଅଧିକାଂଶ ଏକ୍‌ଜିଟ୍ ପୋଲ ଏହି ଭବିଷ୍ୟବାଣୀ କରିଛନ୍ତି।

୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଭାଜପା ଦଖଲରେ ଥିବାବେଳେ ରାଜସ୍ଥାନ(୨୦୦) ଓ ଛତିଶଗଡ଼(୯୦)ରେ କଂଗ୍ରେସ ସରକାର ଚାଲିଛି। ତେଲଙ୍ଗାନାରେ ରାଜ୍ୟ ଗଠନ ପରଠୁ ୧୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ନେତୃତ୍ୱାଧୀନ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) କ୍ଷମତାସୀନ ଅଛି। ମିଜୋରାମରେ ଏମ୍‌ଏନ୍‌ଏଫ୍ ସରକାରର ନେତୃତ୍ୱ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ନେଉଛନ୍ତି। ଏହି ୫ ରାଜ୍ୟରେ ନଭେମ୍ବର ୭ରୁ ୩୦ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି, ଯାହାର ଫଳାଫଳ ଡିସେମ୍ବର ୩ରେ ଆସିବ। ଏହା ପୂର୍ବରୁ ସର୍ବେକ୍ଷଣ ସଂସ୍ଥାଗୁଡ଼ିକ ବୁଥ୍‌ଫେରନ୍ତା ଭୋଟରଙ୍କ ମତାମତ ନେଇ ନିଜ ନିଜ ଏକ୍‌ଜିଟ୍ ପୋଲ୍ ପ୍ରସ୍ତୁତ କରିଛନ୍ତି। ତଦନୁଯାୟୀ ମଧ୍ୟପ୍ରଦେଶରେ ☞ପୃଷ୍ଠା-୧୧



**ଆଜିର ମନ୍ତବ୍ୟ**

"ମୋ ପାଇଁ ସବୁଠୁ ବଡ଼ ୪ ଜାତି ହେଲେ ଗରିବ, ଯୁବ, ମହିଳା ଓ କୃଷକ। ଏମାନଙ୍କ ଉତ୍ଥାନ ଭାରତକୁ ବିକଶିତ କରିବ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକି ଦେଲି ଭାତ ଗଣ୍ଡିକ**
**ଢୋକି ଦେଲି ତୋରାଣି ମୁନ୍ଦିକା।**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ଗରିବ ତଥା ଅଭାବୀ ଶ୍ରେଣୀର ବ୍ୟକ୍ତି ଢୋକେ ପିଇ ଦଣ୍ଡେ ଜିଇ ଜୀବନ ଅତିବାହିତ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟଙ୍କା ଛଅଟି**
**ଭଣ୍ଡାରି ମୁଠି।**

ଯେତିକି ସଞ୍ଚୟ ସେତିକି ଖର୍ଚ୍ଚ। ଅଭାବୀ ବ୍ୟକ୍ତି ପକ୍ଷେ ହାତରେ ଥିବା ଅଳ୍ପ ଟଙ୍କା ମଧ୍ୟ ଆଖିକୁ ବଡ଼ ଦିଶିଥାଏ। ସେତକ ଅର୍ଥ ହିଁ ତା'ର ସର୍ବସ୍ୱ ହୋଇଥିବା ବେଳେ ତାକୁ ସେ ଅନ୍ତର କରିବାକୁ ଚାହିଁନଥାଏ। ପରୋକ୍ଷରେ କୃପଣର ସ୍ୱଳ୍ପ ସଞ୍ଚିତ ଧନ ପାଇଁ ମନରେ ସୃଷ୍ଟି ହେଉଥିବା ଅସୀମ ବ୍ୟାକୁଳତା ଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# 'ଦାସତ୍ୱ ମାନସିକତା ଛାଡ଼ି ଦେଶକୁ ବିକାଶ ଆଡ଼କୁ ନିଅ'



କାର୍ଯ୍ୟକ୍ରମରେ ମଞ୍ଚାସୀନ କେନ୍ଦ୍ର ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।

■ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ
■ ଏନ୍‌ଆଇଟିରେ ୬ ମେଗା ପ୍ରକଳ୍ପର ଶିଳାନ୍ୟାସ

**ରାଉରକେଲା, ୩୦।୧୧ (ସଙ୍ଗୀତା ଜେନା)**

ଦେଶର ଯୁବପିଢ଼ିଙ୍କ ଉପରେ ଯଥେଷ୍ଟ ଭରସା ଅଛି। ଇଞ୍ଜିନିୟରିଂ କ୍ଷେତ୍ର ହେଉ ଅବା ଅନ୍ୟ କ୍ଷେତ୍ରରେ ଯୁବପିଢ଼ି ନିଜକୁ ଯୋଗ୍ୟ ସାବ୍ୟସ୍ତ କରୁଛନ୍ତି। ସେମାନେ ନିଜର ଗବେଷଣା ଓ ଆବିଷ୍କାର ବଳରେ ରାଷ୍ଟ୍ରକୁ ନୂତନ ଦିଗ୍‌ଦର୍ଶନ ଦେଉଛନ୍ତି। ବର୍ତ୍ତମାନ ଦାସତ୍ୱର ମାନସିକତାରୁ ବାହାରି ଦେଶକୁ ବିକାଶ ଆଡକୁ ଆଗେଇନେବାର ସମୟ ଆସିଛି ବୋଲି ଗୁରୁବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) କ୍ୟାମ୍ପସରେ ଥିବା ଦିଲୀପ ତିର୍କୀ ଷ୍ଟାଡ଼ିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଛନ୍ତି।

କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଆହୁରି କହିଥିଲେ, ଏନ୍‌ଆଇଟି ଛାତ୍ରୀଛାତ୍ରଙ୍କ ଉପରେ ଆମର ଭରସା ଅଛି। ପ୍ରଥମ କରି ଭାରତ ସରକାର ପ୍ରତ୍ୟକ୍ଷ ଅବା ପରୋକ୍ଷରେ ପିଏସ୍‌ୟୁ ସହଯୋଗରେ ଏନ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନରେ ବିକାଶକାର୍ଯ୍ୟ କରିବାକୁ ଯାଉଛନ୍ତି। ଏହି ପିଏସ୍‌ୟୁଗୁଡ଼ିକ ଆଗାମୀ ଦିନରେ ଦେଶର କୋଣ ଅନୁକୋଣରେ ଇକୋ ସିଷ୍ଟମ ବିକଶିତ କରନ୍ତୁ। ବର୍ତ୍ତମାନ ଏନ୍‌ଆଇଟି ଦେଶର ୧୬ତମ ସ୍ଥାନରେ ରହିଛି। ଭବିଷ୍ୟତରେ ଏହା ୧୦ ମଧ୍ୟରେ ନିଜର ସ୍ଥିତି ସଂରକ୍ଷିତ କରୁ। ଚାକିରି ଉପରେ ଗୁରୁତ୍ୱ ନ ଦେଇ କେନ୍ଦ୍ର ସରକାରଙ୍କ ବହୁମୁଖୀ ଯୋଜନାରେ ଅଧିକ ରୋଜଗାର ସୃଷ୍ଟି କରିବାର ସମୟ ଆସିଛି। ଆମକୁ ଉଦ୍ୟୋଗୀକରଣ ବୃଦ୍ଧି କରିବାକୁ ହେବ। ଯେଭଳି ୨୦୪୭ ସୁଦ୍ଧା ଓଡ଼ିଶାର ଶହେ ଯୁବକ ଶହେ କୋଟି ଟଙ୍କା ରୋଜଗାର କରୁଥିବେ। ଏହାର ନେତୃତ୍ୱ ଏନ୍‌ଆଇଟି ଭଳି ଶିକ୍ଷାନୁଷ୍ଠାନ ନେଉ। ସୁତରାଂ ଯୁବପିଢ଼ି ବୈଷୟିକ ଓ ଅନ୍ୟ ଶିକ୍ଷାଗ୍ରହଣ ପରେ ଆତ୍ମନିର୍ଭର ପନ୍ଥା ଆପଣାଉ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଥିଲେ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଏନ୍‌ଆଇଟି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟର ୩ୟ ଶାଖାର ଶୁଭାରମ୍ଭ କରିଥିଲେ। ସେହିପରି ୭୭.୫୩ କୋଟି ଟଙ୍କା ବ୍ୟୟରେ ୧ ହଜାର ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ୩୮.୮୭ କୋଟି ବ୍ୟୟରେ ୫ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ୧୩.୨୧ କୋଟି ବ୍ୟୟରେ ୧.୫ଏମ୍‌ଏଲ୍‌ଡି ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଓ ୩୬.୨୦ କୋଟି ବ୍ୟୟରେ ଅଧ୍ୟାପକ ନିବାସ ନିର୍ମାଣ, ଏମ୍‌ସିଏଲ୍ ପାରିପାର୍ଶ୍ୱିକ ବିକାଶ ପାଣ୍ଠି୪୨.୬୯ କୋଟି ବ୍ୟୟରେ ୫ଶହ ଶଯ୍ୟାବିଶିଷ୍ଟ ଛାତ୍ରୀନିବାସ ଏବଂ ପଛୁଆବର୍ଗ ଛାତ୍ରୀଙ୍କ ପାଇଁ ୫ଶହ ଶଯ୍ୟା ବିଶିଷ୍ଟ ହଷ୍ଟେଲ ତିଆରି ଲାଗି ସେ ଭୂମିପୂଜନ ଓ ଶିଳାନ୍ୟାସ କରିଥିଲେ। ଏମ୍‌ପି ଜୁଏଲ ଓରାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଖଣିଜ ସମ୍ପଦପୂର୍ଣ୍ଣ ସୁନ୍ଦରଗଡ଼ ଜିଲାରେ ଆଗାମୀ ଦିନରେ ସେଣ୍ଟ୍ରାଲ ଟୁଲ୍ ରୁମ୍‌ର ଏକ ଶାଖା, ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ, ରାଉରକେଲା ବିମାନବନ୍ଦର ପାଇଁ ଅଧିକ ଜମି ଅଧିଗ୍ରହଣ କରିବାକୁ ପ୍ରୟାସ ଜାରି ରହିଛି। ସେହିପରି ସେକ୍ଟର-୧୫ଠାରେ ଥିବା ଆଦିବାସୀ ପିଲାଙ୍କ ପାଇଁ ଇନକ୍ୟୁବେଶନ ସେଣ୍ଟରକୁ ମଧ୍ୟ ପିଏସ୍‌ୟୁ ସହଯୋଗର ଆବଶ୍ୟକତା ରହିଛି ବୋଲି ଓରାମ କହିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, ଏମ୍‌ସିଏଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଶବ ରାଓ, କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଶ୍ରୀହରନ୍ ବୋଷ ପ୍ରମୁଖ ଉପସ୍ଥିତ ଥିଲେ। ଆରମ୍ଭରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଏଫ୍‌ଟିବିଆଇ ସେଣ୍ଟର ପରିଦର୍ଶନ କରି ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ସେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ସହ ଲାଇଭ୍ ସେସନ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା, ଜମ୍ମୁ, ଦେବଗଡ଼ ଜିଲା ସମେତ ବିଭିନ୍ନ ଅଞ୍ଚଳର ହିତାଧିକାରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସି ଜରିଆରେ ଆଲୋଚନା କରିବା ପରେ ଜନସମୂହକୁ ସମ୍ବୋଧନ କରିଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ରୋହନ ଧୀମାନଙ୍କ ସମେତ ସମସ୍ତ ବିଭାଗର ଡିନ୍ ଓ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ବିକାଶ ପାଇଁ ଶପଥ ଗ୍ରହଣ କରିଥିଲେ।

# ୧୧୪୦ କୋଟିର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୧୧(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସାରା ରାଜ୍ୟରେ ୧୧୪୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେଥିମଧ୍ୟରୁ ୧୪୦ କୋଟି ଟଙ୍କା ବିନିଯୋଗରେ ୧୦୩ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ୧୦୦୦ କୋଟି ଟଙ୍କା ବ୍ୟୟରେ ୩୭୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫-ଟି ଉପକ୍ରମରେ ବିଭିନ୍ନ ପଦକ୍ଷେପ ଦ୍ୱାରା ସରକାରୀ ହସ୍ପିଟାଲଗୁଡ଼ିକରେ ରୂପାନ୍ତର ଆସିପାରିଛି। ଏହା ଦ୍ୱାରା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଲୋକଙ୍କ ଭରସା ବଢ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି। ଲୋକମାନେ ସୁବିଧାରେ ବିନା ଖର୍ଚ୍ଚରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଉଛନ୍ତି। ପ୍ରତି ମାସରେ ୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ସୁବିଧା ପାଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ଏକ ରୋଲ୍ ମଡେଲ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆମର ଲକ୍ଷ୍ୟ ହେଉଛି 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା'। ରାଜ୍ୟର ସବୁ ଲୋକ ଯେପରି ସୁବିଧାରେ ଉତ୍ତମ ସେବା ପାଇପାରିବେ ସେ ଦିଗରେ ଆମେ କାମ କରୁଛୁ। ରାଜ୍ୟର ସରକାରୀ ହସ୍ପିଟାଲଗୁଡ଼ିକର ଭିତ୍ତିଭୂମିରେ ବହୁତ ପରିବର୍ତ୍ତନ ଆସିଛି। ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା ପାଇଁ କାମ ଚାଲିଛି। ନୂଆ ନୂଆ ମେଡିକାଲ କଲେଜ ଖୋଲୁଛି। ବିଭିନ୍ନ ହସ୍ପିଟାଲରେ ନୂଆ ସୁବିଧାର ବିକାଶ ହେଉଛି। ନିୟମିତ ଭାବେ ଡାକ୍ତର ଓ ସହାୟକ କର୍ମଚାରୀ ପଦବୀ ପୂରଣ ହେଉଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନରେ ଭିତ୍ତିଭୂମି ବିକାଶ କାମ ଜାରି ରହିଛି। ଗତ ୫ ବର୍ଷରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଏକ ସ୍ୱତନ୍ତ୍ର ହେଲ୍ପ ଲାଇନ୍- ୧୮୦୦ ୧୨୦ ୧୨୦ ୧୦୪ ଆରମ୍ଭ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି, ଗତ ଦୁଇ ଦଶନ୍ଧି ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ବିଭିନ୍ନ ବିଭାଗର ସଚିବମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିସହିତ ସମସ୍ତ ଜିଲାର ଜିଲାପାଳ ଓ ସ୍ୱାସ୍ଥ୍ୟ ଅଧିକାରୀମାନେ ଅନ୍‌ଲାଇନ ଜରିଆରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ।

# ନୟାଗଡ଼ ଜଙ୍ଗଲରେ କଳା କଲରାପତରିଆ ବାଘ

**ନୟାଗଡ଼,୩୦।୧୧(ଲୋକନାଥ ମିଶ୍ର)**

କଳା କଲରାପତରିଆ ବାଘର ଫଟୋ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ କ୍ୟାମେରା ଟ୍ରାପ୍‌ରେ ଧରାପଡ଼ିଛି। ଏହି ବିରଳ ପ୍ରଜାତିର ବାଘ ବଂଶ ନୟାଗଡ଼ ଜଙ୍ଗଲରେ ବଢ଼ି ଚାଲିଛି। ନୟାଗଡ଼ରେ ଗୋଟିଏ ନୁହେଁ, ଏକାଧିକ ଏପରି ବାଘ ଥିବା କେତେଜଣ ଦେଖଣାହାରି କହିଛନ୍ତି। ହେଲେ ଏପରି ବାଘ ତଥ୍ୟକୁ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଗୋପନ ରଖିଛି। ୨୦୧୫ରେ ଓ ୨୦୨୧ରେ ବନବିଭାଗର ଟ୍ରାପ୍ କ୍ୟାମେରାରେ ଦଶପଲ୍ଲାର ବାଣୀଗୋଛା (ପଶ୍ଚିମ) ବନାଞ୍ଚଳରେ ପ୍ରଥମେ ଏପରି ବାଘ ନଜରକୁ ଆସିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି କଳା ବାଘ ଦେଖାଦେଇଛି। ତେବେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କଳା ବାଘକୁ ନେଇ ଟୁଇଟ୍ କରିବା ପରେ ଚଳିତବର୍ଷ ପୁଣି ଥରେ ସେହି ପ୍ରଜାତିର ପ୍ରାଣୀ ସାମ୍ନାକୁ ଆସିଛି। କଳାବାଘଟି ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆ ଜଙ୍ଗଲିଆ ଅଞ୍ଚଳରେ ଚଳପ୍ରଚଳ କରୁଥିବା ବନବିଭାଗର ଟ୍ରାପ୍ କ୍ୟାମେରାରେ ଧରାପଡ଼ିଥିଲା। ସେତେବେଳେ ବନାଞ୍ଚଳ କର୍ତ୍ତୃପକ୍ଷ କଳା ଚିତାବାଘ ବୋଲି କହିଥିଲେ। ଏବେ କିନ୍ତୁ ଏହାକୁ କଳା କଲରାପତରିଆ ବାଘ ବୋଲି କୁହାଯାଇଛି। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଫାଲଗୁନୀ ସାରଥି ମଲ୍ଲିକ କଳା କଲରାପତରିଆ ବାଘ ନୟାଗଡ଼ ଜଙ୍ଗଲରେ ରହିଥିବା କଥାକୁ ସ୍ୱୀକାର କରିଛନ୍ତି।

# ଧର୍ମେନ୍ଦ୍ରଙ୍କ ଲଢ଼ିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା

**ଢେଙ୍କାନାଳ,୩୦।୧୧ (ରତନ ନାୟାର)**

ଆସନ୍ତା ସାଧାରଣ ନିର୍ବାଚନରେ ଢେଙ୍କାନାଳ ଲୋକ ସଭା ଆସନରୁ ଭାଜପାର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଦଳୀୟ ନେତୃବୃନ୍ଦଙ୍କ ପକ୍ଷରୁ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ବିଶେଷକରି ଭାଜପାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥିତ୍ୱକୁ ନେଇ ଭାଜପାର ଦୁଇଗୋଷ୍ଠୀ ମଧ୍ୟରେ ଆକ୍ଷେପ ପ୍ରତି ଆକ୍ଷେପ ରାଜନୀତି ଆରମ୍ଭ ହୋଇଛି। ଭାଜପାର କେତେଜଣ ବରିଷ୍ଠ ନେତା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ସମ୍ବଲପୁର ଲୋକ ସଭା ଆସନରୁ ଲଢ଼ିପାରନ୍ତି ବୋଲି ବିଭିନ୍ନ ସ୍ଥାନରେ ଚର୍ଚ୍ଚା କରୁଥିବା ବେଳେ ଭାଜପାର ଅନ୍ୟତମ ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର ସୋସିଆଲ ମିଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଢେଙ୍କାନାଳରୁ ଲଢ଼ିବେ, ଅନ୍ୟ କାହାକଥା ଶୁଣିବା ଦରକାର ନାହିଁ ବୋଲି ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କରିବା ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ଭାଜପାର ଦୁଇଗୋଷ୍ଠୀ ନେତାଙ୍କ ମଧ୍ୟରେ ରାଜନୀତି ବାତାବରଣ ବେଶ୍ ସରଗରମ ହୋଇଛି। ଅନ୍ୟପଟରେ ଢେଙ୍କାନାଳ ଓ ସମ୍ବଲପୁରକୁ କେନ୍ଦ୍ରମନ୍ତ୍ରୀଙ୍କ ଘନଘନ ଗସ୍ତ ମଧ୍ୟ ଏହି ଆଲୋଚନାକୁ ଅଧିକ ଖୋରାକ ଯୋଗାଉଛି। ଏ ସମ୍ପର୍କରେ ଜିଲା ଭାଜପା ସଭାପତି ନରେନ୍ଦ୍ରଚନ୍ଦ୍ର ମହାପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଓ ଢେଙ୍କାନାଳ ଦୁଇଟି ଯାକ ଲୋକ ସଭା କ୍ଷେତ୍ରକୁ ନଜରରେ ରଖିଛନ୍ତି। ତେଣୁ ଏହାକୁ ନେଇ ବହୁତ ଆଲୋଚନା ହେବ। କିନ୍ତୁ ସେ ଢେଙ୍କାନାଳ ଲୋକ ସଭା ଆସନରୁ ଲଢ଼ନ୍ତୁ ବୋଲି ଆମେ ଆଗ୍ରହ ପ୍ରକାଶ କରୁଛୁ। ଭାଜପାର ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକ ସଭା ଆସନରୁ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାର ଦାୟିତ୍ୱ ନେଇଛନ୍ତି। ସେଥିପାଇଁ ସମ୍ବଲପୁର ମଧ୍ୟ ଗସ୍ତ କରୁଛନ୍ତି। କିନ୍ତୁ ଏହାକୁ ନେଇ କେତେଜଣ ଦଳୀୟ ଲୋକ ଓ ବିରୋଧୀ ଧର୍ମେନ୍ଦ୍ର ସମ୍ବଲପୁରରୁ ଲଢ଼ିବେ ବୋଲି କହି ଦ୍ୱନ୍ଦ୍ୱ ସୃଷ୍ଟି କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ନିଜ ଜନ୍ମମାଟି ଢେଙ୍କାନାଳ ଲୋକ ସଭା କ୍ଷେତ୍ରରୁ ଲଢ଼ିବେ ବୋଲି ରାମପାତ୍ର କହିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ସହ କଥା ହେଲେ ରାୟଗଡ଼ା ଚାଷୀ

**ରାୟଗଡ଼ା,୩୦।୧୧ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ବ୍ଲକ ହାଲୁଆ ପଞ୍ଚାୟତ କାର୍ଯ୍ୟାଳୟଠାରେ କେନ୍ଦ୍ର ସରକାରଙ୍କ ଆମ ସଙ୍କଳ୍ପ ବିକଶିତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ରଥ ଗୁରୁବାର ହାଲୁଆରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତ ସରକାରଙ୍କ ଯୋଜନାର ଲାଭାର୍ଥୀ ହୋଇଥିବା ରାୟଗଡ଼ାର ଜଣେ ଚାଷୀ ପୂର୍ଣ୍ଣଚନ୍ଦ୍ର ବେନିଆଙ୍କ ସମେତ ଅନେକ ହିତାଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କଥା ହୋଇଛନ୍ତି। ଏହି ଅବସରରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଧାନମନ୍ତ୍ରୀ ତାଙ୍କର ମତ ପଚାରିଥିଲେ। ଏ ସମ୍ପର୍କରେ ହାଲୁଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଭାରତ ସରକାରଙ୍କର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ପିଏମ୍ କିଷାନ, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉପକୃତ ହୋଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦେଶର ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇ ସେ ଖୁବ୍ ଖୁସି ଥିବା କହିଛନ୍ତି। ୨୦୪୭ ସୁଦ୍ଧା ଦେଶକୁ କିଭଳି ବିକଶିତ ଭାରତ ଭାବେ ଗଠନ କରାଯିବ ସେଥିପାଇଁ ସଂକଳ୍ପ ନେବାକୁ ସମସ୍ତ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗାଁ ଲୋକେ ସାମିଲ ହୋଇଥିଲେ। ଲୋକଙ୍କ ପାଇଁ କେନ୍ଦ୍ରୀୟ ଯୋଜନା ଅନ୍ତର୍ଗତ ବିଭିନ୍ନ ବିଭାଗର ଷ୍ଟଲ୍, ସ୍ୱାସ୍ଥ୍ୟ ଶିବିର ଓ ସଚେତନତା ଶିବିର ଖୋଲାଯାଇଥିଲା। ଦୁଇଟି ରଥ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଯୋଜନା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ବିଡିଓ ଅମୂଲ୍ୟ ଚନ୍ଦ୍ର ସାହୁ, ଏବିଡିଓ କାଳୁଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**'ବିକଶିତ ଭାରତ ସଙ୍କଳ୍ପ ଯାତ୍ରା'**






ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପାରିବାରିକ ପରିସ୍ଥିତି ନିଶ୍ଚିତ ଭଲ ରହିବ ତଥାପି ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତି ଉନ୍ନତ ରହିବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ ଯାହାକି ଆପଣଙ୍କ ସକାଶେ ହିତକର ହେବ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଆପଣଙ୍କ ସୁନ୍ଦର ବ୍ୟବହାର ଓ ରୁଚିପୂର୍ଣ୍ଣ କଥାରେ ଅନ୍ୟମାନେ ଖୁସି ହୋଇଯିବେ। ଆର୍ଥିକ ଦିଗରୁ ଉପକୃତ ମଧ୍ୟ ହେବେ ଏପରି କି ବକେୟା ମଧ୍ୟ ପାଇପାରନ୍ତି। ପୁନଶ୍ଚ ଏହା ସାଙ୍ଗକୁ କର୍ମକ୍ଷେତ୍ରରେ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ** ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବା ସାଙ୍ଗକୁ କଳ୍ପନା ବିଳାସୀ ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବ। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିବେ। ଶ୍ୱଶୁରାଳୟ ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି।

**ସିଂହ** କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ସଭାସମିତିରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ଲକ୍ଷ୍ୟ ହାସଲ କରିବା ପରିପ୍ରେକ୍ଷୀରେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପୁରାତନ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡ଼ିପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଆଜି ଦିନଟିରେ ଆନୁଷ୍ଠାନିକ କାର୍ଯ୍ୟରେ ସଫଳତା ମିଳିବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। କର୍ମକ୍ଷେତରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ଆଗାମୀ ସମୟର କାର୍ଯ୍ୟ ସକାଶେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ବନ୍ଧୁମାନଙ୍କ ଅସଂଯତ କାର୍ଯ୍ୟକଳାପ ଆପଣଙ୍କ ପାଇଁ ସମସ୍ୟାକୁ ବଢ଼ାଇ ଦେବ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ। ଅପରାହ୍ନରେ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସ୍ଥଳରେ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ।

**ମକର** ଆଜି ସକାଳୁ ସକାଳୁ ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ। ବ୍ୟବସାୟିକ କ୍ଷେତ୍ର ପ୍ରାୟତଃ ମଧ୍ୟମ ପ୍ରକାରର ରହିବ।

**କୁମ୍ଭ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ଶିକ୍ଷାରେ ସଫଳତା ଲାଭ କରିବେ ଏବଂ ପ୍ରଶଂସିତ ମଧ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆଜି ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ମାତ୍ର କଳା,ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାଆନ୍ତାରେ ସୁଯୋଗ ପାଇବେ ଓ ଆଶା ପୂରଣ ମଧ୍ୟ ହୋଇଯିବ। କିନ୍ତୁ ଏହା ସାଙ୍ଗକୁ ଈର୍ଷାପରାୟଣ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିପାରନ୍ତି। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଘ.୧୦।୧୩ମି. ଗତେ କର୍କଟଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୮ମି. ଗତେ ଘ. ୦୬।୫୧ମି. ମଧ୍ୟେ, ଘ.୦୭।୩୫ମି. ଗତେ ଘ.୦୮।୫୧ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୩ ମି. ଗତେ ଘ.୧୧।୩୫ ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ | Bhubaneswar, Friday, December 1/2023 | ପୃଷ୍ଠା-୧

# ୮ରେ ଚୂଡ଼ାନ୍ତ ଶୁଣାଣି

**କଟକ,୩୦।୧୧ (କାର୍ତ୍ତିକ ସାହୁ)**

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଉପରେ ହାଇକୋର୍ଟଙ୍କ ଦୁଇଜଣିଆ ଖଣ୍ଡପୀଠ ଜାରି କରିଥିବା ସ୍ଥଗିତାଦେଶ ବଳବତ୍ତର ରହିଛି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଡିସେମ୍ବର ୮ରେ ମାମଲାର ଚୂଡ଼ାନ୍ତ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ବିଚାରପତି ଆଦିତ୍ୟ କୁମାର ମହାପାତ୍ରଙ୍କ ଇଜିଲାସ୍‌ରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ଆସନ୍ତା ୬ ସପ୍ତାହ ମଧ୍ୟରେ ନୂଆ ମେଧା ତାଲିକା ପ୍ରକାଶ କରିବାକୁ ଗତ ଅଗଷ୍ଟ ୪ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। କେତେଜଣ ପରୀକ୍ଷାର୍ଥୀ ଏହାର ପୁନର୍ବିଚାର ନିମନ୍ତେ ଦୁଇଜଣିଆ ଖଣ୍ଡପୀଠରେ ଆବେଦନ କରିଥିଲେ। ଖଣ୍ଡପୀଠ ଉକ୍ତ ଆବେଦନକୁ ଗ୍ରହଣ କରି ଜଣିକିଆ ବିଚାରପତି ଦେଇଥିବା ନିର୍ଦ୍ଦେଶ ଉପରେ ଗତ ଅଗଷ୍ଟ ୯ ତାରିଖରେ ସ୍ଥଗିତାଦେଶ ଜାରି କରିଥିଲେ।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ରେ ୭୯୬ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା

## ଏଏସ୍‌ଓ ଅନିୟମିତତା ମାମଲା

ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏଥିରେ ଅନିୟମିତତା ହୋଇଥିବା ନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ରିଟ୍ ପିଟିଶନ୍ ଦାଖଲ କରି ଏହି ମାମଲାରେ ପକ୍ଷଭୁକ୍ତ ହେବାକୁ ପ୍ରାର୍ଥନା କରିଥିଲେ। ଗତ ଜୁଲାଇ ୩୧ ତାରିଖରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି ହୋଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖି ଦୁଇଟି ଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ' ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆସନ୍ତା ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

# ନବରଙ୍ଗପୁରରେ ଲକ୍ଷ୍ମୀ ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୩୦।୧୧ (ଅନିଲ ଦାସ)/ନବରଙ୍ଗପୁର (ସଦାଶିବ ପ୍ରହରାଜ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲାରେ ଗୁରୁବାର ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚାଳନାର ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ। ନବରଙ୍ଗପୁରରେ ୪୪ଟି ବସ୍ ୧୦ଟି ବ୍ଲକର ସବୁ ପଞ୍ଚାୟତକୁ ଯୋଡ଼ିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବରଙ୍ଗପୁର ପ୍ରତି ମୋର ସ୍ୱତନ୍ତ୍ର ଧ୍ୟାନ ରହିଛି। ଏବେ ନବରଙ୍ଗପୁରର ଭିତ୍ତିଭୂମି ବିକାଶ ପାଇଁ ବହୁତ କାମ ଚାଲିଛି। ରାସ୍ତାଘାଟ, ସେତୁ, ଜଳସେଚନ, ମେଗା ପାଇପ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମକା ମିଶନ ଆଦି ଅନେକ କାମ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ଜିଲାରେ ବ୍ୟାପକ ରୂପାନ୍ତର ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦୁର୍ଗମ ଅଞ୍ଚଳରେ ଗମନାଗମନ ଏକ ବଡ଼ ସମସ୍ୟା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲା ଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ




- ଚାଲିଲା ୪୪ ବସ୍
- ୫ ଟଙ୍କାରେ ଗାଁରୁ ବ୍ଲକ ଯାତ୍ରା
- ଉପକୃତ ହେବେ ମହିଳା, ଛାତ୍ରୀଛାତ୍ର ଓ ଭିନ୍ନକ୍ଷମ
- ନବରଙ୍ଗପୁର ଉପରେ ମୋର ସ୍ୱତନ୍ତ୍ର ଧ୍ୟାନ ଅଛି: ମୁଖ୍ୟମନ୍ତ୍ରୀ

ମୁଁ ଜାଣିବା ପରେ ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଯାଇଛି। ଲକ୍ଷ୍ମୀ ଯୋଜନାରେ ଗ୍ରାମାଞ୍ଚଳରେ ସାମାଜିକ ସମ୍ପର୍କ ମଜଭୁତ ହେବା ସହିତ ଅର୍ଥନୀତି ମଧ୍ୟ ଆହୁରି ସୁଦୃଢ଼ ହେବ। ଲୋକମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ। ଆମର ସବୁ ଯୋଜନା ଲୋକମତ ଆଧାରରେ କାର୍ଯ୍ୟକାରୀ ହେଉଛି। ଲକ୍ଷ୍ମୀ ବସ୍‌ଠାରୁ ଆରମ୍ଭକରି ଆମ ବ୍ୟାଙ୍କ, ଆମ ଓଡ଼ିଶା ନବୀନ ଓଡ଼ିଶା ଏବଂ ମଠ, ମନ୍ଦିର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁର ଭଳି ସବୁ କାମ ଲୋକମାନଙ୍କର ପ୍ରସ୍ତାବ ଅନୁଯାୟୀ କରାଯାଇଛି। ଲକ୍ଷ୍ମୀ ବସ୍ ଯୋଗୁ ସମସ୍ତେ ସୁବିଧାରେ ନିଜ କାମରେ ବିଭିନ୍ନ ଜାଗାକୁ ଯାଇପାରିବେ। ଏହା ଦ୍ୱାରା ସାମାଜିକ, ଅର୍ଥନୈତିକ ବିକାଶ ଘଟିବ। ଏହା ମାଧ୍ୟମରେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀ ଆସିବେ। ଘରେ ଘରେ ଖୁସି ଓ ଆନନ୍ଦ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯୋଗାଯୋଗ ହେଉଛି ବିକାଶର ଆଧାର। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଆମର ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଏହା ରୂପାନ୍ତର ଆଣିବ। ଗାଁକୁ ଗାଁ ସହିତ ଯୋଡ଼ିବ। ଲୋକଙ୍କ ସାମାଜିକ ସମ୍ପର୍କ ମଜଭୁତ ହେବ। ଗମନାଗମନ କ୍ଷେତ୍ରରେ ସୁବିଧା ଯୋଗାଇ ଦେଇ ବିଭିନ୍ନ କାମରେ ଲକ୍ଷ୍ମୀ ବସ୍ ହେବ ଆପଣଙ୍କ ସାରଥି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି, ମାର୍ଗଶିର ମାସ ପ୍ରଥମ ଗୁରୁବାରରେ ଆମେ ସମସ୍ତେ ଯେତେବେଳେ ମା' ଲକ୍ଷ୍ମୀଙ୍କୁ ପୂଜା କରି ସମସ୍ତଙ୍କ ସୁଖସମୃଦ୍ଧି କାମନା କରୁଛୁ, ସେତେବେଳେ ମୁଖ୍ୟମନ୍ତ୍ରୀ ଆମ ସମସ୍ତଙ୍କ ପାଇଁ ଘରେ ଘରେ ଲକ୍ଷ୍ମୀ ଆଣିଛନ୍ତି। ପରିବହନ ସେବା ଆଜି ଦ୍ୱାରଦେଶରେ ପହଞ୍ଚିଛି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଜିଲା ପରିଷଦ ସଭାପତି ମୋତିରାମ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



# ପ୍ରବାସୀଙ୍କ ପ୍ରଭାବ



ଇଆନ ବୁରୁମା

ନେଦରଲାଣ୍ଡର ସବୁଠୁ ଲୋକପ୍ରିୟ ପାର୍ଟିର ଏବକାର ନେତା ଗୀର୍ଟ ୱାଇଲ୍ଡର୍ସଙ୍କୁ ଅଣଦେଖାକରି ଜଣେ ସାମ୍ବାଦିକ ଭାବେ ମୁଁ ଜୀବନର ସବୁଠୁ ବଡ଼ ଭୁଲ୍ କରିଛି। ସମ୍ଭବତଃ ସେ ନେଦରଲାଣ୍ଡର ପ୍ରଥମ ଦକ୍ଷିଣପନ୍ଥୀ ପ୍ରଧାନମନ୍ତ୍ରୀ ହେବେ । ମୁଁ ୨୦୦୫ରେ ମୋ ପୁସ୍ତକ 'ମର୍ଡର ଇନ୍ ଆମଷ୍ଟରଡାମ୍' ପାଇଁ ସାକ୍ଷାତ୍କାର ନେଇଥିଲି। ଏହି ବହିଟି ଜଣେ ମୁସଲମାନ ଉଗ୍ରପନ୍ଥୀଙ୍କ ଦ୍ୱାରା ହତ୍ୟା ହୋଇଥିବା ଫିଲ୍ମ ନିର୍ମାତା ଥେଓ ଭାନ୍ ଗୋହଙ୍କ ଉପରେ ପର୍ଯ୍ୟବସିତ। ୱାଇଲ୍ଡର୍ସ ୨୦୦୬ରେ ଦି ପାର୍ଟି ଫର୍ ଫ୍ରିଡମ(ପିଭିଭି) ଗଠନ କରିଥିଲେ ବି ଭବିଷ୍ୟତରେ ସକ୍ରିୟ ରାଜନୀତି କରିବାର କୌଣସି ଆଗ୍ରହ ନ ଥିବା ଲକ୍ଷ୍ୟକରି ମୋ ବହିରେ ସ୍ଥାନ ଦେଇ ନ ଥିଲି। କିନ୍ତୁ ଅଧିକାଂଶ ଲୋକଙ୍କ ଭଳି ତାଙ୍କ ଅଜବ ହେୟାରଷ୍ଟାଇଲ ମୋତେ ପ୍ରଭାବିତ କରିଥିଲା। ଜଣେ ଦୃଢ଼ ବ୍ୟକ୍ତିତ୍ୱ ଓ ସାଂସଦ ଭାବେ ତାଙ୍କ କେଶକୁ କଳା ବଦଳରେ ଧଳା ରଖିବାକୁ ଚାହିଁଥିଲେ। ଏହା ଥିଲା ତାଙ୍କ ଭିଜୁଆଲ ବ୍ରାଣ୍ଡିଂ। ପୂର୍ବରୁ ଡୋନାଲ୍ଡ ଟ୍ରମ୍ପ ଓ ବୋରିସ୍ ଜନ୍ସନଙ୍କ ସଫଳତା ଭିଜୁଆଲ ବ୍ରାଣ୍ଡିଂର ଗୁରୁତ୍ୱକୁ ଦର୍ଶାଇଛି। ଅଜବ ହେୟାର ସଂସ୍କୃତି ଦ୍ୱାରା ସୃଷ୍ଟି ଭିଜୁଆଲ ବ୍ରାଣ୍ଡିଂରେ ଏକ ଅଦ୍ଭୁତ ବ୍ୟକ୍ତିତ୍ୱ ରହିଛି। ତେବେ ୱାଇଲ୍ଡର୍ସଙ୍କ କେଶଶୈଳୀ ଭିନ୍ନ ବୋଲି ଉପସ୍ଥାପିତ କରାଯାଇପାରେ। ୨୦୦୯ରେ ଲିଜି ଭାନ୍ ଲିଓବିନ୍ ନାମକ ଜଣେ ଡଚ୍ ମାନବବିଜ୍ଞାନୀ ତଥା ଇଣ୍ଡୋନେସିଆର ବିଶେଷଜ୍ଞ ଯୁକ୍ତି ବାଢ଼ିଥିଲେ, ୱାଇଲ୍ଡର୍ସ ତାଙ୍କ ୟୁରାସିଆନ(ୟୁରୋପ ଓ ଏସିଆ ନିବାସୀ) ପୃଷ୍ଠଭୂମିକୁ ଲୁଚାଇବାକୁ ଚାହିଁ ଆସୁଥାଇପାରନ୍ତି । ହେଲେ ତାଙ୍କ ମାତାଙ୍କ ମା' ଆଂଶିକ ଇଣ୍ଡୋନେସୀୟ । ତାଙ୍କ ଜେଜେ ଓ ଜେଜେମା'ଙ୍କୁ ଦୁର୍ବଳ ଆର୍ଥିକ ଅବସ୍ଥା ଯୋଗୁ ଡଚ୍ ଇଷ୍ଟଇଣ୍ଡିଜ ( ପରେ ଇଣ୍ଡୋନେସିଆ ହୋଇଛି) ଛାଡ଼ିବାକୁ ପଡ଼ିଥିଲା।

ଅବଶ୍ୟ ୱାଇଲ୍ଡର୍ସଙ୍କ ବିରୋଧରେ ଏସବୁ କହିବା ଅନ୍ୟାୟ ହେବ। ଜାତି କିଛି ବି ବୁଝାଇ ନ ପାରେ। କିନ୍ତୁ ପୂର୍ବର ଡଚ୍ ଇଷ୍ଟ ଇଣ୍ଡିଜରେ ଥିବା ୟୁରାସିଆନ୍ଙ୍କ ମଧ୍ୟରେ ଦକ୍ଷିଣପନ୍ଥୀ ଓ ମୁସଲମାନ ବିରୋଧୀ ମାନସିକତାର ଏକ ଇତିହାସ ଅଛି, ଯାହା ରାଜନୀତି ଦୃଷ୍ଟିକୋଣରୁ ତାଙ୍କୁ ସାହାଯ୍ୟ କରିଥାଇପାରେ। ସେମାନଙ୍କୁ ୟୁରାସିଆନ କିମ୍ବା ଇଣ୍ଡୋଜ କୁହାଯାଏ। ସେମାନଙ୍କୁ ଇଣ୍ଡୋନେସୀୟ କିମ୍ବା ଡଚ୍ ଉପନିବେଶିକ ନେତୃତ୍ୱମାନେ କେବେ ବି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରି ନ ଥିଲେ। ସେମାନେ ଥିଲେ ପ୍ରବାସୀ। ବହୁ ସମୟରେ ଅଧିକ ଶିକ୍ଷିତ ବ୍ୟକ୍ତି ହିଁ ଦେଶର ନାଗରିକ ହେବାକୁ ଅଧିକ ଆଗ୍ରହ ପ୍ରକାଶ କରୁଥିଲେ। ବହୁ ସମୟରେ ଡଚ୍ ଇଷ୍ଟ ଇଣ୍ଡିଜରେ ସଂଖ୍ୟାବହୁଳ ସମ୍ପ୍ରଦାୟ ମୁସଲମାନଙ୍କ ପ୍ରତି ଘୃଣା ଭାବ ଏବଂ ଚରମ ଡଚ୍ ଜାତୀୟତାବାଦ ସୃଷ୍ଟି ହୋଇଥିଲା। ୧୯୩୦ ଦଶନ୍ଧିରେ ଉପନିବେଶରେ ଡଚ୍ ନାଜି ପାର୍ଟିର ଅନେକ ସଦସ୍ୟଙ୍କର ୟୁରାସିଆନ୍ ପୃଷ୍ଠଭୂମି ଥିଲା। ୱାଇଲ୍ଡର୍ସ ଜଣେ ଫାସୀବାଦୀ ହୋଇ ନ ପାରନ୍ତି, କିନ୍ତୁ ସାର୍ବଭୌମତା, ଜାତୀୟତା ବୋଧ ଏବଂ ସଂସ୍କୃତି ଓ ଧର୍ମୀୟ ନୈତିକତା ପ୍ରତି ତାଙ୍କ ଅନୁରାଗର ପ୍ରବାସୀଙ୍କ ବଂଶାନୁକ୍ରମ ସହ ସମ୍ପର୍କ ରହିଛି। ଇତିହାସକୁ ଦେଖିଲେ ଚରମ ରାଷ୍ଟ୍ରବାଦୀମାନେ ବହୁ ସମୟରେ ବିଭିନ୍ନ ଅଞ୍ଚଳରୁ ସାମ୍ନାକୁ ଆସିଛନ୍ତି। କୋରସିକାରୁ ନେପୋଲିଅନ, ଜର୍ଜିଆରୁ ଷ୍ଟାଲିନ, ଅଷ୍ଟ୍ରିଆରୁ ହିଟଲର ଆସିଛନ୍ତି। ଯେଉଁମାନେ ଦେଶୀୟ ଭାବେ ନିଜକୁ ପ୍ରତିପାଦିତ କରିବାକୁ ଚାହିଁ ଆସିଛନ୍ତି , ସେମାନେ ଲଗାତର ଜନ ଆକ୍ରୋଶର ଶିକାର ହୋଇଛନ୍ତି।



ନେଦରଲାଣ୍ଡରେ ୱାଇଲ୍ଡର୍ସ କେବଳ ଜଣେ ବିରଳ ବ୍ୟକ୍ତିତ୍ୱ ନୁହନ୍ତି। ୧୯୮୦ରେ ହେନେରୀ ବ୍ରୁକ୍ମ୍ୟାନ ବିଶେଷକରି ମୁସଲମାନ ପ୍ରବାସୀଙ୍କୁ ବିରୋଧ କରିବା ପାଇଁ ଦକ୍ଷିଣପନ୍ଥୀ ଡଚ୍ ସେଣ୍ଟର ପାର୍ଟି ଗଠନ କରିଥିଲେ। ବ୍ରୁକ୍ମ୍ୟାନଙ୍କର ବଂଶର ଆଧାର ଥିଲା ୟୁରାସିଆନ୍। ଅନ୍ୟ ଜଣେ ଦକ୍ଷିଣପନ୍ଥୀ ରାଜନେତା ରୀତା ଭରଡଙ୍କ୍ ମଧ୍ୟ ଥିଲେ ୟୁରାସିଆନ, ଯିଏ ୨୦୦୭ରେ ପ୍ରାଉଡ୍ ଅଫ୍ ନେଦରଲାଣ୍ଡ ପାର୍ଟି ଗଠନ କରିଥିଲେ। ବ୍ରିଟେନ୍ର ପୂର୍ବତନ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରେଭରମ୍ୟାନ୍ଙ୍କୁ ୱାଇଲ୍ଡର୍ସଙ୍କ ସହ ତୁଳନା କରାଯାଇପାରେ। ତାଙ୍କ ମାତାପିତା ପ୍ରଥମେ ଆଫ୍ରିକାରେ ଭାରତୀୟ ଭାବେ ରହିଥିଲେ। ପରେ ସେମାନେ ଆଫ୍ରିକୀୟ-ଭାରତୀୟ ଭାବେ ବ୍ରିଟେନ୍ରେ ରହିଲେ। ଜଣେ ପ୍ରବାସୀ ଶିଶୁ ଭାବେ ପ୍ରବାସୀ ଏବଂ ଶରଣାର୍ଥୀଙ୍କ ପ୍ରତି ତାଙ୍କର ବିରୋଧାତ୍ମକ ଭାବନା ବ୍ରିଟେନ୍ ଉପରେ ଏକ ପ୍ରକାର ଆକ୍ରମଣ ଥିଲା, ଯାହା ଚିନ୍ତାଜନକ ମନେହୁଏ। କିନ୍ତୁ ସେଠାରେ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାର ଇଚ୍ଛା ତାଙ୍କ ରାଜନୀତିରେ ଏକ ଭୂମିକା ନେଇଛି। ବ୍ରିଟେନ ପାର୍ଲାମେଣ୍ଟରେ ବ୍ରେଭରମ୍ୟାନ୍ଙ୍କ ପ୍ରବେଶ ଏବଂ କଞ୍ଜରଭେଟିଭ ପାର୍ଟିରେ ତାଙ୍କ ଉତ୍ଥାନରୁ ଜଣାପଡ଼େ ଯେ, ବ୍ରିଟେନର ଦ୍ୱାର ବାହାର ବ୍ୟକ୍ତିଙ୍କ ପାଇଁ ଉନ୍ମୁକ୍ତ। ଉଲ୍ଲେଖନୀୟ, ଇମିଗ୍ରେଶନ ବା ଅପ୍ରବାସନ ଉପରେ ତାଙ୍କର କଠୋର ଦକ୍ଷିଣପନ୍ଥୀ ଦୃଷ୍ଟିକୋଣ କଞ୍ଜରଭେଟିଭ ରାଜନୀତିରେ ମୁଖ୍ୟ ଧାରା ପାଲଟିଛି। କଞ୍ଜରଭେଟିଭ ପାର୍ଟିର ଶ୍ୱେତାଙ୍ଗ ସପକ୍ଷବାଦୀମାନେ ଏକ ପ୍ରବାସୀ ବିରୋଧୀ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ଲାଗି ଜଣେ ଅପ୍ରବାସୀ କନ୍ୟାଙ୍କୁ ଉପଯୋଗକରି ଖୁସିଥିଲେ। ଅପେକ୍ଷାକୃତ ଏହି ସମୟ ପର୍ଯ୍ୟନ୍ତ ଚରମ ରାଷ୍ଟ୍ରବାଦୀ ଦଳ ଓ ରାଜନେତାମାନେ ମୁଖ୍ୟଧାରା ରକ୍ଷଣଶୀଳ ଦଳରୁ ବଞ୍ଚିତ ହୋଇଥିଲେ କିମ୍ବା ବାଦ୍ ପଡ଼ିଥିଲେ, ଯାହା ୧୯୬୮ରେ ବ୍ରିଟିଶ ରାଜନେତା ଏନୋଚ୍ ପାଓ୍ୱେଲଙ୍କ କ୍ଷେତ୍ରରେ ଘଟିଥିଲା। ବ୍ରିଟେନ୍ର ଏହି ରାଜନେତା ଅନୁମାନ କରିଥିଲେ ଯେ ଅଧିକ ଅଣଶ୍ୱେତାଙ୍ଗ ଅପ୍ରବାସନ ଯୋଗୁ ରକ୍ତର ନଦୀ ବହିବ। ଫଳରେ ସେମାନଙ୍କ ପାରିବାରିକ ପୃଷ୍ଠଭୂମି ଯାହା ହେଉନା କାହିଁକି ସେମାନଙ୍କୁ ବହିରାଗତ ରାଜନୈତିକ ବ୍ୟକ୍ତି ଭାବେ ବିବେଚନା କରାଯାଉଥିଲା। ଅଧିକରୁ ଅଧିକ ଅସନ୍ତୁଷ୍ଟ ଭୋଟରଙ୍କ ପାଇଁ ଏହା ସେମାନଙ୍କର ଏକ ବହୁମୂଲ୍ୟ ଆବେଦନ ଥିଲା। ୨୦୧୬ରେ ବ୍ରେକ୍ଜିଟ୍ରମାନେ ଏବଂ ଟ୍ରମ୍ପ ଏଥିରୁ ଉପକୃତ ହୋଇଥିଲେ ଏବଂ ୱାଇଲ୍ଡର୍ସ ଆଜି ଏଥିରୁ ଉପକୃତ ହେଉଛନ୍ତି । କିନ୍ତୁ ବିଗତ କିଛି ଦଶନ୍ଧି ହେଲା ପାରମ୍ପରିକ ରଢ଼ିବାଦୀ ଦଳଗୁଡ଼ିକ ବିଦ୍ୱେଷ ଭାବ ପ୍ରଦର୍ଶନ ବିନା ଏଭଳି ପରିଣାମ ସବୁ ଘଟିପାରିଲା ନାହିଁ। ସେମାନଙ୍କର ଭୋଟରଙ୍କୁ କାଳେ ଚରମ ଦକ୍ଷିଣପନ୍ଥୀ ନେଇଯିବେ ସେହି ଭୟରେ ସେମାନେ ସ୍ଥିତିରୁ ଲାଭ ଉଠାଉଥିବା ବିଦେଶୀଙ୍କ ବିରୋଧରେ ପକ୍ଷପାତ ନୀତି ଧରିଲେ। ଇହୁଦୀ ଓ ଖ୍ରୀଷ୍ଟିଆନ, ସହର କିମ୍ବା କୌଣସି ସ୍ଥାନରୁ ଲୋକଙ୍କ ପ୍ରତି ମୁସଲମାନମାନେ ବିପଦ ବୋଲି କହିଲେ। କିନ୍ତୁ ଏହା କେବଳ ବାକ୍ପଟୁତା ଥିଲା ଏବଂ ରକ୍ଷଣଶୀଳ ଦଳଗୁଡ଼ିକ କେବଳ ଧନୀ ଏବଂ ବଡ଼ ବ୍ୟବସାୟର ସ୍ୱାର୍ଥ ପାଇଁ ଲାଗିପଡ଼ିଲେ। ଯେଉଁମାନଙ୍କୁ ବାହାର ଲୋକ ଭାବେ ବ୍ୟବହାର କରାଯାଉଥିଲା ସେମାନଙ୍କ କ୍ରୋଧ ବଢ଼ିଗଲା ଏବଂ ସେମାନେ ପୁରୁଣା ବ୍ୟବସ୍ଥାକୁ ଭାଙ୍ଗିଦେବା ଲାଗି ଜଣେ ବାହାରର ବ୍ୟକ୍ତିଙ୍କୁ ଚାହିଁଲେ।

ନେଦରଲାଣ୍ଡରେ ରଢ଼ିବାଦୀ ଦଳଗୁଡ଼ିକ ବିଶେଷକରି ପାର୍ଟି ଅଫ୍ ଫ୍ରିଡମ୍ ଆଣ୍ଡ୍ ଡେମୋକ୍ରାସି (ଭିଭିଡି) ଅତୀତରେ ଏଭଳି ସମସ୍ୟା ସାମ୍ନା କରିଥିଲେ ଓ ୱାଇଲ୍ଡର୍ସଙ୍କୁ ଶାସନ କରିବାକୁ ବାଟ ଛାଡ଼ି ନ ଥିଲା। ଭିଭିଡି ଅନ୍ତର୍ଜାତୀୟବାଦ, ୟୁରୋପୀୟ ସଂଘ, ୟୁକ୍ରେନ୍କୁ ସାମରିକ ସହଯୋଗ ଏବଂ ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପଦକ୍ଷେପ ସପକ୍ଷରେ ଛିଡ଼ା ହୋଇଥିଲେ ବି ୱାଇଲ୍ଡର୍ସ ଏସବୁକୁ ବିରୋଧ କରୁଛନ୍ତି। ପରିବର୍ତ୍ତନ ଏୟା ହୋଇଛି ଯେ, ଭିଭିଡି ଏହାର ଦକ୍ଷିଣପନ୍ଥୀ ସପକ୍ଷବାଦୀଙ୍କୁ ସୁରକ୍ଷା ଦେବା ଆଶାରେ ଅପ୍ରବାସନ ଉପରେ ଏକ କଠୋର ଆଭିମୁଖ୍ୟ ଗ୍ରହଣକଲେ ମଧ୍ୟ ସୂଚାଇ ଦେଇଛି ଯେ କ୍ରୋଧିତ ପ୍ରବାସୀଙ୍କ ଶାସନ କରିବା ସମ୍ଭବ ହୋଇପାରେ । ବର୍ତ୍ତମାନ ଦ୍ୱାର ଖୋଲିଗଲା ଏବଂ ଅପ୍ରବାସନ ଏକ ନିର୍ବାଚନ ପ୍ରସଙ୍ଗ ହୋଇଗଲା, ୱାଇଲ୍ଡର୍ସ ବିପୁଳ ବିଜୟ ହାସଲ କରିବାକୁ ସକ୍ଷମ ହେଲେ । ହେଲେ ବିଡ଼ମ୍ବନା ହେଉଛି ଯେ, ଭିଭିଡି ନେତା ଡିଲାନ୍ ୟିଶିଲଗୋଜ, ଯିଏକି ଏହା କରିବାକୁ ଅନୁମତି ଦେଇଥିଲେ, ସେ ଆଙ୍କାରରେ ଜଣେ ତୁର୍କୀ ମାତା ଏବଂ କୁର୍ଦ୍ଦ ପିତାଙ୍କଠାରୁ ଜନ୍ମ ନେଇଥିଲେ। ସେ ଠିକ୍ ସେହିଭଳି ଜଣେ ଡଚ୍ ନାଗରିକ ଯାହାଙ୍କୁ ୱାଇଲ୍ଡର୍ସ ରୋକିବାକୁ ଶପଥ ନେଇଛନ୍ତି।

**ପ୍ରତିଷ୍ଠିତ ଲେଖକ**

# ରାଜନୈତିକ ସଂକୀର୍ଣ୍ଣତା



ରବିନାରାୟଣ ସାମଲ

"ଅନ୍ୟାୟ ଦେଖି ରହିଯାଅ ନାହିଁ। ପ୍ରତିବାଦ କର! କାରଣ ପ୍ରତିବାଦବିହୀନ ମଣିଷ କ୍ରୀତଦାସ ସହ ସମାନ''- ସକ୍ରେଟିସ୍ । ଏବେ ଦୁର୍ନୀତିରେ ଦେଶ ଉବୁଟୁବୁ। ଚିଟ୍ ଫଣ୍ଡଠାରୁ ରାଫେଲ୍ ହେଉଛି ବଡ଼ବଡ଼ିଆଙ୍କ ଦୁର୍ନୀତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ତଥ୍ୟ ଅନୁଯାୟୀ, ବିଶ୍ୱର ୧୮୦ଟି ଦେଶ ମଧ୍ୟରେ ୨୦୧୭ରେ ଭାରତର ସ୍ଥାନ ଥିଲା ୭୯। ଦୁର୍ନୀତିର ମାତ୍ରା ପ୍ରବଳ ଯୋଗୁ ୨୦୨୧ରେ ଏହା ୮୫କୁ ଆସିଛି। ଦେଶବାସୀ ନୀରବ! ପ୍ରତିବାଦ ନାହିଁ।

ମଣିପୁରରେ ମହିଳାମାନଙ୍କ ଉପରେ ବର୍ବର ଅତ୍ୟାଚାର ହେଲା। ଘରଦ୍ୱାର ପୋଡ଼ି ଦିଆଗଲା। ଜୀବନ ରକ୍ଷା ପାଇଁ ଲୋକେ ପଡ଼ୋଶୀ ରାଜ୍ୟରେ ଆଶ୍ରୟ ନେଲେ। ଖାଦ୍ୟ ଅଭାବରୁ କୁକି ଓ ଜୋ ଆଦିବାସୀ ସମ୍ପ୍ରଦାୟ ଅନାହାରରେ ଦିନ କାଟିଲେ। ଦେଶ ବିଦେଶରେ ଏହା ଚର୍ଚ୍ଚିତ ବିଷୟ ହୋଇଗଲା। ଆମ ପ୍ରଧାନମନ୍ତ୍ରୀ ଓ ଜାତୀୟ ମହିଳା କମିଶନ ନୀରବଦ୍ରଷ୍ଟା ସାଜିଲେ। ସରକାରୀ ଦଳର ସଭ୍ୟ ଓ ସମର୍ଥକ ଉଁ କି ଚୁଁ ହେଲେ ନାହିଁ।

୨୦୧୯ ଅଗଷ୍ଟ ୫ରେ ଅପ୍ରତ୍ୟାଶିତ ଭାବେ ଜମ୍ମୁ-କଶ୍ମୀରରେ ନିର୍ବାଚିତ ସରକାରକୁ ଭାଙ୍ଗି ଦିଆଗଲା। ବିଧାନସଭାକୁ ନିଲମ୍ବନ କରାଗଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ରାଜନେତାମାନଙ୍କୁ ଗୃହବନ୍ଦୀରେ ରଖାଗଲା। ୩୭୦ ଓ ୩୫(କ) ଧାରାକୁ ପ୍ରତ୍ୟାହାର କରିନିଆଗଲା। ବିନା ମତାମତ ଓ ବିନା ପରାମର୍ଶରେ ଜମ୍ମୁ-କଶ୍ମୀରକୁ ୩ ଭାଗ କରିଦିଆଗଲା। ପ୍ରଶ୍ନ ଉଠୁଛି ଏପରି ଯଦି ହୁଏ ନିର୍ବାଚନ ହେବ କାହିଁକି, ମନ୍ତ୍ରିମଣ୍ଡଳ ଗଢ଼ାହେବ କାହିଁକି, ମନ୍ତ୍ରିମଣ୍ଡଳକୁ ବାଦ୍ ଦେଇ କେନ୍ଦ୍ର ଆଧିପତ୍ୟ ବିସ୍ତାର କରିବ କାହିଁକି? ୩୭୦ ଧାରା ଉଚ୍ଛେଦ ସପକ୍ଷରେ ସରକାରୀ ମିଡିଆ ଏମିତି ପ୍ରଚାର ରଖିଲେ ଯେ ସାଧାରଣ ଲୋକେ ବିଭ୍ରାନ୍ତ ହୋଇଗଲେ।

ଦରଦାମ ହୁ ହୁ ହୋଇ ବଢ଼ିଲା। କଂଗ୍ରେସ ସରକାର ବିରୋଧରେ ଜନ ଅସନ୍ତୋଷ ପ୍ରବଳ ହେଲା। କ୍ଷମତାକୁ ଆସିଲେ ୧୦୦ ଦିନ ମଧ୍ୟରେ ଦରଦାମ କମ୍ କରିବେ ବୋଲି ପ୍ରତିଶ୍ରୁତି ଦିଆଗଲା। ଏହା ଭିତରେ ୩୦ଟିରୁ ଊର୍ଦ୍ଧ୍ୱ ଶହେଦିନ ଯାଇ ସାରିଲାଣି। ଦରଦାମ କମିବା ପରିବର୍ତ୍ତେ ଆକାଶଛୁଆଁ ହୋଇଛି। ବୋଝ ଉପରେ ନଳିତାବିଡ଼ା ପରି ସରକାର ଚୁଡ଼ା, ଚାଉଳଠାରୁ ଆରମ୍ଭ କରି ତେଲ, ଲୁଣ ପର୍ଯ୍ୟନ୍ତ ସବୁରି ଉପରେ ଜିଏସ୍ଟି ବସାଇଦେଲେ। 'ଦରମା ବଢ଼ିଲା- ଦର ବଢ଼ିଲା- ଅସୁବିଧା କେଉଁଠି'- ସରକାରୀ ଦଳର ପ୍ରବକ୍ତାମାନେ କହିବୁଲିଲେ।

ମହିଳା ସଂରକ୍ଷଣ ବିଲ୍ ୧୫ ବର୍ଷ ହେଲା ଶୀତଳଭଣ୍ଡାରରେ ରହିଥିଲା। ଏବେ ଏହା ପାର୍ଲାମେଣ୍ଟରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇସାରିଛି। ମାତ୍ର ଆଗାମୀ ନିର୍ବାଚନରେ ଏହା କାର୍ଯ୍ୟକାରୀ ହେବ ନାହିଁ, ଏହାକୁ ଆହୁରି ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। କିନ୍ତୁ ଭାରତୀୟ ଜନତା ପାର୍ଟି ଏହାକୁ 'ଐତିହାସିକ' ଆଖ୍ୟା ଦେଲା। ଦେଶରେ ବେରୋଜଗାରି ଯୁବତୀଯୁବକ ହାଉଯାଉ। ଟେକାଟିଏ ପକାଇଲେ ଯାହା ଦେହରେ ବାଜିବ ସେ ଜଣେ ବେକାର ହୋଇଥିବ। ବର୍ଷକୁ ଦୁଇ କୋଟି ବେକାରଙ୍କୁ ନିଯୁକ୍ତି ଦେବାକୁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାର ୧୦ ବର୍ଷରେ କୋଟିଏ ବି ପୂରଣ କରିପାରିଲେ ନାହିଁ। ଦେଶରେ ଶହେକେ ୪୨ ଜଣ ଯୁବ ଗ୍ରାଜୁଏଟ୍ ବେକାର ବସିଛନ୍ତି ବୋଲି ନିକଟରେ ଅଜିମ୍ ପ୍ରେମ୍ଜୀ ବିଶ୍ୱବିଦ୍ୟାଳୟ ତାହାର ସର୍ଭେ ରିପୋର୍ଟରେ ପ୍ରକାଶ କରିଛି। ମଝିରେ ମଝିରେ ଚାଇନା ବିରୋଧୀ ପ୍ରଚାର ଗଣମାଧ୍ୟମରେ ଜୋର୍ ଧରୁଛି। ଚାଇନା ନିର୍ମିତ ସାମଗ୍ରୀ ବର୍ଜନ କରିବାକୁ ଆନ୍ଦୋଳନ ହେଉଛି। ଏହାକୁ ମଧ୍ୟ ବେଶ୍ କିଛି ଲୋକ ସମର୍ଥନ କରୁଛନ୍ତି। ଆମ ଦେଶ ବିଦେଶୀ ରାଷ୍ଟ୍ରରୁ ଯେତେ ସାମଗ୍ରୀ ଆମଦାନୀ କରୁଛି ତାହାର ଶତକଡ଼ା ୭୦ ଭାଗ କେବଳ ଚାଇନାରୁ କରୁଛି। ଏହା ସରକାରୀ ରାଜିନାମା ଅନୁଯାୟୀ ବି ହେଉଛି। ଏବେ ଏହି ଆନ୍ଦୋଳନ ଥମିଯାଇଛି। ସାଧାରଣ ନିର୍ବାଚନ ପାଖେଇ ଆସିଲେ ପୁଣି ଜୀବନ୍ତ ହୋଇଉଠିବ।

ଖୋଜିଲେ ଏମିତି ତ ଶହ ଶହ ଦୃଷ୍ଟାନ୍ତ ମିଳିବ। ଏଠାରେ ଆଲୋଚିତ ଘଟଣାବଳୀ ପଛରେ ଅସଚେତନତା ଓ ରାଜନୈତିକ ସଂକୀର୍ଣ୍ଣତା ବିଦ୍ୟମାନ। ସଚେତନତା ଅଭାବରୁ ସାଧାରଣ ଲୋକେ ଜାଣନ୍ତି ନାହିଁ ଦେଶରେ କ'ଣ ଘଟୁଛି। ରାଜନୈତିକ ଦଳର ବ୍ୟକ୍ତିବିଶେଷ ଦଳୀୟ ନିର୍ଦ୍ଦେଶ ଓ ନିଷ୍ପତ୍ତିକୁ ଅନ୍ଧଭାବେ ସମର୍ଥନ କରୁଥିବା ଲକ୍ଷ୍ୟ କରାଯାଉଛି। ବିଚାର ବିବେକ କବର ନେଇଛି।

**ମୋ:୭୯୭୫୦୪୬୪୮୬**

## ଏଇ ଭାରତରେ

ପ୍ଲାଷ୍ଟିକ କିମ୍ବା କୃଷି ବର୍ଜ୍ୟର ପୁନଃ ଉପଯୋଗ କରିବା ଲାଗି ଅନେକେ ପ୍ରୟାସ କରୁଛନ୍ତି। କିନ୍ତୁ ଇ-ବର୍ଜ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହାତଗଣତି କେତେଜଣଙ୍କ ମଧ୍ୟରେ ବେଙ୍ଗାଲୁରୁର ବିଶ୍ୱନାଥ ମାଲାବାଡ଼ି ଦବଙ୍ଗେର ଅନ୍ୟତମ। ସେ ବିଭିନ୍ନ ସ୍ଥାନରୁ ଅଦରକାରୀ କମ୍ପ୍ୟୁଟର, କି-ବୋର୍ଡ, ଡିଭିଡି, ପୁରୁଣା ଲ୍ୟାଣ୍ଡଫୋନ, କର୍ଡଲେସ୍ ଫୋନ, ସେଟ୍ଅପ ବକ୍ସ, ମେଡିକାଲ ଡିଭାଇସ ଓ ଗ୍ଲୁକୋମିଟର ଇତ୍ୟାଦି ସଂଗ୍ରହ କରି ସେଥିରେ ଆକର୍ଷଣୀୟ ଜିନିଷ ତିଆରି କରୁଛନ୍ତି। ଇ-ବର୍ଜ୍ୟରୁ ସେ କପର, ଗୋଲ୍ଡ ଓ ବିଭିନ୍ନ ରଙ୍ଗର ତା'ର ବାହାର କରି ତାହାକୁ ଜିନିଷ ତିଆରିରେ ଲଗାଉଛନ୍ତି। ଏହି ଇକୋ ଆର୍ଟିଷ୍ଟ ୨୦୦ କେଜି ଇ-ବର୍ଜ୍ୟକୁ କାମରେ ଲଗାଇ ସାରିଲେଣି। ଏଥିରୁ ସେ ଅଳଙ୍କାର, ବିଭିନ୍ନ ହସ୍ତକଳା, ୱାଲଆର୍ଟ ଏପରି କି ରୋବୋ ମଧ୍ୟ ନିର୍ମାଣ କରୁଛନ୍ତି। ଏବେ ଏହାକୁ ନେଇ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧ ଡିସେମ୍ବର ୧୯୭୪**

- ରାଜ୍ୟ ସର୍ଭିସ କମିଶନର ଚେୟାରମ୍ୟାନ ତଥା ସୁଦକ୍ଷ ପ୍ରଶାସନିକ ଅଫିସର ଆଲଫ୍ରେଡ୍ କେନେଥ୍ ବାରେନଙ୍କ ୫୭ ବର୍ଷ ବୟସରେ ପରଲୋକ।
- ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ କାରବାର ପୁନଃ ପ୍ରଚଳନ କରାଇବା ଉଦ୍ଦେଶ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ଆୟର୍ଲାଣ୍ଡ ସାଧାରଣତନ୍ତ୍ରର ନୂଆ ରାଷ୍ଟ୍ରପତି ରୂପେ ସିୟରଭାଲ୍ ଓତାଲାୟା ନିର୍ବାଚିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | | | | |
| | | | | | 5 | | | |
| | 9 | | 3 | | 2 | | | |
| 7 | | | | | | | 4 | |
| 1 | | 3 | 5 | | 7 | | 6 | |
| | 8 | | | 1 | | | 3 | |
| | 4 | | 2 | | | | 7 | 6 |
| | | | 6 | | | | | 8 |
| 5 | | | 1 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରକାଶିତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 7 | 9 | 3 | 5 | 2 |
| 9 | 6 | 2 | 4 | 5 | 3 | 1 | 7 | 8 |
| 5 | 3 | 7 | 2 | 1 | 8 | 4 | 6 | 9 |
| 6 | 4 | 3 | 7 | 9 | 2 | 5 | 8 | 1 |
| 2 | 9 | 1 | 8 | 3 | 5 | 7 | 4 | 6 |
| 8 | 7 | 5 | 1 | 4 | 6 | 9 | 2 | 3 |
| 3 | 1 | 8 | 5 | 6 | 4 | 2 | 9 | 7 |
| 7 | 5 | 6 | 9 | 2 | 1 | 8 | 3 | 4 |
| 4 | 2 | 9 | 3 | 8 | 7 | 6 | 1 | 5 |

ଗତକାଲିର ଉତ୍ତର

# ଜଳବାୟୁ ନ୍ୟାୟ



ଲଳିତ ମୋହନ ମିଶ୍ର

ସାମାଜିକ ନ୍ୟାୟ ପରି ପରିବେଶ ନ୍ୟାୟ, ପରିବେଶ ଉପରେ ବିଶ୍ୱର ସମସ୍ତ ଜନତାଙ୍କ ସମାନ ଅଧିକାର ତଥା ଏବର ପିଢ଼ି ସହିତ ଆଗାମୀ ପିଢ଼ିର ଜନତାଙ୍କ ସମାନ ଅଧିକାର ଉପରେ ଆଧାରିତ ଏକ ଗଣତାନ୍ତ୍ରିକ ବିଚାର। ଆନ୍ତଃରାଜ୍ୟ ନଦୀରୁ ଉପରମୁଣ୍ଡ ରାଜ୍ୟ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟର ଉଲ୍ଲଂଘନ। ସେହିପରି କଳକାରଖାନାଗୁଡ଼ିକ କୃଷକଙ୍କୁ କମ୍ ପାଣିଦେଇ ନିଜେ ନଦୀରୁ ଅଧିକ ପାଣି ନେଇଯିବା ପରିବେଶ ନ୍ୟାୟ ବିରୋଧୀ। ମୋଟାମୋଟି ଭାବେ ପରିବେଶ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ପରିବେଶ କ୍ଷତିରୁ ଲାଭବାନ ଗୋଷ୍ଠୀ, ସ୍ୱତନ୍ତ୍ର ଆର୍ଥିକ ଓ ବିକାଶ ଯୋଜନା ପ୍ରଦାନ କରିବା, ପରିବେଶ ନ୍ୟାୟଜନିତ କାର୍ଯ୍ୟକ୍ରମର ଏକ ପ୍ରମୁଖ ଅଂଶ।

ଜଳବାୟୁ ନ୍ୟାୟ ପରିବେଶ ନ୍ୟାୟର ଏକ ପ୍ରମୁଖ ଅଙ୍ଗରୂପେ ଆଜି ବିବେଚିତ ହେଉଛି। ଜଳବାୟୁ ବିଶେଷଜ୍ଞଙ୍କ ମତରେ ଗତ ପ୍ରାୟ ୨୦୦ ବର୍ଷରେ ବିଶ୍ୱର ଶିଳ୍ପାୟନ କାଳଖଣ୍ଡରେ ବିଶ୍ୱର ତାପମାତ୍ରା ୧ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି। ଯଦି ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧିପାଏ ତେବେ ୨୦୫୦ବେଳକୁ ଏହା ୧.୫ ଡିଗ୍ରୀ ସେଲସିୟସ ଓ ୨୧୦୦ ବେଳକୁ ଏହା ୩ ଡିଗ୍ରୀ ସେଲସିୟସକୁ ବୃଦ୍ଧି ପାଇବ। ଗତ ୧୦,୦୦୦ ବର୍ଷ ମଧ୍ୟରେ ବିଶ୍ୱର ତାପମାତ୍ରା ଏହିପରି ବୃଦ୍ଧି ପାଇ ନ ଥିଲା। ତାପମାତ୍ରା ବୃଦ୍ଧିର କାରଣ ମଣିଷ ସମାଜରୁ ନିର୍ଗତ 'ଗ୍ରୀନ୍ହାଉସ୍ ଗ୍ୟାସ୍'। ବିକାଶଶୀଳ ଦେଶ ଭାରତ ଆଦିଙ୍କ ମୁଣ୍ଡପିଛା ଗ୍ରୀନ୍ହାଉସ୍ ଗ୍ୟାସ୍ ନିର୍ଗମନ ବିକଶିତ ଦେଶମାନଙ୍କର ମୁଣ୍ଡପିଛା ନିର୍ଗମନ ହାରଠାରୁ ବହୁତ କମ୍। ଏହି ଗ୍ରୀନ୍ହାଉସ୍ ଗ୍ୟାସଗୁଡ଼ିକ ପୃଥିବୀ ଉପରେ ଏକ ଚାଦର ଭଳି ଢାଙ୍କି ହୋଇ ରହିବାରୁ ସୂର୍ଯ୍ୟର ଉତ୍ତାପ ପୃଥିବୀ ପୃଷ୍ଠରେ ପଡ଼ିରହି ବିଶ୍ୱର ଉତ୍ତାପ ବୃଦ୍ଧି କରିଥାଏ। ସମାଧାନର ବାଟହେଲା ଗ୍ରୀନ୍ହାଉସ୍ ଗ୍ୟାସର ନିର୍ଗମନକୁ କ୍ରମାଗତ ଭାବେ ହ୍ରାସ କରିବା, ପରିବେଶର ସୁସ୍ଥତା ବୃଦ୍ଧି କରିବା ଏବଂ ଲୋକଙ୍କୁ ଜଳବାୟୁ ବିପର୍ଯ୍ୟୟ ନିରୋଧୀ କରିବା। ଉଭୟେ ଧନୀ ଓ ବିକାଶଶୀଳ ରାଷ୍ଟ୍ରମାନେ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ସହିତ ଜଳବାୟୁ ନ୍ୟାୟ ନୀତି ଯୋଗୁ ଧନୀ ରାଷ୍ଟ୍ରମାନେ ବିକାଶଶୀଳ ଓ କମ୍ ବିକଶିତ ଦେଶମାନଙ୍କୁ ବିକଳ୍ପ ଆର୍ଥିକ ଓ ଶିଳ୍ପାୟନ ଜନିତ ସହାୟତା ପ୍ରଦନା ନ କଲେ ସେମାନେ ଜଳବାୟୁ ଅନୁକୂଳ ଆର୍ଥିକ ବ୍ୟବସ୍ଥାକୁ ଯିବେ କିପରି?

ଆନ୍ତର୍ଜାତିକ ସ୍ତରରେ ବିଶ୍ୱ ଉତ୍ତାପ ବୃଦ୍ଧିକୁ ଏକ ଜଳବାୟୁ ଇମରଜେନ୍ସି ବା ଜରୁରିକାଳୀନ ସମସ୍ୟା ରୂପେ ବିଚାର କରି ମିଳିତ ଜାତିସଂଘ ବିଭିନ୍ନ ପଦକ୍ଷେପ ନେଉଛି। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ ଖସଡ଼ାରେ, ୧୩ ନମ୍ବର ଲକ୍ଷ୍ୟରୂପେ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପ ନେବାକୁ ଜାତିସଂଘ ଦେଶମାନଙ୍କୁ ପରାମର୍ଶ ଦେଇଛି, ଯାହାକୁ ଦେଶମାନେ ନିଜ ନିଜ ସ୍ତରରେ ବିଚାରକୁ ନେଇ ଜାତୀୟ ଓ ପ୍ରାନ୍ତୀୟ କାର୍ଯ୍ୟକ୍ରମମାନ ପ୍ରଣୟନ କରୁଛନ୍ତି। ୨୦୧୫ରେ ମିଳିତ ଜାତିସଂଘ ୟୁଏନ୍ଏଫ୍ସିସିସି(ୟୁନାଇଟେଡ୍ ନେଶନ୍ସ କ୍ଲାଇମେଟ ଚେଞ୍ଜ ଫ୍ରେମ୍ୱାର୍କ କନ୍ଭେନଶନ୍) ବା ମିଳିତ ଜାତିସଂଘ ଜଳବାୟ ପରିବର୍ତ୍ତନ ଢାଞ୍ଚାଗତ ନିୟମ, ପ୍ୟାରିସ୍ଠାରେ ୧୯୬ ଦେଶଙ୍କ ଦ୍ୱାରା ସ୍ୱାକ୍ଷରିତ କରାଇଲା, ଯାହା ନଭେମ୍ବର ୨୦୧୬ରୁ କାର୍ଯ୍ୟକାରୀ ହେଲା। ଏହାକୁ ପ୍ୟାରିସ୍ ଚୁକ୍ତିନାମା ମଧ୍ୟ କୁହାଯାଏ। ଏହା ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ପ୍ରଥମ ଆନ୍ତର୍ଜାତିକ ଆଇନଗତ ଚୁକ୍ତି। ଏହାକୁ ପ୍ରତିବର୍ଷ ତଦାରଖ କରୁଛି ଜାତିସଂଘର ସିଓପି(କନ୍ଫରେନ୍ସ ଅଫ୍ ପାର୍ଟିଜ୍) କମିଟି। ସିଓପିର ପ୍ରଥମ ବୈଠକ ୧୯୭୯ରେ ବସିଥିବାବେଳେ ୨୮ତମ ବୈଠକ ନଭେମ୍ବର ୩୦ରୁ ୧୨ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଦୁବାଇରେ ଅନୁଷ୍ଠିତ ହେଉଛି। ଏହି ବୈଠକରେ ଦେଶମାନେ କେତେଦୂର ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ କାର୍ଯ୍ୟ କରୁଛନ୍ତି ଓ କ'ଣ କ'ଣ ଅସୁବିଧା ରହିଛି ତାହା ଉପରେ ଆଲୋଚନା ହେବା ସହିତ ଜଳବାୟୁ ନ୍ୟାୟଜନିତ ପଦକ୍ଷେପ ଉପରେ ମଧ୍ୟ ଆଲୋଚନା ହେବ। ମିଳିତ ଜାତିସଂଘ ଏବେ 'ନେଟ୍ ଜିରୋ' ବା ଶୂନ୍ୟ ଗ୍ରୀନ୍ହାଉସ ଗ୍ୟାସ୍ ନିର୍ଗମନ ଉପରେ ଗୁରୁତ୍ୱ ପ୍ରଦାନ କରୁଛି। ବିଶ୍ୱର ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବାକୁ ହେଲେ ୨୦୩୦ ସୁଦ୍ଧା ଗ୍ରୀନ୍ହାଉସ୍ ଗ୍ୟାସ୍କୁ ୪୫% ହ୍ରାସ ଏବଂ ୨୦୫୦ ସୁଦ୍ଧା ଶୂନ୍ୟସ୍ତରକୁ ଆଣିବାକୁ ହେବ। କିନ୍ତୁ ଏହି ଲକ୍ଷ୍ୟ ହାସଲ ହେବା ଏବେ ବି କଷ୍ଟକର ମନେହେଉଛି। ବିକାଶଶୀଳ ଓ କମ୍ ବିକଶିତ ରାଷ୍ଟ୍ରମାନେ ବିକଶିତ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁ ନ୍ୟାୟ କ୍ଷେତ୍ରରେ ଆର୍ଥିକ, ବୈଷୟିକ ଓ ବାଣିଜ୍ୟିକ ସହାୟତା ମାଗୁଛନ୍ତି, ଯାହାକୁ ଧନୀ ରାଷ୍ଟ୍ରମାନେ କର୍ଣ୍ଣପାତ କରୁନାହାନ୍ତି।




ଭାରତ ସରକାର ଆନ୍ତର୍ଜାତିକ ଚୁକ୍ତିରେ ସ୍ୱାକ୍ଷର କରିଥିବାରୁ ଜଳବାୟ ପରିବର୍ତ୍ତନ ସଂକ୍ରାନ୍ତୀୟ ଜାତୀୟ ପଦକ୍ଷେପ ଖସଡ଼ା (ନ୍ୟାଶନାଲ ଆକ୍ଶନ ପ୍ଲାନ୍ ଫର୍ କ୍ଲାଇମେଟ୍ ଚେଞ୍ଜ) ପ୍ରସ୍ତୁତ କରି ରୂପାୟନ କରୁଛନ୍ତି। ଏଥିରେ ଜାତୀୟ ସୌର ମିଶନ, ହିମାଳୟ ପରିବେଶ ନିରନ୍ତର ବିକାଶ ମିଶନ, ସବୁଜ ଭାରତ ମିଶନ, ଶକ୍ତି ମିଶନ, ନିରନ୍ତର କୃଷି ମିଶନ ଆଦି ଅନ୍ତର୍ଭୁକ୍ତ। ଭାରତ ସରକାର ବିକଳ୍ପ ଶକ୍ତି ଉପରେ କାର୍ଯ୍ୟ କରୁଛନ୍ତି। ତେବେ କୋଇଲା ଓ ଗ୍ୟାସ୍ ଆଦି ହାଇଡ୍ରୋକାର୍ବନ୍ ଶକ୍ତି ଉପରେ ଦେଶ ବିକାଶର ନିର୍ଭରଶୀଳତାରୁ ସରକାର ହଠାତ୍ ବାହାରିପାରୁନାହାନ୍ତି, ଯାହାଫଳରେ ଗ୍ରୀନ୍ହାଉସ୍ ଗ୍ୟାସ୍ ନିର୍ଗମନ ଉଲ୍ଲେଖନୀୟ ଭାବେ ହ୍ରାସ ପାଉନାହିଁ। କେନ୍ଦ୍ରଭଳି ରାଜ୍ୟ ସରକାରମାନେ ମଧ୍ୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ 'ରାଜ୍ୟ ପଦକ୍ଷେପ ଖସଡ଼ା' ପ୍ରସ୍ତୁତ କରିଛନ୍ତି। ଓଡ଼ିଶା ସରକାର ୨୦୧୮-୨୩ ଜଳବାୟୁ ପଦକ୍ଷେପ ଖସଡ଼ା ପ୍ରଚଳନ କରିଛନ୍ତି। ଯେଉଁଥିରେ ୧୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ମଧ୍ୟ ଜଳବାୟୁ ବଜେଟ ଉପସ୍ଥାପନ କରୁଛି। ତେବେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦ର ୨୦୧୯ ବର୍ଷର ସମୀକ୍ଷାରେ ଜଳବାୟୁ ପରିବର୍ତ୍ତନ ପାଇଁ କାର୍ଯ୍ୟ କରିବା କ୍ଷେତ୍ରରେ ଓଡ଼ିଶା ଶୀର୍ଷରୁ ତୃତୀୟ ସ୍ଥାନରେ ଅଛି। ଓଡ଼ିଶା ସରକାରଙ୍କ ପାଇଁ ଆହ୍ୱାନ ହେଲା କିପରି ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧିତ ଆଗାମୀ 'ବିପର୍ଯ୍ୟୟ' ଲାଗି ପ୍ରସ୍ତୁତି କରିବେ ଓ କିପରି ଖଣିଖାଦାନ ତଥା ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଯୋଗୁ କ୍ଷତିଗ୍ରସ୍ତ ଲୋକଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ କରିବେ।

ବିଶ୍ୱର ଜଳବାୟୁ ନ୍ୟାୟକୁ ଲାଗୁ କରିବାରେ ପ୍ରତିବନ୍ଧକ ସାଜୁଛନ୍ତି ହାଇଡ୍ରୋକାର୍ବନ ଶକ୍ତି କମ୍ପାନୀ, ତେଲ ଓ କୋଇଲା ଖଣି ମାଲିକ, ଗାଡ଼ି ନିର୍ମାଣ କମ୍ପାନୀ, କୃଷି ବ୍ୟବସାୟୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ଲାଭରେ ଥିବା କର୍ପୋରେଟ୍। ଲୋକେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିବା ଆରମ୍ଭ ହେଲାଣି ବୋଲି ଜାଣିପାରୁନାହାନ୍ତି। ଜଳବାୟୁ ନ୍ୟାୟ କ୍ଷେତ୍ରରେ ଗଣମାଧ୍ୟମର ମଧ୍ୟ ପ୍ରମୁଖ ଭୂମିକା ରହିଛି।

**ମୋ-୭୦୦୮୨୩୩୭୨୯**

## ପାଠକ ଶ୍ରେଷ୍ଠ ବିଚାରକ

### ଦୁର୍ନୀତିଖୋରଙ୍କୁ ସାବାଡ଼ କର

ମହାଶୟ,

ଓଡ଼ିଶା ରାଜ୍ୟ ସରକାର ଦୁର୍ନୀତିଖୋର ଲୋକମାନଙ୍କୁ ସାବାଡ କରିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କେଇଟା ଦିନରେ ଅନେକ ଦୁର୍ନୀତି ଖୋର ସରକାରୀ ଚାକିରିଆ ଧରାପଡିଲେଣି ସେମାନଙ୍କ ମଧ୍ୟର କେତେକଙ୍କୁ ବାଧ୍ୟତାମୂଳକ ଅବସର ପ୍ରଦାନ କରାଯାଇଛି। ଅନେକଙ୍କୁ ନିଲମ୍ବନ ଆଦେଶ ଦେବା ସହ ସେମାନଙ୍କ ବିରୁଧରେ ଯାଞ୍ଚ ପରତାଳ ଜାରି ରହିଛି। ଅନ୍ୟ କିଛି କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବା ସହ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ହେଲେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଦେଖିବାକୁ ଗଲେ କେବଳ କିଛି ଇଞ୍ଜିନିୟର, କିରାଣୀ, ପିଅନ, ଅମିନ ଓ ଆର୍ଆଇମାନେ ଯେ ଦୁର୍ନୀତି ବୋଲି ଭାବିନେଲେ ଠିକ୍ ହେବ ନାହିଁ। ଅନେକ ଉଚ୍ଚ ପ୍ରଦସ୍ତ ସରକାରୀ ଅଧିକାରୀ ବ୍ୟବସାୟୀ ଓ ରାଜନୀତିଜ୍ଞମାନେ ବଡ଼ ଧରଣର ଦୁର୍ନୀତି କାର୍ଯ୍ୟରେ ଲିପ୍ତ ରହି ରାଜ୍ୟକୁ ଶୋଷଣ କରିବାରେ ଲିପ୍ତ ରହୁଛନ୍ତି। ବଡ଼ ବଡ଼ ଅପରାଧୀମାନେ ଧରାପଡ଼ିଲେ ଛୋଟ ଅପରାଧୀମାନେ ଆପେ ସଜାଡି ହୋଇଯିବେ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୁନିଆ ଉପରେ ବଜାଇ ବିଜୟ ଭେରୀ
ଅନ୍ଧାର କୋଲୁଁ ଭାରତ ଆସିବ ଫେରି
ଆସିବ ଫେରି ସେ ନିଜ ଗଉରବେ
ଚକିତ ଧରାରେ ଚାହିଁବେ ସରବେ
ବିଶ୍ୱ ସଭାରେ ଆଦରେ ତାହାକୁ
ବସିବେ ସକଳେ ଘେରି
ଅନ୍ଧାର କୋଲୁଁ ଭାରତ ଆସିବ ଫେରି।
-(ଭାରତ ଆସିବ ଫେରି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଡାଟା ଆନାଲିସିସ୍ ପରେ ତଥ୍ୟ ପ୍ରଦାନ ହେବ

**ପୁରୀ,୩୦।୧୧ (ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ଅନୁସାରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ କରାଯାଇଛି। ଏଏସ୍ଆଇର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ଧରି ସ୍କାନିଂ କାର୍ଯ୍ୟ କରିଥିଲେ। ତେବେ ସ୍କାନିଂ କାର୍ଯ୍ୟ ସରିବା ପରେ ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମଧ୍ୟରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଏସ୍ଆଇ ପକ୍ଷରୁ ହୋଇଥିବା ରତ୍ନଭଣ୍ଡାର ବାହାର ପାର୍ଶ୍ୱର ଲେଜର ସ୍କାନିଂ ସମ୍ପର୍କରେ ତଥ୍ୟଦେବା ନେଇ ବୈଠକରେ ଆଲୋଚନା ହୋଇଛି। ତେବେ ଲେଜର ସ୍କାନିଂକୁ ଅନୁଧ୍ୟାନ କରାଯିବାପରେ ସବିଶେଷ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍ଆଇ ପ୍ରଦାନ କରିବ ବୋଲି ସୂଚନା ମିଳିଛି।

ଲେଜର ସ୍କାନିଂରୁ ତଥ୍ୟ ଆସିବା ପରେ ଯେଉଁ ସ୍ଥାନରେ ଫାଟ ରହିବ ତାର ମରାମତି ହେବ। ସେହିପରି ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ବେଢ଼ାରେ ଥିବା ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଲେଜର ସ୍କାନିଂ କରାଯିବ। ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଉତ୍ତର ପୂର୍ବ, ଉତ୍ତର ପଶ୍ଚିମ ଓ ଉତ୍ତର ଭାଗର ୫ଡିଗ୍ରୀ କୋଣରେ ୪୫ଟି ପଏଣ୍ଟ ସହ ଯୋଡ଼େଇ ସ୍ଥାନରେ ଲେଜର ସ୍କାନିଂ କରାଯାଇଛି। ବୈଠକ ସମ୍ପର୍କରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଡଃ ଡି.ବି. ଗଡ଼ନାୟକ ସୂଚନା ଦେଇ କହିଛନ୍ତି, ଦୁଇଦିନ ଧରି ହୋଇଥିବା ଲେଜର ସ୍କାନିଂ ସମ୍ପୂର୍ଣ୍ଣ ଶେଷ ହୋଇଛି। ଏହା ପରେ ରତ୍ନଭଣ୍ଡାରର ଲେଜର ସ୍କାନିଂକୁ ଡାଟା ପ୍ରୋସେସିଂ କରାଯାଇ ଡକ୍ୟୁମେଣ୍ଟେଶନ କରାଯିବ। ଡାଟାକୁ ଅନୁଧ୍ୟାନ କରିବା ପରେ ଯାହା ତଥ୍ୟ ଆସିବ ସେଗୁଡ଼ିକୁ ସମସ୍ତଙ୍କୁ ଅବଗତ କରାଯିବ। ଲେଜର ସ୍କାନିଂ ସମୁଦାୟ ୪୫ଟି ପଏଣ୍ଟରେ କରାଯାଇଛି। ଏହାଛଡ଼ା ଯୋଡ଼େଇ ବା ଜଏଣ୍ଟ ସ୍ଥାନର ମଧ୍ୟ ସ୍କାନିଂ କରାଯାଇଛି। ସମସ୍ତ ସ୍କାନିଂକୁ ବିସ୍ତୃତ

## ରତ୍ନଭଣ୍ଡାର ଲେଜର ସ୍କାନିଂ

### ଶ୍ରୀମନ୍ଦିର ପ୍ରଶାସକ-ଏଏସ୍ଆଇ ମଧ୍ୟରେ ଆଲୋଚନା



ଭାବରେ କରାଯାଇଛି। ପ୍ରପର ଡାଟା ଆସିଛି କି ନାହିଁ ସେ ନେଇ ଅନୁଧ୍ୟାନ କରାଯିବ। ଅନୁଧ୍ୟାନ ପରେ ଯେଉଁ ଡାଟା ଆସିବ ତାହାକୁ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯିବ। ରତ୍ନ ଭଣ୍ଡାରରେ ଫାଟ ଥିବା ପ୍ରଶ୍ନରେ ଗଡ଼ନାୟକ କହିଛନ୍ତି, ବର୍ତ୍ତମାନ ସ୍କାନିଂ କରାଯାଇଛି। ଡାଟାର ଅନୁଧ୍ୟାନ କରାଯାଇନି। ତେଣୁ ଫାଟ ଅଛି ବୋଲି କହିବା ଠିକ୍ ନୁହେଁ। ରିପୋର୍ଟ ଆସିବା ପରେ ତଥ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ। ଯଦି ଯେଉଁ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବ ତାହାର ମରାମତି ପାଇଁ ପଦକ୍ଷେପ ନିଆଯିବ। ସେହିପରି ଶ୍ରୀମନ୍ଦିର ଭିତରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିରର ମଧ୍ୟ ଖୁବଶୀଘ୍ର ଲେଜର ସ୍କାନିଂ କରାଯିବ। ଏହାଦ୍ୱାରା ପାର୍ଶ୍ୱ ଦେବଦେବୀ ମନ୍ଦିରର ସମ୍ପୂର୍ଣ୍ଣ ସ୍ଥିତି କିଭଳି ରହିଛି ତା'ର ତଥ୍ୟ ହାସଲ ହୋଇପାରିବ। କାର୍ଯ୍ୟ କରିବା ପାଇଁ ସହଜ ହେବ। ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ରାଜି ଅଛନ୍ତି ସ୍କାନିଂ କରିବା ପାଇଁ। ତେବେ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ କରାଯାଇଥିବାବେଳେ ଶ୍ରୀମନ୍ଦିର ପ୍ରଶାସନର ଅନୁମତି ମିଳିଲେ ଭିତର ରତ୍ନଭଣ୍ଡାରର ଲେଜର ସ୍କାନିଂ କରାଯିବ ବୋଲି ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡ଼ନାୟକ କହିଛନ୍ତି। ଅପରପକ୍ଷରେ ନାଟ ମଣ୍ଡପ ମରାମତି କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କାର୍ତ୍ତିକ ମାସ ଯୋଗୁ ପ୍ରବଳ ଭକ୍ତଙ୍କ ଗହଳି ପାଇଁ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଧିମା ଗତିରେ ଚାଲିଥିଲା। ତେଣୁ ଏହି କାର୍ଯ୍ୟକୁ ଦ୍ରୁତ ଗତିରେ କିଭଳି କରାଯିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ହୋଇଛି। ଯେପରି ନୀତିରେ କୌଣସି ସମସ୍ୟା ସୃଷ୍ଟି ନ ହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି ବୋଲି ଗଡ଼ନାୟକ କହିଛନ୍ତି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ରତ୍ନଭଣ୍ଡାର ଲେଜର ସ୍କାନିଂ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଏସ୍ଆଇ ଲେଜର ସ୍କାନିଂ କରିଛନ୍ତି, କିନ୍ତୁ ଡାଟାଗୁଡ଼ିକୁ ଆନାଲିସିସ୍ କରିନାହାନ୍ତି। ଆନାଲିସିସ୍ କଲାପରେ ପ୍ରଶାସନକୁ ତଥ୍ୟ ପ୍ରଦାନ କରିବେ। ତଥ୍ୟ ପ୍ରଦାନ କରିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ସେହିପରି ନାଟ ମଣ୍ଡପ ମରାମତି ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ସୃଷ୍ଟି ହୋଇଥିବା ଫାଟର ମରାମତି କାର୍ଯ୍ୟ ସହ ନାଟମଣ୍ଡପ ଛାତ, ଅନ୍ୟ ବିମ୍ ଏବଂ କଲମଗୁଡ଼ିକର ମଧ୍ୟ ସ୍ଥିତି ଅନୁଧ୍ୟାନ ପାଇଁ ଏଏସ୍ଆଇକୁ କୁହାଯାଇଛି। କାର୍ଯ୍ୟ କରିବା ପାଇଁ ଅଧିକ ସମୟ ଚାହୁଁଛନ୍ତି। ଦିନକୁ ୧୦ ରୁ ୧୨ଘଣ୍ଟା କାର୍ଯ୍ୟ କରିବାକୁ ପଡିବ। ତେଣୁ ଦର୍ଶନ ସମୟ, ଭୋଗ ସମୟକୁ ନିୟନ୍ତ୍ରଣ କରିବାକୁ ପଡ଼ିବ। ସେଥିପାଇଁ ସେବକମାନଙ୍କ ସହ ଆଲୋଚନା କରାଯାଇ ସମସ୍ତଙ୍କ ସହମତରେ କାର୍ଯ୍ୟ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଦାଶ କହିଛନ୍ତି।

**ଭିଜିଲାନ୍ସ ଜାଲରେ କୋଟିପତି ସହକାରୀ ଯନ୍ତ୍ରୀ**

# ଛାତ ଡେଇଁ ଖସୁଥିଲେ, ଧରାପଡ଼ିଲେ



ଭୁବନେଶ୍ୱର ଜାଗମରାସ୍ଥିତ ଘର



ସୁନିଲ କୁମାର ପାଢ଼ୀ

**ଭୁବନେଶ୍ୱର,୩୦।୧୧ (ସତ୍ୟଜିତ୍ ରାଉତ)**

ସରକାରୀ ଚାକିରିରେ ରହି ଦୁର୍ନୀତିରେ ଲିପ୍ତ ହୋଇ ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କଲେ। ଆଉ ଯେତେବେଳେ ଧରାପଡ଼ିଲେ ଭିଜିଲାନ୍ସ ହାତରୁ ଖସି ଯିବାକୁ ଉଦ୍ୟମ କରି ପଡ଼ୋଶୀ ଘର ଛାତ ଉପରକୁ ଡେଇଁଲେ। ହେଲେ କିଛି ଘଣ୍ଟା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଦ୍ୱାରା ଗୁରୁବାର ଧରାପଡ଼ିଥିବା ଏହି ସରକାରୀ ବାବୁ ଜଣକ ହେଉଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆର୍‌ଡବ୍ଲୁଏସ୍ଏସ୍) ଭୁବନେଶ୍ୱର ସର୍କଲର ସହକାରୀ ଯନ୍ତ୍ରୀ (ଏଇ) ସୁନୀଲ କୁମାର ପାଢ଼ୀ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଗୁରୁବାର ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ସୁନିଲଙ୍କ ଗଞ୍ଜାମ ଓ ଭୁବନେଶ୍ୱରର ୫ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କ ଗଞ୍ଜାମ ଜିଲା ଆସ୍କାସ୍ଥିତ ପୈତୃକ ଘର ଓ ଭଞ୍ଜନଗରସ୍ଥିତ ସମ୍ପର୍କୀୟଙ୍କ ଘର ଆଦି ସ୍ଥାନରେ ଚଢ଼ାଉ କରାଯାଇଛି। ସକାଳେ ଚଢ଼ାଉ ବେଳେ ସୁନୀଲ ତାଙ୍କ ଭୁବନେଶ୍ୱର ଜାଗମରାସ୍ଥିତ ଘର ଛାତ ଉପରୁ ପଡ଼ୋଶୀଙ୍କ ଘର ଛାତକୁ ଡେଇଁ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହୋଇଥିଲେ। ଭିଜିଲାନ୍ସ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁଯାୟୀ, ଜାଗମରାରେ ୧.୧୦ କୋଟି ଟଙ୍କାର ଏକ ୩ ମହଲା କୋଠା, ଆସ୍କାରେ ଗୋଟିଏ କୋଠା, ଆସ୍କା ବସ୍‌ଷ୍ଟାଣ୍ଡରେ ୯ ଦୋକାନ ଘର ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ଓ ବ୍ରହ୍ମପୁର ଟାଉନ ଅଞ୍ଚଳରେ ଥିବା ୫ ପ୍ଲଟ୍ ଠାବ ହୋଇଛି। ଏସବୁର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ୍ ଉଇଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିଭଳି ଯନ୍ତ୍ରୀଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୭ଲକ୍ଷ ଟଙ୍କା ମଧ୍ୟ ଠାବ ହୋଇଛି। ଏଥିସହିତ ସୁନୀଲ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ୨୪ଟି ବ୍ୟାଙ୍କ ଆକାଉଣ୍ଟର ଦସ୍ତାବିଜ୍‌କୁ ମଧ୍ୟ ଭିଜିଲାନ୍ସ ଟିମ୍ ଜବତ କରି ଅଧିକ ଯାଞ୍ଚ କରୁଛି। ଏଥିସହ ତାଙ୍କ ପାଖରୁ ନଗଦ ୪ ଲକ୍ଷ ୫ ହଜାର ୩୧୮ ଟଙ୍କା ଜବତ ହୋଇଛି। ସେହିପରି ୨୦.୫୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ୪ ବାଇକ୍ ଏବଂ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ଆଦି ଠାବ ହୋଇଛି। ତେବେ ଶୁକ୍ରବାର ଅଧିକ ପ୍ରମାଣ ଯୋଗାଡ଼ କରି ଭିଜିଲାନ୍ସ ପକ୍ଷରୁ ସୁନୀଲଙ୍କୁ ଗିରଫ କରାଯିବ ବୋଲି ସୂଚନା ମିଳିଛି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବାପାଙ୍କୁ ହୋଇଥିଲା ଜେଲ ଦଣ୍ଡାଦେଶ**

ଭିଜିଲାନ୍ସ ଜାଲରେ ପଡ଼ିଥିବା ସୁନୀଲ କୁମାର ପାଢ଼ୀଙ୍କ ବାପା ଜଗବନ୍ଧୁ ପାଢ଼ୀ ମଧ୍ୟ ଦୁର୍ନୀତିରେ ଛନ୍ଦି ହୋଇଥିଲେ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଦ୍ୱାରା ୨୦୦୯ ମେ' ୨୨ରେ ଜଗବନ୍ଧୁଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। କୋର୍ଟ ଜଗବନ୍ଧୁଙ୍କୁ ୭ ବର୍ଷ ଜେଲଦଣ୍ଡ ସହ ୧୦ ଲକ୍ଷ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରିଥିଲେ। ଜଗବନ୍ଧୁ ଆର୍ ଉଦୟଗିରିର ରେଞ୍ଜ ଅଫିସର ଥିବା ବେଳେ ୧୯୯୯ ମସିହାରେ ଏହି ମାମଲା ହୋଇଥିଲା।

# ନାଳ ବାଲି ଭିତରେ ୨ ନାବାଳକଙ୍କ ମୃତଦେହ

**ବଇଣ୍ଡା, ୩୦।୧୧ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବାଲିଆମ୍ବ ନିକଟସ୍ଥ ଦୁଇ ମୁହାଣ ନାଳ ବାଲିରେ ପୋତା ହୋଇଥିବା ଅବସ୍ଥାରେ ୨ ନାବାଳକଙ୍କ ମୃତଦେହ ଗୁରୁବାର ଗ୍ରାମବାସୀ ଉଦ୍ଧାର କରିଛନ୍ତି। ମୃତକ ବାଲିଆମ୍ବ ଗ୍ରାମର କାଳିଆ ବେହେରାଙ୍କ ପୁଅ ବାଦଲ ବେହେରା (୯) ଓ ଜୟନ୍ତ ପ୍ରଧାନଙ୍କ ପୁଅ ସୁରେନ୍ଦ୍ର ପ୍ରଧାନ (୯)। ୨ ନାବାଳକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ସନ୍ଧ୍ୟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ବାଦଲ ଓ ସୁରେନ୍ଦ୍ର ଗ୍ରାମରେ ଥିବା ସରକାରୀ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ପଢୁଥିଲେ। ସେମାନେ ଗୁରୁବାର ସକାଳୁ ନିଖୋଜ ଥିଲେ। ଅପରାହ୍ନରେ ଉକ୍ତ ନାଳରେ ଗାଧୋଉଥିବା କେତେଜଣ ଯୁବକ ୨ ନାବାଳକଙ୍କ ଗୋଡ ପାଣି ଭିତରେ ଦେଖାଯାଉଥିବା ଗ୍ରାମବାସୀଙ୍କୁ ଜଣାଇଥିଲେ। ପୋଲିସ ଏହାର ତଦନ୍ତ ଚଳାଇଛି।

**ASTHA School of Management**
(Approved by AICTE, Govt. of India & Affiliated to BPUT, Govt. of Odisha)
261, Panchamukhi Vihar, Atala, Balianta, Bhubaneswar- 752101,
E-mail: asthaschoolmgm@gmail.com, www.asthaeducation.in
ISO 9001 : 2015 NAAC Accredited
**MBA**
2 Years Full-Time
Approved Annual Intake 180
NAAC Accredited
- Best Academic Institution in 2023.
- Best College – Placement & Pedagogy, 2022.
- Best Management Institute – Pedagogy & Placement, 2021.
- Best Educational Institute, 2020.
- Eduquest Odisha Excellence Award for Excellent Campus Recruitment, 2018.
- Top 20 B-School in Eastern India, 2014 & 2016.
- Best B-School (East), 2015.
- Emergent B-School, 2013.

Recruiters:

DSPL-428

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା



**ବିଶ୍ୱ ଏଡ୍‌ସ ଦିବସ**
**ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

ପ୍ରତିବର୍ଷ ପରି ଚଳିତ ବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ଏଡ୍‌ସ ଦିବସ ଭାବେ ଆମେ ପାଳନ କରୁଛୁ। ବିଗତ ବର୍ଷଗୁଡ଼ିକର ସଫଳ ପ୍ରୟାସ ଏ ଦିଗରେ ଆଜି ଆମର ମନୋବଳ ବୃଦ୍ଧି କରୁଛି ଏବଂ ଆଗାମୀ ଦିନରେ ଆମର ପ୍ରୟାସକୁ ଆହୁରି ବ୍ୟାପକ କରିବା ପାଇଁ ଉତ୍ସାହ ଦେଉଛି।

ଏଚ.ଆଇ.ଭି.ର ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା, ଘୃଣା ଓ ଭେଦଭାବକୁ ଦୂର କରିବା ଏବଂ ସଂକ୍ରମିତ ଲୋକମାନଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବାର ଆବଶ୍ୟକତା ରହିଛି।

ଏହି ଅଭିଯାନରେ ବିଭିନ୍ନ ଗୋଷ୍ଠୀଙ୍କ ନେତୃତ୍ୱ, ସେମାନଙ୍କ ନୂତନ ଚିନ୍ତାଧାରା, ସଚେତନତାର ଅଭିନବ ଉଦ୍ୟମ ଆଗାମୀ ଦିନରେ ଏହି ମହାମାରୀର ନିରାକରଣରେ ନିଶ୍ଚୟ ଅଧିକରୁ ଅଧିକ ସହାୟକ ହେବ। ବୃହତ୍ତର ଓ ସଂଘବଦ୍ଧ ସଚେତନତାରେ ସଫଳତା ଆହୁରି ବ୍ୟାପକ ହେବ।

ଆଜି ବିଶ୍ୱ ଏଡ୍‌ସ ଦିବସ ଅବସରରେ ଓଡ଼ିଶାକୁ ଏକ ସୁସ୍ଥ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂକଳ୍ପବଦ୍ଧ ହେବା ପାଇଁ ମୁଁ ଆହ୍ୱାନ କରୁଛି।

(ନବୀନ ପଟ୍ଟନାୟକ)

**ଶ୍ରୀ ନିରଞ୍ଜନ ପୂଜାରୀ**
ମନ୍ତ୍ରୀ
ସଂସଦୀୟ ବ୍ୟାପାର
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା



**ବାର୍ତ୍ତା**

ଆଜି ବିଶ୍ୱ ଏଡ୍‌ସ ଦିବସ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ବିରୁଦ୍ଧରେ ଆମର ଲଢ଼େଇ ଆଜି ବହୁମାତ୍ରାରେ ଫଳବତୀ ହୋଇଥିବା ବେଳେ ରୋଗରୁ ମୁକ୍ତ ହେବାର ବିପୁଳ ସମ୍ଭାବନା ଆଡ଼କୁ ଆମେ ଅଗ୍ରସର ହେବା ଆରମ୍ଭ କରିସାରିଛେ। ତଥାପି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ସଂଘର୍ଷ ଜାରି ରହିଛି।

ଏହି ସଂକ୍ରମଣ ବିରୁଦ୍ଧ ଲଢ଼େଇରେ ବିଜୟ ଆମର ବୋଲି ଏବେ ଆମେ ସମ୍ପୂର୍ଣ୍ଣ ଆଶାବାଦୀ। ତେବେ ଏବେ ସଚେତନତା ଓ ସଂଗ୍ରାମରେ ଗୋଷ୍ଠୀ ବା ସଂଘର ଭାଗିଦାରି ଦ୍ୱାରା ଏହି ଯୁଦ୍ଧରେ ଆମେ ଜୟଲାଭ କରିପାରିବା।

**'ମୁଁ ରୁ ଆମେ'** କୁ ଆସି ଆମେ ପରିବ୍ୟାପ୍ତ ହେବା। ଜଣେ ସଚେତନ ନାଗରିକ ଭାବେ ନିଜର ରକ୍ତ ପରୀକ୍ଷା କରାଇ ନିଜର ସ୍ଥିତି ବିଷୟରେ ଜାଣିବା। ଆସନ୍ତୁ ଏହି ଲଢ଼େଇରେ ଯେଉଁମାନେ ଆଗ ଧାଡ଼ିରେ ଅଛନ୍ତି ସେମାନଙ୍କୁ ସମର୍ଥନ କରିବା ଏବଂ କେହି ଯେପରି ପଛରେ ରହି ନ ଯାଆନ୍ତି ସେଥିପ୍ରତି ଧ୍ୟାନ ଦେବା। ସମାଜକୁ ମହାମାରୀ ବିରୁଦ୍ଧରେ ଆହୁରି ସଂଗଠିତ କରିବାକୁ ସଂକଳ୍ପ ନେବା।

ଆମେ ସଂକଳ୍ପ ନେବା, ସଚେତନତାର ବାର୍ତ୍ତାବହ ହୋଇ ଆଗାମୀ ଦିନରେ ଏଡ୍‌ସ ମୁକ୍ତ ସ୍ୱପ୍ନକୁ ସାକାର କରିବା ଏବଂ ଏଡ୍‌ସ ମୁକ୍ତ ଆଗାମୀ ପିଢ଼ିର ସ୍ୱପ୍ନକୁ ସାକାର କରିବା।

(ନିରଞ୍ଜନ ପୂଜାରୀ)

OIPR-10009/13/0006/2324

DSPL-427

ODISHA INDIA'S BEST KEPT SECRET

**କୋଣାର୍କ ଉତ୍ସବ**
ମୁକ୍ତାକାଶ ରଙ୍ଗମଞ୍ଚ, କୋଣାର୍କ, ଓଡ଼ିଶା
୧ ରୁ ୫ ଡିସେମ୍ବର, ୨୦୨୩
ସନ୍ଧ୍ୟା ୬.୦୦ ରୁ ୮.୩୦ ଘଟିକା



**୧ ଡିସେମ୍ବର**
ଓଡ଼ିଶୀ
ସୁର୍ ମନ୍ଦିର
ଜ୍ୟୋସ୍ନାରାଣୀ ସାହୁ
ଏବଂ ନୃତ୍ୟବୃନ୍ଦ, କଟକ

ଭାରତନାଟ୍ୟମ୍
ଚିଥକଳା ସ୍କୁଲ ଅଫ୍ ଏକାଡେମୀ
ପ୍ରଭିନ୍ କୁମାର ଏବଂ ନୃତ୍ୟବୃନ୍ଦ
ବେଙ୍ଗାଲୁରୁ

**୨ ଡିସେମ୍ବର**
କୁଚିପୁଡ଼ି
କୁଚିପୁଡ଼ି ଡ୍ୟାନସ୍ ଏକାଡେମୀ
ଜୟ ରାମାରାଓ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

ଓଡ଼ିଶୀ
ଉତ୍ସବ ଏଜୁକେସନାଲ ଏଣ୍ଡ
କଲଚରାଲ ସୋସାଇଟି
ରଞ୍ଜନା ଗୌହର ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

**୩ ଡିସେମ୍ବର**
ଓଡ଼ିଶୀ
ଦେବଦାସୀ
ରୋଜାଲିନ୍ ମହାପାତ୍ର ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର

ସତ୍ରିୟ
କଳ୍ପବୃକ୍ଷ ଡ୍ୟାନ୍ସ ଏନ୍‌ସେମ୍ବଲ
ଅନ୍ୱେଷା ମହନ୍ତ ଏବଂ ନୃତ୍ୟବୃନ୍ଦ
ନୂଆଦିଲ୍ଲୀ

**୪ ଡିସେମ୍ବର**
ମୋହିନୀୟାଟ୍ଟମ
ଲାସ୍ୟ ଏକାଡେମୀ ଅଫ୍ ମୋହିନୀୟାଟ୍ଟମ
ପଲ୍ଲବୀ କ୍ରିଷ୍ଣନ୍ ଏବଂ ନୃତ୍ୟବୃନ୍ଦ
କେରଳ

ଓଡ଼ିଶୀ
କୈଶିକୀ ଡ୍ୟାନ୍ସ ଏକାଡେମୀ
ଦକ୍ଷା ମସ୍ରୁୱାଲା ଏବଂ ନୃତ୍ୟବୃନ୍ଦ
ମୁମ୍ବାଇ

**୫ ଡିସେମ୍ବର**
ଓଡ଼ିଶୀ
ଗୀତ ଗୋବିନ୍ଦ ଚାରିଟେବଲ୍ ଟ୍ରଷ୍ଟ
କୁମ୍‌କୁମ୍ ମହାନ୍ତି ଏବଂ ନୃତ୍ୟବୃନ୍ଦ
ଭୁବନେଶ୍ୱର

କଥକ
ପ୍ରେରଣା ସେଣ୍ଟର ଫର୍ ପରଫରମିଙ୍ଗ୍ ଆର୍ଟସ୍
ଲୁନା ପୋଦାର ଏବଂ ନୃତ୍ୟବୃନ୍ଦ
କୋଲକାତା



ସୁଦର୍ଶନ ପଟ୍ଟନାୟକ (ପଦ୍ମଶ୍ରୀ ପୁରସ୍କୃତ)
ବ୍ରାଣ୍ଡ ଆମ୍ବାସଡର, ଆନ୍ତର୍ଜାତିକ ବାଲୁକାଶିଳ୍ପୀ

ପରିଦର୍ଶନ କରନ୍ତୁ
**ଆନ୍ତର୍ଜାତୀୟ ବାଲୁକା କଳା ଉତ୍ସବ**
୧ ରୁ ୫ ଡିସେମ୍ବର, ୨୦୨୩
ଚନ୍ଦ୍ରଭାଗା ବେଳାଭୂମି, କୋଣାର୍କ, ଓଡ଼ିଶା

DD BHARATI
Live Telecast in DD Bharati and Live streaming in Odisha Tourism Social Media Pages

www.odishatourism.gov.in
info@odishatourism.gov.in
odishatourismofficial
odishatourismofficial
odisha_tourism

OIPR-37001/13/0034/2324

**ଜ୍ଞାନବାପି ସର୍ଭେ ରିପୋର୍ଟ: ଏଏସ୍‌ଆଇକୁ ଆଉ ୧୦ ଦିନ ସମୟ**

ଜ୍ଞାନବାପି ମସ୍‌ଜିଦ୍ କମ୍ପ୍ଲେକ୍ସର ବିସ୍ତୃତ ବିଜ୍ଞାନସମ୍ମତ ସର୍ଭେ ରିପୋର୍ଟ ଦାଖଲ କରିବା ଲାଗି ବାରାଣସୀ ଜିଲା କୋର୍ଟ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)କୁ ଗୁରୁବାର ଆଉ ୧୦ ଦିନ ସମୟ ପ୍ରଦାନ କରିଛନ୍ତି। ସମୟସୀମା ଆଉ ୩ ସପ୍ତାହ ବଢ଼ାଇବା ପାଇଁ ଏଏସ୍‌ଆଇ କରିଥିବା ଆବେଦନକୁ ବିଚାରକୁ ନେଇ ଜିଲା ଜଜ୍ ଏ.କେ. ବିଶ୍ୱେଷ ଉପରୋକ୍ତ ରାୟ ଦେଇଛନ୍ତି।

## ସଂକ୍ଷେପରେ

### ଝାଡ଼ଖଣ୍ଡ ରାସ୍ତାକୁ ସପ୍ତାହେ ଅବରୋଧ କଲେ ହାତୀ

**ଡାଲ୍‌ଟନ୍‌ଗଞ୍ଜ,୩୦।୧୧:** ଝାଡ଼ଖଣ୍ଡର ଦ୍ୱାରସେନି ଘାଟିରେ ପଲେ ହାତୀ ସପ୍ତାହେ ହେଲା ମେଳିକରି ରହିବାରୁ ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଦେଇ ଯାଇଥିବା ରାଜ୍ୟ ରାଜପଥ ୯ରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୬ଟି ହାତୀ, ୨ଟି ଦନ୍ତାହାତୀ ଏବଂ କେତେକ ମାଖନା ହାତୀ ସପ୍ତାହେ ହେଲା ବ୍ୟାଘ୍ର ସଂରକ୍ଷଣ ଦକ୍ଷିଣ ଡିଭିଜନର ବାରିସାନର ରେଞ୍ଜ ଅଧୀନ ରାଜପଥ ମଝିରେ ଛିଡ଼ାହୋଇ ରହିଛନ୍ତି। ସେମାନଙ୍କୁ ଘଉଡ଼ାଇବା ପାଲାମୁ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ପାଦରେ ଚାଲି ଯାଉଥିବା ଲୋକେ, ବାଇକ୍ ଆରୋହୀ ଓ ଅନ୍ୟମାନଙ୍କୁ ହାତୀ ଆକ୍ରମଣ କରିବା ଆଶଙ୍କା ରହିଛି। ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍‌ର କର୍ମଚାରୀ ମଙ୍ଗଳବାର ବାଣ ଫୁଟାଇ ସେମାନଙ୍କୁ ଘଉଡ଼ାଇଥିଲେ ମଧ୍ୟ ସେମାନେ ପୁଣି ଘାଟି ନିକଟକୁ ଚାଲିଆସିଥିଲେ।

### ପାର୍ଲାମେଣ୍ଟ ଅଧିବେଶନ ପାଇଁ ଶନିବାର ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ପାର୍ଲାମେଣ୍ଟର ଶୀତ ଅଧିବେଶନ ଡିସେମ୍ବର ୪ରୁ ଆରମ୍ଭ ହେବାକୁ ଥିବାବେଳେ କେନ୍ଦ୍ର ସରକାର ଶନିବାର ସର୍ବଦଳୀୟ ବୈଠକ ଡାକିଛନ୍ତି। ଲୋକ ସଭା ଏବଂ ରାଜ୍ୟ ସଭାର ସମସ୍ତ ରାଜନୈତିକ ଦଳର ନେତାଙ୍କୁ ବୈଠକକୁ ଡକାଯାଇଛି। ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନରେ ୧୫ଟି ସିଟିଂ ରହିବ। ଏଥିରେ ଉପନିବେଶ ସମୟର ଆପରାଧିକ ପରିବର୍ତ୍ତେ ୩ଟି ନୂଆ ବିଲ୍ ଉପରେ ବିଚାର କରାଯିବା ବିଶ୍ୱାସ କରାଯାଉଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଜୋଶୀ ବୈଠକର ଆୟୋଜନ କରୁଥିବାବେଳେ ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ପ୍ରମୁଖ ଯୋଗଦେବେ। ପାର୍ଲାମେଣ୍ଟରେ ମୋଟ ୩୭ ବିଲ୍ ବିଚାରାଧୀନ ରହିଥିବାବେଳେ ସେଥିରୁ ୧୨ଟିକୁ ବିଚାରକୁ ନିଆଯାଇ ଗୃହୀତ କରାଯିବାର ଯୋଜନା ରହିଛି। ୨୦୨୩-୨୪ ବର୍ଷ ଲାଗି ସରକାର ପ୍ରଥମ ପର୍ଯ୍ୟାୟ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିବା ଯୋଜନା ମଧ୍ୟ ରହିଛି।

### ୫ ରାଜ୍ୟରୁ ୧,୭୬୬ କୋଟି ଜବତ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ଡ୍ରଗ୍ସ, ମଦ ଓ ନଗଦ ଅର୍ଥ ନିଆଯାଉଥିବାବେଳେ ଏହାକୁ ରୋକିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧,୭୬୬ କୋଟି ଟଙ୍କାର ନଗଦ ଅର୍ଥ ଓ ନିଶାଦ୍ରବ୍ୟ ଜବତ ହୋଇଥିବା ନିର୍ବାଚନ କମିଶନ (ଇସି) କହିଛନ୍ତି। ସ୍ଥାନୀୟ ନିର୍ବାଚନ କଳର ସୂଚନା ଓ ଅଭିଯୋଗ ଆଧାରରେ ଇସି ବିଭିନ୍ନ ରାଜନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଥିଲା। ରବି ଋତୁରେ ତେଲଙ୍ଗାନାର ଚାଷୀମାନଙ୍କୁ ରାଇଥୁ ବନ୍ଧୁ ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦେବା ଲାଗି ଇସି ଦେଇଥିବା ଅନୁମତିକୁ ପରେ ପ୍ରତ୍ୟାହାର କରିନେଇଥିଲେ। ସେହିପରି ପ୍ରସ୍ତାବିତ ବିକଶିତ ଭାରତ ସଂକଳ୍ପ ଯାତ୍ରା ନ କରିବା ପାଇଁ ନିର୍ବାଚନ କର୍ତ୍ତୃପକ୍ଷ ସରକାରଙ୍କୁ କହିଥିଲେ। ବିରୋଧୀ ନେତାମାନଙ୍କୁ ଅଭିଯୋଗ ଆଧାରରେ ଇସି ପୂର୍ବତନ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବିଆର୍‌ଏସ୍ ମୁଖ୍ୟ ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କୁ ନୋଟିସ ଜାରି କରିଥିଲେ।

### ଏନ୍‌ଏମ୍‌ସି ନୂଆ ଲୋଗୋରେ ହିନ୍ଦୁ ଦେବୀଙ୍କ ଫଟୋ

**ନୂଆଦିଲ୍ଲୀ,୩୦।୧୧:** ଡାକ୍ତରୀ ଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି)ର ଏକ ନୂଆ ଲୋଗୋକୁ ନେଇ ବିବାଦ ଦେଖାଦେଇଛି। ଉକ୍ତ ଲୋଗୋରେ ଭାରତର ଜାତୀୟ ପ୍ରତୀକ ଅଶୋକସ୍ତମ୍ଭ ସ୍ଥାନରେ ହିନ୍ଦୁ ଦେବୀ ଧନ୍ୱନ୍ତରୀଙ୍କ ଫଟୋ ରହିଛି। ସଂସ୍ଥାର ନାଁ 'ନ୍ୟାଶନାଲ ମେଡିକାଲ କମିଶନ-ଇଣ୍ଡିଆ'ରୁ ଇଣ୍ଡିଆକୁ ବାଦ୍ ଦେଇ 'ଭାରତ' ଲେଖାଯାଇଛି। ଏହାକୁ ନେଇ ଡାକ୍ତର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ବେଳେ ସମ୍ବିଧାନରେ ଇଣ୍ଡିଆ ସ୍ଥାନରେ ଭାରତ ଶବ୍ଦ ବ୍ୟବହାର କରିବାକୁ ଭାଜପା ଯୋଜନା କରୁଥିବା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ନୂଆ ଲୋଗୋ ଏନ୍‌ଏମ୍‌ସିର ସରକାରୀ ୱେବ୍‌ସାଇଟ୍‌ରେ ବ୍ୟବହାର କରାଯାଇଛି।

# ଆଗକୁ ଅଧିକ ଦୁଷ୍ପରିଣାମ

## ଜଳବାୟୁ ପରିବର୍ତ୍ତନର ଭୟାବହତା ନେଇ ଚେତାଇଲା ଡବ୍ଲ୍ୟୁଏମ୍‌ଓ




**ଦୁବାଇ/ୱାଶିଂଟନ୍/ ନୂଆଦିଲ୍ଲୀ, ୩୦।୧୧**
**(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)**

୨୦୨୩କୁ ଅଦ୍ୟାବଧି ସବୁଠୁ ଉତ୍ତପ୍ତ ବର୍ଷ ରୂପେ ରେକର୍ଡ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରାକୁ ଦେଖିଲେ ଆଗକୁ ବନ୍ୟା, ବନାଗ୍ନି, ହିମବାହ ତରଳିବା ଓ ଅହେତୁକ ଉଷ୍ମତା ବୃଦ୍ଧି ଭଳି ଜଳବାୟୁ ପରିବର୍ତ୍ତନର ଅଧିକ ଦୁଷ୍ପରିଣାମ ଭୋଗିବାକୁ ପଡ଼ିପାରେ ବୋଲି ଗୁରୁବାର ଜାତିସଂଘ ୱେଦର ଏଜେନ୍ସି ସତର୍କ କରାଇଛି।

ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ମତରେ ପ୍ରାକ୍-ଶିଳ୍ପାୟନ ସମୟ ତୁଳନାରେ ଚଳିତବର୍ଷର ହାରାହାରି ତାପମାତ୍ରା ୧.୪ ଡିଗ୍ରୀ ସେଲ୍‌ସିୟସ୍ (୨.୫ ଡିଗ୍ରୀ ଫାରେନ୍‌ହିଟ୍) ବଢ଼ିଛି। ସଙ୍ଗଠନର ମହାସଚିବ ପେଟ୍ଟେରି ତାଲସ୍ କହିଛନ୍ତି, ଚଳିତବର୍ଷ ପ୍ରାରମ୍ଭରେ ଏଲ୍ ନିନୋ ଯୋଗୁ ପ୍ରଶାନ୍ତ ମହାସାଗର ଉପରେ ଜଳବାୟୁ ପରିବର୍ତ୍ତନର ଅତ୍ୟଧିକ ନକାରାତ୍ମକ ପ୍ରଭାବ ପଡ଼ିଥିଲା। ଏଥିଯୋଗୁ ଆସନ୍ତା ବର୍ଷ ତାପମାତ୍ରା ବୃଦ୍ଧି ୧.୫ ଡିଗ୍ରୀରୁ ଅଧିକ ରହିପାରେ। ତୈଳ ପ୍ରାଚୁର୍ଯ୍ୟ ରାଷ୍ଟ୍ର ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇସ୍ଥିତ ଏକ୍ସପୋ ସିଟିରେ ଗୁରୁବାର ଜାତିସଂଘର ବାର୍ଷିକ ଜଳବାୟୁ ସମ୍ମିଳନୀ କପ୍‌୨୮ ଆରମ୍ଭ ହେବା ଅବସରରେ ଡବ୍ଲ୍ୟୁଏମ୍‌ଓର ଚେତାବନୀକୁ ହାଲୁକା ଭାବେ ନେବା ଅନୁଚିତ ବୋଲି କୁହାଯାଉଛି।

### ଦୁବାଇରେ କପ୍‌୨୮ ଆରମ୍ଭ

୨୦୨୩ ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ବା କନ୍‌ଫରେନ୍ସ ଅଫ୍ ଦି ପାର୍ଟିଜ୍ ଅଫ୍ ଦି ୟୁଏନ୍‌ଏଫ୍‌ସିସିସି (କପ୍‌୨୮) ହେଉଛି ଏହି ଧରଣର ୨୮ତମ ସମ୍ମିଳନୀ, ଯାହାକି ଦୁବାଇର ଏକ୍ସପୋ ସିଟିରେ ନଭେମ୍ବର ୩୦ରୁ ଡିସେମ୍ବର ୧୨ ଯାଏ ଚାଲିବ। ୧୯୯୨ରେ ଜାତିସଂଘ ଜଳବାୟୁ ଚୁକ୍ତି ସମ୍ପାଦିତ ହେବା ପରେ ୧୯୯୫ରୁ ପ୍ରତିବର୍ଷ ଏହି ସମ୍ମିଳନୀ ଆୟୋଜିତ ହୋଇଆସୁଛି। ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ସୀମିତ ରଖି ଜଳବାୟୁ ପରିବର୍ତ୍ତନ ସହ ଜଡ଼ିତ ପ୍ରଭାବ ସହ ଖାପ ଖୁଆଇ ଚଳିବା ପାଇଁ ନୀତିଗୁଡ଼ିକ ଉପରେ ସରକାରମାନଙ୍କୁ ସହମତ କରିବା କପ୍ କନ୍‌ଫରେନ୍ସର ଉଦ୍ଦେଶ୍ୟ। ଚଳିତ ବର୍ଷ ୟୁଏଇ ହେଉଛି କପ୍‌୨୮ର ଆୟୋଜକ ରାଷ୍ଟ୍ର। କପ୍‌୨୮ର ପ୍ରେସିଡେଣ୍ଟ ହେଉଛନ୍ତି ସୁଲତାନ୍ ଅଲ୍ ଜାବେର, ଯିଏକି ଏଡିଏନ୍‌ଓସି ମୁଖ୍ୟ ଭାବେ ବାଷ୍ପ ଓ ତୈଳ ଉତ୍ପାଦନର ବିସ୍ତାର କରିଛନ୍ତି। ତାହା ପୁଣି ଜଳବାୟୁ ପରିବର୍ତ୍ତନ ମୁକାବିଲା ସକାଶେ ନିଆଯାଉଥିବା ପଦକ୍ଷେପ ଯୋଗୁ ଜୀବାଶ୍ମ ଇନ୍ଧନ ଶିଳ୍ପଗୁଡ଼ିକ ଚାପରେ ରହିଥିବା ସମୟରେ।



କପ୍‌୨୮ ପାଇଁ ସଜେଇ ହୋଇଛି ଦୁବାଇର ଏକ୍ସପୋ ସିଟି।

ବିଦେଶୀ ସରକାରମାନଙ୍କ ସହ ଅଏଲ୍ ଏବଂ ଗ୍ୟାସ୍ ଡିଲ୍ ପାଇଁ ବୁଝାଇବା ଲାଗି କପ୍‌୨୮କୁ ୟୁଏଇ ବ୍ୟବହାର କରିବାକୁ ଯୋଜନା କରିଥିବା ବିଷୟ କେତେକ ଦସ୍ତାବିଜରୁ ପ୍ରଘଟ ହୋଇଛି। ଉପରୋକ୍ତ ପୃଷ୍ଠଭୂମିରେ ସମ୍ମିଳନୀରେ ପ୍ରାୟ ୨୦୦ ଦେଶର ମୁଖ୍ୟ ଓ ପ୍ରତିନିଧିମାନେ ସାମିଲ ହୋଇଛନ୍ତି। ସେମାନେ ବିଶ୍ୱତାପନ ହ୍ରାସ ପାଇଁ ନିଜ ନିଜ ସରକାରମାନେ ନେଇଥିବା ପଦକ୍ଷେପ ଉପରେ ୨ ସପ୍ତାହ ଧରି ସମୀକ୍ଷା କରିବେ। ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱର ଗତି ସମ୍ପର୍କିତ ଏହି ପୁନଃ ମୂଲ୍ୟାଙ୍କନକୁ 'ଗ୍ଲୋବାଲ୍ ଷ୍ଟକ୍‌ଟେକ୍' କୁହାଯାଏ। ଷ୍ଟକ୍‌ଟେକ୍ ପରେ ସମ୍ମିଳନୀ ଶେଷରେ ଏକ ମିଳିତ ଯୋଜନାକୁ ନେଇ ସହମତ ହେବା କପ୍‌୨୮ର ସବୁଠୁ ବଡ଼ କାର୍ଯ୍ୟସୂଚୀ। ବିଶ୍ୱତାପନ ଉତ୍ସର୍ଜନକୁ ହ୍ରାସ କରିବା ଲାଗି ଆଗାମୀ କିଛି ବର୍ଷ ପାଇଁ ପ୍ରସ୍ତୁତ ଏହି ମଞ୍ଚରେ ଆସେସ୍‌ମେଣ୍ଟ ବେଳେ ରାଜନୈତିକ ମତଭେଦ ମଧ୍ୟ ଦେଖାଦେଇପାରେ।



କପ୍‌୨୮ରେ ଯୋଗଦେଇଥିବା ଜଣେ ପ୍ରତିନିଧି।

### ଗ୍ଲୋବାଲ୍ ଷ୍ଟକ୍‌ଟେକ୍‌ର ଗୁରୁତ୍ୱ

ବିଶ୍ୱତାପନକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍ (୨.୭ ଡିଗ୍ରୀ ଫାରେନ୍‌ହିଟ୍) ଭିତରେ ସୀମିତ ରଖିବାକୁ ୨୦୧୫ ପ୍ୟାରିସ୍ ଚୁକ୍ତିରେ ସହମତି ପ୍ରକାଶ ପାଇଥିଲା। ଉକ୍ତ ରାଜିନାମା ଅନୁସାରେ ଲକ୍ଷ୍ୟ ଓ ନୀତିଗୁଡ଼ିକ ପାଇଁ ପ୍ରତ୍ୟେକ ଦେଶ ନିଜ ଟାର୍ଗେଟ ଧାର୍ଯ୍ୟ କରିଥାଆନ୍ତି। ୨୦୧୫ ସୁଦ୍ଧା ଏହି ଲକ୍ଷ୍ୟ ପୂରଣ ପାଇଁ ଉତ୍ସର୍ଜନ ହ୍ରାସ ଦିଗରେ ଚଳିତବର୍ଷର ଷ୍ଟକ୍‌ଟେକ୍ ରାଷ୍ଟ୍ରଗୁଡ଼ିକ ପାଇଁ ନୂଆ ମାର୍ଗଦର୍ଶିକା ହୋଇପାରେ। ଉଦାହରଣ ସ୍ୱରୂପ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ କେବଳ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ନେଇ ନୁହେଁ, ବରଂ ଦେଶର ସମଗ୍ର ଅର୍ଥନୀତି ଉପରେ ପର୍ଯ୍ୟବସିତ ହେବା ଉଚିତ। କାରଣ ପ୍ୟାରିସ ଚୁକ୍ତି ପରଠୁ ଅଙ୍ଗାରକାମ୍ଳ ହ୍ରାସ ଲକ୍ଷ୍ୟ ରଖିଥିବା ଦେଶଗୁଡ଼ିକର ସଂଖ୍ୟା ବଢ଼ିଥିଲେ ହେଁ ପୃଥିବୀର ତାପମାତ୍ରାକୁ ଅନ୍ୟୂନ ୨.୫ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ବଢ଼ାଇବା ଭଳି ଉତ୍ସର୍ଜନ ବର୍ତ୍ତମାନ ହେଉଥିବା ଜାତିସଂଘ ଆକଳନ କରିଛି।

ଗତ ସେପ୍ଟେମ୍ବରରେ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଦେଶଗୁଡ଼ିକୁ ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳ ଉତ୍ସର୍ଜନକାରୀ କୋଇଲା ଶକ୍ତିକୁ ୮୨% ପର୍ଯ୍ୟନ୍ତ ହ୍ରାସ ପାଇଁ ପରାମର୍ଶ ଦିଆଯାଇଛି, ଯାହାକି ୨୦୧୯ରେ ୬୭% ରହିଥିଲା। ଏଥିସହ ଗରିବ ଦେଶଗୁଡ଼ିକୁ ଅଧିକ ଆର୍ଥିକ ସହାୟତା ପ୍ରଦାନ ପାଇଁ ସ୍ୱଚ୍ଛ ଶକ୍ତି ଆପଣାଇବାକୁ ମଧ୍ୟ ଏଥିରେ ଆହ୍ୱାନ ଦିଆଯାଇଥିଲା। କାରଣ ଦେଶ ନିଜ ଅର୍ଥନୀତିକୁ ୨୦୩୦ ଓ ୨୦୫୦ ପାଇଁ ଆଗେଇ ନେବା ଲାଗି ପର୍ଯ୍ୟାପ୍ତ ସ୍ୱଳ୍ପକାଳୀନ ନୀତି ଏଯାଏ ଆପଣାଇ ନାହାନ୍ତି।

### ପରିବେଶ ଅନୁକୂଳ ନୀତିକୁ ଭାରତର ଗୁରୁତ୍ୱ

କପ୍‌୨୮ରେ ଲସ୍ ଆଣ୍ଡ୍ ଡେମେଜ୍ ଫଣ୍ଡ (ଏଲ୍‌ଡିଏଫ୍), କ୍ଲାଇମେଟ୍ ଫାଇନାନ୍ସ ଓ ଉତ୍ସର୍ଜନ ହ୍ରାସ ଦିଗର ଜାତୀୟସ୍ତରରେ ରଖାଯାଇଥିବା ଲକ୍ଷ୍ୟ ଉପରେ ଆଲୋଚନା ପାଇଁ ଭାରତ ଗୁରୁତ୍ୱ ଦେବ ବୋଲି ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି। କପ୍‌୨୮ର ଉଦ୍‌ଘାଟନୀ ସମାରୋହରେ ଇଣ୍ଡିଆନ୍ ପାଭିଲିଅନ୍‌ରେ ଭୂପେନ୍ଦ୍ର ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ସବୁ ରାଷ୍ଟ୍ର ଆଗେଇ ଆସିବା ଉଚିତ ବୋଲି ଆହ୍ୱାନ ଦେଇଛନ୍ତି। ଏଥିସହ ପରିବେଶ ଅନୁକୂଳ ନୀତିଗୁଡ଼ିକ ଉପରେ ଭାରତର ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି।

## ଆଖି ଅସ୍ତ୍ରୋପଚାର ପାଇଁ ହାଇଦ୍ରାବାଦ ଯିବେ ୱାରାୱାରା ରାଓ

**ଅନୁମତି ଦେଲେ ଏନ୍‌ଆଇଏ କୋର୍ଟ**



**ମୁମ୍ବାଇ,୩୦।୧୧**

ଭୀମା କୋରୋଗାଁଓ ମାମଲାରେ ସାମାଜିକ କର୍ମୀ ୱାରାୱାରା ରାଓଙ୍କୁ ଆଖି ଅସ୍ତ୍ରୋପଚାର ଲାଗି ହାଇଦ୍ରାବାଦ ଯିବା ପାଇଁ ମୁମ୍ବାଇର ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ବାମ ଆଖି ଅସ୍ତ୍ରାପଚାର ଲାଗି ୱାରାୱାରା ଡିସେମ୍ବର ୫ରୁ ୧୧ ତାରିଖ ମଧ୍ୟରେ ତେଲଙ୍ଗାନା ରାଜଧାନୀ ଗସ୍ତ କରିବାକୁ ଜଷ୍ଟିସ୍ ରାଜେଶ କାଟାରିୟାଙ୍କ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି। ଏଥିପାଇଁ ତାଙ୍କୁ ଡିସେମ୍ବର ୪ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ରେ ରିପୋର୍ଟ କରିବା ସହ ଗସ୍ତ ସମ୍ପର୍କିତ ସବିଶେଷ ତଥ୍ୟ, ଠିକଣା, ରହିବାକୁ ଥିବା ସ୍ଥାନର ଯୋଗାଯୋଗ ନମ୍ବର ଦାଖଲ କରିବାକୁ କୋର୍ଟ କହିଛନ୍ତି। ଆକ୍ଟିଭିଷ୍ଟଙ୍କୁ ମିଳିବାକୁ ଥିବା ସ୍ୱାଧୀନତାର ସେ ଅପବ୍ୟବହାର କରିପାରିବେ ନାହିଁ ବୋଲି ବିଚାରପତି ସତର୍କ କରିଦେଇଛନ୍ତି। ୨୦୧୮ ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପୃକ୍ତ ମାମଲାରେ ୱାରାୱାରାଙ୍କୁ ଗିରଫ କରାଯାଇଥିବାବେଳେ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନେଇ ବମ୍ବେ ହାଇକୋର୍ଟ ତାଙ୍କୁ ୨୦୨୧ ମାର୍ଚ୍ଚରେ ସାମୟିକ ଜାମିନ ପ୍ରଦାନ କରିଥିଲେ। ୨୦୨୨ ଅଗଷ୍ଟରେ ସୁପ୍ରିମକୋର୍ଟରୁ ତାଙ୍କୁ ନିୟମିତ ଜାମିନ ମିଳିଥିଲା।



ବିଶ୍ୱ ଏଡ୍‌ସ ଦିବସ ଅବ୍ୟବହିତ ପୂର୍ବରୁ ରାଜସ୍ଥାନର ବିକାନେରରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବାହାରିଥିବା ଏନ୍‌ସିସି କ୍ୟାଡେଟ୍ସ।

**ପନ୍ନୁନ୍‌ଙ୍କ ହତ୍ୟା ଷଡ଼ଯନ୍ତ୍ର**

## ଭାରତୀୟଙ୍କ ସମ୍ପୃକ୍ତି ଅଭିଯୋଗ ଚିନ୍ତାଜନକ: ନୂଆଦିଲ୍ଲୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଆମେରିକା ମାଟିରେ ଶିଖ୍ ଉଗ୍ରପନ୍ଥୀ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍‌ଙ୍କୁ ହତ୍ୟା ଷଡ଼ଯନ୍ତ୍ରରେ ଭାରତୀୟ ନାଗରିକ ସମ୍ପୃକ୍ତ ଥିବା ଯୁକ୍ତରାଷ୍ଟ୍ର ଅଭିଯୋଗ କରିଥିବାରୁ ଏହା ଚିନ୍ତାଜନକ ବୋଲି ଗୁରୁବାର ନୂଆଦିଲ୍ଲୀ କହିଛନ୍ତି। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ମାମଲାର ସବୁ ଦିଗକୁ ଅନୁଧ୍ୟାନ କରିବ। ପନ୍ନୁନଙ୍କୁ ହତ୍ୟା ପାଇଁ ଉଦ୍ୟମ ବିଫଳ ହୋଇଥିଲା। ଏଥିରେ ନିଖିଲ ଗୁପ୍ତା ନାମକ ଭାରତୀୟ ସମ୍ପୃକ୍ତ ଥିବା ବୁଧବାର ଆମେରିକା ଫେଡେରାଲ ପ୍ରସିକ୍ୟୁଶନ ଅଭିଯୋଗ ଆଣିଥିଲା। ନିଖିଲ ଭାରତ ସରକାରଙ୍କ ଜଣେ କର୍ମଚାରୀ। ଚେକ୍ ରିପବ୍ଲିକ୍ କର୍ତ୍ତୃପକ୍ଷ ନିଖିଲଙ୍କୁ ଗିରଫ କରିଥିବା ଆମେରିକାର ପ୍ରସିକ୍ୟୁଟର ମାନ୍‌ହାଟନ କୋର୍ଟଙ୍କୁ ଜଣାଇଥିଲେ। ଉକ୍ତ ଅଦାଲତରେ ନିଖିଲଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ଉଚ୍ଚ ପଦବୀରେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଲାଗି ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଯଥେଷ୍ଟ ନୁହେଁ

**ବେଙ୍ଗାଲୁରୁ,୩୦।୧୧(ପି.ଟି.)**

**କର୍ଣ୍ଣାଟକ ହାଇକୋର୍ଟଙ୍କ ମତ**



ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ଥାଇ ବଦଳି ନିର୍ଦ୍ଦେଶ ଆଇନସଙ୍ଗତ ନୁହେଁ ବୋଲି କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ଉଚ୍ଚତର ପଦବୀରେ ଜଣେ ନିମ୍ନ କ୍ୟାଡର ଅଫିସରଙ୍କୁ ନିଯୁକ୍ତି ଦେବାର କୌଣସି କାରଣ ଏପର୍ଯ୍ୟନ୍ତ ରେକର୍ଡ ହୋଇ ନ ଥିବା ଜଣାପଡ଼ିଛି। ଅର୍ଡରରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ରହିଥିଲେ ମଧ୍ୟ ଏଥିରେ ଉପଯୁକ୍ତ କାରଣ ଦର୍ଶାଯାଇ ନ ଥିବାରୁ ଏହାକୁ ଆଇନସଙ୍ଗତ କୁହାଯାଇପାରିବ ନାହିଁ। ଉଚ୍ଚତର ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତାସମ୍ପନ୍ନ ପ୍ରାର୍ଥୀଙ୍କ ଅଭାବ ଥିବାରୁ ନିମ୍ନ କ୍ୟାଡରଙ୍କୁ ପୋଷ୍ଟିଂ କରାଗଲା ବୋଲି କାରଣ ଦର୍ଶାଯାଇ ନ ଥିବା ଜଷ୍ଟିସ୍ କେ. ସୋମଶେଖର ଏବଂ ରାଜେଶ ରାୟ କେ'ଙ୍କ ଖଣ୍ଡପୀଠ କହିଛନ୍ତି। କର୍ଣ୍ଣାଟକ ରାଜ୍ୟ ପ୍ରଶାସନିକ ଟ୍ରିବ୍ୟୁନାଲର ଗତ ଅଗଷ୍ଟ ୨ ତାରିଖର ବଦଳି ସମ୍ପର୍କିତ ଏକ ରାୟକୁ ଚ୍ୟାଲେଞ୍ଜ କରି କର୍ଣ୍ଣାଟକ ପ୍ରଶାସନିକ ସେବାର ଅଧିକାରୀ ଡ. ପ୍ରଜ୍ଞା ଆମେମ୍ବାଲା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ୨.୨୩ ଲକ୍ଷ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**



ପ୍ରତିରକ୍ଷା ବିଭାଗ ପାଇଁ ୨.୨୩ ଲକ୍ଷ କୋଟି ଟଙ୍କାର ଅସ୍ତ୍ର କ୍ରୟ ପ୍ରକଳ୍ପକୁ କେନ୍ଦ୍ର ସରକାର ଗୁରୁବାର ପ୍ରାଥମିକ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ଅର୍ଥରେ ୯୭ଟି ତେଜସ୍ ହାଲୁକା ଲଢ଼ୁଆ ବିମାନ, ୧୫୬ଟି ପ୍ରଚଣ୍ଡ ଲଢ଼ୁଆ ହେଲିକପ୍ଟର ସମେତ ଅନ୍ୟାନ୍ୟ ସରଞ୍ଜାମ କ୍ରୟ କରାଯିବ। ଏହା ବ୍ୟତୀତ ଭାରତୀୟ ବାୟୁସେନାର ସୁଖୋଇ-୩୦ ଯୁଦ୍ଧବିମାନଗୁଡ଼ିକର ଉନ୍ନତୀକରଣ ରାଷ୍ଟ୍ରାୟତ୍ତ ଏରୋସ୍ପେସ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ଏଚ୍‌ଏଏଲ୍) ଦ୍ୱାରା କରାଯିବା ସହ ଦୁଇ ପ୍ରକାର ଟ୍ୟାଙ୍କ ବିଧ୍ୱଂସୀ ଅସ୍ତ୍ର କ୍ରୟକୁ ଅନୁମୋଦନ କରାଯାଇଛି। ସେହିପରି ଟି-୯୦ ଟ୍ୟାଙ୍କ ପାଇଁ ଅଟୋମେଟିକ୍ ଟାର୍ଗେଟ ଟ୍ରାକର (ଏଟିଟି) ଏବଂ ଡିଜିଟାଲ ବାସାଲ୍ଟିକ୍ କମ୍ପ୍ୟୁଟର କିଣାଯିବା ସହ ନୌସେନା ପାଇଁ ମଧ୍ୟମ ରେଞ୍ଜର ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର (ଏମ୍‌ଆର୍‌ଏସ୍‌ଏଚ୍‌ଏମ୍) କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ସଶସ୍ତ୍ର ବଳର ଆକ୍ରମଣ ସାମର୍ଥ୍ୟକୁ ଉଲ୍ଲେଖନୀୟ ଭାବେ ବଢ଼ାଇବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ୩ ବର୍ଷ ହେଲା ଚାଇନା ସହ ବିଭିନ୍ନ ସ୍ଥାନରେ ଭାରତୀୟ ସେନାର ମୁହାଁମୁହିଁ ସ୍ଥିତି ଲାଗିରହିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଉପରୋକ୍ତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୋଟ ୨.୨୩ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା ଅଧିଗ୍ରହଣର ୯୮ ପ୍ରତିଶତ ଘରୋଇ ଶିଳ୍ପରୁ କିଣାଯିବାକୁ ଥିବାରୁ ଏହାର ପ୍ରତିରକ୍ଷା ଶିଳ୍ପରେ ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣରେ ସଫଳ ହୋଇପାରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ୩୫ଜଣଙ୍କୁ ନିଯୁକ୍ତି ଦେଇଛନ୍ତି କିରଣ

ରାୟଗଡ଼ା, (ଭାଗ୍ୟଶ୍ରୀ ମିଶ୍ର)


କେ. କିରଣ

ଆଜିର ଯୁବପିଢ଼ି ଉଚ୍ଚଶିକ୍ଷା ପରେ ଚାକିରି ପାଇଁ ଦେଶ ଛାଡ଼ି ବିଦେଶ ଚାଲିଯାଉଛନ୍ତି। ଏହାଦ୍ୱାରା ଦେଶର ଭବିଷ୍ୟତ ଓ ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। କିନ୍ତୁ ଯୁବପିଢ଼ିଙ୍କୁ ଷ୍ଟାର୍ଟଅପ୍ ଆଡ଼କୁ ପ୍ରୋତ୍ସାହିତ କରିବାକୁ ରାୟଗଡ଼ାର ସଫଳ ଉଦ୍ୟୋଗୀ କେ. କିରଣ କୁମାର ବ୍ୟବସାୟ ଆରମ୍ଭ କରିଛନ୍ତି। ସାଇପ୍ରିୟା ନଗରର ବି.ଟେକ୍ ଯୁବକ କିରଣ ଚାକିରି ପଛରେ ନ ଗୋଡ଼ାଇ ଅନ୍ୟକୁ ନିଯୁକ୍ତି ଦେବାରେ ଆନନ୍ଦ ପାଇଥାନ୍ତି ବୋଲି କହିଛନ୍ତି। ଇକୋ ଫ୍ରେଣ୍ଡଲି ୟୁପିଭିସି ଝରକା, କବାଟ ଉତ୍ପାଦନକରି ସେ କେବଳ ନିଜେ ଆତ୍ମନିର୍ଭର ହୋଇନାହାନ୍ତି ବରଂ ନିଜ ଅଧୀନରେ ୩୫ ଜଣଙ୍କୁ ନିଯୁକ୍ତି ଦେଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କେ. କିରଣ ଜଣେ ମେଧାବୀ ଛାତ୍ର । ତାଙ୍କ ବାଲ୍ୟକାଳ ସଂଘର୍ଷରେ କଟିଥିଲା। କୋରାପୁଟରେ ତାଙ୍କ ପରିବାର ରୁହନ୍ତି। ଘରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ କିରଣ ତାଙ୍କ ଦାଦାଙ୍କ ଘରେ ରାୟଗଡ଼ାରେ ରହି ପଢ଼ିଛନ୍ତି। ରାୟଗଡା ଆଇଏସିଆର କଲେଜରେ ଇଲେକ୍ଟ୍ରିକାଲରେ ବି.ଟେକ କରିଛନ୍ତି। ପାଠପଢ଼ା ପରେ ହାଇଦ୍ରାବାଦରୁ ତାଙ୍କୁ ଚାକିରି ପାଇଁ ଅଫର ଆସିଥିଲା। ହେଲେ ସେ ଚାକିରି ନ କରି ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟକୁ କିପରି ସ୍ୱାବଲମ୍ବୀ କରିପାରିବେ ଚିନ୍ତା କରିଥିଲେ । କିରଣଙ୍କର ପାରମ୍ପରିକ କାଠ କାମ ଥିଲା। ସେହି ପାରମ୍ପରିକ କାର୍ଯ୍ୟକୁ ଅପ୍‌ଗ୍ରେଡ୍ କରି ନୂତନ ଭାବେ ବ୍ୟବସାୟ କରିବାକୁ ମନସ୍ଥ କରିଥିଲେ। ମଣିଷର ମୌଳିକ ଆବଶ୍ୟକତା ବାସଗୃହ ନିର୍ମାଣ ଲାଗି କବାଟ, ଝରକା ନିର୍ମାଣ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଯାହା ପରିବେଶ ପାଇଁ

## ସଂଘର୍ଷରୁ ସଫଳ ଉଦ୍ୟୋଗୀ

ଶୁଭଙ୍କର ନୁହେଁ। ତେଣୁ କାଠର ବିକଳ୍ପ ୟୁପିଭିସିକୁ ସେ କବାଟ, ଝରକା ନିର୍ମାଣ ପାଇଁ ବାଛିଥିଲେ। ଯାହା ପ୍ଲାଷ୍ଟିକ ଫ୍ରି ଏବଂ ଇକୋ ଫ୍ରେଣ୍ଡଲି ବୋଲି ସେ କହିଛନ୍ତି। ମହାମାରୀ କରୋନା ସମୟରେ ସମସ୍ତଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଇଥିବାବେଳେ ସେ ରାୟଗଡ଼ା ଶିଳ୍ପ କେନ୍ଦ୍ରକୁ ଯୋଗାଯୋଗ କରି ନିଜର ବ୍ୟବସାୟ ଯୋଜନା ବିଷୟରେ କହିଥିଲେ। ଶିଳ୍ପକେନ୍ଦ୍ର ପକ୍ଷରୁ ତାଙ୍କୁ ୨୫ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ୨୦୨୧ରେ ସେ ମା' ମାଝୀ ଗୌରୀ ଫର୍ନିଚର ୟୁନିଟ୍ ସ୍ଥାପନ କରିଥିଲେ। ଏଠାରେ ଘରର ମୁଖ୍ୟ କବାଟ, ଝରକା, ମଶାଜାଲି, ଝରକା ଫ୍ରେମ୍, ବାଥ୍‌ରୁମ୍ ଡୋର, ସ୍ଲାଇଡିଂ ଡୋର, ଫିକ୍ସଡ୍ ଝରକା, ସେପାରେସନ, ଗ୍ଲାସ୍, ଡେକ ରେଟ୍ ଆଦି ପାଇଁ ବ୍ୟବହୃତ ୟୁପିଭିସି ଉତ୍ପାଦନ କରାଗଲା। ହାଇଦ୍ରାବାଦରୁ ଆଇରନ, ଭୁବନେଶ୍ୱରରୁ ହାର୍ଡୱେର ଏବଂ ବିଶାଖାପାଟଣାରୁ ଗ୍ଲାସ୍ ଆଣି ରାୟଗଡ଼ାରେ ଉତ୍ପାଦନ କରାଯାଉଛି। ଏହା ଇକୋ ଫ୍ରେଣ୍ଡଲି ହୋଇଥିବାରୁ ରାଜ୍ୟ ଏବଂ କେନ୍ଦ୍ର ସରକାର ସ୍ୱୀକୃତି ଦେଇଥିବା କିରଣ କହିଛନ୍ତି । ଉତ୍ପାଦନ ସାମଗ୍ରୀ ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ଆନ୍ଧ୍ରପ୍ରଦେଶର ବିଜୟନଗରମ ଏବଂ ପାର୍ବତୀପୁର ଯାଇଥାଏ। ୭ ଜଣ କର୍ମଚାରୀଙ୍କୁ ନେଇ କିରଣ ବ୍ୟବସାୟ ଆରମ୍ଭ କରିଥିବା ବେଳେ ଏବେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ନିଯୁକ୍ତି ଦେଇଛନ୍ତି। ୨୫ ଲକ୍ଷରୁ ଆରମ୍ଭ କରିଥିବା ବ୍ୟବସାୟ ଏବେ ଟର୍ନଓଭର ୩ କୋଟିରୁ ଊର୍ଦ୍ଧ୍ୱରେ ପହଞ୍ଚିଥିବା କିରଣ କହିଛନ୍ତି। ପ୍ରତ୍ୟେକ ଯୁବକ ନିଜ ଇଚ୍ଛାଶକ୍ତି ଓ ଦୃଢ଼ ମନୋବଳ ଦ୍ୱାରା ଆବଶ୍ୟକ ସୁଯୋଗର ଅପେକ୍ଷା ନ କରି ସୁଯୋଗକୁ ନିଜେ ସୃଷ୍ଟି କରିବା ଦରକାର ବୋଲି କିରଣ କହିଛନ୍ତି। ଆଗକୁ ସରକାରୀସ୍ତରରେ ଅଧିକ ସହଯୋଗ ମିଳିଲେ ବ୍ୟବସାୟ ଆହୁରି ଆଗକୁ ବଢ଼ାଇବେ ବୋଲି ସେ କହଛନ୍ତି।

# 'ଓଡ଼ିଶାର ସବୁଜିମା ବିମୋହିତ କରିଛି'

## ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି ନେଦରଲାଣ୍ଡ ଦମ୍ପତି

ଢେଙ୍କାନାଳ,୩୦।୧୧
(ରତନ ନାୟାର)



ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗ୍‌ର ଦମ୍ପତି ସାଇମନ ଆଣ୍ଡରସନ୍(୭୦) ଓ ଏକ୍‌ଜାନିଆ ହେନେରୀ(୬୦) ବାଇକ୍‌ରେ ଭାରତ ଭ୍ରମଣ କରୁଛନ୍ତି। ଏହି ଅବସରରେ ଦୁହେଁ ଗୁରୁବାର ଢେଙ୍କାନାଳ ସହରରେ ପହଞ୍ଚି ବୋରାପଦାସ୍ଥିତ ଗଜଲକ୍ଷ୍ମୀ ପ୍ୟାଲେସରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୨ ହଜାର କିଲୋମିଟର ଅତିକ୍ରମ କରିଥିବା ଏହି ଦମ୍ପତି ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲିବା ସହ ସବୁଜିମାମୟ ପରିବେଶ ଦେଖି ବିମୋହିତ ହୋଇଥିବା ପ୍ରକାଶ କରିଛନ୍ତି।

ସାଇମନ ଓ ଏକ୍‌ଜାନିଆ କହିଛନ୍ତି, ଭାରତକୁ ବେଶ୍ ଭଲ ପାଉ। ସେଥିପାଇଁ ବାଇକ୍‌ରେ ଏହି ଦେଶ ପରିଭ୍ରମଣ କରିବା ବହୁତ ଆନନ୍ଦ ଦେଉଛି । ଓଡ଼ିଶାର ଶିମିଳିପାଳ, ମନ୍ଦରମାଣି ଓ ଢେଙ୍କାନାଳର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରିଛୁ। ଏହାର ସବୁଜିମା, ଘନଜଙ୍ଗଲ ଓ ପାହାଡ଼ ପ୍ରକୃତିର ବରଦାନ। ସହରର କୋଳାହଳ ଠାରୁ ଗ୍ରାମାଞ୍ଚଳ ଓ ଏହାର ସବୁଜ ପରିବେଶ ବହୁତ ଭଲ। ପଞ୍ଜାବ ଓ ହରିୟାଣାର ଲୋକମାନେ ନୂଆ ଲୋକଙ୍କୁ ଦେଖିଲେ ତାଙ୍କ ବିଷୟରେ ଜାଣିବାକୁ ଚାହାନ୍ତି। ସେଲଫି ନେବାକୁ ପସନ୍ଦ କରନ୍ତି। କିନ୍ତୁ ଓଡ଼ିଶାର ଲୋକମାନେ ନିଜ କାମକୁ ଅଧିକ ପସନ୍ଦ କରନ୍ତି । ୨୦ବର୍ଷ ତଳେ ଦେଖିଥିବା ଭାରତ ଓ ଆଜିର ଭାରତ ବହୁତ ଭିନ୍ନ। ଆଜିର ଯୁବପିଢି ପ୍ରତିଯୋଗିତାମୂଳକ ଯୁଗରେ ନିଜକୁ ସାମିଲ କରିଛନ୍ତି। ବର୍ତ୍ତମାନ ସେମାନେ ନିଜର ପରିଚୟ ନିଜେ ସୃଷ୍ଟି କରିବାକୁ ଲାଗି ପଡିଛନ୍ତି। ଢେଙ୍କାନାଳର ବରା, ପୁରି, ଦହି, ପରଟା, ଭାଜି ଓ ସିଙ୍ଗଡା ଖାଇବାକୁ ବହୁତ ଭଲ ଲାଗୁଛି। କଲେଜ ବାଇପାସ ଛକରେ ଜଣେ ମହିଳା ଚା' ଦୋକାନ କରିଥିବା ଦେଖି ଖୁସି ଲାଗିଲା। ସେଠାରେ ଚା' ପିଇଲୁ। ଢେଙ୍କାନାଳ ଜଙ୍ଗଲରେ ହାତୀ, ବଡ଼ ସାପ ଦେଖିଲୁ ବୋଲି ନେଦରଲାଣ୍ଡ ଆର୍ମଷ୍ଟ୍ରଙ୍ଗ୍‌ର ଦମ୍ପତି ପ୍ରକାଶ କରିଛନ୍ତି। ଗଜଲକ୍ଷ୍ମୀ ପ୍ୟାଲେସର ସ୍ୱତ୍ୱାଧିକାରୀ ଜିତେନ୍ଦ୍ର ପ୍ରସାଦ ସିଂହଦେଓ କହିଛନ୍ତି, ଏହି ବିଦେଶୀ ଦମ୍ପତି ୧୯୭୦ ମସିହାରେ ପ୍ରଥମେ ଭାରତ ଆସିଥିଲେ। ବର୍ତ୍ତମାନ ସେମାନେ ବାଇକ୍‌ରେ ଭାରତ ପରିଭ୍ରମଣ କରୁଛନ୍ତି। ଭାରତକୁ ଅତି ପାଖରୁ ଦେଖିବା ଉଭୟଙ୍କ ଏକ ନିଶାରେ ପରିଣତ ହୋଇଛି। ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ଚଳଣି ଓ ଜୀବନ ଜୀବିକା ସମ୍ପର୍କରେ ଅବଗତ ହେଉଛନ୍ତି। ଜଙ୍ଗଲ, ପାହାଡ଼ ପରିବେଶ ଦୁହିଁଙ୍କୁ ବେଶ୍ ଭଲଲାଗେ।


















## ସଂକ୍ଷେପରେ

### କ୍ୟାପିଟାଲ ହସ୍ପିଟାଲରେ ହୁଇଲ୍ ଚେୟାର ଅଭାବ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୩୦।୧୧(ସୁବାସ ଚନ୍ଦ୍ର ପ୍ରଧାନ)

କ୍ୟାପିଟାଲ ହସ୍ପିଟାଲର ବିଭିନ୍ନ ବିଭାଗରେ ରୂପରେଖ ବଦଳିଛି। ହେଲେ ରୋଗୀଙ୍କ ଯାତାୟାତ ପାଇଁ ହୁଇଲ ଚେୟାର ସୁବିଧା ନ ଥିବାରୁ ହଇରାଣ ହେଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ନୀଳାଦ୍ରି ବିହାର ଅଞ୍ଚଳର ଜଣେ କ୍ୟାନ୍ସର ରୋଗୀ କ୍ୟାପିଟାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ପରେ ତାଙ୍କୁ ସ୍ଥାନାନ୍ତର ପାଇଁ ପରିବାରଲୋକେ ହୁଇଲ ଚେୟାର ଖୋଜିଥିଲେ। ପ୍ରାୟ ୪୫ମିନିଟ ପରେ ହ୍ୱିଲ ଚେୟାର ମିଳିଥିଲା ଯାହା ଭଙ୍ଗା ଥିଲା। ହସ୍ପିଟାଲରେ ହ୍ୱିଲ ଚେୟାର ଆବଶ୍ୟକ ମୁତାବକ ରହୁନାହିଁ। ଯେଉଁଗୁଡିକ ରହିଛି ତାହା ଭଙ୍ଗା, ଚକ ଖୋଲିଯାଉଛି ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଅଭିଯୋଗ କରିଛନ୍ତି। ଏ ନେଇ ହସ୍ପିଟାଲ ନିର୍ଦ୍ଦେଶକ ଡା.ଲକ୍ଷ୍ମୀଧର ସାହୁ କହିଛନ୍ତି, ହସ୍ପିଟାଲରେ ଆବଶ୍ୟକ ହ୍ୱିଲ ଚେୟାର ରହିଛି। ଆବଶ୍ୟକଠାରୁ ଅଧିକ ରୋଗୀ ଆସିଲେ ଏଭଳି ସମସ୍ୟା ଉପୁଜିଥାଏ। କୌଣସି ଭଙ୍ଗା ହ୍ୱିଲ ଚେୟାର ନାହିଁ। ଚେୟାର ନାହିଁ ଅଭିଯୋଗ ଆସିଲେ ତତ୍କାଳ ସମାଧାନ କରାଯିବ ବୋଲି ସେ କହିଛନ୍ତି।

### କଟକ ବାଲିଯାତ୍ରାରେ ଲୋକକଳା ମଞ୍ଚ

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଟକର ଐତିହାସିକ ବାଲିଯାତ୍ରାରେ ସ୍ୱତନ୍ତ୍ର ଲୋକକଳା ମଞ୍ଚ ପ୍ରତିଷ୍ଠା କରାଯାଇଛି। ବାଲିଯାତ୍ରା ହେଉଛି ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ସ୍ଥଳୀ। ଏହି ଗୌରବମୟ ପରମ୍ପରାର ସ୍ମୃତିଚାରଣ କରିବା ଲକ୍ଷ୍ୟ ନେଇ ବିଭାଗ ପକ୍ଷରୁ ବିଭିନ୍ନ ଜିଲାର ସମୃଦ୍ଧ ଲୋକକଳା, ଲୋକନୃତ୍ୟ, ଲୋକନାଟକ, ଲୋକସଙ୍ଗୀତ ଓ ଲୁପ୍ତପ୍ରାୟ ଲୋକକଳାକୁ ନେଇ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଛି। ଏହାକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି ମଞ୍ଚରେ ଗଞ୍ଜାମର ଶଙ୍ଖ ଓ ରଣପା, ମୟୂରଭଞ୍ଜର ଛଉ, କଟକର ରାମଲୀଳା, ଖୋର୍ଦ୍ଧାର ଗୋଟିପୁଅ ଓ ଘୋଡ଼ାନାଚ, ମାଲକାନଗିରିର କୋୟା ନାଚ, ଗଞ୍ଜାମର ପ୍ରହଲ୍ଲାଦ ନାଟକ, ସଖୀ ନାଟ, ଭରତଲୀଳା ଓ ପଶୁମୁଖା, ବଲାଙ୍ଗୀରର ଘୁଡୁକା, ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ନବରଙ୍ଗପୁରର ଦେଶିଆ ନାଟ, ପୁରୀର ସାହିଯାତ ଓ ମାହାରୀ, କଳାହାଣ୍ଡିର ଘୁମୁରା, ଭଦ୍ରକର ମୋଗଲ ତାମସା, ଗଜପତିର ପାଇକ ଆଖଡ଼ା, ବାଲେଶ୍ୱର ଚଢ଼େୟା ନାଚ, ନୟାଗଡ଼ର ଲଙ୍କାପୋଡ଼ି, ବୌଦ୍ଧର ଶବର-ଶବରୁଣୀ, କୋରାପୁଟର ଡେମ୍ସା, ଢେଙ୍କାନାଳର ଲଉଡ଼ି ଓ ଅନୁଗୋଳର ଦଣ୍ଡନାଟ ଆଦି ଦର୍ଶକଙ୍କ ମନୋରଞ୍ଜନ କରୁଛି। ମଞ୍ଚକୁ ସମ୍ପୂର୍ଣ୍ଣ ଭାବେ ଉତ୍କଳୀୟ ଗ୍ରାମ୍ୟ ଦୃଶ୍ୟପଟକୁ ଆଧାର କରି ସଜା ଯାଇଛି। ଏଥିସହ ବିଭାଗର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଚେତନତା ବାର୍ତ୍ତା ପ୍ରଚାର କରାଯିବା ସହ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ମହାନଦୀର ବାଲୁକା ଶଯ୍ୟାରେ ଆୟୋଜିତ ଏହି ମଞ୍ଚରେ ଚଳିତ ବର୍ଷ ଭିନ୍ନ ଏକ ବାର୍ତ୍ତା ଦେବା ସହ ଉତ୍କଳୀୟ ପରମ୍ପରା, ପ୍ରାଚୀନ ପରମ୍ପରା ଓ ସଂସ୍କୃତିକୁ ପାଥେୟ କରି ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଉଛି, ଯାହା ବାଲିଯାତ୍ରାର ଏକ ଅଂଶ ଭାବେ ଉଭା ହୋଇଛି।

# ପେନ୍‌ସନ୍ ପାଇଁ ସରକାରୀ କାର୍ଯ୍ୟାଳୟ ଯିବାକୁ ପଡ଼ିବନି

ଭୁବନେଶ୍ୱର, ୩୦।୧୧(ବନ୍ଦନା ସେଠୀ)

ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କ ଦୀର୍ଘଦିନର ଆଶା ପୂରଣ ହେବାକୁ ଯାଉଛି। ଏଣିକି ଅବସର ପରେ ପେନ୍‌ସନ୍ ପାଇବା ପାଇଁ ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କୁ ସରକାରୀ କାର୍ଯ୍ୟାଳୟକୁ ଦୌଡିବାକୁ ପଡ଼ିବ ନାହିଁ। ଲୋକାଲ୍ ଫଣ୍ଡ ଅଡିଟର ପେନ୍‌ସନ୍ ପ୍ରୋସିଡିଂ କରି ବିଏମ୍‌ସି କମିଶନରଙ୍କୁ ପଠାଇବା ପରେ କମିଶନର ପେନ୍‌ସନ ଅନୁମୋଦନ କରିବେ। ଏହାବାଦ୍ ନିୟମିତ ହୋଇଥିବା କର୍ମଚାରୀଙ୍କ ଏସିପି, ଆର୍‌ଏସିପି ଏବଂ ଏମ୍‌ଏସିପି ପେନ୍‌ସନ୍ ମଧ୍ୟ ଅନୁରୂପ ଭାବେ ଅନୁମୋଦନ ହେବ। ସେହିପରି

**ବର୍ଦ୍ଧିତ ଗ୍ରାଚ୍ୟୁଇଟି ଲାଗୁ ନେଇ ସହମତି ଜଣାଇଲା ବିଏମ୍‌ସି**

ଅବସର ଏବଂ ମୃତ୍ୟୁକାଳୀନ ଗ୍ରାଚ୍ୟୁଇଟି ଲିମିଟ୍‌କୁ ୮ଲକ୍ଷରୁ ୧୫ଲକ୍ଷ ଯଥାଶୀଘ୍ର ଲାଗୁ କରିବା ପାଇଁ ବିଏମ୍‌ସି ପକ୍ଷରୁ ସହମତି ପ୍ରଦାନ କରାଯାଇଛି। ଏହା ୨୦୧୬ରୁ ପିଛିଲା ଭାବେ ଲାଗୁ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘ ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଥିବାବେଳେ ଗତ ୧୪ ତାରିଖରେ ବିଏମ୍‌ସି କମିଶନର ଏବଂ ଅବସରପ୍ରାପ୍ତ ସଂଘ କର୍ମଚାରୀଙ୍କ ମଧ୍ୟରେ ବିଏମ୍‌ସି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କ ଦାବି ପୁନଃ ଉପସ୍ଥାପନ କରିଥିବାବେଳେ ପେନ୍‌ସନ ପାଇବା ନେଇ ଯେପରି ଭବିଷ୍ୟତରେ ଆଉ କୌଣସି ସମସ୍ୟା ନ ଉପୁଜେ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି କୁହାଯାଇଥିଲା। ଅବସର ନେବାର ୧ବର୍ଷ ପୂର୍ବରୁ ପେନ୍‌ସନ ପାଇବା ନିମିତ୍ତ ସମସ୍ତ ପ୍ରକ୍ରିୟା ଆରମ୍ଭ ହେବ। ଅବସର ନେବା ଦିନ ହିଁ ସେମାନଙ୍କର ଫାଇନାଲ୍ ପେନ୍‌ସନ ଅନୁମୋଦନ କରାଯିବ। ଯଦି କୌଣସି କାରଣରୁ ଉପରୋକ୍ତ ଦିନ ପେନ୍‌ସନ ଅନୁମୋଦିତ ନ ହୋଇ ପାରିଲା, ତେବେ ସେମାନଙ୍କ ପାଇଁ ପ୍ରୋଭିଜ୍‌ନାଲ୍ ପେନ୍‌ସନ୍ ଅନୁମୋଦନ କରିବା ବାଧ୍ୟତାମୂଳକ ହେବ। ଅତିରିକ୍ତ କମିଶନର-୨ଙ୍କ ଦ୍ୱାରା ପ୍ରତି ମାସର ଶେଷ ଦିନରେ ପେନ୍‌ସନ ବିଭାଗର ବୈଠକ ବସିବ। ଯଦି ସମ୍ପୃକ୍ତ ଦିନ ସରକାରୀ ଛୁଟି ଥାଏ ତେବେ ଏହାର ପୂର୍ବଦିନ ବୈଠକ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ଆଲୋଚନା ସଫଳ ହେବା ସହ ବର୍ଦ୍ଧିତ ଗ୍ରାଚ୍ୟୁଇଟି ଯଥାଶୀଘ୍ର ଲାଗୁ କରିବା ପାଇଁ ସହମତି ପ୍ରଦାନ କରିଥିବାରୁ ସଂଘ ପକ୍ଷରୁ ବିଏମ୍‌ସିକୁ ଧନ୍ୟବାଦ ଜଣାଯାଇଛି। ଏଥିସହ ପେନ୍‌ସନ୍ ପେପର ଗ୍ରହଣ ବ୍ୟବସ୍ଥାକୁ ଅନ୍‌ଲାଇନ୍ ମୋଡ୍ ମାଧ୍ୟମରେ କରିବା ପାଇଁ ଅନୁରୋଧ କରାଯାଇଛି।



ଆଜି ବିଶ୍ୱ ଏଡ୍‌ସ ଦିବସ: ଗୁରୁବାର ଭୁବନେଶ୍ୱର ପିଏମ୍‌ଜି ରାସ୍ତାରେ 'ବନ୍ଦେ ମାତରମ୍' ସଙ୍ଗଠନ ପକ୍ଷରୁ ଜନସଚେତନତା ସୃଷ୍ଟି କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

## ଥାନାରେ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର, ୨ ଗିରଫ

ଭୁବନେଶ୍ୱର,୩୦।୧୧ (ସୂର୍ଯ୍ୟକାନ୍ତ ବେହେରା)

ମଦ୍ୟପାନକୁ ବିରୋଧ କରିବାରୁ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଧକ୍କା ଦେବା ସହ ଥାନାରେ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦେବାଶିଷ ବୈଦ୍ୟ ଓ ଆଶୁତୋଷ ଦାସ। ଉଭୟଙ୍କଠାରୁ ଦୁଇଟି ମୋଟରସାଇକେଲ ଓ ମୋବାଇଲ ଫୋନ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦେବାଶିଷଙ୍କ ନାମରେ ସୁକିନ୍ଦା ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି।

ସୂଚନାନୁଯାୟୀ, ଖାରବେଳନଗର ଥାନାର ଏକ ପାଟ୍ରୋଲିଂ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତଦ୍ୱୟ ୟୁନିଟ-୪ ମାର୍କେଟ ନିକଟସ୍ଥ ଅଞ୍ଚଳରେ ମଦ୍ୟପାନ କରୁଥିଲେ। ଏହାକୁ ବିରୋଧ କରିବାରୁ ଅଭିଯୁକ୍ତଦ୍ୱୟ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଧକ୍କା ଦେବା ସହ ରାସ୍ତାରେ ଯାନବାହନ ଅଟକାଇ ଗାଳିଗୁଲଜ କରିଥିଲେ। ବହୁ ହଟହଟା ପରେ ପୋଲିସ ୨ ଜଣଙ୍କୁ କାବୁ କରି ଥାନାକୁ ଆଣିଥିଲେ । ହେଲେ ସେଠାରେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ଦୁଇ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅଜିତ ମିଶ୍ରଙ୍କ ପୁସ୍ତକ ଲୋକାର୍ପିତ


'ମ୍ୟାଜିକ ମନ୍ତ୍ର ଅଫ୍ ଫାଇଭ୍ ଟି ମନ୍ତ୍ର : ଏ ଟେଲ୍ ଅଫ ଟ୍ରାନ୍ସଫର୍ମିଙ୍ଗ ନବରଙ୍ଗପୁର'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗୁରୁବାର ବରିଷ୍ଠ ପ୍ରଶାସକ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ରଙ୍କ ଲିଖିତ 'ମ୍ୟାଜିକ ମନ୍ତ୍ର ଅଫ୍ ଫାଇଭ ଟି ମନ୍ତ୍ର : ଏ ଟେଲ୍ ଅଫ ଟ୍ରାନ୍ସଫର୍ମିଙ୍ଗ ନବରଙ୍ଗପୁର' ପୁସ୍ତକ ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡ଼ିଶା ମୁଖ୍ୟ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ପ୍ରକାଶନ ସଂସ୍ଥା 'ପେନ୍ ଇନ୍ ବୁକ୍ସ' ଦ୍ୱାରା ପ୍ରକାଶିତ ଏହି ପୁସ୍ତକରେ ୫-ଟି ମନ୍ତ୍ରରେ ଅନୁପ୍ରେରିତ ନବରଙ୍ଗପୁର ଜିଲା ରୂପାନ୍ତରଣର ସଫଳ କାହାଣୀ ଚିତ୍ରିତ ହୋଇଛି। ଡ. ମିଶ୍ର ଏହି ଜିଲାରେ ୨୦୧୮ରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜିଲାପାଳ ଥିଲେ। ଏହି ସମୟ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ପ୍ରାଣୀସମ୍ପଦ, ଜଙ୍ଗଲ ଓ ପରିବେଶ ତଥା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ବିକାଶ ସମ୍ଭବପର

**'ମ୍ୟାଜିକ ମନ୍ତ୍ର ଅଫ୍ ଫାଇଭ୍ ଟି ମନ୍ତ୍ର : ଏ ଟେଲ୍ ଅଫ୍ ଟ୍ରାନ୍ସଫର୍ମିଙ୍ଗ ନବରଙ୍ଗପୁର'**

ହୋଇଥିଲା। ଫଳସ୍ୱରୂପ ୨୦୧୮ରେ ୧୧୨ ଆକାଂକ୍ଷୀ ଜିଲା ମଧ୍ୟରୁ ୧୦୯ ସ୍ଥାନରେ ଥିବା ନବରଙ୍ଗପୁର ଜିଲା ୨୦୨୧ ବେଳକୁ ସମଗ୍ର ଦେଶରେ ୧୩ତମ ସ୍ଥାନକୁ ଉନ୍ନୀତ ହେବା ସହ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଭିଏତନାମ୍‌ରେ ଅନୁଷ୍ଠିତ ବିଶ୍ୱ ସମ୍ମେଳନରେ ନବରଙ୍ଗପୁରର ବିକାଶ ମଧ୍ୟ ପ୍ରଶଂସିତ ହେବା ସହ ମର୍ଯ୍ୟାଦାଜନକ ସ୍କଚ୍ ଆୱାର୍ଡରେ ସମ୍ମାନିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ , ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପିଏଚ୍‌ଡି ଉପାଧି ଲାଭ କରିଥିବା ଡ. ମିଶ୍ର ୧୯୮୯ରେ ଓଡ଼ିଶା ପ୍ରଶାସନରେ ଯୋଗଦେଇଥିଲେ। ସେ ଅତୀତରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓଏସ୍‌ଡି ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନର ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରି ପ୍ରଶଂସିତ ହୋଇଥିଲେ।

# ସାହିତ୍ୟ, ଦର୍ଶନର ଅମୃତ ଧାର ଶ୍ରୀମଦ୍ ଭଗବଦ୍ ଗୀତା

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଗୁରୁବାର ୭୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ଓଡ଼ିଆ ସଂସ୍କୃତି ଶୀର୍ଷକରେ ଆଲୋଚନା କରାଯାଇଥିଲା। ମୁଖ୍ୟବକ୍ତା ଭାବେ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗଦେଇ କହିଛନ୍ତି, ମଧ୍ୟଯୁଗୀୟ ଓଡ଼ିଶାରେ ପଞ୍ଚଦଶ ଓ ଷୋଡ଼ଶ ଶତାବ୍ଦୀ ଏକ ପରିବର୍ତ୍ତନମୁଖୀ ଓ ପ୍ରଗତିବାଦୀ ଯୁଗ ଥିଲା। ପଞ୍ଚସଖାମାନେ ସଂସ୍କୃତ ପରିବର୍ତ୍ତେ ଲୋକଭାଷା ଓଡ଼ିଆରେ ପୌରାଣିକ ଗ୍ରନ୍ଥମାନ ରଚନା କରି ଓଡ଼ିଆ ସାହିତ୍ୟର ମୂଳଦୁଆ ପକାଇଥିଲେ। ଓଡ଼ିଆ ଭାଗବତ ଓଡ଼ିଆ ଜନଜୀବନରେ ସାହିତ୍ୟିକ ରୁଚି ସହିତ ସାମାଜିକ ମୂଲ୍ୟବୋଧ, ଉଦାର ଚେତା ମାନବବାଦ, ସହିଷ୍ଣୁତା, ତ୍ୟାଗ

**ରାଜ୍ୟ ଅଭିଲେଖାଗାରରେ ୭୨ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ**

ଓ ବିନୟ ଭାବ ଭରି ଦେଉଥିଲା। ଭାଗବତରେ ଭରି ରହିଛି ନୂତନ ଭାଷା, ସାହିତ୍ୟ ଓ ଦର୍ଶନର ଅମୃତ ଧାର। ଜୀବନକୁ ସାର୍ଥକ ଓ ମହତ୍ତ୍ୱପୂର୍ଣ୍ଣ କରିବା ପାଇଁ ଏଥିରେ ପୂରି ରହିଥିଲା ଅମୂଲ୍ୟ ଉପଦେଶାବଳୀ। ଏଥିରେ ସ୍ଥାନୀୟ ମୂଲ୍ୟବୋଧ, ଚଳଣି ଓ ପରମ୍ପରାକୁ ନେଇ ରହିଥିଲା ମୌଳିକତା ଓ ନୂତନତାର ଅପୂର୍ବ ସମନ୍ୱୟ । ଏଥିରେ ଦାର୍ଶନିକ କ୍ଲିଷ୍ଟତାକୁ ଅତ୍ୟନ୍ତ ସହଜ ଓ ସରଳ ଭାଷାରେ ବୋଧଗମ୍ୟ ହେଲା ଭଳି ଅଧ୍ୟାୟଗୁଡ଼ିକ ସନ୍ନିବେଶିତ ହୋଇଛି । ଭାଗବତ ଶିକ୍ଷା ଦ୍ୱାରା ଓଡ଼ିଆ ଜାତି ନିଜର ଖାଦ୍ୟ ଶୈଳୀ, ସାମାଜିକ ଚଳଣି, ପର୍ବପର୍ବାଣି ଓ ଧର୍ମୀୟ ରୀତିନୀତି ନିୟନ୍ତ୍ରିତ କରିଆସିଛି। ଶ୍ରୀମଦ୍ ଭଗବଦ୍ ଏକଧାରାରେ ଓଡ଼ିଶାର ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ପରିଚୟକୁ ବହୁଳଭାବରେ ଋଦ୍ଧିମନ୍ତ କରିଆସିଛି । ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ କହିଥିଲେ, ଭାଗବତ ଟୁଙ୍ଗି ସାମାଜିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାରେ ଋଦ୍ଧିମନ୍ତ କରିଥାଏ । ଭାଗବତ ଏବଂ ଭାଗବତ ଟୁଙ୍ଗିର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି। ସମ୍ମାନରେ ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ସ୍ୱାଗତ ଭାଷଣ ଏବଂ ବିଭାଗର ଅନୁଶାସନ ସଚିବ ବନାନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପ୍ରଜା ଆନ୍ଦୋଳନରେ ଶହୀଦ ଦିବାକରଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରିୟ କର୍ମୀ ଶହୀଦ ଦିବାକର ପରିଡ଼ାଙ୍କ ୧୧୨ତମ ଜୟନ୍ତୀ ଗୁରୁବାର ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ଡ. ବାମନ ପରିଡ଼ା, ଶହୀଦ ରଘୁ ଦିବାକର ସ୍ମୃତି ସଂସଦର ସଭାପତି ବ୍ରଜବନ୍ଧୁ ପରିଡ଼ା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଭୟ ବଡ଼ଜେନା, ସମାଜସେବୀ ସଞ୍ଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପରାଧୀନ ଭାରତର ରଣପୁର ଗଡ଼ଜାତରେ ଯେଉଁ ପ୍ରଜାମଣ୍ଡଳ ଆନ୍ଦୋଳନ ହୋଇଥିଲା, ସେଥିରେ ଶହୀଦ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ। ପ୍ରଜାମଣ୍ଡଳ ଆନ୍ଦୋଳନ ସକ୍ରିୟ ହେଉଥିବାବେଳେ ଏହାକୁ ଦମନ କରିବାକୁ ବେଜେଲଗେଟ୍ ଗୁଳିଚାଳନା କରିବାରୁ ଅର୍ଜ୍ଜୁନ ରାଉତ୍ ଶହୀଦ ହୋଇଥିଲେ । ଲୋକେ ଉତ୍ତେଜିତ ହୋଇ ବେଜେଲ୍‌ଗେଟ୍‌ଙ୍କୁ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ମାମଲାରେ ରଘୁ ଦିବାକରଙ୍କୁ ଅପରାଧୀ ଦର୍ଶାଇ ସେମାନଙ୍କୁ ଅବିଚାରରେ ଫାଶୀଦଣ୍ଡ ଦିଆଯାଇଥିଲା। ତାଙ୍କର ବଳିଦାନ ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମକୁ ଅଧିକ ସକ୍ରିୟ କରିବା ସହ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ସବୁ ସମୟରେ ପ୍ରେରଣା ଦେଇଆସୁଛି ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ସୋଲେମାନ୍ ଅଲ୍ଲୀ ଧନ୍ୟବାଦ ଦେଇଥିଲେ।


ରେଲ୍ ଅଡିଟୋରିୟମ୍‌ରେ ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଜଣେ ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଡ. ବିଜୟଲକ୍ଷ୍ମୀ ମହାନ୍ତିଙ୍କ ପୁସ୍ତକ 'ପ୍ରେସିଡେଣ୍ଟ ଦ୍ରୌପଦୀ ମୁର୍ମୁ- ଏ ରିଫ୍ଲେକ୍ସନ୍ ଅଫ୍ ଚେଞ୍ଜିଙ୍ଗ୍ ଭାରତ' ଲୋକାର୍ପିତ ହୋଇଯାଇଛି। ପୁସ୍ତକରେ ରାଷ୍ଟ୍ରପତିଙ୍କ ଜୀବନୀକୁ ଚିତ୍ରଣ କରାଯାଇଛି। ଏଥିସହ ମୟୂରଭଞ୍ଜର ସାମାଜିକ -ସାଂସ୍କୃତିକ କଥା ସମ୍ପର୍କରେ ଉଲ୍ଲେଖ ହୋଇଛି। ମୁର୍ମୁ ରାଷ୍ଟ୍ରପତି ହେବା ଦ୍ୱାରା ଭାରତର ଏକ ସମୃଦ୍ଧଶୀଳ ଛବି ଦେଖାଉଛି। ରାଷ୍ଟ୍ରପତିଙ୍କ ଅତୀତ ଜୀବନ ଓ କାର୍ଯ୍ୟ ସମ୍ପର୍କରେ ଏହି ପୁସ୍ତକଟି ଜଣାଇବାକୁ ସହାୟକ ହେବ। ପାଠକ ଆଗ୍ରହର ସହ ଏହାର ପୃଷ୍ଠା ଲେଉଟାଇବେ ବୋଲି ଡ. ମହାନ୍ତି ଆଶା ପ୍ରକାଶ କରିଛନ୍ତି।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ କରେ ବିଜ୍ଞାନ ମେଳା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବାଲିପାଟଣା,୩୦।୧୧(ଅଭିମନ୍ୟୁ ନାୟକ)

ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅର୍ବଣ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ବିଜ୍ଞାନ ମେଳା ଏକ ସୁନ୍ଦର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ସହ ଶିକ୍ଷା ଅଧିକାରୀ ବିକ୍ରମ କେଶରୀ ନାୟକ, ସରପଞ୍ଚ ବିନୋଦିନୀ ମଲ୍ଲିକ, ଶିକ୍ଷକ ନେତା ଆଲୋକ ସାହୁ, ରଶ୍ମିରଞ୍ଜନ ପଣ୍ଡା, ଜମେଶ୍ୱର ମଲ୍ଲିକ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସ୍କୁଲ କମିଟି ସଭାପତି ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୩ଟି ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଗୁଆପୁରର ସୁନନ୍ଦା ପଣ୍ଡା, ଗୋବରିଆର ରୋଜାଲିନ ଭୋଇ ଓ ପୁବାଗଡର ପ୍ରଣତି ମଲ୍ଲିକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ କରିଛନ୍ତି। ପୂର୍ବାହ୍ନରେ ବିଜ୍ଞାନମେଳାକୁ ପଞ୍ଚାୟତ ସମିତି ଚେୟାରମ୍ୟାନ ହରପ୍ରିୟା ଦାସ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ କ୍ରୀଡ଼ା ଶିକ୍ଷୟିତ୍ରୀ ସସ୍ମିତା ସାହଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ କେରଳର ୪୨ ଯୁବା ସଙ୍ଗମ ପ୍ରତିନିଧି

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅନ୍ତର୍ଗତ ଆୟୋଜିତ ଯୁବା ସଙ୍ଗମ ଫେଜ୍-୩ରେ କେରଳରୁ ଓଡ଼ିଶା ପରିଦର୍ଶନରେ ଆସିଥିବା ଯୁବ ପ୍ରତିନିଧି ମଣ୍ଡଳୀର ୪୨ଜଣ ଛାତ୍ରୀଛାତ୍ର, ଯୁବତୀଯୁବକ ଗୁରୁବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛନ୍ତି। ରାଜଭବନର ଅଭିଷେକ ହଲ୍‌ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଏବଂ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୁବଶକ୍ତି ରାଷ୍ଟ୍ରର ବୃହତ ଶକ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଯୁବଗୋଷ୍ଠୀ ରାଷ୍ଟ୍ରର ନେତୃତ୍ୱ ନେବାକୁ ଉପଯୁକ୍ତ ଭାବେ ପ୍ରସ୍ତୁତ ହେବା ଦିଗରେ ଯୁବା ସଙ୍ଗମ ପରି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ, ଉନ୍ମାଦନା ସୃଷ୍ଟି କରିବ ବୋଲି


ଯୁବପ୍ରତିନିଧି ମଣ୍ଡଳୀଙ୍କୁ ରାଜ୍ୟପାଳ ରଘୁବର ଦାସ ଉଦ୍‌ବୋଧନ ଦେଉଛନ୍ତି।

ସେ ପ୍ରକାଶ କରିଥିଲେ। ଆଇଆଇଏମ୍, ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣ ଦେବା ସହ ଯୁବା ସଙ୍ଗମ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷେପରେ କହିଥିଲେ। ପ୍ରତିନିଧିମଣ୍ଡଳୀ ପକ୍ଷରୁ ପ୍ରତିନିଧିତ୍ୱ କରି ଦୁଇଜଣ ପ୍ରତିନିଧି ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ସୂଚନାଯୋଗ୍ୟ, କେରଳର ଏନ୍‌ଆଇଟି, କାଲିକଟ୍ ସୌଜନ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ଆସିଥିବା ୪୨ଜଣ ଯୁବତୀଯୁବକ ଯୁବା ସଙ୍ଗମ କାର୍ଯ୍ୟକ୍ରମରେ ବର୍ତ୍ତମାନ ୬ଦିନିଆ ଓଡ଼ିଶା ପରିଦର୍ଶନରେ ଆସିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟରେ ନୋଡାଲ ଅନୁଷ୍ଠାନ ଭାବେ ଆଇଆଇଏମ୍, ସମ୍ବଲପୁର ଆୟୋଜନ କରିଥିବା ବେଳେ ଏହି ପ୍ରତିଷ୍ଠାନର ଆନନ୍ଦ ସେଠ ଓ ପ୍ରଫେସର ଆର୍.କେ. ପାଢ଼ୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ଫୁଲନଖରା,୩୦।୧୧
(ସତ୍ୟ ରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ବାଟପୁରଣ ଗ୍ରାମର ତାରିଣୀ ମନ୍ଦିର ନିକଟ ଏକ ଆମ୍ବଗଛରୁ ଗୁରୁବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଏହି ଗ୍ରାମର ଶିବରାମ ସୁନ୍ଦରରାୟ(୮୫)। ସେ ତାରିଣୀ ମନ୍ଦିର ନିକଟରେ ବସିଥିଲେ। କିଛି ସମୟ ପରେ ତାଙ୍କ ମୃତଦେହ ଗାମୁଛା ସହାୟତାରେ ଗଛରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଶିବରାମଙ୍କ ପୁଅ ସନାତନ ସୁନ୍ଦରରାୟ କଟକ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୬/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍ଆଇ ଚିତ୍ତରଞ୍ଜନ ସାହୁ କହିଛନ୍ତି।

### ପାହାଡ଼ ନିକଟରୁ ମହିଳା, ନବଜାତ ଶିଶୁକନ୍ୟା ଉଦ୍ଧାର

ଚୌଦ୍ୱାର,୩୦।୧୧(ଆଶୁତୋଷ ଦାସ):

ଚୌଦ୍ୱାର ଥାନା ଟିପିଏମ୍ ଫାଣ୍ଡି ଅନ୍ତର୍ଗତ ଗୌଖାନା ପାହାଡ଼ ନିକଟରୁ ଗୁରୁବାର ସକାଳେ ଜଣେ ମହିଳାଙ୍କ ସମେତ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ପାହାଡ଼ ନିକଟ ଏକ ପଥର ଉପରେ ମହିଳା ଜଣଙ୍କ ଶିଶୁକନ୍ୟାକୁ ଧରି ବସିଥିଲେ। କଟକ ଶିଶୁ ମଙ୍ଗଳ ସମିତି ନିକଟରୁ ଏ ସମ୍ପର୍କରେ ଖବରପାଇ ସ୍ଥାନୀୟ ଶିଶୁସଦନର କର୍ମକର୍ତ୍ତାମାନେ ଫାଣ୍ଡି ପୋଲିସ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଉଭୟ ମା’ ଓ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମେଡ଼ିକାଲର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଶିଶୁକନ୍ୟାର ନାହି କଟାଯାଇଛି। ଉଭୟ ମା’ ଓ ଶିଶୁକନ୍ୟା ସୁସ୍ଥ ଥିବା ଜଣାପଡ଼ିଛି। ମହିଳାଙ୍କ ବୟସ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେ କୌଣସି ପ୍ରଶ୍ନର ଉତ୍ତର ଦେଉ ନ ଥିବାରୁ ତାଙ୍କର ପରିଚୟ, ଠିକଣା କିମ୍ବା ପରିବାର ସମ୍ପର୍କରେ କୌଣସି ତଥ୍ୟ ଜଣାପଡ଼ିନାହିଁ । ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ତହସିଲଦାରଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ

ସାଲେପୁର,୩୦।୧୧(ଅରବିନ୍ଦ ଭୂୟାଁ)

ସାଲେପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ୨ ଜଣ ଯୁବକ କିଛି କାରଣ ନ ଥାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ଏନେଇ ତହସିଲଦାର ଶିବ ମଲ୍ଲିକ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ଭାଜପା ପକ୍ଷରୁ ଆନ୍ଦୋଳନ ଓ ଗଣଧାରଣା ଚାଲିଥିବାବେଳେ ଦିନ ପ୍ରାୟ ୨ଟାବେଳେ ନାନ୍ଦୋଳ ଗ୍ରାମର ଜଣେ ଯୁବକ ଆଉ ଜଣେ ଯୁବକଙ୍କ ସହ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଗେଟ୍‌କୁ ବାଡେଇଥିଲେ। ଏଥିସହ ତହସିଲଦାର ମଲ୍ଲିକଙ୍କୁ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗାଲୁଗୁଲଜ କରୁଥିବା ଯୁବକ ଦ୍ୱୟ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଏହାନେଇ ତହସିଲଦାର ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ପୋଲିସ ଅଭିଯୋଗକୁ ଗ୍ରହଣକରି ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

# ରୋଗୀ ଦେଖାଇବା ଆଉ ଦିନେ ବଢ଼ିଲା

**ସୁପରସ୍ପେଶାଲିଟି ବହିର୍ବିଭାଗ**

■ ହେପାଟୋଲୋଜି ଓ ଗ୍ୟାଷ୍ଟ୍ରୋ ମେଡିସିନରେ ଲାଗୁ ହେଲା

କଟକ, ୩୦।୧୧(ଶିଳ୍ପା ପ୍ରିୟଦର୍ଶିନୀ):




ଉନ୍ନତ ଚିକିତ୍ସା ଲାଗି ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ସିବି)ରେ ଦିନକୁ ଦିନ ରୋଗୀ ସଂଖ୍ୟା ବଢିବାରେ ଲାଗିଛି। ବିଶେଷ କରି ଜଟିଳ ରୋଗର ଉପଶମ ଲାଗି ସୁପରସ୍ପେଶାଲିଟି ବହିର୍ବିଭାଗରେ ମଧ୍ୟ ଆଶାନୁସାରେ ଗହଳି ବଢୁଛି। ରୋଗୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ଅନେକେ ଡାକ୍ତରଙ୍କ ସାକ୍ଷାତ ନ ପାଇ ବିନା ପରାମର୍ଶରେ ଫେରୁଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ପରେ ଏହାର ସମାଧାନ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇଛନ୍ତି । ବହିର୍ବିଭାଗ ସପ୍ତାହରେ ଦୁଇ ଦିନ ପରିବର୍ତ୍ତେ ତିନି ଦିନ ଖୋଲାରହିବ ବୋଲି ନିଷ୍ପତ୍ତି ହୋଇଛି। ଏହା କାର୍ଯ୍ୟକାରୀ ହେବାପରେ ରୋଗୀ ଦେଖାଇବା ଲାଗି ଆଉ ଅସୁବିଧା ହେବ ନାହିଁ। ଏସ୍‌ସିବିର ହେପାଟୋଲୋଜି ଓ ଗ୍ୟାଷ୍ଟ୍ରୋ ମେଡିସିନର ସୁପରସ୍ପେଶାଲିଟି ବହିର୍ବିଭାଗ ସପ୍ତାହରେ ଆଉ ଗୋଟିଏ ଦିନ ଖୋଲିବା ଲାଗି ଚିଠି ସଂଖ୍ୟା ୨୭,୨୯୪ରେ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଶୁକ୍ରବାର ଅର୍ଥାତ ଡିସେମ୍ବର ୧ରୁ ଲାଗୁ ହେବ। ସୂଚନାଯୋଗ୍ୟ, ଏସ୍‌ସିବିର ହେପାଟୋଲୋଜି ବହିର୍ବିଭାଗ ସପ୍ତାହର ଦୁଇ ଦିନ ଅର୍ଥାତ ବୁଧବାର ଓ ଶନିବାର ଖୋଲାଯାଉଥିଲା। ଏବେ ନୂତନ ନିର୍ଦ୍ଦେଶନାମାରେ ଗୁରୁବାର ଦିନ ବହିର୍ବିଭାଗ ଖୋଲା ରହିବ। ସେହିପରି ଗ୍ୟାଷ୍ଟ୍ରୋ ମେଡିସିନର ବହିର୍ବିଭାଗ ସୋମବାର ଓ ଶୁକ୍ରବାର ରୋଗୀ ଦେଖାହେଉଥିଲା। ହେପାଟୋଲୋଜି ସୁପରସ୍ପୋଶାଲିଟି ବହିର୍ବିଭାଗ ସକାଳ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥାଏ । ସେହିପରି ଗ୍ୟାଷ୍ଟ୍ରୋ ମେଡିସିନି ବହିର୍ବିଭାଗ ସମାନ ସମୟରେ ଖୋଲା ହୋଇଥାଏ। ବହିର୍ବିଭାଗ ଗୋଟିଏ ଦିନ ଅଧିକ ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ରୋଗୀ ଦେଖାରେ ବେଶ୍ ସହାୟକ ହେବ ବୋଲି ଏସସିବି ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି ।

## ଚାନ୍ଦା ମାଗିବା ଅଭିଯୋଗ, ଥାନାରେ ମାମଲା

ମଙ୍ଗୁଳି–ଜଗତପୁର,୩୦।୧୧(ମାନସ ସାମଲ)

ନିମ୍ନ ମାନର କାର୍ଯ୍ୟ ହୋଇଥିବା କହି ଚାନ୍ଦା ମାଗିବା ଅଭିଯୋଗରେ ଚୌଦ୍ୱାର ଅଞ୍ଚଳର ଜଣେ ୱେବ ଚ୍ୟାନେଲ ମାଲିକଙ୍କ ନାମରେ ପୋଲିସ ଏକ ମାମଲା ରୁଜୁ କରିଛି। ଅପରପକ୍ଷରେ ବାକି ଟଙ୍କା ମାଗିବାରୁ ଜୀବନରେ ମାରିଦେବାକୁ ଧମକ୍ ଦେଉଥିବା ଅଭିଯୋଗ ଆଣି ସମ୍ପୃକ୍ତ ୱେବ୍ ଚ୍ୟାନେଲ ମାଲିକ ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗକୁ ଗ୍ରହଣକରି ପୋଲିସ ପ୍ରଥମେ ଏକ ମାମଲା ରୁଜୁ କରିଛି। ତେବେ ଉଭୟ ମାମଲାର ପୋଲିସ ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁସାରେ ସ୍ଥାନୀୟ କ୍ରିଷ୍ଣା ଗ୍ଲୋବାଲ ସଲ୍ୟୁସନ୍ସ କମ୍ପାନୀ ଚୌଦ୍ୱାର ମ୍ୟୁନିସିପାଲିଟିର ୧୭ ନମ୍ବର ୱାର୍ଡରେ ରାସ୍ତା କାମ ଚାଲୁ ରଖିଛି। ଗତ ରବିବାର ଅପରାହ୍ନରେ ଏକ ୱେବ ଚ୍ୟାନେଲର ମାଲିକ ସେଠାରେ ପହଞ୍ଚି ଉପସ୍ଥିତ କର୍ମଚାରୀଙ୍କୁ ମାଲିକ କାହାନ୍ତି, ନିର୍ମାଣ କାମର ମାନ ଠିକ୍ ହେଉ ନାହିଁ ବୋଲି କହି ୫ହଜାର ଟଙ୍କା ଦାବି କରିଥିଲେ। ମନା କରିବାରୁ ଧମକ୍ ଦେବାରୁ କମ୍ପାନୀର କର୍ମଚାରୀ ମଙ୍ଗଳବାର ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ କ୍ରିଷ୍ଣା ଗ୍ଲୋବାଲ ସଲ୍ୟୁସନ କମ୍ପାନୀ କର୍ମଚାରୀ ତାଙ୍କୁ ଧମକ୍ ଦେଇଥିବା ଅଭିଯୋଗ ଆଣି ସମ୍ପୃକ୍ତ ୱେବ୍ ଚ୍ୟାନେଲ ମାଲିକ ଥାନାରେ ଏତଲା ଦେଉଛନ୍ତି। ଉକ୍ତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି।

# ୫ଦିନ ପରେ ଧାରଣା ପ୍ରତ୍ୟାହୃତ



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

ନିଶ୍ଚିନ୍ତକୋଇଲି,୩୦।୧୧
(ଅଶୋକ କୁମାର ମହାପାତ୍ର)

**ତହସିଲଦାରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକଙ୍କୁ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ୫ ଦିନ ଧରି ଚାଲିଥିବା ଧାରଣା ୫ ଦିନ ପରେ ଗୁରୁବାର ପ୍ରତ୍ୟାହୃତ ହୋଇଯାଇଛି।

ଅକ୍ଟୋବର ୨୬ରେ ଦିଲୀପ ତହସିଲ କାର୍ଯ୍ୟ ସାରି ରାତିରେ ଏକ ବାଇକ୍‌ଯୋଗେ ତାଙ୍କ କେନ୍ଦ୍ରାପଡା ବାସଭବନକୁ ଯାଉଥିଲେ। ଏହି ସମୟରେ କଟକ–ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡା ଜିଲା ଖମୋଳ ଛକ ନିକଟରେ ଯୋଜନାବଦ୍ଧଭାବେ କେତେଜଣ ଦୁର୍ବୃତ୍ତ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତହସିଲଦାର ଦିଲୀପଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏସମ୍ପର୍କରେ ଦିଲୀପ ଡେରାବିଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ କେବଳ ମାମଲା ରୁଜୁ କରି ଚୁପ୍ ହୋଇ ବସିଥିଲା। ଇତିମଧ୍ୟରେ ଦୀର୍ଘ ଏକମାସ ଅତିକ୍ରାନ୍ତ କରିଥିଲେ ମଧ୍ୟ କେନ୍ଦ୍ରାପଡା ଜିଲା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ନିଜର ଧନ ଜୀବନ ସୁରକ୍ଷିତ ନୁହେଁ ବୋଲି ମନେକରି ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ କଟକ ଜିଲାପାଳଙ୍କୁ ଲିଖିତ ଆକାରରେ ଜଣାଇଥିଲେ। ମାତ୍ର କଟକ ଜିଲାପାଳ ଏହି ଘଟଣା ଉପରେ କୌଣସି ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିବାରୁ ତହସିଲ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଗତ ୨୨ ତାରିଖ ଦିନ ତହସିଲ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଥିଲେ। ଗତ ଶୁକ୍ରବାରଠାରୁ ତହସିଲର ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିଲେ। ଗୁରୁବାର ଅପରାହ୍ନରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶରେ ଡେରାବିଶ ଥାନା ଅଧିକାରୀ କିଶୋର କୁମାର ତରାଇ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ଆସି ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନରତ କର୍ମଚାରୀ ଧାରଣାରୁ ଓହରିଥିଲେ ବୋଲି ବରିଷ୍ଠ କିରାଣି ସୁନାକର ସେଠୀ କହିଛନ୍ତି।

## ଭାରସାମ୍ୟ ହରାଇ ସାଇଫନକୁ ଓଲଟିଲା କାର୍

ମାହାଙ୍ଗା, ୩୦।୧୧(ଯଯାତି ସିଂହ)

ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଧୀନ ତ୍ରିବେଣୀଶ୍ୱର କେନାଲ ସାଇଫନ ମଧ୍ୟକୁ ଏକ କାର ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ସୌଭାଗ୍ୟବଶତଃ ଡ୍ରାଇଭରଙ୍କ ସହ ୪ ଜଣ ଯାତ୍ରୀ ରକ୍ଷାପାଇ ଯାଇଛନ୍ତି।
ବୁଧବାର ଭୁବନେଶ୍ୱରରୁ କାର ଯୋଗେ ବରଯାତ୍ରୀ ବାଲିଚନ୍ଦ୍ରପୁରକୁ ଆସିଥିଲେ। ଭୋଜିଭାତ ଖାଇ ସେମାନେ ଭୁବନେଶ୍ୱରକୁ ଫେରୁଥିବା ସମୟରେ କୁଆଁପାଳ–ପାଗା ପୂର୍ତ୍ତ ରାସ୍ତାର ତ୍ରିବେଣୀଶ୍ୱରଠାରେ ଗାଡ଼ିଟି ଭାରସାମ୍ୟ ହରାଇ ସାଇଫନର ବାଡା ଭାଙ୍ଗି ଖସି ପଡିଥିଲା। ଫଳରେ ଗାଡିଟିର ବହୁ ଅଂଶ ଭାଙ୍ଗିଯାଇଥିଲା। ଖବରପାଇ ମାହାଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ସାଇଫନ ମଧ୍ୟରୁ ଉଠାଇବା ସହ ଜବତ କରି ଥାନାକୁ ଆଣିଛି। ଏହାପରେ ଦୁର୍ଘଟଣାର କାରଣ ସମ୍ପର୍କରେ ଜାଣିବା ପାଇଁ ଅଧିକ ତଦନ୍ତ ଚଳାଇଛି।

## ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ

ନିଆଳି/ ସାଲେପୁର, ୩୦।୧୧
(ସୁକାନ୍ତ କୁମାର ସିଂହ/ ଅରବିନ୍ଦ ଭୂୟାଁ)

ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାର ବିରୋଧରେ ଭାଜପା ପକ୍ଷରୁ ନିଆଳି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ନେତା ଛବି ମଲ୍ଲିକଙ୍କ ନେତୃତ୍ୱରେ ୨୩ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ନିଆଳି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ସରକାରୀ ବିରୋଧୀ ସ୍ଲୋଗାନ ଦେଇଥିଲେ। ପରେ ୧୧ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ଲକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୂର୍ବତନ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ସାରଥି ବିଶ୍ୱାଳ, ରୀତା ଚୌଧୁରୀ, ତ୍ରିଲୋଚନ ବେହେରା, ଶକ୍ତିରଞ୍ଜନ ନାୟକ ଯୋଗଦେଇ ସରକାରୀ ବିରୋଧୀ ଭାଷଣ ଦେଇଥିଲେ। ସେହିପରି ସାଲେପୁର ବ୍ଲକ କାର୍ଯ୍ୟାଳୟରେ ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରଶାସନିକ ଅରାଜକତା ଆଦି ମନମୁଖୀ କାର୍ଯ୍ୟ ଚାଲିଥିବା ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପର୍ଯ୍ୟନ୍ତ ଧାରଣା ଚାଲୁରହିବ ବୋଲି ସାଲେପୁରର ପୂର୍ବତନ ବିଧାୟକ ତଥା କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା କହିଥିଲେ। ତାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରା ସାଲେପୁର ଭାଜପା କାର୍ଯ୍ୟାଳୟରୁ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରି ଗଣଧାରଣାରେ ବସିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀ, କଟକ ଲୋକସଭା ସଂଯୋଜକ ସୁକାନ୍ତ ବିଶ୍ୱାଳ, ସରପଞ୍ଚ ରଶ୍ମିତା ଦାସ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ଜେନା, ଅମନ୍ ବେହେରା, ଜିଲା କୋଷାଧ୍ୟକ୍ଷ ସ୍ମିତିରଞ୍ଜନ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୭ ଦିନ ମଧ୍ୟରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

## ଜନନୀ, ଜନ୍ମଭୂମି ସ୍ୱର୍ଗଠାରୁ ବଡ଼

ମାହାଙ୍ଗା,୩୦।୧୧(ଯଯାତି କେଶରୀ ସିଂହ):

ମାହାଙ୍ଗା ବ୍ଲକ ପୋଡ଼ାମରାଇ ପଞ୍ଚାୟତ ଅନ୍ତର୍ଗତ ସିନ୍ଧୁପୁରଠାରେ ଚମ୍ପା ଖଟୁଆଙ୍କ ଦ୍ୱାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡ.ଏକାଦଶୀ ପ୍ରଧାନ ଏଥିରେ ପୌରୋହିତ୍ୟ କରିଥିଲେ। ଏନେଇ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଜନନୀ ଓ ଜନ୍ମଭୂମୀ ସ୍ୱର୍ଗଠାରୁ ବଡ଼ ବୋଲି କହିଥିଲେ। ପୁତ୍ର ତଥା ଶିକ୍ଷକ ନେତା ପ୍ରଫେସର ଡ.ଯୁଧିଷ୍ଠିର ଖଟୁଆଙ୍କୁ ଶିକ୍ଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ରାଜ୍ୟରେ ପରିଚିତ କରାଇବାରେ ମା’ ଚମ୍ପାଦେବୀଙ୍କ ଅବଦାନ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ୟୁଟିଆ ରାଜ୍ୟ ସାଧାରଣ ସମ୍ପାଦକ ଡ.ବ୍ରଜକିଶୋର ନାୟକ, କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ଧଳ, କବି ଉଦୟ କେଶରୀ ବର୍ମା, ଶିକ୍ଷାବିତ ଦୀନବନ୍ଧୁ ପାତ୍ର, କବି ଗୌତମ ଚରଣ ଜେନା,ଖବରଦାତାକୈଳାସ ଚନ୍ଦ୍ର ଜେନା,କବି ରାଜିବ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଶ୍ରଦ୍ଧାଞ୍ଜଳିପ୍ରଦାନକରିଥିଲେ।

## ଏଲ୍ଆଇସିର ନୂଆ ଯୋଜନା ‘ଜୀବନ ଉତ୍ସବ’




ଅତିଥିମାନେ ‘ଜୀବନ ଉତ୍ସବ’ର ଶୁଭାରମ୍ଭ କରୁଛନ୍ତି ।

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା):

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ନୂତନ ଯୋଜନା ‘ଜୀବନ ଉତ୍ସବ’ର ଶୁଭାରମ୍ଭ ହୋଇଛି। ଏଲ୍ଆଇସିର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି ବୁଧବାର ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ ବଜାର ସନ୍ଦେଶକୁ ଦୃଷ୍ଟିରେ ରଖି ଉକ୍ତ ଯୋଜନା କରାଯାଇଥିବା କହିଛନ୍ତି। ‘ଜୀବନ ଉତ୍ସବ’ ଏକ ବ୍ୟକ୍ତିଗତ ଆଜୀବନ ସଞ୍ଚୟ ବୀମା ଯୋଜନା। ଏହା ଏକ ସୀମିତ ଅବଧି ପ୍ରିମିୟମ ଯୋଜନା। ଏହି ଯୋଜନାରେ ପ୍ରିମିୟମ ପ୍ରଦାନ ଅବଧିରେ ଗ୍ୟାରେଣ୍ଟିଯୁକ୍ତ ଲାଭର ବ୍ୟବସ୍ଥା ଅଛି। ଏହି ଯୋଜନା ୯୦ ଦିନରୁ ୬୫ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ। ସର୍ବନିମ୍ନ ୫ବର୍ଷ ଏବଂ ସର୍ବାଧିକ ୧୬ ବର୍ଷ ପାଇଁ ପ୍ରିମିୟମ ପ୍ରଦାନ କରାଯାଇପାରିବ। ପ୍ରିମିୟମ ଅବଧି ପ୍ରଦାନ ପରେ ବୀମାଧାରୀ ରେଗୁଲାର ଇନକମ୍ ବେନିଫିଟ୍ ଅଥବା ଫ୍ଲେକ୍ସି ଇନକମ୍ ବେନିଫିଟ୍ ମଧ୍ୟରୁ ଯେକୌଣସି ବିକଳ୍ପ ଚୟନ କରିପାରିବେ। ତେବେ ବୀମା ସମ୍ପର୍କିତ ଅଧିକ ସୂଚନା ପାଇଁ ଉତ୍ପାଦ ପ୍ରସ୍‌ପେକ୍ଟସ୍ ଏବଂ ବିକ୍ରୟ ପୁସ୍ତିକା ଦେଖିପାରିବେ। ୱେବସାଇଟ୍ www.licindia.inରେ ମଧ୍ୟ ଏସମ୍ପର୍କିତ ତଥ୍ୟ ରହିଛି। ନୂତନ ଯୋଜନା ‘ଜୀବନ ଉତ୍ସବ’ ଶୁଭାରମ୍ଭ ସମୟରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ, ବିପଣନ ପ୍ରବନ୍ଧକ ପି. ରାଜଶେଖର ଓ ରାମକୃଷ୍ଣ ମିଶ୍ର, ବିକ୍ରୟ ପ୍ରବନ୍ଧକ ନିର୍ମଳେନ୍ଦୁ ନାୟକ ଏବଂ ଅଶ୍ୱିନୀ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍ଏସିରେ ଶ୍ରଦ୍ଧାଳୟ ନିର୍ମାଣ ଦାବି

ବାଙ୍କୀ,୩୦।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

**ଜିଲାପାଳଙ୍କୁ ବରିଷ୍ଠ ନାଗରିକ ସଂଘର ଦାବିପତ୍ର ପ୍ରଦାନ**

ଆଜିର ସମାଜରେ ଅନେକ ବୃଦ୍ଧାବୃଦ୍ଧମାନେ ପରିବାରରେ ଅଲୋଡ଼ା ହୋଇ ନିର୍ଯାତିତ ହେବାସହ ଦୁର୍ବିସହ ଜୀବନଯାପନ କରୁଛନ୍ତି। ଏନେଇ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ଅଧିନରେ କାର୍ଯ୍ୟକାରୀ ହେଉଥିବା ‘ଅଟଳ ବୟୋ ଅଭ୍ୟୁଦୟ ଯୋଜନା (ଅଭୟ)’ ସମନ୍ୱିତ କାର୍ଯ୍ୟକ୍ରମରେ ନିଷ୍ପେଷିତ ବରିଷ୍ଠ ନାଗରିକ ନିରାପଦ ଭାବେ ରହିବା ଲାଗି ଯୋଜନା କରାଯାଇଛି। ଏହି ଅନୁଯାୟୀ ସବୁ ସହରାଞ୍ଚଳରେ ଗୋଟିଏ ଲେଖାଏଁ ଶ୍ରଦ୍ଧାଳୟ କରାଯିବା ପାଇଁ ବ୍ୟବସ୍ଥା ରହିଛି। ସେଠାରେ ଅତିକମ୍‌ରେ ୧୫୦ ବ୍ୟକ୍ତି ରହିବା ଭଳି ସୌଦ୍ଧ ନିର୍ମାଣ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସାମାଜିକ ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ରାଜ୍ୟର ସବୁ ଜିଲାପାଳଙ୍କୁ ପତ୍ରଲେଖି ଆବଶ୍ୟକୀୟ ଜମିର ଖସଡା ସହ ଜିଲାରେ ଥିବା ବୃଦ୍ଧାଶ୍ରମର ପୁନଃ ବିବରଣୀ ତୁରନ୍ତ ଦେବାପାଇଁ ପତ୍ର ଲେଖାଯାଇଅଛି। ଏହାକୁ ଦୃଷ୍ଟିରେ ରଖି ବାଙ୍କୀ ଏନ୍ଏସି ଅଞ୍ଚଳର ବରିଷ୍ଠ ନାଗରିକଙ୍କ ପାଇଁ ଶ୍ରଦ୍ଧାଳୟ ନିର୍ମାଣ କରିବାକୁ ଦାବି କରାଯାଇଛି। ଏନେଇ ବରିଷ୍ଠ ନାଗରିକ ସଂଘ ସଭାପତି ତଥା ଆଇନଜୀବୀ ବିରଞ୍ଚି ଦାସ କଟକ ଜିଲାପାଳଙ୍କୁ ଦାବିପତ୍ର ଦେବାସହ ଏହାର ନକଲ ବାଙ୍କୀ ଉପଜିଲାପାଳ, ତହସିଲଦାର ଏବଂ ଏନ୍ଏସି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି।

# ରାତି ୧୦ ସୁଦ୍ଧା ବିସର୍ଜନ ସାରିବାକୁ ନିର୍ଦ୍ଦେଶ

**କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ପ୍ରସ୍ତୁତି ବୈଠକ**

ଖୁଣ୍ଟୁଣୀ, ୩୦।୧୧(ସଚ୍ଚିଦାନନ୍ଦ ପଣ୍ଡା)



ବୈଠକରେ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଏବଂ ଅନ୍ୟମାନେ ।

ଖୁଣ୍ଟୁଣୀ ଅଞ୍ଚଳର ୧୯ଟି ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟ ପ୍ରତିମା ପୂଜା କରାଯାଉଛି। ଆସନ୍ତା ୬ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ଗୁରୁବାର ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସାହିର ମୁରବି ଯୋଗଦେଇଥିଲେ। ଚଳିତବର୍ଷ ଶୃଙ୍ଖଳାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ଭସାଣିରେ ଡିଜେ ବଜାଇବାକୁ ବାରଣ କରାଯାଇଛି। କୌଣସି ସାହି ମେଢ ନିୟମ ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟରେ ନ ଗଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରାହ୍ନ ୧ଟାରୁ ରାତି ୧୦ଟା ମଧ୍ୟରେ ସମସ୍ତ ମେଢ଼ ବିସର୍ଜନ ସାରିବାକୁ ଏସ୍‌ଡିପିଓ ନିର୍ଦ୍ଦେଶ ଦେଇଥିଲେ। ମାଇକ ବଜାଇବା ପାଇଁ ସମସ୍ତ ପୂଜା ମଣ୍ଡପର ସଭାପତି ଓ ସମ୍ପାଦକ ଉପଜିଲାପାଳଙ୍କ ନିକଟରୁ ଅନୁମତି ଆଣିବାକୁ ବାଧ୍ୟ ବୋଲି ନାୟକ କହିଥିଲେ। କୌଣସି ସାହିର ଲୋକେ ବିଶୃଙ୍ଖଳା ସୃଷ୍ଟି କଲେ ସେମାନଙ୍କ ମେଢ ଶୋଭାଯାତ୍ରାରେ ଯାଇପାରିବ ନାହିଁ ବୋଲି ସେ ସତର୍କ କରାଇ ଦେଇଥିଲେ। ଏହି ବୈଠକରେ ଏସ୍ଆଇ ବିକାଶ ସେଠି, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତି ସଭ୍ୟ ଗଗନ ବିହାରୀ ପରିଡା, ଖବରଦାତା ସଚ୍ଚିଦାନନ୍ଦ ପଣ୍ଡା, ଗ୍ରାମ କମିଟି ସମ୍ପାଦକ ଦିଲ୍ଲୀପ କୁମାର ଶେଠ, ଶିଶିର କୁମାର ମିଶ୍ର, ସୁଶାନ୍ତ କୁମାର ସାହୁ, ଦୀପକ ସାହାଣୀ ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପୂର୍ବତନ କଂଗ୍ରେସ ବିଧାୟକଙ୍କ ସ୍ମୃତିସଭା

ମଙ୍ଗୁଳି–ଜଗତପୁର,୩୦।୧୧(ମାନସ ସାମଲ)

ଟାଙ୍ଗୀ–ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରସାନନ୍ଦ ସାହୁଙ୍କ ବିୟୋଗରେ ଚୌଦ୍ୱାର ଗାନ୍ଧୀଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଗୁରୁବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ–ଚୌଦ୍ୱାର ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ଅତିଥି ଭାବେ ଆଇନଜୀବୀ ଆଲୋକ ନନ୍ଦ ଯୋଗଦେଇ ରସାନନ୍ଦଙ୍କ କାର୍ଯ୍ୟଧାରାକୁ ଅନୁସରଣ କରି ଚୌଦ୍ୱାରରେ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସ୍ମୃତିସଭାରେ ନଗର ସଭାପତି ବିଜୟ ବେହେରା, ରାଜୀବ ମହାନ୍ତି, ମୋନାଲିସା ଦାସ, ସୁବାସ ସୁବୁଦ୍ଧିରାୟ, ଶ୍ରୀମନ୍ତ ବେହେରା, ସୌରଭ ଦାସ, ଲିପ୍ସା ଚିନ୍ତାପଲ୍ଲୀ, ସ୍ୱର୍ଣ୍ଣଲତା ନାୟକ, ଅଂଶୁମାନ ପ୍ରଧାନ, ହରିହର ପରିଡାଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ କଟକ–ପାରାଦୀପ ୧୨ନଂ. ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି ।

କଟକ ସଦର,୩୦।୧୧(ସୁଶାନ୍ତ କୁମାର ଜେନା):

କଟକ–ପାରାଦୀପ ୧୨ନଂ. ରାଜ୍ୟ ରାଜପଥର କମରପଦା ନିକଟରେ ଗୁରୁବାର ସକାଳେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କୃତାଙ୍ଗ ଗ୍ରାମର ସସ୍ମିତା ସାହୁ। ସେ ଦାଦାଙ୍କ ସହ ଶାଶୁଘରକୁ ସ୍କୁଟିରେ ଯାଉଥିବାବେଳେ କଟକ ଆଡୁ ଆସୁଥିବା ହାଇୱା (ନଂ. ଏପି୩୯ଟି–୭୧୧୩) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଉମାକାନ୍ତ ସାସମଲ ତଳେ ପଡ଼ିଯାଇ ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମାତ୍ର ସସ୍ମିତାଙ୍କ ଉପରେ ଗାଡ଼ି ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସ୍ଥାନୀୟ ଲୋକମାନେ ମୃତଦେହ ରାସ୍ତା ଉପରେ ରଖି ରାସ୍ତାରୋକୋ କରିଥିଲେ। କିଶନନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକ ହଟିଥିଲା। ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା।

# ଏନ୍‌ଏମ୍‌ଏ ପକ୍ଷରୁ ମଠ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

## ପରିକ୍ରମା ପ୍ରକଳ୍ପ ପାଇଁ ମଠ ଉଚ୍ଛେଦ କରାଯାଇଥିଲା

**ପୁରୀ, ୩୦।୧୧(ଅଜିତ୍ ମହାନ୍ତି)**

ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ମେଘନାଦ ପାଚେରିଠାରୁ ୧୦୦ ମିଟର ପରିସରରେ ଥିବା ମଠଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ମଠଗୁଡ଼ିକର ବିଜେସ୍ଥଳି ଓ ମହନ୍ତଙ୍କ ଗୃହକୁ ଛାଡ଼ି ଅବଶିଷ୍ଟ ଅଂଶକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଥିଲା। ତେବେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଉଚ୍ଛେଦ ମଠଗୁଡିକର ପୁନରୁଦ୍ଧାର, ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଗୁରୁବାର ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ)ର ଏକ ଜଏଣ୍ଟ ଟିମ୍ ପୁରୀ ଗସ୍ତରେ ଆସି ୧୦୦ ମିଟର ପରିସରରେ ଥିବା ୪ଟି ମଠର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ନେତୃତ୍ୱରେ ଏ ନେଇ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଓବିସିସି ଅଧିକାରୀ ପ୍ରଭାତ ପାଣିଗ୍ରାହୀ, ରାଜ୍ୟ ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ କୁମାର ଶତପଥୀ ଏବଂ ଏଏସ୍‌ଆଇ ପୁରୀ ସର୍କଲ ମୁଖ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଟିମ୍ ପକ୍ଷରୁ ବଡ଼ଛତା ମଠ, ଛାଉଣୀ ମଠ, ଉତ୍ତରପାର୍ଶ୍ୱ ମଠ ଓ କାକଡ଼ିଖାଇ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। ମଠ ଢାଞ୍ଚାର ସୌନ୍ଦର୍ଯ୍ୟକରଣ ବ୍ୟତୀତ ଅନ୍ୟ କିଛି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି। ଉତ୍କଳୀୟ ତଥା କଳିଙ୍ଗ ସ୍ଥାପତ୍ୟ କଳା ବହନ କରୁଥିବା କାର୍ଯ୍ୟ କିଭଳି ହେଉଛି ତାହା ଅନୁଧ୍ୟାନ କରାଯାଉଛି। ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି, ଏନ୍‌ଏମ୍‌ଏ ନିଷ୍ପତ୍ତି ଅନୁସାରେ ମଠଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇପାରିବ, କିନ୍ତୁ ନୂତନ କିଛି ନିର୍ମାଣ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ପ୍ରତି ଯେପରି କୌଣସି କ୍ଷତି ସୃଷ୍ଟି କରୁ ନ ଥିବ ସେ ନେଇ ଅନୁଧ୍ୟାନ କରାଯାଉଛି। ଏନ୍‌ଏମ୍‌ଏର ସମସ୍ତ ନିୟମ ଅନୁପାଳନ କରାଯାଇ କାର୍ଯ୍ୟ ହେଉଛି। ସେହିପରି ଓବିସିସି ଅଧିକାରୀ ପାଣିଗ୍ରାହୀ କହିଛନ୍ତି, ସଂସ୍କୃତି ନିର୍ଦ୍ଦେଶକ ପୁରୀ ଗସ୍ତରେ ଆସି ମଠ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନ୍‌ଏମ୍‌ଏର ନିୟମ ଅନୁସାରେ କାର୍ଯ୍ୟ ହେଉଛି। ପରିକ୍ରମା ପ୍ରକଳ୍ପ ପରିସରରେ ୧୭ଟି ମଠ ସହ ୩ଟି ମନ୍ଦିର ରହିଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ମଠ ଓ ମନ୍ଦିରର କାର୍ଯ୍ୟ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମନ୍ଦିର ସହ ମିଶିଲା ପରି ରଙ୍ଗ କରାଯିବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ମଦ ଜବତ, ବେପାରୀ ଗିରଫ

**ଜଟଣୀ,୩୦।୧୧(ରବୀନ୍ଦ୍ର ନାଥ ମହାକୁଡ଼):** ବେଆଇନଭାବେ ଦେଶୀ ମଦ ବେପାର କରୁଥିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ବେପାରୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅରୁଗୁଳ ଅଞ୍ଚଳର ଦୀପା ଓରଫ ବିପିନ ନାୟକ(୩୫)। ତାଙ୍କ ନିକଟରୁ ୧୦.୪ଲିଟର ଦେଶୀ ମଦ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ. ୪୧୦/୨୩)ରୁଜୁ ହୋଇଥିବା ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବେଆଇନ ଭାବେ ଦେଶୀ ମଦ ବିକ୍ରି ହେଉଥିବା ଖବରପାଇବା ପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ପାଟ୍ରୋଲିଂ ଟିମ୍ ଅରୁଗୁଳ ବଜାର ନିକଟରେ ଚଢ଼ାଉ କରି ବିପିନଙ୍କୁ ଧରିଥିଲେ। ତାଙ୍କ ନିକଟରୁ ଦେଶୀ ମଦ ଓ ୨୬୦ ଟଙ୍କା ଜବତ ହୋଇଥିଲା।

### ଯୁବ ବ୍ୟବସାୟୀଙ୍କ ପରଲୋକ

**ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)**

ଟାଙ୍ଗୀ ଗ୍ରାମର ଯୁବ ବ୍ୟବସାୟୀ ଭବାନୀ ଶଙ୍କର ମିଶ୍ରଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଟାଙ୍ଗୀ ଶାନ୍ତି ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ବାସଭବନରେ ସରପଞ୍ଚ କିଶୋର କୁମାର ବେହେରା, ବନ୍ଧୁ ସହପାଠୀ, ବ୍ୟବସାୟୀମାନେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଶାନ୍ତି ମାର୍କେଟର ସମସ୍ତ ଦୋକାନବଜାର ବନ୍ଦ ରହିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଭଣଜା ମୁଖାଗ୍ନି ଦେଇଥିଲେ।

### ବ୍ଲକସ୍ତରୀୟ ବିଜ୍ଞାନମେଳା

**ବାଲିପାଟଣା,୩୦।୧୧(ଅଭିମନ୍ୟୁ ନାୟକ)**

ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଦିବସୀୟ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅର୍ବଣ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ବିଜ୍ଞାନ ମେଳା ଏକ ସୁନ୍ଦର ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ବାଲିଅନ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଜ୍ଞା ପାରମିତା ଜେନା, ସହ ଶିକ୍ଷା ଅଧିକାରୀ ବିକ୍ରମ କେଶରୀ ନାୟକ, ସରପଞ୍ଚ ବିନୋଦିନୀ ମଲ୍ଲିକ, ଶିକ୍ଷକ ନେତା ଆଲୋକ ସାହୁ, ରଶ୍ମି ରଞ୍ଜନ ପଣ୍ଡା, ଜଳେଶ୍ୱର ମଲ୍ଲିକ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ସ୍କୁଲ କମିଟି ସଭାପତି ଚକ୍ରଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୩ଟି ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଗୁଆପୁରର ସୁନନ୍ଦା ପଣ୍ଡା, ଗୋବରିଆର ରୋଜାଲିନ ଭୋଇ ଓ ପୁବାଗଡର ପ୍ରଣତି ମଲ୍ଲିକ ପ୍ରଥମ ଦିତୀୟ ଓ ତୃତୀୟ ସ୍ଥାନ କରିଛନ୍ତି। ପୂର୍ବାହ୍ନରେ ବିଜ୍ଞାନମେଳାକୁ ପଞ୍ଚାୟତ ସମିତି ଚେୟାରମ୍ୟାନ ହରପ୍ରିୟା ଦାସ ଉଦ୍‌ଘାଟନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀମାନେ କ୍ରୀଡ଼ା ଶିକ୍ଷୟତ୍ରୀ ସସ୍ମିତା ସାହଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଧାନ ଶିକ୍ଷକ ବିଜୟ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କୁ ଉତ୍କଳ ସମ୍ମିଳନୀର ସମ୍ବର୍ଦ୍ଧନା



ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)**

ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ଉପସଭାପତି ଉଷାରାଣୀ ମହାନ୍ତି, ସାଧାରଣ ସଂଯୋଜକ ରବୀନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଭୀମସେନ୍ ମହାପାତ୍ର, ଭୁବନେଶ୍ୱର ଶାଖା ଉପସଭାପତି ନିରଞ୍ଜନ ପଣ୍ଡା ପ୍ରମୁଖ ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡ଼ୋଶୀ ରାଜ୍ୟର ବାରମ୍ବାର ସୀମା ଲଘଂନ, ବିଚ୍ଛିନ୍ନାଞ୍ଚଳର ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଥିବା ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସ୍ଥାପନ କରିବା ତଥା ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ଉତ୍କଳ ସମ୍ମିଳନୀ ଦ୍ୱାରା ସେହି ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷା ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁର ଓ କର୍ମଭୂମି ଶୈଳବାଳା ମହିଳା କଲେଜ ପରିସରରେ ଥିବା ତାଙ୍କ ବାସଭବନକୁ 'ମଧୁସ୍ମୃତି ମ୍ୟୁଜିୟମ ଓ ଗବେଷଣା ପାଠାଗାର'ରେ ପରିଣତ କରିବା, ସମ୍ରାଟ ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ରାଜଧାନୀରେ ସ୍ଥାପନ କରାଯାଇ ତାଙ୍କ ଜନ୍ମ ଦିବସ ଏବଂ ଅଭିଷେକ ଦିବସ ପାଳନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା।

# 'ଏକାଠି ହୋଇ ସଙ୍ଗଠନ ସୁଦୃଢ଼ କର'



ସମ୍ମିଳନୀରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଏବଂ କର୍ମୀମାନେ।

**ବୋଲଗଡ଼,୩୦।୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଚୁଡା ଗ୍ରାମ ଗେଡିମୁଣ୍ଡିଆ ।ରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ଡାବରଧୁଆ ପାଟଣା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସର ବ୍ଲକ ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୃଥ୍ୱୀବଲ୍ଲଭ କହିଥିଲେ, କଂଗ୍ରେସ ଦଳ ଜିତିବା ପାଇଁ ତୃଣମୂଳସ୍ତରରୁ ସଙ୍ଗଠନ ସଜାଡ଼ିବା ସହ ମତାନ୍ତରକୁ ଭୁଲି ଏକାଠି ହେବାକୁ ପଡିବ। କଂଗ୍ରେସର ପୂର୍ବତନ ବ୍ଲକ ସଭାପତି ପ୍ୟାରୀମୋହନ ଦାସ କହିଥିଲେ, କଂଗ୍ରେସ ସମର୍ଥକଙ୍କ ସଂଖ୍ୟା ଅଧିକ ରହିଛି, ମାତ୍ର ଏହାକୁ ଏକାଠି କରି ଲଢ଼ିବାକୁ ପଡିବ। ଯୁବକମାନେ ଦଳୀୟ ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ଭୂମିକା ନେବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ କଂଗ୍ରେସ କର୍ମୀ ଗୁଲାମ ନବୀ ତରଫଦାର, ଦିବାକର ରାଉତ, ନାରାୟଣ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସେଠୀ, ଡାବରଧୁଆ ପାଟଣା ସେବା ସମବାୟ ସମିତିର ସଭାପତି ଯୋଗେନ୍ଦ୍ର ଶ୍ରୀଚନ୍ଦନ, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରସନ୍ନ କୁମାର ନାୟକ, ୱାର୍ଡସଭ୍ୟ ନରୋତ୍ତମ ଜୟସିଂହ, ବୈକୁଣ୍ଠ ରାଉତ, ବସନ୍ତ କୁମାର ରାଉତ, ବିଶମ୍ଭର ରଣସିଂହ, ଦାଉଦ ଖାଁ, ଗୟାଧର ପ୍ରଧାନ, ହରି ଦେଓ, କିଶୋର ବଳିୟାରସିଂହ, ଭବାନୀ ଶଙ୍କର ସାହୁ, ଜୟ କୃଷ୍ଣ ସାମନ୍ତରାୟ, ପ୍ରଭାତ ସାହୁ, ବ୍ରଜ କିଶୋର ନାୟକ, ଗଣେଶ ଜୟସିଂହ, ଜିତେନ୍ଦ୍ର କୁମାର ପ୍ରଧାନ, ଜିତେନ୍ଦ୍ର ରାଉତ, ଶିଶିର ସାହୁ, ସନ୍ତୋଷ ରଣସିଂହ, ଦୀନବନ୍ଧୁ ନାୟକ, ପ୍ରଭାତ ଦତ୍ତ, ମନୋଜ ସୁବୁଦ୍ଧ, ସୀମାଞ୍ଚଳ ଖଣ୍ଡାଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବୈଠକରେ ଉପସ୍ଥିତ ଥିଲେ।

## ମତ୍ସ୍ୟଜୀବୀ ମହାସଂଘ ଉପଦେଷ୍ଟା ବିରଞ୍ଚିଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)**

ମତ୍ସ୍ୟଜୀବୀ ମହାସଂଘର ଉପଦେଷ୍ଟା ବୀରଞ୍ଚି ବେହେରାଙ୍କ ଏକାଦଶାହ ଦିବସରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ଓ ପୁରୀ ଜିଲା ସିପିଆଇ (ଏମଏଲ) କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଶ୍ୟାମ ସୁନ୍ଦର ବେହେରା, ଜାଗୁଲାଇପଦରର ରଙ୍ଗନାଥ ବେହେରା, ବରିଷ୍ଠ ନେତା କେଦାର ନାଥ ଜେନା, ପୂର୍ବତନ ସଭାପତି ମୂରଲୀଧର ବେହେରା, ଅନାଦି ବେହେରା, ବ୍ରହ୍ମଗିରି ଅଞ୍ଚଳର ଫଗୁନି ଜାଲି, ସିପିଆଇ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଶୋକ ପ୍ରଧାନ ପ୍ରମୁଖ ଯୋଗଦେଇ କହିଥିଲେ, ମତ୍ସ୍ୟଜୀବୀ ଆନ୍ଦୋଳନରେ ମତ୍ସ୍ୟଜୀବୀଙ୍କୁ ସଙ୍ଗଠିତ କରାଇବା ପାଇଁ ବୀରଞ୍ଚିଙ୍କ ଉଦ୍ୟମ ପ୍ରଶଂସନୀୟ। ବଳିଷ୍ଠ ନେତୃତ୍ୱ ଏବଂ ସାଙ୍ଗଠନିକ ଦକ୍ଷତା ତାଙ୍କର ସର୍ବଦା ମନେ ରହିବ ବୋଲି ଉପସ୍ଥିତ କର୍ମକର୍ତ୍ତା ମନ୍ତବ୍ୟ ରଖିଥିଲେ। ଅନାମ ବେହେରା, ପଦ୍ମନାଭ ବେହେରା, କାଶୀନାଥ ବେହେରା, ଚକ୍ରଧର ପ୍ରଧାନ, ଯୁଧିଷ୍ଠିର ବେହେରା, ଧବଳେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଜା ଆନ୍ଦୋଳନରେ ଶହୀଦ ଦିବାକରଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)**

ରଣପୁର ପ୍ରଜାମଣ୍ଡଳ ଆନ୍ଦୋଳନର ସକ୍ରିୟ କର୍ମୀ ଶହୀଦ ଦିବାକର ପରିଡ଼ାଙ୍କ ୧୧୨ତମ ଜୟନ୍ତୀ ଗୁରୁବାର ୟୁନିଟ୍-୯ସ୍ଥିତ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଅଧ୍ୟାପକ ଡ. ବାମନ ପରିଡ଼ା, ଶହୀଦ ରଘୁ ଦିବାକର ସ୍ମୃତି ସଂସଦର ସଭାପତି ବ୍ରଜବନ୍ଧୁ ପରିଡ଼ା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଅଭୟ ବଡ଼ଜେନା, ସମାଜସେବୀ ସଞ୍ଜୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ପରାଧୀନ ଭାରତର ରଣପୁର ଗଡ଼ଜାତରେ ଯେଉଁ ପ୍ରଜାମଣ୍ଡଳ ଆନ୍ଦୋଳନ ହୋଇଥିଲା, ସେଥିରେ ଶହୀଦ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମକୁ ଅଧିକ ସକ୍ରୀୟ କରିବା ସହ ଯୁବ ଓ ଛାତ୍ର ଗୋଷ୍ଠୀଙ୍କୁ ସବୁ ସମୟରେ ପ୍ରେରଣା ଦେଇଆସୁଛି ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ କେରଳର ୪୨ ଯୁବା ସଙ୍ଗମ ପ୍ରତିନିଧି

**ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)**

'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅନ୍ତର୍ଗତ ଆୟୋଜିତ ଯୁବା ସଙ୍ଗମ ଫେଜ୍-୩ରେ କେରଳରୁ ଓଡ଼ିଶା ପରିଦର୍ଶନରେ ଆସିଥିବା ଯୁବ ପ୍ରତିନିଧି ମଣ୍ଡଳୀର ୪୨ଜଣ ଛାତ୍ରୀଛାତ୍ର, ଯୁବତୀଯୁବକ ଗୁରୁବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛନ୍ତି। ରାଜଭବନର ଅଭିଷେକ ହଲ୍‌ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଏବଂ ଯୁବ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୁବଶକ୍ତି ରାଷ୍ଟ୍ରର ବୃହତ ଶକ୍ତି ବୋଲି ରାଜ୍ୟପାଳ କହିଛନ୍ତି। ଯୁବଗୋଷ୍ଠୀ ରାଷ୍ଟ୍ରର ନେତୃତ୍ୱ ନେବାକୁ ଉପଯୁକ୍ତ ଭାବେ ପ୍ରସ୍ତୁତ ହେବା ଦିଗରେ ଯୁବା ସଙ୍ଗମ ପରି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଭାରତ ଶ୍ରେଷ୍ଠ ଭାରତ ଅଭିଯାନ ଯୁବଗୋଷ୍ଠୀଙ୍କ ମଧ୍ୟରେ ନୂତନ ଉତ୍ସାହ, ଉନ୍ମାଦନା ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଥିଲେ। ଆଇଆଇଏମ୍, ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ସ୍ୱାଗତ ଅଭିଭାଷଣ ଦେବା ସହ ଯୁବା ସଙ୍ଗମ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷେପରେ କହିଥିଲେ। ପ୍ରତିନିଧିମଣ୍ଡଳୀ ପକ୍ଷରୁ ପ୍ରତିନିଧିତ୍ୱ କରି ଦୁଇଜଣ ପ୍ରତିନିଧି ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ବର୍ଣ୍ଣନା କରିଥିଲେ। ସୂଚନାଯୋଗ୍ୟ, କେରଳର ଏନ୍‌ଆଇଟି, କାଲିକଟ୍ ସୌଜନ୍ୟରେ ରାଜ୍ୟର ପ୍ରତ୍ୟେକ ଜିଲାରୁ ଆସିଥିବା ୪୨ଜଣ ଯୁବତୀଯୁବକ ଯୁବା ସଙ୍ଗମ କାର୍ଯ୍ୟକ୍ରମରେ ବର୍ତ୍ତମାନ ୬ଦିନିଆ ଓଡ଼ିଶା ପରିଦର୍ଶନରେ ଆସିଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜ୍ୟରେ ନୋଡାଲ ଅନୁଷ୍ଠାନ ଭାବେ ଆଇଆଇଏମ୍, ସମ୍ବଲପୁର ଆୟୋଜନ କରିଥିବା ବେଳେ ଏହି ପ୍ରତିଷ୍ଠାନର ଆନନ୍ଦ ସେଠ ଓ ପ୍ରଫେସର ଆର୍.କେ. ପାଢ଼ୀ ଉପସ୍ଥିତ ଥିଲେ ।



ରାଜ୍ୟପାଳ ରଘୁବର ଦାସ ଉଦ୍‌ବୋଧନ ଦେଉଛନ୍ତି।

## ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚିନାରାୟଣ ପଟ୍ଟନାୟକଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଓ ଫାଇନାଲ ପେନସନପତ୍ର ପ୍ରଦାନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ମଞ୍ଜରୀ ଦେବୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବ୍ଲକ ସମ୍ପାଦକ ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ କୁମାର ମହାରଣା, ବଳଭଦ୍ର ସେଠୀ, ବିଇଓ କାର୍ଯ୍ୟାଳୟ ସହାୟକ ଶରତ କୁମାର ଦାସ, ଜମ୍ବେଶର ରାଉତରାୟ, ରଜତ କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ସିଆର୍‌ସିସି ସୁଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# କର୍ମସଂସ୍ଥାନରେ ଯୌନ ଉତ୍ପୀଡ଼ନ ରୋକିବା ନେଇ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଜଟଣୀ,୩୦।୧୧(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କର୍ମସଂସ୍ଥାନ ତଥା କର୍ମକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ରୋକିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଲିଗାଲ ସର୍ଭିସ କମିଟି ଜଟଣୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ସିଭିଲ ଜଜ୍ ଜୁନିୟର ଡିଭିଜନ କମ ଜେଏମଏଫସି କୋର୍ଟର ମାଜିଷ୍ଟ୍ରେଟ ହିତେଶ୍ରୀ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜଟଣୀ ବାର୍ ଆସୋସିଏଶନର ସଭାପତି ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବିଜୟ କୁମାର ମହାପାତ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଧିବକ୍ତା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ବେହେରା ବିଭିନ୍ନ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ଉପରେ ହେଉଥିବା ଯୌନ ଶୋଷଣ ତଥା ଉତ୍ପୀଡ଼ନରୁ କିପରି ରକ୍ଷା ପାଇପାରିବେ ଏବଂ ଆଇନର କ'ଣ ସବୁ ଦିଗ ରହିଛି ସେ ବିଷୟରେ କହିଥିଲେ। ଶେଷରେ ଜଟଣୀ ବାର୍ ଆସୋସିଏଶନର ଉପସଭାପତି ପ୍ରଦୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍: ବାଘମାରୀ ବିଜୟୀ



ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

**ବେଗୁନିଆ,୩୦।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ମିନି ଷ୍ଟାଡିୟମରେ ଗୁରୁବାର ଟିପିସିଓଡିଏଲ ବିଦ୍ୟୁତ୍ କର୍ମଚାରୀଙ୍କୁ ନେଇ ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଘମାରୀ ବିଦ୍ୟୁତ୍ ସେକ୍ସନର କର୍ମଚାରୀ ଟିମ୍ ବିଜୟୀ ହୋଇଛି। ୧୦ ଓଭର ବିଶିଷ୍ଟ ଏହି ମ୍ୟାଚ୍ କଳାପଥର ଓ ବାଘମାରୀ ବିଦ୍ୟୁତ୍ ସେକ୍ସନର କର୍ମଚାରୀଙ୍କ ମଧ୍ୟରେ ହୋଇଥିଲା। ପ୍ରଥମେ କଳାପଥର ସେକ୍ସନ କର୍ମଚାରୀ ଟିମ୍ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୩୦ ରନ ସଂଗ୍ରହ କରିଥିଲା। ଜବାବରେ ବାଘମାରୀ ସେକ୍ସନ କର୍ମଚାରୀ ଟିମ୍ ନିର୍ଦ୍ଧାରିତ ଓଭରରେ ୩୨ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ସଭାରେ ଟିପିସିଓଡିଏଲ ବେଗୁନିଆ ଉପଖଣ୍ଡ ଅଧିକାରୀ ଗୋରାଙ୍ଗ ଚନ୍ଦ୍ର ମଣ୍ଡଳ ମୁଖ୍ୟ ଅତିଥି ଏବଂ ବାଘମାରୀ ସହକାରୀ ଯନ୍ତ୍ରୀ ସୁବ୍ରତ ମିଶ୍ର, କନିଷ୍ଠ ଯନ୍ତ୍ରୀ ପ୍ରଭୁଦତ ଦାସ, କଳାପଥର କନିଷ୍ଠ ଯନ୍ତ୍ରୀ ଦେବେନ୍ଦ୍ର କର ଯୋଗଦେଇଥିଲେ। ବିଜୟୀ ଓ ରନର୍ସଅପ ଟମକୁ ଟ୍ରଫି ପ୍ରଦାନ କରାଯାଇଥିଲା। ତରୁଣ କୁମାର ପ୍ରହରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ନୀଳକଣ୍ଠ ସାମନ୍ତସିଂହାର ଓ ପ୍ରିୟବ୍ରତ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ସରୋଜ କୁମାର ମହାପାତ୍ର ସ୍କୋରରେ ସହଯୋଗ କରିଥିଲେ।

# ୧୦ହଜାର ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ

**ଭୁବନେଶ୍ୱର, ୩୦।୧୧(ବନ୍ଦନା ସେଠୀ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ଜାଗା ମିଶନ ଅଧୀନରେ ତୃତୀୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ କରାଯାଇଛି। ଏଥିରେ ମୋଟ୍ ୧୦ହଜାର ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଏମ୍‌ସିର ୩ଟି ଜୋନ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଡ଼ଗଡ ନେତାଜୀ ପଡ଼ିଆଠାରେ ବିଜ୍ଞାନ, କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ସୁଶାନ୍ତି ସିଂଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୮ନଂ. କମ୍ୟୁନିଟି ହଲଠାରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଚନ୍ଦ୍ରଶେଖରପୁର ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ୍ୟ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପଣ୍ଡା ଯୋଗଦେଇ କହିଲେ, କେବଳ ଭୂମି ଅଧିକାର ପ୍ରମାଣପତ୍ର ନୁହେଁ, ଆଗାମୀ ଦିନରେ ସରକାର ଲୋକଙ୍କୁ ବିଭିନ୍ନ ଯୋଜନାରେ ଘର ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ସାଧାରଣଲୋକଙ୍କ ମୁଣ୍ଡ ଉପରେ ଛାତ, ପେଟକୁ ଦାନା ଏବଂ ଦେହକୁ ବସ୍ତ୍ର ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସେହିପରି ମେୟର କହିଲେ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ ଭୂମି ଅଧିକାର ପ୍ରମାଣପତ୍ର ଓ ବାସଗୃହ ପ୍ରଦାନ କରାଯିବ। 'ପ୍ରତି ଜୀବନ ଆମ ପାଇଁ ମୂଲ୍ୟବାନ' ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏକ ଅଂଶ ସ୍ୱରୂପ ଜାଗା ମିଶନ ଜରିଆରେ ତାହାକୁ ବାସ୍ତବ ରୂପ ଦେଉଛନ୍ତି ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସି ଅଞ୍ଚଳରେ ମୋଟ ୫୧ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୧୧ହଜାର ଓ ତୃତୀୟ ପର୍ଯ୍ୟାୟରେ ୧୦ହଜାର ଏପରି ମୋଟ ୭୨ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର, ଡେପୁଟି କମିଶନର, ଜୋନାଲ ଡେପୁଟି କମିଶନର ଓ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ।



ଅତିଥିଙ୍କଠାରୁ ହିତାଧିକାରୀ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୧।୨୦୨୩

| | |
|---|---|
| ୩,୮୧,୯୬୮ ଟଙ୍କା | |
| ସୁନା | ୨୦ ମିଲି ଗ୍ରାମ୍ |
| ରୁପା | ୩୬.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ଆକ୍ରମଣ କରିବା ଅଭିଯୋଗରେ ୪ ଗିରଫ

ପୁରୀ,୩୦।୧୧(ଅଜିତ୍ ମହାନ୍ତି)

ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ଥାନୀୟ ମଙ୍ଗଳାଘାଟର ରମେଶ ଚନ୍ଦ୍ର ବେହେରା, ଅଜୟ କୁମାର ସ୍ୱାଇଁ , ଗଣେଷ ବିଶ୍ୱାଳ ଏବଂ ଦୀପକ କୁମାର ସାହୁ । ଏନେଇ ପୋଲିସ କେସ ନଂ ୨୬୬/୨୩ରେ ଏକ ମାମଲା ରୁଜୁ କରିଛି।

### 'ବାତ୍ୟାରେ ଧୋଇଯିବ ସୁନାର ଫସଲ'

ନିମାପଡ଼ା,୩୦।୧୧(ରଞ୍ଜନ ପଟ୍ଟନାୟକ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଆସନ୍ତା ୨ତାରିଖ ବେଳକୁ ଉତ୍ତର- ପଶ୍ଚିମ ଦିଗରେ ଗତି କରି ବାତ୍ୟାର ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପବନ ସାଙ୍ଗକୁ ବର୍ଷାର ପରିମାଣ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟା ପରିସ୍ଥିତିରେ ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ପରାମର୍ଶ ଦେଇଛନ୍ତି। ଏଭଳି ଖବରରେ ପୁରୀ ଜିଲା ନିମାପଡ଼ା ଅଞ୍ଚଳର ଚାଷୀ ଭୟ ଏବଂ ଆତଙ୍କିତ ହୋଇ ପଡ଼ିଛନ୍ତି। ବର୍ତ୍ତମାନ ଧାନ, ପାନ ଏବଂ ପନିପରିବାର ଅମଳ ସମୟ। ଏ ସମୟରେ ବାତ୍ୟା ଖବର ଶୁଣି ଚାଷୀ ହତାଶ ହୋଇପଡ଼ିଛନ୍ତି। ଧାନଖଳା ପ୍ରସ୍ତୁତ ନାହିଁ । ତଥାପି ଭୟରେ ଚାଷୀ ଏବେ ତରବରିଆ କଞ୍ଚା ନାଡ଼ିଆ ଦର ପାଚିଲା ଧାନକୁ ଅମଳ କରିବାରେ ବ୍ୟସ୍ତ ହୋଇପଡ଼ିଛନ୍ତି। ପାଣିପାଗ ବିଭାଗର ଆକଳନ ଯଦି ସତ ହଏ ତା'ହେଲେ ଚାଷୀର ଆର୍ଥିକ ମେରୁଦଣ୍ଡ ଦୋହଲି ଯିବ। ବାତ୍ୟାରେ ଧୋଇଯିବ ସୁନାର ଫସଲ, ନଷ୍ଟ ହୋଇଯିବ ପରିଶ୍ରମର ଫଳ ବୋଲି ସ୍ଥାନୀୟ ଅଞ୍ଚଳର ଚାଷୀ ବୀରେନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ସେଠୀ ଓ କାହ୍ନୁ ଚରଣ ସେଠୀ ପ୍ରତିକ୍ରିୟାରେ କହିଛନ୍ତି।

# 'ମୋ କୋଣାର୍କ ମୋ ଗର୍ବ' ବାର୍ତ୍ତା ନେଇ ମିନି ସାଇକ୍ଲୋଥନ୍

କୋଣାର୍କ, ୩୦।୧୧(ଜ୍ୟୋତିରାଜ ମହାନ୍ତି)

ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ମିନି ସାଇକ୍ଲୋଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। 'ମୋ କୋଣାର୍କ ମୋ ଗର୍ବ' ବାର୍ତ୍ତା ନେଇ ଏହି ସାଇକ୍ଲୋଥନ ଅନୁଷ୍ଠିତ ହୋଇଥିଲା। କୋଣାର୍କ ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଏହି ସାଇକ୍ଲୋଥନକୁ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ମହାପାତ୍ର, ବଣିକ ଶିକ୍ଷାନୁଷ୍ଠା ପ୍ରତିଷ୍ଠାତା ସୁବ୍ରତ ଛାଟୋଇ, ଗୋପ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, କୋଣାର୍କ ଏନ୍‌ଏସି ଉପାଧ୍ୟକ୍ଷ ସୁରେଶଚନ୍ଦ୍ର ରାଉତରାୟ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ, ପୁରୀ ଜିଲା ପେଶାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଚମ୍ପାହାର ଅଗ୍ନିଶମ କେନ୍ଦ୍ର ଅଧିକାରୀ ଜ୍ୟୋତିପ୍ରକାଶ ରଥ, କୋଣାର୍କ ଥାନାଧିକାରୀ ପଞ୍ଚାନନ ପରିଡ଼ା, ପର୍ଯ୍ୟଟନ ଅଧିକାରୀ ଅମୟ ସେଠୀ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀ ପତି ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କୋଣାର୍କକୁ ନେଇ ଗର୍ବ କରିବା ବାର୍ତ୍ତାକୁ ବିଶ୍ୱ ବିଦିତ କରିବା ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। କୋଣାର୍କକୁ ଆସୁଥିବା ପର୍ଯ୍ୟଟକ ତଥା ଅତିଥିଙ୍କୁ ସର୍ବଦା ଉତ୍ତମ ବ୍ୟବହାର ପ୍ରଦର୍ଶନ, କୋଣାର୍କକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୩୦୦ରୁ ଉର୍ଦ୍ଧ୍ୱ କଲେଜ ଓ ସ୍କୁଲର ଛାତ୍ରୀଛାତ୍ରଙ୍କ ସହିତ ଉପସ୍ଥିତି ଅତିଥିମାନେ ୮ କି.ମି. ପର୍ଯ୍ୟନ୍ତ ସାଇକେଲ ଚଲାଇ ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିଥିଲେ। ପୀଠରେ ସମିତି ସଭ୍ୟ କାଶୀନାଥ ନାୟକ, ରାମଚଣ୍ଡି ବଜାର କମିଟି ପକ୍ଷରୁ ସୁବାସ ପ୍ରଧାନ, କାର୍ତ୍ତିକ ବେହେରା, କମଳ ପରିଡ଼ାଙ୍କ ସହ ଅନ୍ୟ ସଭ୍ୟମାନେ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ସନ୍ତୋଷ ରାୟଙ୍କୁ ସାମ୍ବାଦିକ ସ୍ମୃତି ସମ୍ମାନ ଓ ଖବରଦାତା ବିଚିତ୍ର ଓଝାଙ୍କୁ ବରିଷ୍ଠ ସଂଗଠକ ସମ୍ମାନରେ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେସ୍ କ୍ଲବ୍ ଉପଦେଷ୍ଟା ସଞ୍ଜୟ ପତି, ରାମକୃଷ୍ଣ ମହାନ୍ତି, କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରା, ଦୀପ୍ତି ରଞ୍ଜନ ପାତ୍ର, ଗୋପବନ୍ଧୁ ପତି, ସନ୍ତୋଷ ଗୋଛାୟତ, ଅଭୟ ନାୟକ, ଦେବୀପ୍ରସାଦ ନାୟକ, ଗଙ୍ଗାଧର ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ଓଡ଼ିଶା ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ମିନି ସାଇକ୍ଲୋଥନ ଅନୁଷ୍ଠିତ ।

# ନିର୍ବାଚନ ପରିଚାଳନା ପାଇଁ ଜାଗା ଚିହ୍ନଟ ପ୍ରକ୍ରିୟା

ପୁରୀ, ୩୦।୧୧(ଅଜିତ୍ ମହାନ୍ତି):

ଭାରତର ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ଏକ ସୁସ୍ଥ ନିର୍ବାଚନ ପାଇଁ ସବୁଠାରୁ ବଡ଼ ଉପାଦାନ ହେଉଛି ନିର୍ଭୁଲ୍ ଭୋଟର ତାଲିକା। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବର୍ତ୍ତମାନ ଜାରି ରହିଛି, ଯାହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ନୂତନ ଭୋଟରମାନଙ୍କ ସାମିଲ ସହ ମୃତ ଭୋଟରଙ୍କୁ ବାଦ୍ ଦେବା, ତାଲିକାରେ ତ୍ରୁଟି ଥିଲେ ସଂଶୋଧନ କରିବା କାର୍ଯ୍ୟ ଚାଲୁ ରହିଛି। ନୂଆ ଭୋଟରମାନଙ୍କୁ ପଞ୍ଜୀକରଣ ପାଇଁ ସଚେତନତା ସୃଷ୍ଟି କରାଯାଇଛି। ଅପରପକ୍ଷରେ ନିର୍ବାଚନ ସମୟରେ ନିର୍ବାଚନ ପରିଚାଳନା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ କର୍ମଚାରୀଙ୍କୁ ସାମଗ୍ରୀ ପ୍ରଦାନ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ଇଭିଏମ୍ ରହଣି ସ୍ଥଳ, ଭୋଟଗଣତି ସ୍ଥାନ ଚିହ୍ନଟ ଆରମ୍ଭ ହୋଇଛି। ଗତ ନିର୍ବାଚନଗୁଡ଼ିକରେ କେନ୍ଦ୍ରୀୟ ବିଦ୍ୟାଳୟ, ଏସ୍‌ସିଏସ୍ ମହାବିଦ୍ୟାଳୟରେ ଏହା କରାଯାଉଥିଲା। ବର୍ତ୍ତମାନ ପେଣ୍ଟକଟା ଇଭିଏମ୍ ଗୋଦାମ କେନ୍ଦ୍ର ସହ ଉପରୋକ୍ତ ଦୁଇସ୍ଥାନକୁ ଅନୁଧ୍ୟାନ କରାଯାଉଛି। ଗୁରୁବାର ରିଟର୍ନିଂ ଅଫିସର ଦାୟିତ୍ୱରେ ଥିବା ୬ ଅଧିକାରୀ ଯଥା ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ଓ ଅତିରିକ୍ତ ଉପଜିଲାପାଳ ପାର୍ଥ ସାରଥି ହାଁସଦା ଏହି ସ୍ଥାନଗୁଡ଼ିକ ପରିଦର୍ଶନ କରିଥିଲେ। ଏହାର ଅନୁଧ୍ୟାନ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇ ସ୍ଥାନ ଚୂଡାନ୍ତ କରାଯିବ ବୋଲି ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ବଡ଼ଦାଣ୍ଡରୁ ଉଠିବେ ଉଠାଦୋକାନୀ

ପୁରୀ, ୩୦।୧୧(ଅଜିତ୍ ମହାନ୍ତି)

**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମ**

୨୦୨୪ ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ହେବ। ପ୍ରତ୍ୟେକ ଦିନ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତ ପୁରୀକୁ ଆସୁଛନ୍ତି। ଶ୍ରୀମନ୍ଦିର ନିକଟରେ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନୀମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି।

ପ୍ରଶାସନର ଏପରି ନିଷ୍ପତ୍ତିକୁ ଦୋକାନୀମାନେ ବିରୋଧ କରିଥିଲେ। ଏନେଇ ଗୁରୁବାର ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଉଠା ଦୋକାନୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏନେଇ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ ବଡ଼ ବଜାର ବ୍ୟବସାୟୀ ସଂଘ, ମୋତିଚାନ୍ଦ ବଜାର ବ୍ୟବସାୟୀ ସଂଘ ଏବଂ ମରୀଚିକୋଟ ଛକ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଉଚ୍ଛେଦ ହେବାକୁ ଥିବା ଦୋକାନୀଙ୍କୁ ଶ୍ରୀସେତୁଠାରେ ପ୍ରଶାସନ ପକ୍ଷରୁ ଥଇଥାନ କରାଯିବ। ଆସନ୍ତା ୨ମାସ ପର୍ଯ୍ୟନ୍ତ ଦୋକାନୀମାନଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ବ୍ୟବସାୟୀମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଶ୍ରୀମନ୍ଦିର ଅଧିକାରୀମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ପୁସ୍ତକ ଲୋକାର୍ପିତ

ପୁରୀ ୩୦।୧୧(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ୩ ପୁସ୍ତକ ଭକ୍ତ ସମାଜ ପାଇଁ ଲୋକାର୍ପିତ ହୋଇଛି। ଉକ୍ତ ପୁସ୍ତକଗୁଡ଼ିକ ହେଲା, ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି, ଶ୍ରୀଜଗନ୍ନାଥ ଗୀତିକା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଓ ସେବାପୂଜା। ଗୁରୁବାର ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଦ୍ୱାରା ପୁସ୍ତକଗୁଡ଼ିକ ଲୋକାର୍ପିତ ହୋଇଛି। ପୁସ୍ତକ ଉନ୍ମୋଚନ ସମୟରେ ଜିତେନ୍ଦ୍ର କୁମାର ସାହୁ, ପ୍ରଶାସକ ନୀତି, ଆଶିଷ ସୁବୁଦ୍ଧି, ସ୍ୱତନ୍ତ୍ର ଅଧିକାରୀ ନିର୍ମାଣ, ଶୁଭ୍ରାଂଶୁ ଶେଖର ପାଢ଼ୀ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଏବଂ ଜିତେନ୍ଦ୍ର ନାରାୟଣ ମହାନ୍ତି, ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହି ତିନୋଟି ପୁସ୍ତକ ବିଧିବଦ୍ଧ ଭାବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଚରଣ କମଳରେ ଅର୍ପଣ କରାଯାଇଥିଲା। ଏହି ତିନୋଟି ପୁସ୍ତକ ଦୀର୍ଘବର୍ଷ ପରେ ପୁଣି ଥରେ ମୁଦ୍ରଣ କରାଯାଇଛି। ଏହାସହିତ ଆଉ ୪ଟି ପୁସ୍ତକ ମଧ୍ୟ ଖୁବଶୀଘ୍ର ଭକ୍ତମାନଙ୍କ ସକାଶେ ଉପଲବ୍ଧ ହେବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶିବିରରେ ୭ କମ୍ପାନୀ, ୫ ଦକ୍ଷତା ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ

ପିପିଲି,୩୦।୧୧(ପ୍ରଭାତ ମହାପାତ୍ର)

ପିପିଲି ବ୍ଲକ ସଭାଗୃହରେ ଏକ ଦକ୍ଷତା ବିକାଶଭିତ୍ତିକ ଓ ନିଯୁକ୍ତି ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ପୁରୀ ଜିଲା ପ୍ରଶାସନ ଓ ଜିଲା ନିଯୋଜନ ବିଭାଗ ଯୋଜନାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୫ଟି ପଞ୍ଚାୟତରୁ ୧୫୦ ଯୁବ ପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୭ଟି ନିଯୁକ୍ତିଦାତା କମ୍ପାନୀ ଓ ୫ ଅନୁଷ୍ଠାନ- ପୁରୀ ଆଇଟିଆଇ, ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଭୁବନେଶ୍ୱର, ସିଆଇପିଇଟି ମଞ୍ଚେଶ୍ୱର, ସିଆଇପିଇଟି ପାରାଦୀପ, ଟିଡିଡବ୍ଲ୍ୟୁ ବେଙ୍ଗାଲୁରୁ ଇତ୍ୟାଦି ଯୋଗଦେଇଥିଲେ। ସେମାନେ ପ୍ରଦର୍ଶନୀ ଷ୍ଟଲ୍ ଲଗାଇବା ସହିତ ନିଯୁକ୍ତି ଅନ୍ୱେଷଣରେ ଥିବା ଯୁବତୀ ଯୁବକଙ୍କୁ ବିଭିନ୍ନ ମାଗଣା ପ୍ରଶିକ୍ଷଣ, ତାଲିମ ପ୍ରଦାନ କରିଥିଲେ । ଅନେକ ଯୁବକ ସେମାନଙ୍କ ନାମ ପଞ୍ଜୀକରଣ କରାଇଥିଲେ। ଶିବିରରେ ଓଡ଼ିଶା ସରକାର, ଜିଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ଭାରତ ସରକାର, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ନିଯୁକ୍ତି ପ୍ରକ୍ରିୟା ଯୁବ ଅଧିକାରୀ ନିରାକାର ପ୍ରଧାନ, ପିପିଲି ବିଡିଓ ସରୋଜ ରାଉତ, ପିପିଲି ପ୍ରକ୍ରିୟା ନିଯୁକ୍ତି ସହାୟକ ଗାୟତ୍ରୀ ପଣ୍ଡା, ପିପିଲି ବିଏଲ୍‌ସି ସୁବ୍ରତ ମହାପାତ୍ର, ପିପିଲି ବ୍ଲକ ଅଧ୍ୟକ୍ଷ ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ପରିଷଦ ସାହୁ ସରକାରଙ୍କୁ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ପାଇଁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ପିପିଲି ନିଯୁକ୍ତି ପ୍ରକ୍ରିୟା ସହାୟକ ଗାୟତ୍ରୀ ପଣ୍ଡା ଏବଂ ପିପିଲି ବ୍ଲକ ବିଏଲ୍‌ସି ମହାପାତ୍ର ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ନିଯୁକ୍ତି ମେଳା କାର୍ଯ୍ୟକ୍ରମ

ପିପିଲି,୩୦।୧୧(ଦୁର୍ଗାମାଧବ ମିଶ୍ର)

ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପିପିଲି ବ୍ଲକରେ ନିଯୁକ୍ତି ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କମ୍ପାନୀର କାର୍ଯ୍ୟ ଓ ନିଯୁକ୍ତି ବ୍ୟବସ୍ଥା ସହ ଆଶାୟୀ ପ୍ରାର୍ଥୀଙ୍କ କାର୍ଯ୍ୟଧାରା ସମ୍ପର୍କରେ ମେଳାରେ ଅନୁଧ୍ୟାନ କରାଯାଇଥିଲା। ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ୭ଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତା ଏହି ମେଳାରେ ଯୋଗଦେଇ ପ୍ରାର୍ଥୀଙ୍କୁ ଚୟନ କରିଥିଲେ। ଜିଲା ନିଯୋଜନ ଅଧିକାରୀ ସୁବାସଚନ୍ଦ୍ର ବେହେରା, ପିପିଲି ବ୍ଲକ ବିଡିଓ ସରୋଜ ରାଉତ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ ଓ ଧରଣୀଧର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମଧ୍ୟ ଯୋଗ ଦେଇଥିଲା। ନିଯୁକ୍ତି ମେଳାରେ ୮ମ ଶ୍ରେଣୀ ପାସ୍‌ଠାରୁ ସ୍ନାତକ, ଆଇଟିଆଇ ଓ ଡିପ୍ଲୋମା ପାସ୍ କରିଥିବା ନିଯୁକ୍ତି ଆଶାୟୀଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା।

# ଭଣ୍ଡାରିଦଣ୍ଡା ଗାଁରୁ ଗାଡ଼ଭାଲୁ ଉଦ୍ଧାର

ସାକ୍ଷୀଗୋପାଳ, ୩୦।୧୧
(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ ଭରତ ରାଉତ)



ସତ୍ୟବାଦୀ ବ୍ଲକ ଅଧୀନ ଦାଶବିଦ୍ୟାଧରପୁର ପଞ୍ଚାୟତର ଭଣ୍ଡାରିଦେଣ୍ଡା ଗ୍ରାମରୁ ଗୁରୁବାର ଏକ ଗାଡ଼ଭାଲୁକୁ ଉଦ୍ଧାର କରାଯାଇଛି। ବନ ବିଭାଗର କର୍ମଚାରୀ ଭାଲୁକୁ ଉଦ୍ଧାର କରି ଏକ ଲୁହାପଞ୍ଜୁରୀରେ ପୂରାଇ ସତ୍ୟବାଦୀ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଆଣି ସେଠାରେ ତାହାର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପୁରୀ ନେଇଯାଇଥିଲେ।

ସୂଚନା ମୁତାବକ, ଭୋର ୪ଟା ସମୟରେ ଗ୍ରାମର ଜଣେ ମହିଳା ଶୌଚ ହେବାକୁ ବାଡ଼ିପଟକୁ ଯାଇଥିଲେ। ସେହି ସମୟରେ ଏକ ଜନ୍ତୁ ତାଙ୍କୁ ଆକ୍ରମଣ କରିଥିଲା। ସେ ଭୟରେ ନିକଟ ଧାନ ବିଲକୁ ପଶି ଯାଇଥିଲେ ମଧ୍ୟ ଜନ୍ତୁଟି ତାଙ୍କୁ ଆକ୍ରମଣ କରିବାକୁ ଧାନ ବିଲକୁ ପଶିଥିଲା। ଫଳରେ ସେ ଜୋରରେ ଚିତ୍କାର କରିଥିଲେ। ମହିଳାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେ ସ୍ଥାନରେ ପହଞ୍ଚି ଜନ୍ତୁଟିକୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ଗ୍ରାମବାସୀ ଉକ୍ତ ଜନ୍ତୁକୁ ଆଣି ନିକଟ ସ୍କୁଲ ଘରେ ରଖି ବନ ବିଭାଗକୁ ଖବର ଦେଇଥିଲେ। ଉଦ୍ଧାର ଜନ୍ତୁଟି ଗାଡ଼ଭାଲୁ ବା ହନି ବ୍ୟାଜର୍ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ଏହା ମୁଖ୍ୟତଃ ଆଫ୍ରିକା, ଦକ୍ଷିଣ-ପଶ୍ଚିମ ଏସିଆ ଏବଂ ଭାରତୀୟ ଉପମହାଦେଶରେ ଦେଖାଯାଉଥିବା ଏକ ସ୍ତନ୍ୟପାୟୀ ପ୍ରାଣୀ। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ଲୋକେ ଭିଡ଼ ଜମାଇଥିଲେ।

# ବଳରାମ ଦାସଙ୍କ ସମାଧିପୀଠରେ ମାଣବସା ମହୋତ୍ସବ

ଗୋପ,୩୦।୧୧
(ଭାରତୀ ଭୂଷଣ ଉପାଧ୍ୟାୟ)

ଆଧ୍ୟାତ୍ମିକ ଚିନ୍ତନ ଦ୍ୱାରା ମଣିଷ ଭଗବାନଙ୍କୁ ପାଇଥାଏ। ଯେମିତି କି ପଞ୍ଚସଖା ଯୁଗର ଭକ୍ତ ବଳରାମ ଦାସ ମୃତ୍ୟୁ ସମୟରେ ଏହିଠାରେ ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ ପାଇଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁପ୍ତ ଶ୍ରୀକ୍ଷେତ୍ର ଭାବେ ପରିଚୟ ଲାଭ କରିଥିବା ବଳରାମ ଦାସଙ୍କ ସମାଧି ପୀଠରେ ଆଠତମ ମାଣବସା ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହୋତ୍ସବରେ ଯୋଗଦାନ କରିଥିବା ସ୍ୱାମୀ ଗିରିଜାନନ୍ଦ ପର୍ବତ ଉପସ୍ଥିତ ଶତାଧିକ ଜଗନ୍ନାଥ ପ୍ରେମୀଙ୍କୁ ଏହି ବାର୍ତ୍ତା ଦେଇଥିଲେ। ମାର୍ଗଶିର ମାସର ପ୍ରଥମ ଗୁରୁବାରରେ ଆୟୋଜିତ ମାଣବସା ମହୋତ୍ସବରେ ମହନ୍ତ ଆଦିତ୍ୟ ଚରଣ ଦାସ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ସାଧୁସନ୍ଥ, ମହନ୍ତ ମହାରାଜମାନେ ଯୋଗ ଦେଇଥିଲେ। ଏରବଙ୍ଗସ୍ଥିତ ଭକ୍ତ ବଳରାମ ଦାସଙ୍କ ଜନ୍ମ ପୀଠଠାରୁ ସାଧୁସନ୍ଥଙ୍କ ଗ୍ରହଣରେ ଶତାଧିକ ମହିଳାଙ୍କୁ ନେଇ ଏକ ଆଧ୍ୟାତ୍ମିକ ପରିବେଶରେ ଶୋଭାଯାତ୍ରା ବଳରାମ ଦାସଙ୍କ ସମାଧି ପୀଠଠାରେ ପହଞ୍ଚିଥିଲା। ମାର୍ଗଶିର ମାସର ପ୍ରଥମ ଗୁରୁବାର ଅବସରରେ ମାଣ ବସାଯିବା ପରେ ହରିବୋଲ ହୁଳହୁଳିରେ ପୀଠ ପ୍ରକମ୍ପିତ ହୋଇଥିଲା। ପରେ ସାଧୁସନ୍ଥଙ୍କୁ ନେଇ ଏକ ଆଧ୍ୟାତ୍ମିକ ଚିନ୍ତନ କାର୍ଯ୍ୟକ୍ରମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପରମ୍ପରା ଓ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସମ୍ପର୍କରେ ବାର୍ତ୍ତାଳାପ ଆଲୋଚନା ହୋଇଥିଲା। ଏଥିସହ ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ ପଠନ କରାଯାଇଥିଲା। କିମ୍ବଦନ୍ତୀ ଅନୁସାରେ, ବଳରାମ ଦାସଙ୍କ ଜନ୍ମପୀଠରୁ ବଳରାମ ଦାସ ପ୍ରତ୍ୟେକ ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନିମନ୍ତେ ଯାଇଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶୟନ କକ୍ଷରେ ବଳରାମ ଦାସ ଲୁଚି ରହିବା ଓ ପରେ ମା' ଲକ୍ଷ୍ମୀ ତାଙ୍କୁ ଅଭିଶାପ ଦେବା ସମ୍ପର୍କରେ ମଧ୍ୟ ସାଧୁସନ୍ଥ ଆଲୋଚନା କରିଥିଲେ। ଅଭିଶାପ ଅନୁସାରେ ତାଙ୍କ ମୃତ୍ୟୁ ସମୟରେ ଏହି ସମାଧି ପୀଠ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଲକ୍ଷ୍ମୀ ଠାକୁରାଣୀ ଭକ୍ତ ବଳରାମ ଦାସଙ୍କୁ ଦର୍ଶନ ଦେବା ପରେ ସେହି ଦିନଠାରୁ ଏହି ସମାଧି ପୀଠକୁ ଗୁପ୍ତ ଶ୍ରୀକ୍ଷେତ୍ର କୁହାଯାଏ। ଏହି କାର୍ଯ୍ୟକ୍ରମକୁ ଭକ୍ତ ବଳରାମ ଦାସ ପରିଚାଳନା କମିଟିର ଗୋପୀନାଥ ମୁଦୁଲି, ବେଣୁଧର ଦାସ, ପ୍ରଦୀପ୍ତ ପାଢ଼ୀ, ଅବସରପ୍ରାପ୍ତ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଲକ୍ଷ୍ମୀଧର ବେହେରା, ଅଧୀର ମିତ୍ର ପ୍ରମୁଖ ପରିଚାଳନା କରିଥିଲେ।



ବଳରାମ ଦାସଙ୍କ ସମାଧିପୀଠରେ ମାଣବସା ମହୋତ୍ସବରେ ଉପସ୍ଥିତ ସାଧୁ ମଣ୍ଡଳି ।

# ସନ୍ତୁଳିତ ସମାଜ ପାଇଁ ପରିବେଶ ସନ୍ତୁଳନ ଗୁରୁତ୍ୱପୂର୍ଣ୍ଣ

**ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀ**

ପୁରୀ ୩୦।୧୧(ଅଜିତ୍ ମହାନ୍ତି)

ଫେୟାର ଭିୟୁ ମିଡିଆ ପକ୍ଷରୁ ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ପରିବେଶ ଅନୁକୂଳ ପର୍ଯ୍ୟଟନ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ କୋଶଲ୍ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇଥିଲେ। ରାଜ୍ୟରେ ଦୀର୍ଘ ସାମୁଦ୍ରିକ ପଥ, ଜୈବ ବିବିଧତା, ଘଞ୍ଚ ବନାନୀ ଓ ଜଳପ୍ରପାତ ଆଦି ପ୍ରାକୃତିକ ସମ୍ପଦ ପର୍ଯ୍ୟଟନର କ୍ଷେତ୍ର ହେଉଛି ଓଡ଼ିଶା। ପର୍ଯ୍ୟଟନ ଅର୍ଥନୀତିରେ ଅଭିବୃଦ୍ଧି ଓ ସନ୍ତୁଳିତ ସମାଜ ପାଇଁ ପରିବେଶରେ ସନ୍ତୁଳନ ରହିବା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ମନ୍ତ୍ରୀ ପାତ୍ର ମତବ୍ୟକ୍ତ କରିଥିଲେ। ସେହିପରି ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ ଓଡ଼ିଶା ସଭାପତି ଜେ. କେ ମହାନ୍ତି ଓଡ଼ିଶାର ଲୁକ୍କାୟିତ ପର୍ଯ୍ୟଟନ ସମ୍ଭାର ବାବଦରେ କହିବା ସହ ସରକାରଙ୍କ ସହଭାଗିତାରେ ଏ ଦିଗରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଗ୍ଲୋବାଲ ପିସ ଆମ୍ବାସାଡର ଉତ୍ପଳ ଚାଟାର୍ଜୀ ଯୋଗଦେଇ ଓଡ଼ିଶା ଚିଲିକାଠୁ ନେଇ ସୁଦୀର୍ଘ ବେଳାମାର୍ଗ ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟି କରିଛି। ମାତ୍ର ବ୍ରାଣ୍ଡିଂରେ ସେତିକି ଗୁରୁତ୍ୱ ଦିଆଯାଇନାହିଁ। ଭଗବାନ ପ୍ରକୃତି ସୂତ୍ରରେ ଆମକୁ ଭଲ ଉପହାର ଦେଇଛନ୍ତି। କିନ୍ତୁ ତା'ର ଉପସ୍ଥାପନ ଯଥାର୍ଥ ଭାବେ କରାଯାଇପାରିନାହିଁ। ଏହାକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ ବୋଲି ଚାଟାର୍ଜୀ କହିଥିଲେ। ସେହିପରି ଭାରତ ପର୍ଯ୍ୟଟନ ପୂର୍ବାଞ୍ଚଳ ଶାଖାର ସହ ନିର୍ଦ୍ଦେଶକ ଜ୍ୟୋତିର୍ମୟ ବିଶ୍ୱାସ ପର୍ଯ୍ୟଟନର ବିକାଶ ପାଇଁ ପରିବେଶର ଗୁରୁତ୍ୱକୁ ଉପଲବ୍ଧି କରିବା ଉଚିତ୍ ବୋଲି କହିଥିଲେ। ଆସୋସିଏଶନ ଅଫ୍ ଡୋମେଷ୍ଟିକ ଟୁର ଅପରେଟର୍ସ ଅଫ ଇଣ୍ଡିଆ ସଭାପତି ପି.ପି ଖାନ୍ନା ପର୍ଯ୍ୟଟନ କ୍ଷେତ୍ରର ମାର୍କେଟିଂରେ ସରକାରଙ୍କ ବଡ଼ ଭୂମିକା ରହିଛି। ଚିଲିକାକୁ ଭୂସ୍ୱର୍ଗ କୁହାଯାଉଛି। କିନ୍ତୁ ଚିଲିକା ପର୍ଯ୍ୟଟନର ପ୍ରଚାର ପ୍ରସାରରେ ବେଶି କିଛି କରାଯାଇନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାଡ଼ଖଣ୍ଡ ପର୍ଯ୍ୟଟନର ଉପନିର୍ଦ୍ଦେଶକ ରାଜ ମହେଶ୍ୱରମ, ଜମ୍ମୁ କାଶ୍ମୀରର ଜାଭିଦ ହମାୟନ ବକ୍ସି, ଦୀପ୍ତି ପ୍ରଧାନ ଠାକୁର, ଜେନିୟସ ହୋଟେଲ ଆଣ୍ଡ ରିସୋର୍ଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କଓ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ନିଜନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫେୟାର ଭିୟୁ ମିଡିଆର ପରିଚାଳନା ନିର୍ଦ୍ଦେଶିକା ମହୁଆ ନନ୍ଦନ ଦେ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସିଇଓ ପି. କେ. କରାର ଅତିଥିଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀରେ ଉପସ୍ଥିତ ଅତିଥି ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୩୦।୧୧(ହର ପ୍ରସନ୍ନ ପଣ୍ଡା): ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଓସ୍ତପୁର ଗ୍ରାମର ପ୍ରଦୀପ କୁମାର ବେହେରାଙ୍କ ଘରେ ଚଢ଼ାଉ କରାଯାଇଥିଲା। ତାଙ୍କ ଘରୁ ୨କେଜି ୨ଶହ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ଥାନାରେ ଏକ ମାମଲା (ନଂ.୧୨୩/୨୩-୨୪) ରୁଜୁ ପରେ ପ୍ରଦୀପଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ଝସକେତନ ବରିହାଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍. ଜାଗିନ ରାଓ, ଏଏସ୍ଆଇ ବୀରଞ୍ଚି ମହାନ୍ତି, ରଞ୍ଜନ କୁମାର ଦାସ, ସିପାହୀ ବିକାଶ ରାଉତ, ମନୋଜ କୁମାର ଜୟସିଂହ, ଚିନ୍ମୟୀ ସେଠି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଆମ ପୋଲିସ କାର୍ଯ୍ୟକ୍ରମ

ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)

ଚାନ୍ଦପୁର ଥାନା ପକ୍ଷରୁ କନ୍ଦନୟାଗଡ଼ ପଞ୍ଚାୟତରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ଅରୁଣ ସୁବୁଦ୍ଧି ପ୍ରମୁଖ ଯୋଗଦେଇ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଥାନା ଆଇଆଇସି ଜଗଦୀଶ କୁମାର କର ଆମ ପୋଲିସ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଜନସାଧାରଣଙ୍କ ସହ ପୋଲିସର ଉତ୍ତମ ବନ୍ଧୁତା ରହିପାରିଲେ ସମସ୍ତ ସମସ୍ୟାର ସମାଧାନ ସହଜ ହୋଇପାରିବ ବୋଲି ମନ୍ତବ୍ୟ ରଖିଥିଲେ। ପଞ୍ଚାୟତ ଅଞ୍ଚଳର ବୁଦ୍ଧିଜୀବୀ, ଜନପ୍ରତିନିଧି, ମହିଳା, ଯୁବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଶିକ୍ଷୟିତ୍ରୀ ସଲିଳା ଛୋଟରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ବିଜେବି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ସଲିଳା ଛୋଟରାୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ଡ.ତାପସ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ, ପୂର୍ବତନ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଡ.ନାରାୟଣ ରାଓ, ପୂର୍ବତନ ପ୍ରଧାନଶିକ୍ଷକ ସେକ୍ ଗୋହର ଅଲ୍ଲୀ, ସ୍କାଉଟ କମିଶନର ପୀତବାସ ପଟ୍ଟନାୟକ, ରମେଶ ଚନ୍ଦ୍ର ବଳବନ୍ତରାୟ, ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମନ, ଅବସରପ୍ରାପ୍ତ ଏସ୍‌ପି ଦେବପ୍ରସାଦ ମଜୁମଦାର, ଉମାଶଙ୍କର ଦାସ, ପ୍ରଫେସର ଗୋପାଳକୃଷ୍ଣ ଦାସ, ଏସ୍‌ଏମ୍‌ସି ସଭାପତି ବିବେକାନନ୍ଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ସଲିଳା ଛୋଟରାୟଙ୍କ ଦୀର୍ଘ ୩୬ ବର୍ଷର ଶିକ୍ଷାଦାନର ପ୍ରଶଂସା କରିଥିଲେ। ବିଦ୍ୟାଳୟର ଶୈକ୍ଷିକ ବାତାବରଣ, ସବୁଜିମା ପରିବେଶ ଗଠନ ଦିଗରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଥିଲେ। ସହକାରୀ ଶିକ୍ଷକ ନବକୃଷ୍ଣ ମିଶ୍ରଙ୍କ ସଂଯୋଜନା, ସହକାରୀ ଶିକ୍ଷକ ବିଭୁପ୍ରସାଦ ସେନାପତି ଅତିଥି ପରିଚୟ ଓ ସବିତା ଦାସ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟନସ୍ଥଳ ମାନ୍ୟତା ଅପେକ୍ଷାରେ ଚଣ୍ଡେଶ୍ୱର ପୀଠ

■ ଶ୍ରଦ୍ଧାଳୁଙ୍କ ରହିବା ପାଇଁ ଧର୍ମଶାଳା ନିର୍ମାଣ ହେଉ
■ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)



ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ଚଣ୍ଡେଶ୍ୱର ଗ୍ରାମରେ ରହିଛି ଚଣ୍ଡେଶ୍ୱର ଦେବଙ୍କ ପୀଠ। ଏହା କେଶର କ୍ଷେତ୍ରଭାବେ ପ୍ରସିଦ୍ଧି ଲାଭ କରିଛି। କେଶରୀ ବଂଶର ସମ୍ରାଟ ଦ୍ୱିତୀୟ ଯଯାତି କେଶରୀ ଚଣ୍ଡେଶ୍ୱର ନାମରେ ପରିଚିତ ଥିଲେ, ତାଙ୍କ ଦ୍ୱାରା ଏହି ମନ୍ଦିର ନିର୍ମିତ ହୋଇଥିବାରୁ ପ୍ରଭୁଙ୍କ ନାମ ଚଣ୍ଡେଶ୍ୱର ଦେବ ରଖାଯାଇଛି ବୋଲି ଜନଶ୍ରୁତି ରହିଛି। ଖ୍ରୀଷ୍ଟାବ୍ଦ ୧୦୨୧ରୁ ୧୦୪୦ ମଧ୍ୟରେ ଏହି ମନ୍ଦିର ନିର୍ମାଣ ହୋଇଛି। ମନ୍ଦିର ସମ୍ମୁଖରେ ଥିବା କାଳିକା ହ୍ରଦର ଝର ପ୍ରଭୁଙ୍କ ପାଦଦେଶରେ ପ୍ରବାହିତ ହେଉଛି। ମନ୍ଦିର ପରିସରରେ ଥିବା କୂଅରୁ ଠାକୁରଙ୍କ ଭୋଗ ରନ୍ଧା ପାଇଁ ପାଣି ବ୍ୟବହାର ହୋଇଥାଏ। ଏହି କୂଅରେ ବର୍ଷସାରା ଜଳପତନ ସମାନ ରହିଥାଏ, ଏପରିକି ବର୍ଷାଦିନେ ମଧ୍ୟ ସମାନ ରହିଥାଏ। ପୀଠରେ ବାରମାସରେ ତେର ପର୍ବ ପାଳନ ହୋଇଥାଏ। ସେଥିମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମା ଓ ଜାଗର ଯାତ୍ରା ଅନ୍ୟତମ। କାର୍ତ୍ତିକ ପୂର୍ଣ୍ଣିମାରେ କାଳିକା ହ୍ରଦରେ ସ୍ନାନ କରି ଚଣ୍ଡେଶ୍ୱରଙ୍କୁ ଦର୍ଶନ କଲେ ସମସ୍ତ ପାପ ନାଶ ହୋଇଥାଏ ବୋଲି ଜନଶ୍ରୁତି ରହିଛି। କାର୍ତ୍ତିକ ପୂର୍ଣ୍ଣିମାଠାରୁ ମାସାଧିକ କାଳ ଏଠାରେ ମେଳା ପଡ଼ିଥାଏ। ଏହାକୁ ଓଡ଼ିଶାର ଦ୍ୱିତୀୟ ବାଲିଯାତ୍ରା ମଧ୍ୟ କୁହାଯାଏ। ଏକ ଉନ୍ନୟନ କମିଟି ମାଧ୍ୟମରେ ମନ୍ଦିରର ସମସ୍ତ କାର୍ଯ୍ୟ ସୁଚାରୁଭାବେ ଚାଲିଛି। ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଚଣ୍ଡେଶ୍ୱର ଦେବଙ୍କ ଦର୍ଶନ କରିବାକୁ ଆସୁଥିବାରୁ ଏଠାରେ ଏକ ଧର୍ମଶାଳାର ଆବଶ୍ୟକ ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହ ଏହି ପୀଠକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

ଚଣ୍ଡେଶ୍ୱର ଦେବଙ୍କ ଈଶାନରେ କାଳି ହରେଶ୍ୱର ପଛପଟେ ଦୁଇ ଯୁଗ୍ମ ଲିଙ୍ଗ ହରିହର ଏବଂ ଅଗ୍ରଭାଗରେ ଦୁଇ ଲିଙ୍ଗ ଗୌରିହର ନାମରେ ପ୍ରତିଷ୍ଠିତ ଅଛନ୍ତି। ଦକ୍ଷିଣ ପାର୍ଶ୍ୱରେ ଗୋମୁଖେଶ୍ୱର ଲିଙ୍ଗ ବିଦ୍ୟମାନ, ଗୋମୁଖେଶ୍ୱରଙ୍କ ଉତ୍ତର ଦିଗକୁ ଅନନ୍ତେଶ୍ୱର, ପୂର୍ବପଟେ ଗଙ୍ଗେଶ୍ୱର, ଅଗ୍ନିକୋଣରେ ସଙ୍କମେଶ୍ୱର, ଅଗ୍ରଦେଶରେ ନୀଳକଣ୍ଠେଶ୍ୱର, ଦକ୍ଷେଶ୍ୱର, ଦକ୍ଷେଶ୍ୱରଙ୍କ ଅଗ୍ର ଭାଗରେ ଜମ୍ବେଶ୍ୱର, ଜମ୍ବେଶରଙ୍କ ପାର୍ଶ୍ୱରେ ଧନେଶ୍ୱର, ଧନେଶ୍ୱରଙ୍କ ଦକ୍ଷିଣରେ ଭୀମେଶ୍ୱର ବିଦ୍ୟମାନ ରହିଛନ୍ତି। ଏତଦ୍‌ବ୍ୟତୀତ ଚଣ୍ଡେଶ୍ୱର ଦେବଙ୍କ ଅଗ୍ରଭାଗରେ ଅଷ୍ଟଭୁଜା ଦୁର୍ଗାଦେବୀଙ୍କ ମନ୍ଦିର, ନରସିଂହ ଦେବଙ୍କ ବିଷ୍ଣୁ ମନ୍ଦିର, କେଶର ପୀଠର ପୀଠପାଳ ଲକ୍ଷ୍ମୀ ନାରାୟଣ ଦେବଙ୍କ ମନ୍ଦିର ପ୍ରତିଷ୍ଠିତ ଥିବାରୁ କ୍ଷେତ୍ରଟି ହରିହର କ୍ଷେତ୍ରରେ ପରିଣତ ହୋଇଛି। ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ କେତେକ ପରିବାରଙ୍କୁ ଉକ୍ତ ସମୟରେ ନିକଟ ଗାଁ କୁହୁଡିରେ ରଖାଯାଇଥିଲା। ଯାତାୟାତରେ ଅସୁବିଧା ହେବାରୁ ମନ୍ଦିର ନିକଟରେ ସେମାନଙ୍କୁ ରଖାଯିବାର ବ୍ୟବସ୍ଥା କରାଗଲା। ଠାକୁରଙ୍କ ନାମାନୁସାରେ ଗ୍ରାମର ନାମ ଚଣ୍ଡେଶ୍ୱର ରଖାଯାଇଛି। ପ୍ରଭୁଙ୍କ ସେବା ପାଇଁ କୁହୁଡି, ରତନପୁର, ଦାରୁଗାଁ, ସୋରଣ, ହେରାପୁର, ପଙ୍କାଳ, ଯଦୁପୁର, ନାରୁଣୀ, ଓଡ଼ଗାଁ, ଆୟତପୁର, ସାହସପୁର, ଭାପୁର, ଦୀକ୍ଷିତପଡା, ପଞ୍ଚୁଗାଁ, ରାମଚନ୍ଦ୍ରପୁର, ମାନସିଂହପୁର, ଭଗବତୀପୁର, କୃଷ୍ଣପ୍ରସାଦ ମୌଜାରେ ୨୭୦ଏକର ଜମି ବିଭିନ୍ନ ସେବାକାରୀଙ୍କୁ ଦିଆଯାଇଥିବା ଜଣାପଡିଛି।

## ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୩୦।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ସହଯୋଗରେ ବନାଞ୍ଚଳ ଅଧିକାରୀ ନୃସିଂହ ଚରଣ ବେହେରାଙ୍କ ତତ୍ତ୍ୱାବଧାନରେ ସାମୁଦ୍ରିକ କଇଁଛ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବଙ୍ଗୋପସାଗର ତଟବର୍ତ୍ତୀ ରାମଲେଙ୍କା ପଞ୍ଚାୟତର ବ୍ରାହ୍ମଣଦେଓ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ କର୍ମଶାଳାକୁ ସରପଞ୍ଚ ସବିତା ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଶିବିରରେ ବନ ସୁରକ୍ଷା ସମିତି ସଭାପତି ସାମନ୍ତ କଲ୍ୟାଣ କୁମାର ରଣସିଂହ, ସାଂସଦଙ୍କ ପ୍ରତିନିଧି ରାଜ କିଶୋର ବିଶ୍ୱାଳ, ବ୍ରାହ୍ମଣଦେଓ ଗ୍ରାମ୍ୟ କମିଟି ସଭାପତି ହଳଧର ବିଶ୍ୱାଳ, ବ୍ରାହ୍ମଣଦେଓ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରବୀର ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସାମୁଦ୍ରିକ କଇଁଛ ଓ ଅଣ୍ଡାର ସୁରକ୍ଷା ଦିଗରେ ଆଲୋଚନା କରିଥିଲେ। ପିଟିଶାଳ ବନପାଳ ରଶ୍ମି ରଞ୍ଜନ ନାୟକ, ବନରକ୍ଷୀ ସନ୍ତୋଷ କୁମାର ସାହୁ, ବନରକ୍ଷୀ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ବନ ସୁରକ୍ଷା ସମିତି ସଭ୍ୟ, ଗ୍ରାମ୍ୟ କମିଟି ସଦସ୍ୟ, ଛାତ୍ରୀଛାତ୍ର ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

## ଉନ୍ନୟନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଲେ



କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଏବଂ ଅନ୍ୟମାନେ।

ଜଟଣୀ,୩୦।୧୧(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ନିର୍ବାଚନମଣ୍ଡଳୀର କନ୍ତିଆ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷା ଶ୍ରୀମୟୀ ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ କୈଳାଶ ପାତ୍ର, ଯୁବ ନେତା ବିଘ୍ନେଶ ବଳବନ୍ତରାୟ, ଜିଲ୍ଲା ପରିଷଦ ଅଧକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ଅନନ୍ତ ଶତପଥୀ, ମନମୋହନ ରାଉତରାୟ, ଉପସଭାପତି ସୁଦର୍ଶନ ସୁନ୍ଦରାୟ, ବିଜୟ କୁମାର ଛୋଟରାୟ,ପୂର୍ବତନ ଜଟଣୀ ବ୍ଲକ ଅଧକ୍ଷ ଦୀପକ ଜେନା, ଦୁର୍ଯ୍ୟୋଧନ ପ୍ରଧାନ, ସଙ୍ଗଠକ ସଚ୍ଚିଦାନନ୍ଦ ସାମନ୍ତରାୟ, ଦୀପକ ମହାକୁଡ଼, ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗଦେଇଥିଲେ। ସ୍ଥାନୀୟ ଖରାଖିଆ ବୈଦ୍ୟନାଥ ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଏକ ଶୋଭାଯାତ୍ରା ବାହାରିଥିଲା। କନ୍ତିଆ ପଞ୍ଚାୟତର ରଥିପୁର, କନ୍ତିଆ ଏବଂ ନିରଞ୍ଜନପୁର ଗ୍ରାମର ବିଭିନ୍ନ ସାହି ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ସୁସ୍ଥ ଏବଂ ବିକଶିତ ସମାଜ ଗଠନ ପାଇଁ ଏକ ସ୍ଥିର ନେତୃତ୍ୱର ଆବଶ୍ୟକତା ଉପରେ ବୁଝାଇଥିଲେ। ଶୋଭାଯାତ୍ରା ପରେ ସ୍ଥାନୀୟ କନ୍ତିଆ ମେଳଣ ପଡିଆଠାରେ ସଭା ହୋଇଥିଲା। ବିଜେଡି ଜିଲା ଉପସଭାପତି କୈଳାସ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ସଭା ଓ ପଦଯାତ୍ରାରେ ବହୁ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

### ୩ରେ ଭଲିବଲ ପ୍ରତିଯୋଗିତା ପାଇଁ ମନୋନୟନ

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ଡିସେମ୍ବର ୩ରେ ସ୍ଥାନୀୟ ଷ୍ଟାଡିୟମ୍‌ରେ ଆନ୍ତଃ ଜିଲା ଭଲିବଲ୍ ପ୍ରତିଯୋଗିତା ପାଇଁ ଖୋର୍ଦ୍ଧା ଜିଲା ଆଥଲେଟିକ୍ ଆସୋସିଏଶନର ପୁରୁଷ ଓ ମହିଳା ଦଳ ମନୋନୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ କେବଳ ଖୋର୍ଦ୍ଧା ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଗୁଡିକର ପ୍ରତିଯୋଗୀମାନେ ଭାଗ ନେଇପାରିବେ ବୋଲି ଆସୋସିଏଶନ ସାଧାରଣ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସୂଚନା ଦେଇଛନ୍ତି।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଟାଙ୍ଗୀ,୩୦।୧୧(ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଗୁରୁବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଖାଉଟି ଅଦାଲତର ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, କ୍ରୀଡା ପ୍ରଶିକ୍ଷକ ବିଜୟ କୁମାର ରାଉତ, ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ମୋ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଯୁବବର୍ଗଙ୍କୁ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ସାମିଲ କରିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥିସହ ସମସ୍ତ ଛାତ୍ରୀଛାତ୍ର ଭାଗ ନେବାପାଇଁ ପରାମର୍ଶ ଦେଇଥିଲେ। ଅଧକ୍ଷ ସୀତାଂଶୁ ଭୂଷଣ ନନ୍ଦ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ମହାପାତ୍ର ଉଦ୍‌ଘାଟନ ଓ କ୍ରୀଡା ଶିକ୍ଷକ ଦିଲୀପ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। କ୍ରୀଡା ପ୍ରତିଯୋଗିତା ମୁଖ୍ୟ ଅଧାପକ ଚଣ୍ଡୀ ପ୍ରସାଦ ପଟ୍ଟନାୟକ, ଅଧାପକ ନିହାର ଦାସ, ଅଧାପିକା ସୁଚିତ୍ରାମୟୀ ଜଗଦେବ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା

ବେଗୁନିଆ,୩୦।୧୧(ହର ପ୍ରସନ୍ନ ପଣ୍ଡା): ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଏକଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୫ଟି କ୍ଲଷ୍ଟରରୁ ୧୫୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଦୌଡ଼, ମ୍ୟୁଜିକ ଚେୟାର, ବାସ୍କେଟ ବଲ ଓ ଆଳୁ ଚାମଚ ଦୌଡ଼ ସହିତ ବିଭିନ୍ନ କ୍ରୀଡା ପ୍ରଦର୍ଶନ କରାଯାଇଥିଲା। ପୁରସ୍କାର ବିତରଣ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ, ପ୍ରଧାନ ଶିକ୍ଷକ କବିତା ନାୟକ, ନଳିନୀ ଦେବୀ, ପ୍ରଧାନ ଶିକ୍ଷକ ନବଘନ ସାହୁ, ଅକ୍ଷୟ ମଲ୍ଲିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସିଆର୍‌ସିସି ସୂର୍ଯ୍ୟ ନାରାୟଣ ପଣ୍ଡା, ସିଡବ୍ଲ୍ୟୁଏସଏନ ରଞ୍ଜିତା ବେଉରା, ରଶ୍ମିତା ସାହୁ, ସହକାରୀ ଶିକ୍ଷକ ଅକ୍ଷୟ ମଲ୍ଲିକ, କପିଳ ମହାପାତ୍ର, ଲିପ୍ସା ସାମନ୍ତରାୟ, ପ୍ରିୟଦର୍ଶିନୀ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୯ରୁ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ନିରାକାରପୁର,୩୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ସଖା ସଂଘ କ୍ରୀଡା ସଂସଦ ପକ୍ଷରୁ ଡିସେମ୍ବର ୯ରୁ ନିରାକାରପୁର କଲେଜ ପଡିଆରେ ୩୦ତମ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଉଦ୍‌ଘାଟନୀ ମ୍ୟାଚ୍ କିଶୋର କ୍ଲବ ଭୁବନେଶ୍ୱର ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହେବ। ୧୦ ତାରିଖରେ ଏମ୍‌ବିସି କ୍ଲବ ଖଡ଼ଗପୁର ଓ ମା'ତାରିଣୀ ଫୁଟବଲ କ୍ଲବ ତରତରା କେନ୍ଦୁଝର ମଧ୍ୟରେ ମ୍ୟାଚ୍ ହେବ। ୧୧ତାରିଖରେ ପ୍ରଥମ ସେମିଫାଇନାଲ ମ୍ୟାଚ ଖେଳାଯିବ। ସେହିପରି ୧୨ତାରିଖରେ ୟଅଙ୍ଗ ଉତ୍କଳ କ୍ଲବ କଟକ ଓ ଏସ୍‌ଏମ୍‌ଏଫସି ବିଶାଖାପାଟଣା, ୧୩ ତାରିଖରେ କମଲ ଫୁଟ୍‌ବଲ କ୍ଲବ ଛତିଶଗଡ ଓ ଇଲାମ ବଜାର ଫୁଟ୍‌ବଲ ଆସୋସିଏଶନ କୋଲକାତା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୧୪ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ। ୧୫ତାରିଖ ଅପରାହ୍ନ ୩ଟାରେ ନିରାକାରପୁର ଫୁଟ୍‌ବଲ ଆଥେଲେଟିକ ଆସୋସିଏଶନ ଓ ନିରାକାରପୁର ଭେଟେରାନ ମଧ୍ୟରେ ମ୍ୟାଚ୍ ହେବ। ଅପରାହ୍ନ ୩ଟା ୪୫ରେ ପପୁଲାର ଲେଡିଜ ଏକାଦଶ ଢେଙ୍କାନାଳ ଓ ୟୁନିଟ-୬ ଲେଡିଜ ଏକାଦଶ ଭୁବନେଶ୍ୱର ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ` ୧୬ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ନିରାକାରପୁର ସଖାସଂଘ କ୍ରୀଡା ସଂସଦର ସଭାପତି ବିପିନ କୁମାର ଜୟସିଂହ ସୂଚନା ଦେଇଛନ୍ତି।

## ୮ରୁ ରାଜସୁନାଖଳା ମହୋତ୍ସବ



ଖବରଦାତା ସମ୍ମିଳନୀରେ ରାଜସୁନାଖଳା ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଉଛି।

ବୋଲଗଡ଼,୩୦।୧୧(ଦେବବ୍ରତ ହୋତା)

### ଉଦ୍‌ଘାଟନ କରିବେ ରାଜ୍ୟପାଳ

ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟନ ହେବ ପଞ୍ଚମ ରାଜସୁନାଖଳା ମହୋତ୍ସବ କାଉଁରୀ-୨୦୨୩। ଏନେଇ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜସୁନାଖଳା ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ଡିସେମ୍ବର ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଏହି ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସାଂସ୍କୃତିକ ଦଳ ଆସିବେ ବୋଲି କମିଟି ଅଧକ୍ଷ ଆର୍ତ୍ତତ୍ରାଣ ପ୍ରଧାନ, ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଏଥିସହ ଦର୍ଶକମାନେ କିପରି ମୀନାବଜାର, ରାମଦୋଳି, ପଲ୍ଲୀଶ୍ରୀ ମେଳାର ମଜା ଉଠାଇପାରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଟି ଉପାଧକ୍ଷ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି। ମହୋତ୍ସବର ପ୍ରଥମ ଦିବସରେ ମଶାଲ ଶୋଭାଯାତ୍ରା, ପୀଠ ହୋମ, ସନ୍ଧ୍ୟାରେ ମଞ୍ଚ ଉଦ୍‌ଘାଟନ ହେବ। ଏହି ଅବସରରେ ବାର୍ଷିକ ସ୍ମରଣିକା 'କାଉଁରୀ' ଉନ୍ମୋଚନ କରାଯିବ। ଉପାଧକ୍ଷ ପ୍ରସନ୍ନ ପ୍ରଧାନ, ପ୍ରଚାର ପ୍ରସାର କମିଟି ସମ୍ପାଦକ ରାଜେନ୍ଦ୍ର କୁମାର ସାହୁ, ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁ ଏବଂ ପ୍ରଦୀପ କୁମାର ସାହୁ ସମ୍ମିଳନୀରେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀକୁ ସମ୍ପାଦନ କରିବାରେ ଖବରଦାତା ରାକେଶ ପାଢ଼ୀ ଏବଂ ଯଦୁନାଥ ସାମନ୍ତରାୟ ସହଯୋଗ କରିଥିଲେ।

## ଗୟାବନ୍ଧ କ୍ଲବ ବିଜୟୀ

### ଅଭିମନ୍ୟୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ନିରାକାରପୁର,୩୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପଞ୍ଚାୟତ ଅନ୍ତର୍ଗତ ନାଲସିଂହ ମାତୃବିହାର ଯୁବ ପରିଷଦ ପକ୍ଷରୁ ୨୮ତମ ଅଭିମନ୍ୟୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ ଗୟାବନ୍ଧ କ୍ରିକେଟ କ୍ଲବ ଓ ବଡ଼ପୋଖରୀଆ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗୟାବନ୍ଧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୫ ଉଇକେଟ ବିନିମୟରେ ୧୩୭ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ପୋଖରୀଆ ଟିମ୍ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଗୟାବନ୍ଧ ଟିମ୍ ବିଜୟୀ ହୋଇଥିଲା। ଆଶିଷ ସିଂ ଓ ସୁବାସ ଜେନା ମ୍ୟାଚ୍ ପରିଚାଳନା କରିଥିବା ବେଳେ କୁନୁ ପ୍ରଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଏହି ମ୍ୟାଚରେ ଅତିଥିଭାବେ ଶିକ୍ଷାବିତ୍ ସୁରଥ ସିଂ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

# 'ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର କଥା ଚିନ୍ତାକର'

### ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ସମାରୋହ

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)



ଶହୀଦ ଦିବାକର ପରିଡ଼ାଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିମାନେ।

ରଣପୁର ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଶହୀଦ ଦିବାକର ପରିଡ଼ାଙ୍କ ୧୧୩ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ବକ୍ସିଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଶହୀଦ ରଘୁ ଦିବାକର ସ୍ମୃତି କମିଟି ସଭାନେତ୍ରୀ ଅଧାପିକା ସୌଦାମିନୀ ପାଇକରାୟ ଭାଷଣରେ କହିଥିଲେ, ଏମାଟି ରଘୁ ଦିବାକରଙ୍କ ପାଇଁ ଗର୍ବିତ। ତାଙ୍କ ଆଦର୍ଶ ଜୀବନୀ ସମ୍ପର୍କରେ ଆଲୋକପାତ କରି ପିଲାଙ୍କୁ ଜାତୀୟତାବୋଧ ଏବଂ ନିଜ ରାଷ୍ଟ୍ର ପାଇଁ ସମର୍ପିତ ଭାବ ରଖିବାକୁ ପରାମର୍ଶ ଦେଇଥିଲେ। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ମହାପୁରୁଷଙ୍କ ଜୀବନୀ ପଠନ କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବିଜେଡି ସାଂସ୍କୃତିକ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ କବି ପ୍ରବୀର ମହାନ୍ତି ଯୋଗଦେଇ ଅନ୍ୟାୟ, ଅନୀତି, ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ୧୯୧୧ ନଭେମ୍ବର ୩୦ରେ ଗଡ଼ବାଣୀକିଲୋର ବିଷୋୟୀ ସାମନ୍ତ ହରିହର ପରିଡ଼ା ଓ ତାରା ଦେବୀଙ୍କ ଜ୍ୟେଷ୍ଠ ସନ୍ତାନଭାବେ ଦିବାକର ଜନ୍ମଲାଭ କରିଥିଲେ। ସେ ଆଜନ୍ମ ଦେଶଭକ୍ତ ଥିଲେ। ରାଜା ଓ ଇଂରେଜମାନଙ୍କ ଅନ୍ଧାରି ଶାସନ ବିରୋଧରେ ପ୍ରଜାମଣ୍ଡଳ ଗଠନ କରି ବାଲ୍ୟବନ୍ଧୁ ରଘୁନାଥଙ୍କ ସହ ସେ ଗାଁ ଗାଁ ବୁଲି ଲୋକମାନଙ୍କୁ ଏକତ୍ର କରି ସଂଗ୍ରାମ ଡାକରା ଦେଇଥିଲେ। ମୁଖ୍ୟବକ୍ତା କେବିଡିଏଭି କଲେଜର ପୂର୍ବତନ ଅଧକ୍ଷା ଡ. ପ୍ରତିଭାମୟୀ ମିତ୍ର କହିଥିଲେ, ଶହୀଦ ରଘୁ ଦିବାକର ବିଜେବି ହାଇସ୍କୁଲର ଛାତ୍ର ଥିଲେ। ତାଙ୍କ ରଚିତ 'ଆଗେଇ ଚାଲ ଓ ଜାଗି ଉଠ' କବିତା ଲୋକଙ୍କୁ ବିଶେଷ ପ୍ରଭାବିତ କରିଥିଲା। ମେଜର ବେଜେଲଗେଟ୍‌ଙ୍କ ହତ୍ୟା ଅଭିଯୋଗରେ ୧୯୪୧ ମସିହା ଏପ୍ରିଲ ୪ରେ ଫାଶୀବରଣ କରିଥିଲେ। ସେହିପରି ସମ୍ମାନିତ ଅତିଥି ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ କହିଥିଲେ, ଯିଏ ସୂର୍ଯ୍ୟ, ସିଏ ହିଁ ରବି ବା ଦିବାକର। ଶହୀଦ ଦିବାକର ପରିଡ଼ା ରଣପୁରର ଅନ୍ଧାରି ଆକାଶରେ ଦୀପ୍ତିମନ୍ତ ସୂର୍ଯ୍ୟ ଭଳି ଲୋକଙ୍କୁ ଆଲୋକିତ କରୁଥିଲେ। ସେ ନିଜ ମାଟି ପାଇଁ ଶହୀଦ ହୋଇଥିଲେ। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସ୍ୱାର୍ଥ ଆଗ ବୋଲି କହିଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱ ବ୍ରିଟିଶ୍ ସରକାରକୁ ଥରହର କରି ଦେଇଥିଲା। ଅନ୍ୟତମ ଅତିଥି ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ, ବିଜେବି ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ଦିବାକରଙ୍କ ଜୀବନର ବହୁବିଧ ଘଟଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାରୁଠେଙ୍ଗର ସଚିନ ମହାପାତ୍ର, ଯମେଶ୍ୱର ମଙ୍ଗରାଜ, କବି ଗୋବିନ୍ଦ ଚନ୍ଦ୍ର ମହାରଣା, ଡ.ବୃନ୍ଦାବନ ପଣ୍ଡା, ବିଦ୍ୟାଧର ଲେଙ୍କା, ଶିବସୁନ୍ଦର ପଟ୍ଟନାୟକ, ପ୍ରଫୁଲ୍ଲ ସାମନ୍ତରାୟ, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଖବରଦାତା ସମରେନ୍ଦ୍ର ବଳିଆରସିଂହ, ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ଶହୀଦ ଦିବାକରଙ୍କ ସ୍ମୃତିଚାରଣ କରିଥିଲେ। ସମରେଶ ପାଇକରାୟ ଓ ବଳରାମ ପାଇକରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





୫-ଟି ଓ ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ବିଜେଡିରେ ଯୋଗଦେବା ପରେ ନବୀନ ନିବାସଠାରେ ଗୁରୁବାର ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା

ଭୁବନେଶ୍ୱର,୩୦।୧୧(ଅନିଲ ଦାସ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବିଧାୟକ ଓ ବିଭିନ୍ନ ସଙ୍ଗଠନ ଗୁରୁବାର ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ ଏବଂ ୧୦ରୁ ଊର୍ଦ୍ଧ୍ୱ ସଙ୍ଗଠନ ନବୀନ ନିବାସଠାରେ ପାଣ୍ଡିଆନଙ୍କୁ ଭେଟି ନୂଆ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟରେ ହେଉଥିବା ରୂପାନ୍ତରଣ ପାଇଁ ସେମାନେ ପାଣ୍ଡିଆନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏଥିପାଇଁ ୫-ଟି ଅଧ୍ୟକ୍ଷ ବିଭିନ୍ନ ସଙ୍ଗଠନକୁ ଧନ୍ୟବାଦ ଦେବା ସହ ମୁଖ୍ୟମନ୍ତ୍ରୀ ନୂତନ ଓଡ଼ିଶା ଗଠନ ପାଇଁ ଜାରି ରଖିଥିବା ରୂପାନ୍ତରଣ କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି।

ନବୀନ ନିବାସଠାରେ ପିରିଅଡିକାଲ ଏଡିଟର୍ସ ଆଣ୍ଡ ପବ୍ଲିସର୍ସ ସଂଘ, ଓଡ଼ିଶା ଓ୍ୱିଦାଉଟ ବର୍ଡରର ନିରଞ୍ଜନ ମିଶ୍ର ଓ କ୍ଷୀରୋଦ ଜେନା, ଜୟଦେବ ନିର୍ବାଚନମଣ୍ଡଳୀର ସଂଖ୍ୟାଲଘୁ ଉନ୍ନୟନ ପରିଷଦ, ଲୋକସେବା ଫାଉଣ୍ଡେଶନ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ଅଲ୍ ଓଡ଼ିଶା ଅପ୍‌ଗ୍ରେଡେଡ ସ୍କୁଲ ଗେଷ୍ଟ ଫାକଲଟିଜ ଲେକ୍‌ଚରର ଆସୋସିଏଶନ, ଓଡ଼ିଶା ମମତା ଯୋଜନା ସଂଯୋଜକ ସଂଘ, ଭଦ୍ରକ ମୁସ୍‌ଲିମ ଜମାତ, ଅଲ୍ ଓଡ଼ିଶା ଆଡିଶନାଲ କମ୍ପ୍ୟୁଟର ପ୍ରୋଗ୍ରାମ ଆସୋସିଏଶନ, ଭି.କେ. ପାଣ୍ଡିଆନ ଫ୍ୟାନ କ୍ଲବ, ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘ ପ୍ରମୁଖର କର୍ମକର୍ତ୍ତା ପାଣ୍ଡିଆନଙ୍କୁ ସାକ୍ଷାତ କରିଥିଲେ।

# ୧୦ହଜାର ହିତାଧିକାରୀଙ୍କୁ ଏଲ୍‌ଆର୍‌ସି ବଣ୍ଟନ

ଭୁବନେଶ୍ୱର, ୩୦।୧୧(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ଜାଗା ମିଶନ ଅଧୀନରେ ତୃତୀୟ ପର୍ଯ୍ୟାୟ ଭୂମି ଅଧିକାର ପ୍ରମାଣପତ୍ର (ଏଲ୍‌ଆର୍‌ସି) ବଣ୍ଟନ କରାଯାଇଛି। ଏଥିରେ ମୋଟ୍ ୧୦ହଜାର ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ବିଏମ୍‌ସିର ୩ଟି ଜୋନ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବଡ଼ଗଡ ନେତାଜୀ ପଡ଼ିଆଠାରେ ବିଜ୍ଞାନ, କାରିଗରୀ କୌଶଳ, ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସ୍ଥାନୀୟ କର୍ପୋରେଟର ସୁଶାନ୍ତି ସିଂଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୮ନଂ. କମ୍ୟୁନିଟି ହଲଠାରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଚନ୍ଦ୍ରଶେଖରପୁର ବିଏମ୍‌ସି କଲ୍ୟାଣ ମଣ୍ଡପଠାରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗ୍ୟ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ପଣ୍ଡା ଯୋଗଦେଇ କହିଲେ, କେବଳ ଭୂମି ଅଧିକାର ପ୍ରମାଣପତ୍ର ନୁହେଁ, ଆଗାମୀ ଦିନରେ ସରକାର ଲୋକଙ୍କୁ ବିଭିନ୍ନ ଯୋଜନାରେ ଘର ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। ସାଧାରଣଲୋକଙ୍କ ମୁଣ୍ଡ ଉପରେ ଛାତ, ପେଟକୁ ଦାନା ଏବଂ ଦେହକୁ ବସ୍ତ୍ର ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସେହିପରି ମେୟର କହିଲେ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ ଭୂମି ଅଧିକାର ପ୍ରମାଣପତ୍ର ଓ ବାସଗୃହ ପ୍ରଦାନ କରାଯିବ। 'ପ୍ରତି ଜୀବନ ଆମ ପାଇଁ ମୂଲ୍ୟବାନ' ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏକ ଅଂଶ ସ୍ୱରୂପ ଜାଗା ମିଶନ ଜରିଆରେ ତାହାକୁ ବାସ୍ତବ ରୂପ ଦେଉଛନ୍ତି ବୋଲି ମତ ଦେଇଥିଲେ। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ବିଏମ୍‌ସି ଅଞ୍ଚଳରେ ମୋଟ ୫୧ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୧୧ହଜାର ଓ ତୃତୀୟ ପର୍ଯ୍ୟାୟରେ ୧୦ହଜାର ଏପରି ମୋଟ ୭୨ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର, ଡେପୁଟି କମିଶନର, ଜୋନାଲ ଡେପୁଟି କମିଶନର ଓ ଟିମ୍ ବିଏମ୍‌ସି ଉପସ୍ଥିତ ଥିଲେ।



ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରୁଛନ୍ତି।

# ଆଇନ ଅମାନ୍ୟ ଆନ୍ଦୋଳନ କରିବ ଭାଜପା

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

## ଡମ୍ପିଂୟାର୍ଡ ଉଚ୍ଛେଦ ଦାବିରେ ତୃତୀୟ ଦିନରେ ସତ୍ୟାଗ୍ରହ

ସୈନିକ ସ୍କୁଲ ନିକଟସ୍ଥ ଟିଁଏସ୍ ଡମ୍ପିଂୟାର୍ଡକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଦାବିରେ ଭାଜପା ପକ୍ଷରୁ ଜାରି ରହିଥିବା ସତ୍ୟାଗ୍ରହ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ସହରରେ ଆବର୍ଜନା ଗଦା ହେଉଥିବାବେଳେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମାତ୍ର ଆବର୍ଜନା ପରିଚାଳନା ନେଇ ବିଏମ୍‌ସି ନିଦାବିଷ୍ଟୁ ପାଲଟିଛି। ତେଣୁ ବିଜେଡି ବିଧାୟକମାନେ ଓ ମେୟର ନୈତିକତା ଦୃଷ୍ଟିରୁ ରାଜଧାନୀବାସୀଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଗାକ୍ରାନ୍ତ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଦାବି କରାଯାଇଛି। ଡମ୍ପିଂୟାର୍ଡରେ ସ୍ଥାୟୀ ସମାଧାନ ନ ହେଲେ ସତ୍ୟାଗ୍ରହ ଜାରି ରହିବା ସହ ଆଗାମୀ ଦିନରେ ଭାଜପା ଭୁବନେଶ୍ୱର ସାଂଗଠନିକ ଜିଲା ପକ୍ଷରୁ ଆଇନ ଅମାନ୍ୟ ଓ ଜେଲଭରୋ ଅନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ବାବୁ ସିଂ ଚେତାବନୀ ଦେଇଛନ୍ତି। ଏପରିକି ଦାୟିତ୍ୱ ତୁଲାଇ ନ ପାରିଲେ ମେୟର ତାଙ୍କ ପଦ ଛାଡନ୍ତୁ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ସ୍ୱଚ୍ଛତା ନାମରେ କୋଟିକୋଟି ଟଙ୍କା ଦୁର୍ନୀତି କରାଯାଉଛି। ତେଣୁ ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଆନ୍ଦୋଳନ ଚାଲିଛି ଓ ଆଗକୁ ଚାଲିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ କହିଛନ୍ତି।

# ସୁପରସ୍ପେଶାଲିଟି ବହିର୍ବିଭାଗ ରୋଗୀ ଦେଖାଇବା ଆଉ ଏକ ଦିନ ବଢ଼ିଲା

କଟକ, ୩୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଉନ୍ନତ ଚିକିତ୍ସା ଲାଗି ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍‌ସିବି)ରେ ରୋଗୀ ସଂଖ୍ୟା ବଢିବାରେ ଲାଗିଛି। ବିଶେଷ କରି ଜଟିଳ ରୋଗର ଉପଶମ ଲାଗି ସୁପରସ୍ପେଶାଲିଟି ବହିର୍ବିଭାଗରେ ଆଶାନୁସାରେ ଗହଳି ବଢୁଛି। ତେବେ ଅନେକେ ଡାକ୍ତରଙ୍କ ସାକ୍ଷାତ ନ ପାଇ ବିନା ପରାମର୍ଶରେ ଫେରୁଛନ୍ତି। ଏଭଳି ବାରମ୍ବାର ଅଭିଯୋଗ ପରେ ଏହାର ସମାଧାନ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇଛନ୍ତି। ବହିର୍ବିଭାଗ ସପ୍ତାହରେ ଦୁଇ ଦିନ ପରିବର୍ତ୍ତେ ତିନି ଦିନ ଖୋଲାରହିବ ବୋଲି ନିଷ୍ପତ୍ତି ହୋଇଛି। ଏହା କାର୍ଯ୍ୟକାରୀ ହେବାପରେ ରୋଗୀ ଦେଖାଇବା ଲାଗି ଆଉ ଅସୁବିଧା ହେବ ନାହିଁ। ଏସ୍‌ସିବିର ହେପାଟୋଲୋଜି ଓ ଗ୍ୟାଷ୍ଟ୍ରୋ ମେଡିସିନର ସୁପରସ୍ପେଶାଲିଟି ବହିର୍ବିଭାଗ ସପ୍ତାହରେ ଆଉ ଗୋଟିଏ ଦିନ ଖୋଲିବା ଲାଗି ଚିଠି ସଂଖ୍ୟା ୨୭,୨୯୪ରେ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଶୁକ୍ରବାର ଅର୍ଥାତ ଡିସେମ୍ବର ୧ରୁ ଲାଗୁ ହେବ। ହେପାଟୋଲୋଜି ବହିର୍ବିଭାଗ ସପ୍ତାହର ଦୁଇ ଦିନ ଅର୍ଥାତ ବୁଧବାର ଓ ଶନିବାର ଖୋଲାଯାଉଥିଲା। ଏବେ ନୂତନ ନିର୍ଦ୍ଦେଶନାମାରେ ଗୁରୁବାର ବହିର୍ବିଭାଗ ଖୋଲା ରହିବ। ଗ୍ୟାଷ୍ଟ୍ରୋ ମେଡିସିନର ବହିର୍ବିଭାଗ ସୋମବାର ଓ ଶୁକ୍ରବାର ରୋଗୀ ଦେଖାହେଉଥିଲା। ହେପାଟୋଲୋଜି ସୁପରସ୍ପୋଶାଲିଟି ବହିର୍ବିଭାଗ ସକାଳ ୯ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିଥାଏ।



ଭୁବନେଶ୍ୱର ଭଞ୍ଜ କଳାମଣ୍ଡପରେ ଗୁରୁବାର ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସହିତ ଅନ୍ୟ ଅତିଥି ଏବଂ ପୁରସ୍କୃତ ବ୍ୟକ୍ତିତ୍ୱ। (ଫଟୋ- ବିକାଶ ନାୟକ)

# 'ବ୍ୟବସାୟିକ ବିଶ୍ଳେଷଣ ଓ ବୃତ୍ତିଗତ ସୁଯୋଗ' ଆଲୋଚନାଚକ୍ର

ଭୁବନେଶ୍ୱର,୩୦।୧୧
(ଅନୁରାଧା ମହାରଣା)




ଆଚାର୍ଯ୍ୟ ହରିହର କନିଷ୍ଠ ମହାବିଦ୍ୟାଳୟ ଏବଂ ଆଇଆଇଏମ୍‌ଟି ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବ୍ୟବସାୟିକ ବିଶ୍ଳେଷଣ ଓ ବୃତ୍ତିଗତ ସୁଯୋଗ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ହରିହର କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ଆଇଆଇଏମ୍‌ଟି ଚେୟାରମ୍ୟାନ ପ୍ରଫେସର ଶ୍ରୀକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା ପରେ ଜଣେ ଜଣେ ଦକ୍ଷ ବ୍ୟବସାୟୀ ହେଲେ ପରିବାର ତଥା ଦେଶର ଆର୍ଥିକ ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ। ଶିକ୍ଷା ଛାତ୍ରମାନଙ୍କୁ ସ୍ୱାବଲମ୍ବୀ ହେବାରେ ବିଶେଷ ସାହାଯ୍ୟ କରେ। କର୍ମ ସଂସ୍ଥାନର ବାଟ ନିଜେ ବାଛିବା ଦରକାର। ଛୋଟବଡ଼ ଉଦ୍ୟୋଗ ସ୍ଥାପନ କରି ରୋଜଗାରକ୍ଷମ ହେବା ସହିତ ଅନ୍ୟମାନଙ୍କୁ ରୋଜଗାର କରିବା ପାଇଁ ନିଯୁକ୍ତି ଦେଇପାରିଲେ ଦେଶ ଓ ରାଜ୍ୟର ଆର୍ଥିକ ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ମହର୍ଷି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରଧାପକ କଳିଙ୍ଗ କୁମାର ପ୍ରଧାନ ଏବଂ ଆଇଆଇଏମ୍‌ଟିର ପ୍ରଶାସନିକ ଅଧିକାରୀ ଜଗମୋହନ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ର ଶୃଙ୍ଖଳିତ ହେବା ସହିତ ଭଲ ମଣିଷ ହୋଇପାରିଲେ ପରିବାରର ସୁନାମ ବଢିବା ସହିତ ଦେଶର ଟେକ ରହିବ ବୋଲି କହିଥିଲେ। ଅଧ୍ୟାପକ ବିଜୟରାମ ପ୍ରଧାନ ଅତିଥି ପରିଚୟ ଏବଂ ଅଧ୍ୟାପିକା ଶ୍ୱେତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ କୁଇଜ୍ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା।

# ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟିତ

ବାରଙ୍ଗ,୩୦।୧୧(ଲିଙ୍ଗରାଜ ରାଉତ)

ବାରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ମିଶନଶକ୍ତି କାଫେ ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବ୍ଲକରେ ପ୍ରଥମ କରି ଏହି କାଫେ ହୋଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରୁଛନ୍ତି। ଦିନ ସମୟରେ ମିଲ୍ ଏବଂ ସନ୍ଧ୍ୟାରେ ଟିଫିନ୍ ଆଦି ଖାଦ୍ୟପଦାର୍ଥ ଏଠାରେ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି। ଫଳରେ ସମସ୍ତେ ଏହି କାଫେର ମଜା ନେଇପାରିବେ। ଉଦ୍‌ଘାଟନ ସମାରୋହରେ ବ୍ଲକ ପଦାଧିକାରୀଙ୍କ ସମେତ ମିଶନଶକ୍ତି କର୍ମକର୍ତ୍ତା ଓ ମହିଳାମାନେ ଉପସ୍ଥିତ ଥିଲେ।

# ରାଜ୍ୟପାଳଙ୍କୁ ଉତ୍କଳ ସମ୍ମିଳନୀର ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦।୧୧
(ଅନୁରାଧା ମହାରଣା)

ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ଉପସଭାପତି ଉଷାରାଣୀ ମହାନ୍ତି, ସାଧାରଣ ସଂଯୋଜକ ରବୀନ୍ଦ୍ର କୁମାର ମିଶ୍ର, କୋଷାଧ୍ୟକ୍ଷ ଭୀମସେନ୍ ମହାପାତ୍ର, ଭୁବନେଶ୍ୱର ଶାଖା ଉପସଭାପତି ନିରଞ୍ଜନ ପଣ୍ଡା ପ୍ରମୁଖ ରାଜ୍ୟପାଳ ରଘୁବର ଦାସଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ରାଜ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ପଡ଼ୋଶୀ ରାଜ୍ୟର ବାରମ୍ବାର ସୀମା ଲଙ୍ଘନ, ବିଚ୍ଛିନ୍ନାଞ୍ଚଳର ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶରେ ଥିବା ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳରେ ସେହି ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସ୍ଥାପନ କରିବା ତଥା ଓଡ଼ିଶା ସରକାରଙ୍କ ଆର୍ଥିକ ସହାୟତାରେ ଉତ୍କଳ ସମ୍ମିଳନୀ ଦ୍ୱାରା ସେହି ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷା ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁର ଓ କର୍ମଭୂମି ଶୈଳବାଳା ମହିଳା କଲେଜ ପରିସରରେ ଥିବା ତାଙ୍କ ବାସଭବନକୁ 'ମଧୁସ୍ମୃତି ମ୍ୟୁଜିୟମ ଓ ଗବେଷଣା ପାଠାଗାର'ରେ ପରିଣତ କରିବା, ସମ୍ରାଟ ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ପ୍ରତିମୂର୍ତ୍ତି ରାଜଧାନୀରେ ସ୍ଥାପନ କରାଯାଇ ତାଙ୍କ ଜନ୍ମ ଦିବସ ଏବଂ ଅଭିଷେକ ଦିବସ ପାଳନ କରିବା ଆଦି ବିଷୟରେ ଆଲୋଚନା ହୋଇଥିଲା।



ରାଜ୍ୟପାଳ ରଘୁବର ଦାସଙ୍କୁ ଉତ୍କଳ ସମ୍ମିଳନୀ କର୍ମକର୍ତ୍ତା ସମ୍ବର୍ଦ୍ଧିତ କରୁଛନ୍ତି।

# ୩ରୁ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ବାରଙ୍ଗ,୩୦।୧୧(ଲିଙ୍ଗରାଜ ରାଉତ)

ଆସନ୍ତା ୩ରୁ ୧୦ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଟୁର୍ନାମେଣ୍ଟ ସ୍ଥାନୀୟ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅଧୀନ ବିଜୁ ପଟ୍ଟନାୟକ ମିନି ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ରାଜ୍ୟ ବାହାରୁ ବିଭିନ୍ନ ଦଳ ଭାଗ ନେବେ। ବରଗଡ଼ ୟୁନାଇଟେଡ୍, ସୋନପୁର କ୍ଲବ, କଟକ ରାଇଜିଂ ଷ୍ଟୁଡେଣ୍ଟ, ଭୁବନେଶ୍ୱର ଜଗା ୟୁନାଇଟେଡ୍ ଓ ସଂଘର୍ଷ କ୍ଲବ ଭାଗ ନେଉଛନ୍ତି। ରାଜ୍ୟ ବାହାରୁ ତାମିଲନାଡୁ ପୋଲିସ, ବକ୍ସର ବିହାର, ନାଇଜେରିଆ-୧୧ ନାମକ ୩ଟି ଦଳ ଭାଗ ନେବେ। ସେହିପରି ଗ୍ରାମାଞ୍ଚଳର ଏ- ଡିଭିଜନ୍‌ରେ ୧୬ଟି ଓ ବି- ଡିଭିଜନ୍‌ରେ ୮ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଗ୍ରାମାଞ୍ଚଳର ଏ- ଡିଭିଜନର ଚାମ୍ପିୟନ୍ ଦଳକୁ ୧ ଲକ୍ଷ ଟଙ୍କା ଓ ରନର୍ସ ଅପ୍ ଦଳକୁ ୭୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ବି- ଡିଭିଜନ୍‌ର ଚାମ୍ପିୟନ୍ ଦଳକୁ ୨୫ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଟଙ୍କା ଦିଆଯିବ। ସେହିପରି ସହରାଞ୍ଚଳ ବିଭାଗର ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ୪୦ ହଜାର ଟଙ୍କା ଦିଆଯିବ। ତା' ସହିତ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ସର୍ବଶ୍ରେଷ୍ଠ ଖେଳାଳିଙ୍କୁ ୨ଗୋଟି ହିରୋହୋଣ୍ଡା ପ୍ୟାଶନ ଗାଡ଼ି ଦିଆଯିବ। ଖେଳ ଦେଖିବାକୁ ଆସୁଥିବା ଦର୍ଶକ ପାଇଁ ମଧ୍ୟ ଲଟେରି ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଦିନ ସମ୍ପୂର୍ଣ୍ଣ ମାଗଣାରେ ଲଟେରି ମାଧ୍ୟମରେ ଟିଭି, ଫ୍ରିଜ୍, ସାଇକେଲ, ୱାଶିଂ ମେଶିନ୍ ଆଦି ବିଭିନ୍ନ ପ୍ରକାର ଉପହାରମାନ ଦିଆଯିବ। ୮ ଦିନ ଧରି ଚାଲିବାକୁ ଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟବଲ୍ ଟୁର୍ନାମେଣ୍ଟରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବ ସମ୍ପାଦକ ମାନସ ରଞ୍ଜନ ପଡ଼ିଆରୀ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

# ଏନ୍‌ଏମ୍‌ଏ ପକ୍ଷରୁ ମଠ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

ପୁରୀ, ୩୦।୧୧(ଅଜିତ୍ ମହାନ୍ତି)

## ପରିକ୍ରମା ପ୍ରକଳ୍ପ ପାଇଁ ମଠ ଉଚ୍ଛେଦ କରାଯାଇଥିଲା

ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ମେଘନାଦ ପାଚେରିଠାରୁ ୧୦୦ ମିଟର ପରିସରରେ ଥିବା ମଠଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ମଠଗୁଡ଼ିକର ବିଜେସ୍ଥଳି ଓ ମହନ୍ତଙ୍କ ଗୃହକୁ ଛାଡ଼ି ଅବଶିଷ୍ଟ ଅଂଶକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଥିଲା। ତେବେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଉଚ୍ଛେଦ ମଠଗୁଡିକର ପୁନରୁଦ୍ଧାର, ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଗୁରୁବାର ନ୍ୟାଶନାଲ ମନୁମେଣ୍ଟ ଅଥରିଟି (ଏନ୍‌ଏମ୍‌ଏ)ର ଏକ ଜଏଣ୍ଟ ଟିମ୍ ପୁରୀ ଗସ୍ତରେ ଆସି ୧୦୦ ମିଟର ପରିସରରେ ଥିବା ୪ଟି ମଠର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ନେତୃତ୍ୱରେ ଏ ନେଇ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଓବିସିସି ଅଧିକାରୀ ପ୍ରଭାତ ପାଣିଗ୍ରାହୀ, ରାଜ୍ୟ ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ କୁମାର ଶତପଥୀ ଏବଂ ଏଏସ୍‌ଆଇ ପୁରୀ ସର୍କଲ ମୁଖ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଟିମ୍ ପକ୍ଷରୁ ବଡ଼ଛତା ମଠ, ଛାଉଣୀ ମଠ, ଉତ୍ତରପାର୍ଶ୍ୱ ମଠ ଓ କାକଡ଼ିଖାଇ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। ମଠ ଢାଞ୍ଚାର ସୌନ୍ଦର୍ଯ୍ୟକରଣ ବ୍ୟତୀତ ଅନ୍ୟ କିଛି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି। ଉତ୍କଳୀୟ ତଥା କଳିଙ୍ଗ ସ୍ଥାପତ୍ୟ କଳା ବହନ କରୁଥିବା କାର୍ଯ୍ୟ କିଭଳି ହେଉଛି ତାହା ଅନୁଧ୍ୟାନ କରାଯାଉଛି। ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି, ଏନ୍‌ଏମ୍‌ଏ ନିଷ୍ପତ୍ତି ଅନୁସାରେ ମଠଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇପାରିବ, କିନ୍ତୁ ନୂତନ କିଛି ନିର୍ମାଣ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ପ୍ରତି ଯେପରି କୌଣସି କ୍ଷତି ସୃଷ୍ଟି କରୁ ନ ଥିବ ସେ ନେଇ ଅନୁଧ୍ୟାନ କରାଯାଉଛି। ଏନ୍‌ଏମ୍‌ଏର ସମସ୍ତ ନିୟମ ଅନୁପାଳନ କରାଯାଇ କାର୍ଯ୍ୟ ହେଉଛି। ସେହିପରି ଓବିସିସି ଅଧିକାରୀ ପାଣିଗ୍ରାହୀ କହିଛନ୍ତି, ସଂସ୍କୃତି ନିର୍ଦ୍ଦେଶକ ପୁରୀ ଗସ୍ତରେ ଆସି ମଠ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନ୍‌ଏମ୍‌ଏର ନିୟମ ଅନୁସାରେ କାର୍ଯ୍ୟ ହେଉଛି। ପରିକ୍ରମା ପ୍ରକଳ୍ପ ପରିସରରେ ୧୭ଟି ମଠ ସହ ୩ଟି ମନ୍ଦିର ରହିଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ମଠ ଓ ମନ୍ଦିରର କାର୍ଯ୍ୟ ଶେଷ କରି ପ୍ରଶାସନଙ୍କୁ ହସ୍ତାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମନ୍ଦିର ସହ ମିଶିଲା ପରି ରଙ୍ଗ କରାଯିବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ

ଅସ୍ତରଙ୍ଗ/କାକଟପୁର, ୩୦।୧୧(ମମତା ଜେନା)

କାକଟପୁର ନିର୍ବାଚନମଣ୍ଡଳୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ୩ ଦିନିଆ ନୂତନ ଭୋଟର ପଞ୍ଜୀକରଣ କାର୍ଯ୍ୟକ୍ରମ ମଙ୍ଗଳା ମହାବିଦ୍ୟାଳୟ ମୁଖ୍ୟ ଫାଟକ ଆଗରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଗୁରୁବାର ଶେଷ ହୋଇଛି। ନୂଆ ଭୋଟର ପଞ୍ଜୀକରଣ ଭାବେ ଅସ୍ତରଙ୍ଗ ଓ କାକଟପୁର ବ୍ଲକର ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ପଞ୍ଜୀକରଣ କରାଇଥିଲେ। ଯୁବ ମୋର୍ଚ୍ଚା ପକ୍ଷରୁ ପୁରୀ ଜିଲା ଯୁବ ମୋର୍ଚ୍ଚା ସଂଯୋଜକ ପ୍ରିୟବ୍ରତ ବିଶ୍ୱାଳ, ରାଜ୍ୟ ଯୁବମୋର୍ଚ୍ଚା ସହସଂଯୋଜକ ରଞ୍ଜନ ରାଜୁ ମଲିକ, ଜିଲା ବରିଷ୍ଠ ନେତା ଲଳିତ ରଥ, ଅସ୍ତରଙ୍ଗ ୨ନଂ. ଜୋନ ଯୁବମୋର୍ଚ୍ଚା ସଭାପତି ଲିକୁ ବେହେରା, ଜ୍ୟୋତିରଞ୍ଜନ ପ୍ରଧାନ, ନଇଗୁଆଁ ପଞ୍ଚାୟତ ଚିନ୍ମୟ ମଲ୍ଲିକ, ସୁବ୍ରତ ସ୍ୱାଇଁ, କାକଟପୁର ମଣ୍ଡଳ ସଭାପତି ହିମାଂଶୁ ମୁଦୁଲି, ଲତାହରଣ ସଭାପତି ମଳୟ ରଞ୍ଜନ ଦାସ, ତପନ ଦାସ, ବାଲୋଦୋକାନ ମଣ୍ଡଳ ସଭାପତି ଆଦିତ୍ୟ ଜେନା, ନୟାହାଟ ସଭାପତି ସିଲୁ ରାଉତ ସହିତ ମଙ୍ଗଳା ମହାବିଦ୍ୟାଳୟର ଏବିଭିପି ସଙ୍ଗଠନର ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ହେଲେ ଋତୁରାଜ

ଅସ୍ତରଙ୍ଗ, ୩୦।୧୧(ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କୋରଣା ଗ୍ରାମପଞ୍ଚାୟତ ଅଧୀନ ଉଦୟପୁର ଗ୍ରାମର ଋତୁରାଜ ରାଉତ କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭାବେ ଗୁରୁବାର ନିଯୁକ୍ତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ପୁରୀ ଜିଲା କାକଟପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ମିଳିବା ପରେ ଋତୁରାଜ ରାଉତ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କାକଟପୁର ବିଧାୟକ ତଥା ଗୃହରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ (ବାବୁ), ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ବିଜେଡି କିପରି ଶକ୍ତିଶାଳୀ ହେବ ସେଥିପ୍ରତି କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏଥିସହିତ ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଜିଲାରେ ଯୁବକଙ୍କ ପାଇଁ ଦଳ କାର୍ଯ୍ୟ କରିବ ବୋଲି ରାଉତ କହିଛନ୍ତି।

### ଛାତ୍ରୀଛାତ୍ରଙ୍କ ସାଇକେଲରେ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ବ୍ରାଣ୍ଡିଂ

ଅସ୍ତରଙ୍ଗ, ୩୦।୧୧(ପ୍ରଦୀପ୍ତ ଦୀକ୍ଷିତ)

ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସାଇକେଲରେ ହେଲା ବ୍ରାଣ୍ଡିଂ। ସମସ୍ତ ପିଲାଙ୍କ ସାଇକେଲରେ ଲାଗିଲା 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ପୁରୀ ଜିଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୨୨ଟି ଉଚ୍ଚ ବିଦ୍ୟାଳୟର ୯୬୨ଜଣ ଛାତ୍ରୀଛାତ୍ରଙ୍କ ସାଇକେଲରେ ଷ୍ଟିକର ଲାଗିଛି। ଛାତ୍ରୀଛାତ୍ର ନିଜ ନିଜ ସାଇକେଲ ଧରି ବିଦ୍ୟାଳୟ ଆସିଥିଲେ। ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଷ୍ଟିକରିଂ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୪୦୫ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୬୨ ଲକ୍ଷ ୮୩ ହଜାରର ସହାୟତା

ସାକ୍ଷୀଗୋପାଳ, ୩୦।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ ଭରତ ରାଉତ)



ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ଶିବିରରେ ବିଧାୟକ ଉମାକାନ୍ତ ସାମନ୍ତ ରାୟଙ୍କ ସମେତ ମଞ୍ଚାସୀନ ଅତିଥି ।

ପୁରୀ ନିର୍ମାଣ ଶ୍ରମିକ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସତ୍ୟବାଦୀ ବ୍ଲକ ନିକଟ ଏକ କଲ୍ୟାଣ ମଣ୍ଡପ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଶ୍ରମିକମାନେ ଆଗାମୀ ଦିନରେ ଯେଭଳି ସମସ୍ତ ପ୍ରକାର ସହାୟତା ରାଶି ପାଇପାରିବେ, ସେଥିପାଇଁ ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାଯିବ। ସଚେତନ ଅଭାବରୁ ଅନେକ ଶ୍ରମିକ ଏଥିରୁ ଲାଭ ଉଠାଇ ପାରୁନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ତଳସ୍ତରରେ ବ୍ୟାପକ କରାଯିବ ବୋଲି ବିଧାୟକ ସାମନ୍ତରାୟ କହିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ଲେବର କମିଶନର ଶିବ ଶଙ୍କର ମିଶ୍ର, ଜିଲା ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ ଜେନା, ସତ୍ୟବାଦୀ ତହସିଲଦାର ଜୟନ୍ତ ଜୟସିଂ, ବିଡିଓ ଲିପ୍ସା ରାୟ ପ୍ରମୁଖ ଯୋଗଦେଇଥିଲେ। ନିର୍ମାଣ ଶ୍ରମିକଙ୍କ ନିମନ୍ତେ ରାଜ୍ୟ ସରକାର ଦେଉଥିବା ସମସ୍ତ ସହାୟତା ସମ୍ପର୍କରେ ଅତିଥିମାନେ ନିଜ ମତାମତ ରଖିଥିଲେ। ଲେବର କମିଶନର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ନିର୍ମାଣ ଶ୍ରମିକ ଟ୍ରେଡ୍ ୟୁନିୟନ ପକ୍ଷରୁ ଅଶ୍ୱିନୀ ନନ୍ଦଙ୍କ ସମେତ ଜିଲାର ଅନେକ ଟ୍ରେଡ୍ ୟୁନିୟନର ନେତା ଓ ଏକ ହଜାରରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୪୦୫ ଜଣଙ୍କୁ ୧ କୋଟି ୬୨ ଲକ୍ଷ ୮୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏଥିରେ ୧୩୦ ଜଣଙ୍କୁ ୬ ଲକ୍ଷ ୮୮ ହଜାର ଟଙ୍କାର ଶିକ୍ଷା ସହାୟତା, ୧୯ ଜଣଙ୍କୁ ୩୭ ଲକ୍ଷ ଟଙ୍କାର ମୃତ୍ୟୁ ସହାୟତା, ୧୯ ଜଣଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୯୫ ହଜାର ଟଙ୍କା, ୨୩୭ ଜଣଙ୍କୁ ୧ କୋଟି ୧୮ ଲକ୍ଷ ଟଙ୍କାର ବିବାହ ସହାୟତା ପ୍ରଦାନ କରାଯାଇଛି। ନୂତନ ଭାବେ ପଞ୍ଜୀକରଣ କରିଥିବା ଶ୍ରମିକଙ୍କୁ ୧୫୦ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରାଯାଇଛି। ସହକାରୀ ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ବିକ୍ରମ କେଶରୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୱେଲ ଫେୟାର ଅଫିସର ଚିତ୍ରସେନ ସାହୁ ଧନ୍ୟବାଦ ଦେଇଥିଲେ।

# ସଚେତନତାରେ ସାମିଲ ହେବେ ଆଶା, ଅଙ୍ଗନୱାଡି କର୍ମୀ

ପୁରୀ ୩୦।୧୧(ଅଜିତ୍ ମହାନ୍ତି)

**ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ**

ଆଞ୍ଚଳିକ ପରିବହନ ପରିବହନ ବିଭାଗ ପକ୍ଷରୁ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଗୁରୁବାର ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧ୍ୟକ୍ଷତା କରି ପ୍ରତ୍ୟେକ ଜୀବନର ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ । ଏଥିପାଇଁ ଜନସଚେତନତା ଆବଶ୍ୟକତା ରହିଛି। ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରର ପିଲାମାନଙ୍କୁ ନେଇ ସଚେତନତା କରାଯିବ। ଅଙ୍ଗନୱାଡି କର୍ମୀ ଏବଂ ଆଶାକର୍ମୀଙ୍କୁ ଏଥିରେ ସାମିଲ କରାଯିବ। ଅଙ୍ଗନୱାଡି କର୍ମୀ ସପ୍ତାହର ଶେଷ ଦିନ ଶନିବାର ତାଙ୍କର ପିଲାମାନଙ୍କ କାର୍ଯ୍ୟକ୍ରମ ଶେଷରେ ମହିଳାମାନଙ୍କୁ ଡାକି ଏକ ସଚେତନତା ସଭା କରି କିପରି ପରିବାରର ପୁରୁଷ ମାନେ ନିଶାଦ୍ରବ୍ୟ ସେବନ ନ କରି ଗାଡ଼ି ଚଳେଇବେ ଏବଂ ଦୁର୍ଘଟଣାରୁ ରକ୍ଷା ପାଇବେ ତା' ଉପରେ ସଚେତନତା କରାଯିବ ବୋଲି ସାହୁ କହିଥିଲେ। ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ପୌର ପରିଷଦ ଯୁଗ୍ମ ଧରପଗଡ଼ ଜାରି ରଖିବା, ଲୋକମାନଙ୍କୁ ସଚେତନତା କରିବା ଦୁର୍ଘଟଣାପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏମ୍‌ଭିଆଇ ଅମିତ୍ କୁମାର ରଣା ସ୍ୱାଗତ ଭାଷଣ ଦେବା ସହ ଜିଲାର ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୩ ଅକ୍ଟୋବର ସୁଦ୍ଧା ୨୩୨ଗୋଟି ରାସ୍ତା ଦୁର୍ଘଟଣା ହୋଇଥିବାବେଳେ ୧୨୬ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଅବସରରେ ଆଞ୍ଚଳିତ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଡିସେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣା ଜନିତ ଶୂନ ମୃତ୍ୟୁ ସପ୍ତାହ ପାଳନ କରାଯିବ ବୋଲି ସୂଚନା ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବିଶ୍ୱ ଏଡ୍ସ ସଚେତନତା ଦିବସ ଅବସରରେ ଗୁରୁବାର ବାଲୁକା ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପୁରୀ ବେଳାଭୂମିରେ ପ୍ରସ୍ତୁତ ବାଲୁକା କଳା ।

### ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଉଦ୍ଧାର

ପିପିଲି, ୩୦।୧୧(ପ୍ରଭାତ ମହାପାତ୍ର/ଦୁର୍ଗା ମାଧବ ମିଶ୍ର)

ପିପିଲି ବ୍ଲକ ଗୋବର୍ଦ୍ଧନପୁର ଦୟାନଦୀ ବନ୍ଧ ନିକଟରୁ ଗୁରୁବାର ଶିବ ପାର୍ବତୀଙ୍କ ଯୁଗଳ ପୁରୁଣା ମୂର୍ତ୍ତି ଉଦ୍ଧାର କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଏହି ଯୁଗଳ ମୂର୍ତ୍ତି କେଉଁ ମନ୍ଦିରରୁ ଚୋରି ହୋଇଛି ସେ ସମ୍ପର୍କରେ କୋଣସି ସୂଚନା ମିଳି ନ ଥିବାବେଳେ ପୋଲିସ ସାଇଣ୍ଟିଫିକ୍ ଦଳ ତଦନ୍ତ କଲେ ଠିକ୍ ତଥ୍ୟ ସାମ୍ନାକୁ ଆସିବ ବୋଲି ପୋଲିସ କହିଛି। ସୂଚନା ମୁତାବକ, ବୁଧବାର ସକାଳେ ସ୍ଥାନୀୟ କିଛି ଲୋକ ଶୌଚ ହେବାକୁ ଦୟାନଦୀ ବନ୍ଧକୁ ଯାଇଥିଲେ। ସେହି ସମୟରେ ଜରିଅଖାରେ ବନ୍ଧା ହୋଇଥିବା ଏକ ମୂର୍ତ୍ତି ଦେଖି ଗ୍ରାମରେ ଖବର ଦେଇଥିଲେ। ତେବେ ଏହି ଉଦ୍ଧାର ମୁଗୁନି ପଥରରେ ନିର୍ମିତ ମୂର୍ତ୍ତି ବହୁତ ପୁରୁଣା ବୋଲି ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଜାହାନିଆଁର ବିସ୍ତୀର୍ଣ୍ଣ ବେଳାଭୂମି

ଅସ୍ତରଙ୍ଗ, ୩୦।୧୧(ମମତା ଜେନା)

ଅସ୍ତରଙ୍ଗର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀରଜାହାନିଆଁ ବେଳାଭୂମିଠାରେ ପ୍ରତିଦିନ ଜମୁଛି ପର୍ଯ୍ୟଟକଙ୍କ ଭିଡ଼। ଶୀତର ପହିଲି ସ୍ପର୍ଶରେ ପର୍ଯ୍ୟଟକଙ୍କୁ ଆହ୍ଲାଦିତ କରୁଛି ଜାହାନିଆଁର ସ୍ୱର୍ଣ୍ଣାଭ ବେଳାଭୂମି। ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲର ସୁ ସୁ ଗର୍ଜନ ସାଙ୍ଗକୁ ଆଧୁନିକ ସଙ୍ଗୀତରେ ମତୁଆଲା ହୋଇ ଉଠୁଛନ୍ତି ପର୍ଯ୍ୟଟକ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ଯୁବତୀ, ଯୁବକ, ମହିଳା, ଶିଶୁ ଓ ବରିଷ୍ଠ ନାଗରିକ ପରିବାର ଧରି ଏଠାରେ ବଣଭୋଜି କରି ବେଶ ଆହ୍ଲାଦିତ ହୁଅନ୍ତି। ଅସ୍ତଗାମୀ ସୂର୍ଯ୍ୟର କିରଣ ମନ୍ତ୍ରମୁଗ୍ଧ କରେ ପର୍ଯ୍ୟଟକଙ୍କୁ। ପର୍ଯ୍ୟଟନ ଋତୁ ଆସିଲେ ଓଡ଼ିଶାର ଦ୍ୱିତୀୟ ଭିତରକନିକା ବୋଲାଉଥିବା ଗଙ୍ଗାଦେବୀରେ ବିଦେଶୀ ପକ୍ଷୀର କଳରବ ସାଙ୍ଗକୁ ନଦୀରେ ବୋଟିଂର ନିଆରା ମଜା ନେଇଥାନ୍ତି ପର୍ଯ୍ୟଟକ। ଏହି ପର୍ଯ୍ୟଟନ ସ୍ଥଳୀ ରାଜ୍ୟ ପର୍ଯ୍ୟଟନ ବିଭାଗର ଆଢୁଆଳରେ ଥିଲେ ମଧ୍ୟ ଏହା ପର୍ଯ୍ୟଟକଙ୍କୁ ଆନନ୍ଦର ଢେର ଖୋରାକ ଯୋଗାଇଥାଏ। ଏହି ପୀଠ ପ୍ରତି ରାଜ୍ୟ ପର୍ଯ୍ୟଟନ ବିଭାଗର ଦୃଷ୍ଟି ପଡିଲେ ଏହାକୁ ଇକୋ ଟୁରିଜମର ଆଖ୍ୟା ମିଳନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

# ଏନ୍‌ଏମ୍‌ଏ ପକ୍ଷରୁ ମଠ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା

ପୁରୀ, ୩୦।୧୧(ଅଜିତ୍ ମହାନ୍ତି):

**ପରିକ୍ରମା ପ୍ରକଳ୍ପ ପାଇଁ ମଠ ଉଚ୍ଛେଦ କରାଯାଇଥିଲା**

ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ମେଘନାଦ ପାଚେରିଠାରୁ ୧୦୦ ମିଟର ପରିସରରେ ଥିବା ମଠଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ମଠଗୁଡ଼ିକର ବିଜେସ୍ଥଳି ଓ ମହନ୍ତଙ୍କ ଗୃହକୁ ଛାଡ଼ି ଅବଶିଷ୍ଟ ଅଂଶକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଥିଲା। ତେବେ ବର୍ତ୍ତମାନ ପ୍ରଶାସନ ପକ୍ଷରୁ ଉଚ୍ଛେଦ ମଠଗୁଡିକର ପୁନରୁଦ୍ଧାର, ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଉଛି। ଗୁରୁବାର ନ୍ୟାଶନାଲ ମନୁମେଣ୍ଟ୍ସ ଅଥରିଟି (ଏନ୍‌ଏମ୍‌ଏ)ର ଏକ ଜଏଣ୍ଟ ଟିମ୍ ପୁରୀ ଗସ୍ତରେ ଆସି ୧୦୦ ମିଟର ପରିସରରେ ଥିବା ୪ଟି ମଠର ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି। ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ନେତୃତ୍ୱରେ ଏ ନେଇ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଓବିସିସି ଅଧିକାରୀ ପ୍ରଭାତ ପାଣିଗ୍ରାହୀ, ରାଜ୍ୟ ଏଏସ୍‌ଆଇର ସୁପରିଣ୍ଟେଣ୍ଡେଣ୍ଟ ଅଶ୍ୱିନୀ କୁମାର ଶତପଥୀ ଏବଂ ଏଏସ୍‌ଆଇ ପୁରୀ ସର୍କଲ ମୁଖ୍ୟଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଟିମ୍ ପକ୍ଷରୁ ବଡ଼ଛତା ମଠ, ଛାଉଣୀ ମଠ, ଉତ୍ତରପାର୍ଶ୍ୱ ମଠ ଓ କାକଡ଼ିଖାଇ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। ମଠ ଢାଞ୍ଚାର ସୌନ୍ଦର୍ଯ୍ୟକରଣ ବ୍ୟତୀତ ଅନ୍ୟ କିଛି ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ ବୋଲି ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି। ଉତ୍କଳୀୟ ତଥା କଳିଙ୍ଗ ସ୍ଥାପତ୍ୟ କଳା ବହନ କରୁଥିବା କାର୍ଯ୍ୟ କିଭଳି ହେଉଛି ତାହା ଅନୁଧ୍ୟାନ କରାଯାଉଛି। ସଂସ୍କୃତି ନିର୍ଦ୍ଦେଶକ କହିଛନ୍ତି, ଏନ୍‌ଏମ୍‌ଏ ନିଷ୍ପତ୍ତି ଅନୁସାରେ ମଠଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରାଯାଇପାରିବ, କିନ୍ତୁ ନୂତନ କିଛି ନିର୍ମାଣ କରାଯାଇପାରିବ ନାହିଁ। ଶ୍ରୀମନ୍ଦିର ପ୍ରତି ଯେପରି କୌଣସି କ୍ଷତି ସୃଷ୍ଟି କରୁ ନ ଥିବ ସେ ନେଇ ଅନୁଧ୍ୟାନ କରାଯାଉଛି। ଏନ୍‌ଏମ୍‌ଏର ସମସ୍ତ ନିୟମ ଅନୁପାଳନ କରାଯାଇ କାର୍ଯ୍ୟ ହେଉଛି। ସେହିପରି ଓବିସିସି ଅଧିକାରୀ ପାଣିଗ୍ରାହୀ କହିଛନ୍ତି, ସଂସ୍କୃତି ନିର୍ଦ୍ଦେଶକ ପୁରୀ ଗସ୍ତରେ ଆସି ମଠ ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏନ୍‌ଏମ୍‌ଏର ନିୟମ ଅନୁସାରେ କାର୍ଯ୍ୟ ହେଉଛି। ପରିକ୍ରମା ପ୍ରକଳ୍ପ ପରିସରରେ ୧୭ଟି ମଠ ସହ ୩ଟି ମନ୍ଦିର ରହିଛି। ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ମଠ ଓ ମନ୍ଦିରର କାର୍ଯ୍ୟ ଶେଷ କରି ପ୍ରଶାସନକୁ ହସ୍ତାନ୍ତର କରିବାକୁ ଲକ୍ଷ୍ୟ ରଖାଯାଇଛି। କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ମନ୍ଦିର ସହ ମିଶିଲା ପରି ରଙ୍ଗ କରାଯିବ ବୋଲି ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ବିଜ୍ଞାନମେଳାରେ ୧୫୦ ପ୍ରକଳ୍ପ, ୭୦ ଚିତ୍ରକଳା ପ୍ରଦର୍ଶନୀ



ନିମାପଡ଼ା, ୩୦।୧୧(ବିଚିତ୍ରାନନ୍ଦ ସାହୁ)

ଭେଙ୍କଟେଶ୍ୱର ବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞାନ ମେଳା ଓ ଆର୍ଟ ପ୍ରଦର୍ଶନୀ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଅନିଲ ବିଶ୍ୱାଳ, ବସନ୍ତ ସ୍ୱାଇଁ, ନିର୍ମଳ ମିଶ୍ର, ସୁଦର୍ଶନ ଲେଙ୍କା, ଆର୍ଟ ଶିକ୍ଷକ ବିଭୂତି ଭୂଷଣ ନାୟକ, ଭୁବନେଶ୍ୱର ଭେଙ୍କଟେଶ୍ୱର ସ୍କୁଲର ଉପଦେଷ୍ଟା ଏସ୍. ଏନ୍. ନବୀ, ନିମାପଡ଼ା ବିଦ୍ୟାଳୟର ଚେୟାରମ୍ୟାନ ବିଷ୍ଣୁ ପ୍ରସାଦ ଦାଶ, ଅଧ୍ୟକ୍ଷା ସ୍ୱାଗତିକା ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଆଜିର ସମାଜରେ ବିଜ୍ଞାନ ଶିକ୍ଷାର ଉପାଦେୟତା, ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମେଳାରେ ୧୫୦ ଜଣ ଶିଶୁ ବିଜ୍ଞାନୀଙ୍କ ପ୍ରକଳ୍ପ ଓ ଶିଶୁ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରକାର ୭୦ଟି ଆର୍ଟ ପ୍ରଦର୍ଶିତ ହୋଇଥିଲା। ମେଳାରେ ସ୍ଥାନୀୟ ଆର୍ଟ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବିଚାରକ, ଅତିଥି, ବିଦ୍ୟାଳୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ମେଳାରେ ବିଦ୍ୟାଳୟର ପ୍ରାୟ ୧ ହଜାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ଚାରିଛକ ସରକାରୀ ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା

ଚାରିଛକ, ୩୦।୧୧(ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ସରକାରୀ ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ବ୍ରହ୍ମେଶ୍ୱର ପୀଠରୁ ଏକ ମଶାଲ ଶୋଭାଯାତ୍ରାରେ ବିଦ୍ୟାପୀଠ ସଭାମଞ୍ଚରେ ପହଞ୍ଚିବା ପରେ କ୍ରୀଡ଼ା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ନିମନ୍ତ୍ରିତ ଅତିଥି ରୂପେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଭୋଦର ସରପଞ୍ଚ ଚାରୁଲତା ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ବ୍ରଜକିଶୋର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ, ସାମାଜିକ କର୍ମୀ ଡ. କେଦାରନାଥ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ା ପତାକା ଉଡ଼ାଇ କ୍ରୀଡ଼ା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର, ସରପଞ୍ଚ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାପୀଠର ଖେଳ ଶିକ୍ଷକ ହରିହର ମୁଦୁଲି, ପ୍ରଦୀପ୍ତଚନ୍ଦ୍ର ସାହୁ, ପ୍ରକାଶ ଚନ୍ଦ୍ର ପାତ୍ର, ପ୍ରଣତି ବେହେରା, ଆଦ୍ୟାଶା ପ୍ରିୟଦର୍ଶିନୀ, ବିଭୁପ୍ରସନ୍ନ ଦାସ, ମାନସ ରଞ୍ଜନ ନାୟକ, ଶିକ୍ଷା ପରିଚାଳନା କମିଟି ସଭ୍ୟ ଇନ୍ଦ୍ରମଣି ସାହୁ ଓ ଅଭିଭାବକ ଅନୁରୋଧ ସ୍ୱାଇଁ ଉପସ୍ଥିତ ରହି କ୍ରୀଡ଼ା ଉତ୍ସବରେ ସାହାଯ୍ୟ ସହଯୋଗ କରିଥିଲେ।


ଚାରିଛକ ସରକାରୀ ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି ।

# ଜରାଜୀର୍ଣ୍ଣ ଅବସ୍ଥାରେ ପୋଲିସ ବାରେକ୍

ନିମାପଡ଼ା, ୩୦।୧୧(ବିଚିତ୍ରାନନ୍ଦ ସାହୁ)


ନିମାପଡାସ୍ଥିତ ପୋଲିସ ବାରେକ୍ ।

ଦୀର୍ଘ ବର୍ଷ ପରେ ବହୁ ପ୍ରାଚୀନ ବ୍ରିଟିଶ ଅମଳର ଭଗ୍ନ ଜରାଜୀର୍ଣ୍ଣ ନିମାପଡ଼ା ଥାନାର ରୂପରେଖ ବଦଳି ନୂତନ ଥାନା ନିର୍ମାଣ ହେଲା। ହେଲେ ପୋଲିସ କର୍ମଚାରୀଙ୍କ ବ୍ରିଟିଶ ଅମଳର ବାରେକ୍ ଓ ସରକାରୀ ଷ୍ଟାଫ୍ କ୍ୱାର୍ଟର୍ସର ଅବସ୍ଥା ଏବେ ବି ଭଗ୍ନ, ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ହେଲେ ଏ ଦିଗରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଦୌ ଦୃଷ୍ଟି ପଡୁନାହିଁ। ପୁରୀ ଜିଲାର ଏକ ବୃହତ୍ତମ ଓ ଗୁରୁତ୍ୱପୂର୍ଣ୍ଣ ଥାନାରେ ଜଣେ ଆଇଆଇସି, ଜଣେ ଏସ୍‌ଆଇ, ୫ଜଣ ଏଏସ୍‌ଆଇ, ୬ ଜଣ କନଷ୍ଟେବଲ କାର୍ଯ୍ୟରତ ଅଛନ୍ତି। ହେଲେ ଥାନାରେ କାର୍ଯ୍ୟରତ ପୋଲିସ ଅଫିସର ଓ କର୍ମଚାରୀଙ୍କ ରହିବା ପାଇଁ ସରକାରୀ ଷ୍ଟାଫ୍ କ୍ୱାର୍ଟର୍ସ, ଆରକ୍ଷୀ ନିବାସର ସୁବ୍ୟବସ୍ଥା ନ ଥିବାରୁ ପୋଲିସ ଅଧିକାରୀ ଓ କର୍ମଚାରୀ ରହିବାକୁ ନାନା ହଟହଟା ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରକାରୀ କ୍ୱାର୍ଟର୍ସ ନ ଥିବା ଯୋଗୁ ପୋଲିସ ଅଧିକାରୀ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ବାହାରେ ଥାନାଠାରୁ ଦୂରରେ ଘର ଭଡ଼ା ନେଇ ରହୁଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ସମ୍ପର୍କରେ ଆଇଆଇସି ବାମଦେବ ସ୍ୱାଇଁଙ୍କୁ ପଚାରିବାରେ, ଥାନା ପରିସରରେ ନୂତନ ପୋଲିସ ବ୍ୟାରେକ୍ ଏବଂ ନୂତନ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ପାଇଁ ପୂର୍ବରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ଓ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି।



ଗୁରୁବାର ଚତୁର୍ଥ ସନ୍ଧ୍ୟାରେ କଟକ ବାଲିଯାତ୍ରା ତଳପଡ଼ିଆର ଦୃଶ୍ୟ ।

## ପ୍ରଥମଥର ଆସିଛି ୱାକିଙ୍ଗ ବୁକ୍ ଫେୟାର

'ବାଲିଯାତ୍ରାରୁ ଇଣ୍ଡୋନେସିଆ କଟକରୁ କାନାଡା ବହି ସାଙ୍ଗେ ଚାଲ ଯିବା ବୁଲି ଦେଶ ଦୁନିଆ' ବାର୍ତ୍ତା ଦେଇ ଚଳିତବର୍ଷ ବାଲିଯାତ୍ରାକୁ ଆସିଛି ୱାକିଙ୍ଗ ବୁକ୍ ଫେୟାର। ଏକ ଅଟୋରେ ଅନେକ କାହାଣୀ ନେଇ ଏହି ବୁକ ଫେୟାର୍ କଟକ ଇନ୍ କଟକ ପରିସରରେ ନିଜର ଡେରା ଜମାଇଛି। ପୁସ୍ତକ ପ୍ରେମୀଙ୍କ ପାଇଁ ଏହା ଭଲ ସ୍ଥାନ ବୋଲି ଦର୍ଶକ କହିଛନ୍ତି। ବହି କିଣିବା ସହ ସେଠାରେ କିଛି ସମୟ ଲୋକମାନେ ପଢିପାରିବେ। ଚଳିତବର୍ଷ ବାଲିଯାତ୍ରାରେ ଅନେକ କିଛି ନୂତନ ଜିନିଷ ଦେଖିବାକୁ ମିଳିଥିବାବେଳେ ଏହି ୱାକିଙ୍ଗ ବୁକ୍ ଫେୟାର ସ୍ୱତନ୍ତ୍ରତା ରହିଛି।

## ୫୭ ଷ୍ଟଲରେ ଚଢ଼ାଉ, ୩୦ ହଜାର ଜରିମାନା ଆଦାୟ

**ପ୍ଲାଷ୍ଟିକମୁକ୍ତ ବାଲିଯାତ୍ରା ନିୟମ ଉଲ୍ଲଂଘନ**

ଚଳିତବର୍ଷ ବାଲିଯାତ୍ରାକୁ ପ୍ଲାଷ୍ଟିକମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଏଭଳି ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ସିଏମ୍‌ସି ପରିମଳ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଛି। ଏହାସତ୍ତ୍ୱେ ନିୟମ ଉଲ୍ଲଂଘନ କଲେ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଗତ ୩ ଦିନ ମଧ୍ୟରେ ବାଲିଯାତ୍ରା ପଡିଆରେ ଖୋଲିଥିବା ୫୭ଟି ଷ୍ଟଲରେ ସିଏମ୍‌ସି ପରିମଳ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପ୍ଲାଷ୍ଟିକ ବ୍ୟବହାର କରୁଥିବା ବ୍ୟବସାୟୀଙ୍କଠାରୁ ଜରିମାନା ବାବଦକୁ ୩୦,୩୦୦ ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ପରିମଳ ବିଭାଗର ସ୍ୱତନ୍ତ୍ର ଟିମ୍ ବିଭିନ୍ନ ଷ୍ଟଲ ପରିଦର୍ଶନ କରି ପ୍ଲାଷ୍ଟିକ ବୋତଲ ବ୍ୟବହାର ନ କରିବା ପାଇଁ ଦୋକାନୀମାନଙ୍କୁ ସଚେତନ କରାଉଛନ୍ତି। ପ୍ରତ୍ୟେକ ଦୋକାନୀ ଆବର୍ଜନା ଏଣେତେଣେ ନ ପକାଇ ଡଷ୍ଟବିନ୍ ବ୍ୟବହାର କରିବା ପାଇଁ କର୍ମଚାରୀମାନେ କହୁଥିବା ଦେଖିବାକୁ ମିଳିଛି।

# ଆକର୍ଷିତ କରୁଛି କଟକ ଇନ୍ କଟକ

କଟକ,୩୦।୧୧(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ବାଲିଯାତ୍ରାର ଗୁରୁବାର ଚତୁର୍ଥ ଦିନରେ ପଡିଆ ଲୋକାରଣ୍ୟ ହୋଇଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଦୋଳିରେ ବସି ମଜା ନେଇଥିଲେ। ଏପରି କି ଘରକରଣା ସାମଗ୍ରୀ କିଣି ଘରକୁ ଫେରିଥିଲେ। ବିଶେଷକରି ବାଲିଯାତ୍ରା ପଡିଆର କଟକ ଇନ୍ କଟକ ପାଭିଲିୟନରେ ସୃଷ୍ଟି ହୋଇଥିବା ଗ୍ରାମ ପରିବେଶ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପରିସରରେ ଲୋକମାନେ ବିଭିନ୍ନ



ବାଲିଯାତ୍ରା ତଳପଡ଼ିଆ ପଲ୍ଲିଶ୍ରୀ ମେଳାରେ ଲୋକଙ୍କ ଗହଳି।

ସାମଗ୍ରୀ ଦେଖିବାକୁ ପସନ୍ଦ କରିଥିଲେ। ସେହିପରି ମନ୍ଦିର, ଭାଗବତ୍ ଟୁଙ୍ଗି, ଅଙ୍ଗନୱାଡ଼ି କେନ୍ଦ୍ର ଏଠାକାର ଅନ୍ୟତମ ଆକର୍ଷଣ ସାଜିବା ସହ ରଙ୍ଗବେରଙ୍ଗର ଆଲୋକମାଳା ଦର୍ଶକଙ୍କ ମନ ମୋହୁଛି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବିଭିନ୍ନ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାଙ୍କୁ ପ୍ରୋତ୍ସାହନ ସହ ଭଲ ରୋଜଗାର ଯୋଗାଇ ଦେବା ଉଦ୍ଦେଶ୍ୟରେ ବାଲିଯାତ୍ରାରେ କମ୍ ମୂଲ୍ୟରେ ଷ୍ଟଲଗୁଡ଼ିକ ଯୋଗାଇ ଦିଆଯାଇଛି। ଏଠାରେ ଘରକରଣା ସାମଗ୍ରୀଠାରୁ ଆରମ୍ଭ କରି, ବିଭିନ୍ନ ପ୍ରକାର ମସଲା, ଆଚାର, ପାମ୍ପଡ, ଆଦି ସାମଗ୍ରୀ ବିକ୍ରି କରାଯାଉଛି। କଟକ ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଖୋଲା ଯାଇଥିବା ଆର୍ଟ ଗ୍ୟାଲେରୀ କଳାପ୍ରେମୀଙ୍କୁ ବେଶ ଆକର୍ଷିତ କରୁଛି।

## କାଗଜ ଡଙ୍ଗାରେ ଓଡ଼ିଶା ମାନଚିତ୍ର

କଟକ ଇନ୍ କଟକ ପରିସରରେ ଥିବା ଆର୍ଟ ଗ୍ୟାଲେରୀରେ ଅନେକ ଚିତ୍ରକଳା ଦେଖିବାକୁ ମିଳୁଛି। ଚିତ୍ରଶିଳ୍ପୀମାନେ ନିଜେ ପ୍ରସ୍ତୁତ କରିଥିବା ଚିତ୍ରକଳା ଏଠାରେ ଲଗାଇଛନ୍ତି। ଚିତ୍ରଶିଳ୍ପୀ ଦୀପକ ବିଶ୍ୱାଳ ପ୍ରସ୍ତୁତ କରିଛନ୍ତି ଏକ ନିଆରା ଚିତ୍ରକଳା। ଅଦରକାରୀ କାଗଜରେ କାଗଜଡଙ୍ଗା ତିଆରି କରି ଏହାକୁ ଓଡ଼ିଶା ମାନଚିତ୍ର ଆକୃତି ଦେଇଛନ୍ତି।

# ମଞ୍ଚରେ ଲୁପ୍ତପ୍ରାୟ ଲୋକକଳା

ଭୁବନେଶ୍ୱର,୩୦।୧୧(ଶର୍ମିଷ୍ଠା ପାଣିଗ୍ରାହୀ)



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କଟକର ଐତିହାସିକ ବାଲିଯାତ୍ରାରେ ସ୍ୱତନ୍ତ୍ର ଲୋକକଳା ମଞ୍ଚ ପ୍ରତିଷ୍ଠା କରାଯାଇଛି। ବାଲିଯାତ୍ରା ହେଉଛି ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ସ୍ଥଳୀ। ଏହି ଗୌରବମୟ ପରମ୍ପରାର ସ୍ମୃତିଚାରଣ କରିବା ଲକ୍ଷ୍ୟ ନେଇ ବିଭାଗ ପକ୍ଷରୁ ବିଭିନ୍ନ ଜିଲାର ସମୃଦ୍ଧ ଲୋକକଳା, ଲୋକନୃତ୍ୟ, ଲୋକନାଟକ, ଲୋକସଙ୍ଗୀତ ଓ ଲୁପ୍ତପ୍ରାୟ ଲୋକକଳାକୁ ନେଇ ସାଂସ୍କୃତିକ ଉତ୍ସବର ଆୟୋଜନ କରାଯାଇଛି। ଏହାକୁ ଦେଖିବାକୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି ମଞ୍ଚରେ ଗଞ୍ଜାମର ଶଙ୍ଖ ଓ ରଣପା, ମୟୂରଭଞ୍ଜର ଛଉ, କଟକର ରାମଲୀଳା, ଖୋର୍ଦ୍ଧାର ଗୋଟିପୁଅ ଓ ଘୋଡ଼ାନାଚ, ମାଲକାନଗିରିର କୋୟା ନାଚ, ଗଞ୍ଜାମର ପ୍ରହଲ୍ଲାଦ ନାଟକ, ସଖୀ ନାଟ, ଭରତଲୀଳା ଓ ପଶୁମୁଖା, ବଲାଙ୍ଗୀରର ଘୁଡ୍‌କା, ସମ୍ବଲପୁରର ସମ୍ବଲପୁରୀ ନୃତ୍ୟ, ନବରଙ୍ଗପୁରର ଦେଶିଆ ନାଟ, ପୁରୀର ସାହିଯାତ ଓ ମାହାରୀ, କଳାହାଣ୍ଡିର ଘୁମୁରା, ଭଦ୍ରକର ମୋଗଲ ତାମସା, ଗଜପତିର ପାଇକ ଆଖଡ଼ା, ବାଲେଶ୍ୱର ଚଢ଼େୟା ନାଚ, ନୟାଗଡ଼ର ଲଙ୍କାପୋଡ଼ି, ବୌଦ୍ଧର ଶବର-ଶବରୁଣୀ, କୋରାପୁଟର ଢେମ୍‌ସା, ଢେଙ୍କାନାଳର ଲଉଡ଼ି ଓ ଅନୁଗୋଳର ଦଣ୍ଡନାଟ ଆଦି ଦର୍ଶକଙ୍କ ମନୋରଞ୍ଜନ କରୁଛି। ମଞ୍ଚକୁ ସମ୍ପୂର୍ଣ୍ଣ ଭାବେ ଉତ୍କଳୀୟ ଗ୍ରାମ୍ୟ ଦୃଶ୍ୟପଟକୁ ଆଧାର କରି ସଜା ଯାଇଛି। ଏଥିସହ ବିଭାଗର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମର ସଚେତନତା ବାର୍ତ୍ତା ପ୍ରଚାର କରାଯିବା ସହ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ମହାନଦୀର ବାଲୁକା ଶଯ୍ୟାରେ ଆୟୋଜିତ ଏହି ମଞ୍ଚରେ ଚଳିତ ବର୍ଷ ଭିନ୍ନ ଏକ ବାର୍ତ୍ତା ଦେବା ସହ ଉତ୍କଳୀୟ ପରମ୍ପରା, ପ୍ରାଚୀନ ପରମ୍ପରା ଓ ସଂସ୍କୃତିକୁ ପାଥେୟ କରି ବିଭିନ୍ନ ଲୋକକଳା ପ୍ରଦର୍ଶନ କରାଯାଉଛି, ଯାହା ବାଲିଯାତ୍ରାର ଏକ ଅଂଶ ଭାବେ ଉଭା ହୋଇଛି।

## ଷ୍ଟଲ୍ ପରିଦର୍ଶନ କଲେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି



ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଷ୍ଟଲ୍ ପରିଦର୍ଶନ କରୁଛନ୍ତି।

କଟକ,୩୦।୧୧ (କାର୍ତ୍ତିକ ସାହୁ)

ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ବାଲିଯାତ୍ରାରେ ଖୋଲିଥିବା ପ୍ରାଧିକରଣର ଷ୍ଟଲ ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ, ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହାସଚିବ ସୃଜନ ସାରସ୍ୱତ ପ୍ରମୁଖ ଉପସ୍ଥିତ ଥିଲେ।



ବାଲିଯାତ୍ରା ପଡ଼ିଆରେ ବେଲୁନ କିଣୁଥିବା ମହିଳା।

## ଚାହିଦାରେ ବାଉଁଶ ତିଆରି ଅଳଙ୍କାର



ବାଉଁଶରେ ତିଆରି ହାର, ଚୁଡ଼ି ଭଳି ଅନେକ ଅଳଙ୍କାର ବାଲିଯାତ୍ରାରେ ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। ପାରମ୍ପରିକ ଛାପରେ ଆଧୁନିକ ଢଙ୍ଗରେ ଏହି ଅଳଙ୍କାର ଗୁଡ଼ିକ ପ୍ରସ୍ତୁତ କରାଯାଇଛି, ଯାହାର ମୂଲ୍ୟ ୮୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ରାୟଗଡ଼ା ଜିଲାର ମା' ସନ୍ତୋଷୀ ବାମ୍ବୋ ଜୁଏଲେରି ଏହାକୁ ଗ୍ରୁପ ପ୍ରସ୍ତୁତ କରି ବିକ୍ରି କରୁଛି।

## କାଗଜ କ୍ଲେରୁ ଚିତ୍ରକଳା



ଅବ୍ୟବହୃତ କାଗଜରୁ ପ୍ରସ୍ତୁତ ହୋଇଛି ସୁନ୍ଦର କଳାକୃତି। କାଗଜ ମଣ୍ଡକୁ କ୍ଲେ କରି ତାହାକୁ ଆକୃତି ଦେଇ ଚିତ୍ରକଳା ପ୍ରସ୍ତୁତ କରାଯାଇଛି। କେନ୍ଦୁଝର ଅଞ୍ଚଳର ଜୟପ୍ରକାଶ ସୂତାର ଏହାକୁ ନେଇ ମିଶନ ଶକ୍ତି ବଜାର ମଧ୍ୟରେ ନିଜ ଆସର ମେଲାଇଛନ୍ତି। ସେ ସେଠାରେ ନିଜ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରିବା ସହ ନିଜେ ତିଆରି ମଧ୍ୟ କରୁଛନ୍ତି। ଏହି ଚିତ୍ର କଳାଗୁଡ଼ିକ ମୂଲ୍ୟ ୨୦୦ରୁ ଆରମ୍ଭ ହୋଇ ୬୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

## ଲୋକନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

କଟକ,୩୦।୧୧ (ଶିଳ୍ପା ପ୍ରିୟଦର୍ଶିନୀ)



ସୋହିନୀ ମିଶ୍ର



ରୋହନ ବିଶ୍ୱାଳ



କୁଳଦୀପ ପଟ୍ଟନାୟକ

କଟକ ବାଲିଯାତ୍ରା ପଡିଆର ଅକ୍ଷୟ ମହାନ୍ତି ମଞ୍ଚ ଓ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ମହାନ୍ତି ମଞ୍ଚରେ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ ଅନେକ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ସେହିପରି କଣ୍ଠଶିଳ୍ପୀ ସୋହିନୀ ମିଶ୍ର ଓ ଇପ୍ସିତା ପଟ୍ଟନାୟକ ଲୋକପ୍ରିୟ ଗୀତ ପରିବେଷଣ କରିଥିଲେ। ଶୀତୁଆ ସନ୍ଧ୍ୟାରେ ଦର୍ଶକମାନେ ଗୀତର ତାଳରେ ଝୁମିଥିଲେ। ସେହିପରି ଡିସିସି କୁଇ ସଂସ୍କୃତି କଳା ପରିଷଦ ପକ୍ଷରୁ ପଶୁ ମୁଖା ନୃତ୍ୟ, ଭୁବନେଶ୍ୱର ସାଇରାଧା କଳାକୁଞ୍ଜ ପକ୍ଷରୁ ବ୍ରଜେବାସନ୍ତମ ନୃତ୍ୟ, କଟକ ମମତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକ ଅମୃତ ମ୍ୟୁଜିକ୍ ପକ୍ଷରୁ ଅକ୍ଷୟ ସଂଗୀତ, କଟକ କୁଆଁଳ ସାଂସ୍କୃତିକ ପରିଷଦ ପକ୍ଷରୁ ପାଇକ ଆଖଡ଼ା, କଟକ ସପ୍ତରଙ୍ଗ ଫାଉଣ୍ଡେସନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା।

ସେହିପରି ଗଣକବି ବୈଷ୍ଣବ ପାଣି ମଞ୍ଚରେ ବଲାଙ୍ଗୀର କୋଷାଳ ଫୋକ୍ ଡାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ନୃତ୍ୟ, କଟକ ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କାଳୀ ସ୍ତୁତି, ମାହାଙ୍ଗା ବିନୋଦ ବିହାରୀ କଳା ପରିଷଦ ପକ୍ଷରୁ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। କଟକ ୟୁରୋବିଟସ ଡ୍ୟାନ୍ସ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱର ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ମଞ୍ଚରେ ଅଭିନେତ୍ରୀ ଶୀତଲ ପାତ୍ର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। କଣ୍ଠଶିଳ୍ପୀ ରୋହନ ବିଶ୍ୱାଳ ସଙ୍ଗୀତ ପରିବେଷଣ କରିଥିଲେ। ବାଲିଯାତ୍ରାର ଗଣକବି ବୈଷ୍ଣବ ପାଣି ମଞ୍ଚରେ ସଙ୍ଗୀତ ପରିବେଷଣ କରିଛି। ଏଠାରେ ଗୀତ ବୋଲିବା ସୌଭାଗ୍ୟର ବିଷୟ ବୋଲି ସେ କହିଛନ୍ତି।



ଗଣକବି ବୈଷ୍ଣବ ପାଣି ମଞ୍ଚରେ ଲାସ୍ୟ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ୧୧୪ତମ ଜୟନ୍ତୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ପୂର୍ବାହ୍ନ ୧୦ଟା ୩୦।
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ଏବଂ ଦୁତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମ୍, କିଟ୍, ପୂର୍ବାହ୍ନ ୧୧ଟା।
- ଧର୍ମବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା, ସ୍କୁଲ ପରିସର, ଅପରାହ୍ନ ୨ଟା ୩୦।
- ଲିଟିଲ୍ ୱିଙ୍ଗ୍‌ସର ବାର୍ଷିକୋତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଜଳସମ୍ପଦ ବିଭାଗ ସାଂସ୍କୃତିକ ପରିଷଦର ବିଂଶତମ ବାର୍ଷିକୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ୫ମ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୪ଟା।

**କୋଣାର୍କ**

- କୋଣାର୍କ ମହୋତ୍ସବ, ଚନ୍ଦ୍ରଭାଗା ବେଳାଭୂମି, ସନ୍ଧ୍ୟା ୬ଟା।

# ଏ+ ମାନ୍ୟତା ଫେରିପାଇଲା ଉତ୍କଳ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୩୦।୧୧(ଅନୁରାଧା ମହାରଣା)

ରାଜ୍ୟର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଉତ୍କଳ ବିଶ୍ୱବିଦ୍ୟାଳୟ ନ୍ୟାଶନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ନାକ୍) ପକ୍ଷରୁ ଏ+ ମାନ୍ୟତା ଫେରିପାଇଛି। ଏନେଇ ନାକ୍ ଓ୍ୱେବ୍‌ସାଇଟରେ ସୂଚନା ଦିଆଯାଇଛି। ଏଥର ଉତ୍କଳ ବିଶ୍ୱବିଦ୍ୟାଳୟ ସିଜିପିଏ ୩.୨୬ ଗ୍ରେଡ ରଖି ଏ+ ମାନ୍ୟତା ପାଇଛି। ପାଠ୍ୟକ୍ରମ, ଶିକ୍ଷାଦାନ ଓ ଗ୍ରହଣ ପନ୍ଥା, ଗବେଷଣା, ଉଦ୍ଭାବନ, ପାଠ୍ୟାତିରିକ୍ତ ଶିକ୍ଷା, ବିଦ୍ୟାର୍ଥୀଙ୍କ ସହଯୋଗ ତଥା ଅଗ୍ରଗତି, ପରିଚାଳନା ନେତୃତ୍ୱ ଗ୍ରହଣ, ଶୈକ୍ଷିକ ବାତାବରଣ ଆଦି ଦୃଷ୍ଟିକୋଣକୁ ବିଚାରକୁ ନେଇ ଏହି ଗ୍ରେଡ୍ ପ୍ରକାଶ ପାଇଛି। ଇନ୍‌ଫ୍ରାଷ୍ଟ୍ରକଚର ଓ ଲର୍ନିଂ ରିସୋର୍ସରେ ସର୍ବାଧିକ ୩.୬୫ ଗ୍ରେଡ୍ ପାଇଥିବାବେଳେ ପାଠ୍ୟକ୍ରମ ଦୃଷ୍ଟିକୋଣରୁ ୩.୫୭ ଗ୍ରେଡ୍ ମିଳିଛି। ସେହିପରି ଇନଷ୍ଟିଚ୍ୟୁଶନାଲ ଭାଲ୍ୟୁ



ଏବଂ ବେଷ୍ଟ ପ୍ରାକ୍ଟିସ୍‌ରେ ୩.୩୭ଗ୍ରେଡ୍ ରହିଛି। ଶିକ୍ଷାଦାନ-ଗ୍ରହଣ ମୂଲ୍ୟାୟନରେ ୩.୩୩, ଗବେଷଣା ଓ ପାଠ୍ୟାତିରିକ୍ତ ଶିକ୍ଷାକ୍ରମରେ ୩.୧୫, ବିଦ୍ୟାର୍ଥୀଙ୍କ ଅଗ୍ରଗତି କ୍ଷେତ୍ରରେ ୩.୧୧, ଶିକ୍ଷାନୁଷ୍ଠାନ ପରିଚାଳନା ଏବଂ ନେତୃତ୍ୱଗ୍ରହଣ ଦିଗରେ ୨.୬୨ ଗ୍ରେଡ୍ ହାସଲ କରିଛି।

ସୂଚନାଯୋଗ୍ୟ, ମେ ମାସରେ ଆସିଥିବା ନାକ୍ ଟିମ୍ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ୍ ଏ ମାନ୍ୟତା ପ୍ରଦାନ କରିଥିଲା। ଏହାପରେ ଏହାକୁ ନେଇ ବିବାଦ ଦେଖିଥିଲା। ମାନ୍ୟତାରେ ହ୍ରାସ ଘଟିବା ପରେ କର୍ତ୍ତୃପକ୍ଷ ପୁନଃ ଯାଞ୍ଚ ଲାଗି ଆବେଦନ କରିଥିଲେ। ଏହି କ୍ରମରେ ନାକ୍ ପ୍ରତିନିଧି ମଣ୍ଡଳୀ ପୁଣି ଥରେ ସେପ୍ଟେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପସ ପରିଦର୍ଶନରେ ଆସିଥିଲେ। ତେବେ ଏଥର ନାକ୍ ପକ୍ଷରୁ 'ଏ+' ମାନ୍ୟତା ଫେରିପାଇଛି ଉତ୍କଳ ବିଶ୍ୱବିଦ୍ୟାଳୟ। ୨୦୧୬ରେ ଉତ୍କଳ ହାତେଇଥିଲା ଏ+ ଗ୍ରେଡ୍। ଏଥର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏ++ ପାଇଁ ଆଶା ରଖିଥିଲେ ମଧ୍ୟ ତାହା ବିଫଳ ହୋଇଛି। କିନ୍ତୁ ଏ+ ଗ୍ରେଡ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆତ୍ମସନ୍ତୋଷ ଦେଇଛି । ଏନେଇ କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି, ଏହା ବିଶ୍ୱବିଦ୍ୟାଳୟ ପାଇଁ ଖୁସି ଖବର। ଉତ୍କଳ ବିଶ୍ୱବିଦ୍ୟାଳୟ ଦେଶର ୧୦୦ ବିଶ୍ୱବିଦ୍ୟାଳୟ ଭିତରେ ୪ ବର୍ଷ ହେଲା ରହି ଆସିଛି। ଟିମ୍ ୱାର୍କ ପାଇଁ ଏହା ସଫଳ ହୋଇପାରିଛି। ୫ବର୍ଷ ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏ++ ଗ୍ରେଡ ପାଇବ। ଆଗକୁ ସବୁ ବିଭାଗରେ କିପରି ଉନ୍ନତି ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ଏଠାରେ ଛାତ୍ରୀଛାତ୍ରଙ୍କ ପାଇଁ ସବୁ ବ୍ୟବସ୍ଥା ରହିଛି। ଏବେ ନୂଆ ଶିକ୍ଷାନୀତି ଲାଗୁ କରାଯିବା ଫଳରେ ଅଧିକ ସୁବିଧା ମିଳିବ ବୋଲି ଆଚାର୍ଯ୍ୟ କହିଛନ୍ତି।

## ଲାଞ୍ଚ ମାମଲା, ପୂର୍ବତନ ଏଏସ୍‌ଆଇଙ୍କୁ ୨ବର୍ଷ ଜେଲଦଣ୍ଡ

କଟକ,୩୦।୧୧ (କାର୍ତ୍ତିକ ସାହୁ)- ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଏକ ଲାଞ୍ଚ ମାମଲାର ବିଚାର କରି ପୂର୍ବତନ ପୋଲିସ ଏଏସ୍‌ଆଇ ପ୍ରାଣକୃଷ୍ଣ ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ତାଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୫୦୦୦ ଟଙ୍କା ଜରିମାନା ପ୍ରଦାନପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ସ୍ପଷ୍ଟ ହୋଇଛି। ପ୍ରାଣକୃଷ୍ଣ କଟକ ଜିଲା ନେମାଳ ଥାନାରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ଆବେଦନକାରୀଙ୍କ ନିକଟରୁ ୧୦୦୦ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ ସାହୁ ମାମଲା ପରିଚାଳନା କରୁଥିଲେ। ଡିଏଲଓ ଦେବେଶ ଚନ୍ଦ୍ର ବିଶ୍ୱାଳ ଏବଂ ତଦନ୍ତକାରୀ ଅଧିକାରୀ କମଲ କୁମାର ପଣ୍ଡା ସହଯୋଗ କରିଥିଲେ।




ବିଶ୍ୱ ଏଡ୍‌ସ ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ସଚେତନତା ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଆଜିଠାରୁ କୋଣାର୍କ ଉତ୍ସବ

କୋଣାର୍କ,୩୦।୧୧(ଜ୍ୟୋତିରାଜ ମହାନ୍ତି)

ସୂର୍ଯ୍ୟମନ୍ଦିର ପାଦଦେଶରେ କୋଣାର୍କ ଉତ୍ସବ, ଚନ୍ଦ୍ରଭାଗାରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ କୋଣାର୍କ ଇକୋ ରିଟ୍ରିଟ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହି ଉତ୍ସବ ୫ଦିନ ବ୍ୟାପି ଚାଲିବ। ପର୍ଯ୍ୟଟନ ବିଭାଗ, ପର୍ଯ୍ୟଟନ ଉନ୍ନୟନ ନିଗମ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ ହେବ। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ରାମଚନ୍ଦ୍ର ଯାଦବ ଗୁରୁବାର ସନ୍ଧ୍ୟାରେ ଆସି ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ନୃତ୍ୟଶିଳ୍ପୀ ଓ ଦର୍ଶକଙ୍କ ଅପେକ୍ଷାରେ ରଙ୍ଗୀନ ଆଲୋକରେ ସଜେଇ ହୋଇଛି ମୁକ୍ତାକାଶ ରଙ୍ଗମଞ୍ଚ। ପ୍ରତି ସନ୍ଧ୍ୟାରେ ଓଡ଼ିଶୀ, କଥକ, କୁଚିପୁଡି, ସତ୍ରିୟା ମୋହିନୀଆଟ୍ଟମ, ଭାରତନାଟ୍ୟମ୍ ଆଦି ନୃତ୍ୟ ପରିବେଷଣ ହେବ। ଚନ୍ଦ୍ରଭାଗା ବେଳାଭୂମିରେ ଦେଶ ବିଦେଶର ଶତାଧିକ ବାଲୁକା ଶିଳ୍ପୀ ବିଭିନ୍ନ ପ୍ରସଙ୍ଗରେ କଳାକୃତି ପ୍ରଦର୍ଶନ କରିବେ। ସେହିଭଳି ହସ୍ତଶିଳ୍ପ ପ୍ରଦର୍ଶନୀ, ହେଲିପ୍ୟାଡରେ ଅପେରା ଓ ମିନାବଜାର ଅନ୍ୟତମ ଆକର୍ଷଣ ହେବ। ଏହି ଉତ୍ସବ ସରକାର, ଓଡ଼ିଆ ଜାତି ପାଇଁ କୋଣାର୍କ ବାସିନ୍ଦାଙ୍କ ପାଇଁ ଗର୍ବର ବିଷୟ ବୋଲି ଯାଦବ କହିଛନ୍ତି।

## ଟ୍ରେନ୍ ଶୌଚାଳୟରୁ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ସନ୍ଦେହ**

ଭୁବନେଶ୍ୱର,୩୦।୧୧(ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ରେଳଷ୍ଟେଶନରେ ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍‌ର ଶୌଚାଳୟରୁ ବୁଧବାର ରାତିରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରେ ରେଲୱେ ଥାନା ପୋଲିସ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡି ନ ଥିବା ବେଳେ ପ୍ରଦୀପ ସେବା ଟ୍ରଷ୍ଟ ସହାୟତାରେ ପୋଲିସ ମୃତଦେହକୁ ନେଇ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖିଛି। ଅପରପକ୍ଷେ ମୃତ ବ୍ୟକ୍ତିଙ୍କ ବେକରେ ଏକ ଗାମୁଛା ଧଡ଼ି ବନ୍ଧାହୋଇ ରହିଥିବାରୁ ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରି ଟାଙ୍ଗି ଦେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ପରିଚୟ ଜାଣିବାକୁ ଉଦ୍ୟମ ଚଳାଇଛି। ଅପରପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୧.୪ କୋଟିରେ ହେବ ୧୦ କଲେଜର ବିକାଶ

ଭୁବନେଶ୍ୱର, ୩୦।୧୧(ବନ୍ଦନା ସେଠୀ)

**'ମୋ କଲେଜ' ପକ୍ଷରୁ ୬୮.୩୭ ଲକ୍ଷ ଅନୁମୋଦନ**

ରାଜ୍ୟର ୧୦ଟି ମହାବିଦ୍ୟାଳୟର ବିକାଶ ଉପରେ ମୋହର ମାରିଛି 'ମୋ କଲେଜ'। ଏନେଇ ମୋଟ ୧.୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଯୋଜନା ପ୍ରସ୍ତୁତ ହୋଇଥିବାବେଳେ ମୋ କଲେଜ୍ ପାଣ୍ଠିରୁ ୬୮ ଲକ୍ଷ ୩୭ ହଜାର ୯୪୮ ଟଙ୍କା ଅନୁମୋଦିତ ହୋଇଛି। ରାଜ୍ୟ ସଚିବାଳୟରେ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ 'ମୋ କଲେଜ' ବିଶେଷଜ୍ଞ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ, ଉଚ୍ଚଶିକ୍ଷା ବିଭାଗ କମିଶନର ଏବଂ ସଚିବ ତଥା 'ମୋ କଲେଜ' ଉପାଧ୍ୟକ୍ଷ ଅରବିନ୍ଦ ଅଗ୍ରୱାଲ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିୟ କୁମାର ରାଉତ, ବିତ୍ତ ଅଧିକାରୀ ଅନିତା ସାହୁ ପ୍ରମୁଖ ଉପସ୍ଥିତ ରହି ମିଳିତ ଭାବେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏଥିସହ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରୁ ଆସିଥିବା ସମସ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ।

ମହାବିଦ୍ୟାଳୟଗୁଡ଼ିକର ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ବାଲେଶ୍ୱରସ୍ଥିତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ୭ଟି ପ୍ରକଳ୍ପ ନିମନ୍ତେ ସମୁଦାୟ ୧୩ ଲକ୍ଷ ୬୫ ହଜାର ୯୪୨ ଟଙ୍କା ବ୍ୟୟବରାଦ ହୋଇଥିବାବେଳେ 'ମୋ କଲେଜ' ପକ୍ଷରୁ ୯ ଲକ୍ଷ ୧୦ ହଜାର ୬୨୮ ଟଙ୍କାର ଅନୁଦାନ ମିଳିଛି। ସେହିପରି ଭଦ୍ରକର ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ, ଯାଜପୁରର ଧର୍ମଶାଳା ମହାବିଦ୍ୟାଳୟ, ମୟୂରଭଞ୍ଜର ଜାମଦା ଆଞ୍ଚଳିକ ମହାବିଦ୍ୟାଳୟ, ନୟାଗଡ଼ର ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ଏବଂ ପୁରୀର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭିନ୍ନ ପ୍ରକଳ୍ପ ନେଇ ସମୁଦାୟ ଆକଳିତ ଅଟକଳ ଯଥାକ୍ରମେ ୯ଲକ୍ଷ, ୬ଲକ୍ଷ, ୩ ଲକ୍ଷ, ୩ଲକ୍ଷ ୩୬ ହଜାର ଏବଂ ୨୧ଲକ୍ଷ ୬୫ ହଜାର ୮୫୨ ଟଙ୍କା ଲେଖାଏ ରହିଛି। ସେଥିମଧ୍ୟରୁ 'ମୋ କଲେଜ' ପକ୍ଷରୁ ଯଥାକ୍ରମେ ୫ଲକ୍ଷ ୮ଶହ, ୪ ଲକ୍ଷ, ୨ଲକ୍ଷ, ୨ଲକ୍ଷ ୨୪ ହଜାର ଏବଂ ୧୪ଲକ୍ଷ ୪୩ ହଜାର ୯୦୨ ଟଙ୍କା ଲେଖାଏ ଅନୁଦାନ ମିଳିଛି। ଅନୁରୂପ ଭାବେ ସୋନପୁରର ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ, ସମ୍ବଲପୁରର କୁଚିଣ୍ଡା ମହାବିଦ୍ୟାଳୟ, ଜଗତ୍‌ସିଂହପୁରସ୍ଥିତ ଏସ୍.ଭି.ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ବି.ଆର୍. ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଆକଳିତ ଅଟକଳ ଯଥାକ୍ରମେ ୩ଲକ୍ଷ ୬୩ ହଜାର, ୬ଲକ୍ଷ, ୩୩ଲକ୍ଷ ୭୨ହଜାର ୪୬୦ ଏବଂ ୪ଲକ୍ଷ ୨୮ହଜାର ୬୫୦ ଟଙ୍କା ରହିଥିବାବେଳେ 'ମୋ କଲେଜ' ପକ୍ଷରୁ ଯଥାକ୍ରମେ ୨ଲକ୍ଷ ୪୨ହଜାର, ୪ଲକ୍ଷ, ୨୨ ଲକ୍ଷ ୪୨ହଜାର ୭୨୪ ଟଙ୍କା ଏବଂ ୨ଲକ୍ଷ ୭୩ହଜାର ୮୯୪ ଟଙ୍କା ଅନୁମୋଦିତ ହୋଇଛି। ଏହି ଅର୍ଥରେ ମୁକ୍ତ ସାଂସ୍କୃତିକ ମଞ୍ଚ, କଲେଜ ଫାଟକ, ପ୍ରାଚୀର, ବାଳିକା ସାଧାରଣ ଗୃହ, ଶ୍ରେଣୀକକ୍ଷ, ବୈଦ୍ୟୁତିକ ଉପକରଣ, ନୂତନ ପୁସ୍ତକ କ୍ରୟ, ସାଇକେଲ ଓ ବାଇକ ଷ୍ଟାଣ୍ଡ, ପରୀକ୍ଷାଗାର ନିର୍ମାଣ, ଭିତ୍ତିଭୂମି ବିକାଶ ଆଦି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଆଗାମୀ ଦିନରେ ଅନ୍ୟାନ୍ୟ ମହାବିଦ୍ୟାଳୟର ବିକାଶ ନେଇ ଅଧିକ ପ୍ରକଳ୍ପ ଓ ଅର୍ଥ ଅନୁମୋଦନ ହେବ ବୋଲି ଦାସନାୟକ ସୂଚନା ଦେଇଛନ୍ତି।

## ଛୁଆ ଜଳହସ୍ତୀର ଜୀବନ ଗଲା

ବାରଙ୍ଗ,୩୦।୧୧(ଲିଙ୍ଗରାଜ ରାଉତ)- ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଗୁରୁବାର ଏକ ଅଣ୍ଡିରା ଜଳହସ୍ତୀ ଛୁଆର ମୃତ୍ୟୁ ହୋଇଛି। ଏହି ୨ବର୍ଷର ଛୁଆଟି ୬୩ ନଂ. ଏନ୍‌କ୍ଲୋଜରରେ ରହୁଥିବାବେଳେ ଗତ ୧୫ଦିନ ହେବ ଅସୁସ୍ଥ ଥିଲା। ଏଠାକାର ଡାକ୍ତରଙ୍କ ଦ୍ୱାରା ତା'ର ଚିକିତ୍ସା କରାଯାଇଥିଲା। ଅସୁସ୍ଥ ଭିତରେ ଛୁଆଟି ବିଚରଣ କରୁଥିଲା। କିନ୍ତୁ ଗୁରୁବାର ଛୁଆଟି ଉଠିପାରି ନ ଥିଲା। ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ଖବର ପାଇ ନନ୍ଦନକାନନ ଡାକ୍ତର ଛୁଆର ଚିକିତ୍ସା କରିଥିଲେ ସୁଦ୍ଧା ତାକୁ ବଞ୍ଚାଇପାରି ନ ଥିଲେ। ଛୁଆଟିର ମୃତ୍ୟୁ ହୋଇଥିଲା। ନନ୍ଦନକାନନରେ ଜଳହସ୍ତୀ ସଂଖ୍ୟା ହ୍ରାସ ପାଇ ୧୦ରେ ପହଞ୍ଚିଥିବା ଜଣାପଡ଼ିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ସଞ୍ଜୟ



@ ଧୃତିସୁନ୍ଦର



@ ରାଜକୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ୨୦ କାଗଜବିହୀନ କୋର୍ଟ ଉଦ୍‌ଘାଟିତ



ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଭର୍ଚ୍ଚୁଆଲରେ କାଗଜବିହୀନ କୋର୍ଟ ଉଦ୍‌ଘାଟନ କରୁଛନ୍ତି।

କଟକ,୩୦।୧୧ (କାର୍ତ୍ତିକ ସାହୁ)

ଷଷ୍ଠ ପର୍ଯ୍ୟାୟରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ୨୦ଟି କାଗଜବିହୀନ କୋର୍ଟ ଭର୍ଚ୍ଚୁଆଲରେ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ବିଚାର ବିଭାଗରେ ଏହା ଆଉ ଏକ ମାଇଲ୍ ଖୁଣ୍ଟ ବୋଲି ଷଡ଼ଙ୍ଗୀ କହିଛନ୍ତି। ହାଇକୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହାଇକୋର୍ଟର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଇନ୍‌ଫର୍ମେସନ ଟେକ୍ନୋଲୋଜି କମିଟିର ଚେୟାରମ୍ୟାନ ବିଚାରପତି କୃଷ୍ଣରାମ ମହାପାତ୍ର, ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟ ବିଚାରପତି ଓ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କଟକଠାରେ ଗତ ମେ' ୫ ଓ ୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଡିଜିଟାଇଜେସନ, ଇ-ଇନିସିଏଟିଭସ୍ ଓ ପେପରଲେସ୍ କୋର୍ଟ ସମ୍ପର୍କିତ ଜାତୀୟ କର୍ମଶାଳାରେ ପୂର୍ବତନ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ୩ ମାସ ମଧ୍ୟରେ ରାଜ୍ୟରେ ୧୦୦ କାଗଜବିହୀନ କୋର୍ଟ ଖୋଲିବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ସେତେବେଳେ ୩୪ଟି କାଗଜବିହୀନ କୋର୍ଟ କାର୍ଯ୍ୟକ୍ଷମ ଥିବାବେଳେ ୨୦୨୩ ଅଗଷ୍ଟ ସୁଦ୍ଧା ମୋଟ ୧୦୭ଟି କାଗଜବିହୀନ କୋର୍ଟ ଉଦ୍‌ଘାଟିତ ହେବା ପରେ ଏହି ପ୍ରତିଶ୍ରୁତି ପୂରଣ ହୋଇଥିଲା। ପରେ ସେପ୍ଟେମ୍ବରରେ ୨୫ଟି, ଅକ୍ଟୋବରରେ ୪୦ଟି କାଗଜବିହୀନ କୋର୍ଟ ଉଦ୍‌ଘାଟିତ ହୋଇଥିଲା। ଏବେ ଏହି ସଂଖ୍ୟା ୨୧୯ରେ ପହଞ୍ଚି ପାରିଛି।

# 'ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଉଛି'

**ଆଜି ବିଏସ୍‌ଏଫ୍‌ର ୫୯ତମ ପ୍ରତିଷ୍ଠା ଦିବସ**

ଭୁବନେଶ୍ୱର,୩୦।୧୧ (ସତ୍ୟଜିତ୍ ରାଉତ)

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ୫୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳନ ହେବାକୁ ଯାଉଛି। ଝାଡ଼ଖଣ୍ଡ ହଜାରୀବାଗରେ ଜାତୀୟସ୍ତରୀୟ ଏବଂ ଓଡ଼ିଶାର ଖୋର୍ଦ୍ଧାସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପରେ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏ ନେଇ ଗୁରୁବାର ଭୁବନେଶ୍ୱର ଗଜପତି ନଗରସ୍ଥିତ ବିଏସ୍‌ଏଫ୍ ରାଜ୍ୟ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଆଇଜି ଧନେଶ୍ୱର କୁମାର ଶର୍ମା ସୂଚନା ଦେଇଛନ୍ତି। ଆଇଜି ଶର୍ମା କହିଥିଲେ, ପୂର୍ବରୁ କୋରାପୁଟ ଓ ମାଲକାନଗିରିରେ ଅଧିକ ମାତ୍ରାରେ ମାଓବାଦୀ କାର୍ଯ୍ୟକଳାପ ଦେଖାଯାଉଥିଲା। ହେଲେ ବିଏସ୍‌ଏଫ୍ ମୁତୟନ ହେବା ପରେ ଏହି ଦୁଇ ଜିଲାରେ ଗତ ୩ବର୍ଷ ହେବ ମାଓବାଦୀ ହିଂସା ଦେଖାଯାଇନାହିଁ। ମାଓବାଦୀଙ୍କ ଶିବିରରେ ବିଏସ୍‌ଏଫ୍ ଟିମ୍ ଚଢ଼ାଉ କରି ମାରଣାସ୍ତ୍ର ଆଦି ଜବତ କରୁଛି। ୨୦୨୩ ଜାନୁୟାରୀରୁ ରାୟଗଡ଼ାରୁ ଏକ ବିଏସ୍‌ଏଫ୍ ବାଟାଲିୟନ୍ କନ୍ଧମାଳ ଯାଇ କାର୍ଯ୍ୟ କରୁଛି। ଫଳରେ କନ୍ଧମାଳରେ ମଧ୍ୟ ଏପର୍ଯ୍ୟନ୍ତ ମାଓବାଦୀ ହିଂସା ଦେଖାଯାଇନାହିଁ। ତେବେ କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ ଆଦି ଅଞ୍ଚଳରେ ଏବେ ମାଓବାଦୀ କାର୍ଯ୍ୟକଳାପ ଅଳ୍ପମାତ୍ରାରେ ଦେଖାଯାଉଛି। ସେଠାରେ ବିଏସ୍‌ଏଫ୍ ଟିମ୍ ଚଢ଼ାଉ କରିବା ପରେ ମାଓବାଦୀମାନେ ଉକ୍ତ ସ୍ଥାନ ଛାଡ଼ି ଚାଲିଯାଉଛନ୍ତି। ଓଡ଼ିଶାରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି। ପୂର୍ବରୁ ବହୁସଂଖ୍ୟାରେ ମାଓବାଦୀମାନେ ସଙ୍ଗଠିତ ହୋଇ ହିଂସାକାଣ୍ଡ ଘଟାଉଥିଲେ। ଏହା ବିରୋଧରେ ରାଜ୍ୟ ଓ କେନ୍ଦ୍ରୀୟ ଫୋର୍ସ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି। ଫଳରେ ସେମାନେ କୌଣସି ବଡ଼କାଣ୍ଡ ଘଟାଇବାରେ ସଫଳ ହୋଇପାରୁନାହାନ୍ତି। ସରକାରଙ୍କ ପକ୍ଷରୁ ସ୍ଥାନୀୟ ଉପାନ୍ତ ଅଞ୍ଚଳରେ ନୂଆ ରାସ୍ତା, ସ୍କୁଲ ନିର୍ମାଣ କରାଯିବା ସହ ଇଣ୍ଟରନେଟ୍ ସେବା ଯୋଗାଇ ଦିଆଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏସବୁ ସମ୍ଭବ ହୋଇପାରିଛି ବୋଲି ଆଇଜି କହିଥିଲେ। ପୂର୍ବରୁ ଶହୀଦ ହୋଇଥିବା ୧୪ ଅଧିକାରୀ ଓ ଯବାନଙ୍କ ମଧ୍ୟରୁ ୪ଜଣଙ୍କ ପରିବାର ସଦସ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେମାନଙ୍କୁ ଆଇଜି ଶର୍ମା ବିଏସ୍‌ଏଫ୍ ପରିବାର ସଦସ୍ୟ ବୋଲି କହିଥିଲେ। ଶହୀଦଙ୍କ ପରିବାର ସଦସ୍ୟମାନଙ୍କୁ ରାଜ୍ୟସ୍ତରୀୟ ପ୍ରତିଷ୍ଠା ଦିବସରେ ସମ୍ମାନିତ କରାଯିବ ବୋଲି ଆଇଜି କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଆଇଜି ସଞ୍ଜୀବ କୁମାର, ଧୀରେନ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଏସ୍‌ଏଫ୍ ଆଇଜି ଧନେଶ୍ୱର କୁମାର ଶର୍ମାଙ୍କ ସହିତ ଶହୀଦ ଯବାନଙ୍କ ପରିବାର ସଦସ୍ୟ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ରାଜ୍‌ନନ୍ଦୀନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଡିପି ଅଭିବୃଦ୍ଧି ୭.୬%

**ନୂଆଦିଲ୍ଲୀ,୩୦।୧୧ (ଅଭୟ ଦାଶ)**

ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସକ (ଜୁଲାଇରୁ ସେପ୍ଟେମ୍ବର ତ୍ରୈମାସିକ)ରେ ଦେଶର ଆର୍ଥିକ ଅଭିବୃଦ୍ଧି (ଜିଡିପି) ୭.୬% ରହିଛି। ଏପରିକି ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ଜିଡିପି ହାର ୬.୨% ରହିଥିଲା। ଏ ନେଇ ଗୁରୁବାର ରାଷ୍ଟ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଜିଡିପି ତଥ୍ୟ ବିସ୍ତୃତ ଭାବେ ଜାରି କରାଯାଇଛି। ଏପରିକି ଏନ୍‌ଏସ୍‌ଓର ସୂଚନା ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଦେଶର ଜିଡିପି ପରିମାଣ ୪୧.୭୪ ଲକ୍ଷ



କୋଟି ପାର୍ କରିଛି, ଯାହା ଗତ ବର୍ଷ ସମାନ ଅବଧିରେ ୩୮.୭୮ଲକ୍ଷ କୋଟି ଥିଲା। ଆହୁରି ଦ୍ୱିତୀୟ ତ୍ରୈମାସିକରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ବୃଦ୍ଧି ସମ୍ପର୍କରେ ମଧ୍ୟ କୁହାଯାଇଛି, ଯେଉଁଥିରେ ମ୍ୟାନୁଫ୍ୟାକଚରିଂ ସେକ୍ଟରରେ ବୃଦ୍ଧି ଦର ୧୩.୯%, କୃଷି କ୍ଷେତ୍ରରେ ୧.୨%, ନିର୍ମାଣ କ୍ଷେତ୍ରରେ ୧୩.୩ % ଆଦି ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଟ୍ରେଡ୍, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସହ ଜଡ଼ିତ ସେବାର ଅଭିବୃଦ୍ଧି ହାର ୪.୩% ରହିଥିବାବେଳେ ଗ୍ୟାସ୍, ବିଜୁଳି ଜଳ ଯୋଗାଣ ଭଳି କ୍ଷେତ୍ରରେ ଅଭିବୃଦ୍ଧି ହାର ୧୦.୧% ରହିଛି। ଅପରପକ୍ଷରେ ଜିଡିପି ଅଭିବୃଦ୍ଧିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ପ୍ରକାଶ କରିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ କହିଛନ୍ତି, ବୈଶ୍ୱିକସ୍ତରରେ କଠିନ ସମୟରେ ଭାରତୀୟ ଅର୍ଥବ୍ୟବସ୍ଥା ଆମର ଶକ୍ତିକୁ ଦର୍ଶାଉଛି। ଆମେ ସୁଯୋଗ ସୃଷ୍ଟି କରିବା,ଦାରିଦ୍ର୍ୟ ସମାପ୍ତ କରିବା ଏବଂ ନିଜ ଲୋକଙ୍କ ଜୀବନଯାପନରେ ସୁଧାର ଆଣିବାରେ ବିକାଶ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ।

ଉଲ୍ଲେଖଯୋଗ୍ୟ, ଦେଶର ଅର୍ଥବ୍ୟବସ୍ଥା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ସେପ୍ଟେମ୍ବର) ରେ ୭.୭% ହାରରେ ବଢ଼ିଥିଲାବେଳେ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଏହାର ପରିମାଣ ୯.୫% ରହିଥିଲା। ଏହା ସହ ଭାରତ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ସବୁଠୁ ଦ୍ରୁତ ଆର୍ଥିକ ବୃଦ୍ଧି ଦର ହାସଲ କରିଥିବା ଦେଶ ହୋଇଛି।

## ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୩୦।୧୧**

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୬ (୮୬.୫୩) ପଏଣ୍ଟ ବଢି ୬୬,୯୮୮ (୬୬,୯୮୮.୪୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୭ (୩୬.୫୫) ପଏଣ୍ଟ ବୃଦ୍ଧି ଘଟି ୨୦,୧୩୩(୨୦,୧୩୩.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡ୍‌କ୍ୟାପ୍, ସ୍ମଲ କ୍ୟାପ୍ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ

**ନୂଆଦିଲ୍ଲୀ,୩୦।୧୧**

ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡର ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଏହି ନୂତନ ଫଣ୍ଡ ହେଉଛି ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍, ଯାହା ଭାରତର ନିର୍ମାଣ ବିଷୟବସ୍ତୁର ପ୍ରତିନିଧିତ୍ୱ କରୁଛି ଏବଂ ଏହା ନିଫ୍ଟି ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଟିଆର୍‌ଆଇ ବିରୋଧରେ ମାନକ ହେବ। ଏପରିକି ଏହି ଏନ୍‌ଏଫ୍‌ଓ ୨୦୨୩ ଡିସେମ୍ବର ୧ରେ ଖୋଲିବ। ସେହିଭଳି ଉକ୍ତ ଫଣ୍ଡ ନିବେଶକଙ୍କୁ ଭାରତର ଉତ୍ପାଦନ ବିଷୟବସ୍ତୁର କ୍ଷମତାକୁ ଉପଯୋଗ କରିବା ପାଇଁ ସକ୍ଷମ କରିବା ଲାଗି ଲକ୍ଷ୍ୟ ରଖିଛି, ଯାହା ଆଗାମୀ ବର୍ଷଗୁଡିକରେ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଏହି ଏନ୍‌ଏଫ୍‌ଓ ଆସନ୍ତା ଡିସେମ୍ବର ୧୫ ପର୍ଯ୍ୟନ୍ତ ଖୋଲା ରହିବ। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ବି.ଗୋପ କୁମାର କହିଛନ୍ତି,ଆକ୍ସିସ୍ ଇଣ୍ଡିଆ ମାନୁଫ୍ୟାକ୍ଚରିଂ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି,ଯେତେବେଳେ ଭାରତର ଅର୍ଥନୀତି ମେକ୍ ଇନ୍ ଇଣ୍ଡିଆ ଓ ଏକାଧିକ ସୁଧାର ଭଳି ରଣନୈତିକ ପଦକ୍ଷେପଗୁଡ଼ିକ ଦ୍ୱାରା ତ୍ୱରାନ୍ୱିତ ହେଉଛି। ଏହି ଥିମାଟିକ୍ ଫଣ୍ଡକୁ ଭାରତର ବର୍ଦ୍ଧିତ ସଫଳତାରୁ ପୁଞ୍ଜି ହାସଲ କରିବା ପାଇଁ ଡିଜାଇନ କରାଯାଇଛି।

## ଜବ୍ ହେଁ ସହ ଭିଁର ବୁଝାମଣା

**ନୂଆଦିଲ୍ଲୀ,୩୦।୧୧:** ଦେଶର ପ୍ରମୁଖ ଘରୋଇ କମ୍ପାନୀ ଇନ୍‌ଫୋ ଏଜ୍ ଇଣ୍ଡିଆ ଲିମିଟେଡ୍‌ର ସହାୟକ ସଂସ୍ଥା ଜବ୍ ହେଁ ଏବଂ ଟେଲିକମ୍ କମ୍ପାନୀ ଭିଁ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ନିଯୁକ୍ତି ଆଶାୟୀଙ୍କୁ ସୁଯୋଗ ପାଖରେ ପହଞ୍ଚାଇବା କ୍ଷେତ୍ରରେ ଏକ ବିପ୍ଳବ ଆଣିବାକୁ ଉକ୍ତ ବୁଝାମଣା ବା ସହଭାଗିତାରେ ଲକ୍ଷ୍ୟ ରଖାଯାଇଛି। ଭିଁ ଆପ୍‌ରେ ଥିବା ଭିଁ ଜବ୍‌ସ ଆଣ୍ଡ ଏଜୁକେଶନ ସହିତ ଜବ୍ ହେଁ ସମନ୍ୱୟ ହୋଇରହିବ। ଜବ୍ ହେଁ ବର୍ତ୍ତମାନ ଦିଲ୍ଲୀ, ନୋଏଡା, ଗୁଡ୍‌ଗାଁଓ, ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, ମୁମ୍ବାଇ, ଅହମଦାବାଦ, ଜୟପୁର, ଚଣ୍ଡିଗଡ଼, ଭୋପାଳ, କୋଚି, ପୁଣେ, ନାଗପୁର ଭଳି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସହରର ୧ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ପଞ୍ଜୀକୃତ ରହିଛି। ଜବ୍ ହେଁ ପକ୍ଷରୁ ଦେଶର ୫୦ରୁ ଅଧିକ ସହରରେ ୪୫ ପ୍ରକାରରୁ ଅଧିକ ନିଯୁକ୍ତି ପ୍ରଦାନ କରାଯାଉଛି, ଯେଉଁଥିରେ ଟେଲିକଲର, ସେଲ୍‌ସ, ବିଜ୍‌ନେସ୍ ଡେଭେଲପମେଣ୍ଟ, ବ୍ୟାଙ୍କ ଅଫିସ, ଗ୍ରାଫିକ ଡିଜାଇନର, ଡେଲିଭରି, ସିକ୍ୟୁରିଟି ଗାର୍ଡ ଭଳି ଚାକିରି ସାମିଲ ରହିଛି। ବିଭିନ୍ନ ଅଞ୍ଚଳର ପ୍ରାର୍ଥୀମାନଙ୍କୁ ସାହାଯ୍ୟ କରିବା ଲାଗି ଜବ୍ ହେଁ ଡଟ୍ କମ୍‌ର ସେବା ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ବେଳେ ୧୦ଟି ଆଞ୍ଚଳିକ ଭାଷାରେ ତାହା ଉପଲବ୍ଧ ହୋଇଛି।


CLASSIFIED DISPLAY
TARIFF MORE SPACE • SAME PRICE GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open
JOIN AFTER
+2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE :
Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE :
Ph : 9937440788
RMTI, Palasuni, Bhubaneswar-25


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି


### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ଦେବରାଜ ବରିସଲ**
କୁଦିଆରୀ, ଜଟଣୀ
ଆବିର୍ଭାବ: ୧୪।୦୪।୧୯୫୫
ତିରୋଧାନ: ୧୨।୧୧।୨୦୨୨

ଚାହୁଁ ଚାହୁଁ ବର୍ଷେ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ପତ୍ନୀ: ପ୍ରଭାତୀ ବରିସଲ, ପୁଅ-ବୋହୂ- ଚିନ୍ନୁ,ରେଶମା,ଝିଅ-ଜ୍ୱାଇଁ:ଅଶୋକ-ଡଲି, ମାନସ-ରିଙ୍କି, ନାତି-ନାତୁଣୀ-ଦକ୍ସିତ, ମାହିର, ଅସିତ, ଅଭିପସା ଏବଂ ବରିସଲ ପରିବାର
ଧ-୧୯୨୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ସ୍ୱର୍ଗତା ମନୋରମା ପଣ୍ଡା**
ରାଣିକୋଠି ଖୁଣ୍ଟିଆ ସାହି, ପୁରୀ
ଆର୍ବିର୍ଭାବ: ୨୧।୦୬।୧୯୫୪
ତିରୋଧାନ: ୧୨।୧୧।୨୦୨୨

ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା ।

**-:ଶୋକସନ୍ତପ୍ତ:-**
ଶ୍ରୀକାନ୍ତ, ସବିତା, ଅନିତା, ବାପୁନି, ସୋମ, ସାନ୍, ଭୂମିକା ଓ ସ୍ୱାମୀ ବିଜୟ କୁମାର ପଣ୍ଡା
ଧ-୭୩୫୫୨

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଇଂ. ତ୍ରିଲୋଚନ ସିଂହ**
ତିରୋଧାନ: ୨୧.୧୧.୨୦୨୩
(କାର୍ତ୍ତିକ ମାସ ଅଁଳାନବମୀ)

ତୁମର ଅନୁପସ୍ଥିତର ଶୂନ୍ୟତା ଅପୂରଣୀୟ। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା,ତ୍ୟାଗ, ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣତା ଆମପାଇଁ ପ୍ରେରଣା ଦାୟକ ଏବଂ ଚିରସ୍ମରଣୀୟ ହୋଇ ରହିଥିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଛୁ।

**-:ଶୋକସନ୍ତପ୍ତ:-**
ପତ୍ନୀ, ପୁଅ-ବୋହୂ, ଝିଅ- ଜ୍ୱାଇଁ, ନାତି, ଭାଇ ଭଉଣୀ ଓ ଆତ୍ମୀୟସ୍ୱଜନ
ଧ-୧୯୦୭


## ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ ହିମାଳୟାନ ଉନ୍ମୋଚିତ

**ନୂଆଦିଲ୍ଲୀ,୩୦।୧୧**



ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ହିମାଳୟାନ'କୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ଏପରିକି ଅଧିକ ପାୱାର ଓ ଟର୍କ ସହିତ ଉକ୍ତ ମଡେଲ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଲିକ୍ୱିଡ-କୁଲ୍‌ଡ ଇଞ୍ଜିନ୍ ନୂଆ ୪୫୨ସିସି ସେର୍‌ପା ଇଞ୍ଜିନ୍ ସହିତ ଚମତ୍କାର କମ୍-ଆର୍‌ପିଏମ୍ ପ୍ରଦର୍ଶନ ପ୍ରଦାନ କରୁଛି। ବିଶେଷକରି ଏକ ନୂଆ ୬-ସ୍ପିଡ୍ ଗିଅରବକ୍ସ ଓ ଏକ ରାଇଡ୍-ବାଏ-ୱାୟାର ଫିଚର ସହିତ ଉନ୍ନତ ପାୱାର, ଆହ୍ୱାନପୂର୍ଣ୍ଣ ଭୂଭାଗଗୁଡ଼ିକରେ ପାୱାର ଓ ଟେରେନ୍‌ର ଉନ୍ନତ ଡେଲିଭରି ଏହା ପ୍ରଦାନ କରିଥାଏ। ସେହିଭଳି ନୂଆ ହିମାଳୟାନ୍‌ର ସମସ୍ତ ମଡେଲରେ ନୂଆ ଟ୍ରିପର୍‌ଡ୍ୟାଶ ଓ ୩୦ରୁ ଅଧିକ ଉତ୍ସାହଜନକ ନୂଆ ଜେନୁଇନ୍ ମୋଟରସାଇକେଲ ଆକ୍‌ସେସରି ସହ ଉକ୍ତ ମଡେଲ ବଜାରକୁ ଆସୁଛି। ସେହିପରି ଅଲ୍ ନ୍ୟୁ ହିମାଳୟାନ୍‌କୁ ୩ଟି ସ୍ୱତନ୍ତ୍ର ଭାରିଆଣ୍ଟ ଯଥା ବେସ୍, ପାସ୍ ଓ ସମିଟ୍ ଆଦିରେ ଉପଲବ୍ଧ ହେଉଥିବାବେଳେ ଉକ୍ତ ମଡେଲ ୫ଟି ସ୍ୱତନ୍ତ୍ର କଲର ଯଥା କାଜା ବ୍ରାଉନ୍ (ବେସ୍ ଭାରିଆଣ୍ଟ), ପପି ବ୍ଲୁ ଓ ହିମାଳୟାନ୍ ସଲ୍ଟ ଅନ୍ତର୍ଭୁକ୍ତ ଥିବା ସ୍ଲେଟ୍ ସିରିଜ୍ (ପାସ୍ ଭାରିଆଣ୍ଟ) ଏବଂ ହାନ୍‌ଲେ ବ୍ଲାକ୍ ଓ କାମେଟ୍ ହ୍ୱାଇଟ୍ (ସମିଟ୍-ଟପ୍ ଭାରିଆଣ୍ଟ) ରଙ୍ଗରେ ଉକ୍ତ ମଡେଲଗୁଡ଼ିକୁ ଆକର୍ଷଣୀୟ ଡିଜାଇନିଂ କରାଯାଇଛି।ଏସିଆ-ପାସିଫିକ୍ ରିଜିଅନ୍ ଓ ଆମେରିକାର ଗ୍ରାହକମାନେ ଖୁବ୍‌ଶୀଘ୍ର ହିମାଳୟାନ୍‌ର ଆଡ୍‌ଭେଞ୍ଚର-ରେଡି ପ୍ରବୃତ୍ତିଗୁଡ଼ିକୁ ଅନୁଭବ କରିପାରିବେ, ଯାହା ଅନ୍ତର୍ଜାତୀୟ ରାଇଡରଙ୍କ ପ୍ରତି ରୟାଲ ଏନ୍‌ଫିଲ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରୁଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଇଓ ବି.ଗୋବିନ୍ଦରାଜନ କହିଛନ୍ତି, ଆମେ ନୂଆ ହିମାଳୟାନ୍‌କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଆମେ ନିକଟରେ ଗ୍ଲୋବ୍‌ଟ୍ରୋଟର, ଏକ୍ସପ୍ଲୋରର ଓ ଆଥଲେଟ୍‌ମାନଙ୍କ ସହ ନିୟୋଜିତ ହୋଇଛୁ। ଏଭଳି ତଥ୍ୟ ଏବଂ ହିମାଳୟରେ ଆମର ନିଜସ୍ୱ ଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ଆମେ ଏହାର ଡିଏନ୍‌ଏର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକୁ ବଜାୟ ରଖିଛୁ ଏବଂ ନୂଆ ଓ ବିକଶିତ ହିମାଳୟାନ୍‌ରେ ପରିବର୍ତ୍ତନ ପାଇଁ ବିଭିନ୍ନ କ୍ଷେତ୍ର ଉପରେ କାର୍ଯ୍ୟ କରିଛୁ, ଯାହା ହିମାଳୟ ପାଇଁ ନିର୍ଦ୍ଦିଷ୍ଟ ରୂପେ ଉଦ୍ଦେଶ୍ୟ-ନିର୍ମିତ ବୋଲି ସେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି। ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ବ୍ରାଣ୍ଡର ସବୁଠାରୁ ବଡ ମୋଟରସାଇକ୍ଲିଙ୍ଗ୍ ଫେଷ୍ଟିଭାଲ ମୋଟୋଭର୍ସ-୨୦୨୩ରେ ଏହାର ଆଡ୍‌ଭେଞ୍ଚର୍ ଟୁଅରର୍ ଅଲ୍-ନ୍ୟୁ ହିମାଳୟାନ୍‌ର ଉନ୍ମୋଚନ କରାଯାଇଛି,ଯାହାକୁ ସମସ୍ତ ପ୍ରକାର ରାସ୍ତା ପାଇଁ ନିର୍ମାଣ କରାଯାଇଛି।

## ଏଲ୍‌ଆଇସିର ନୂତନ ଉତ୍ପାଦ



**ନୂଆଦିଲ୍ଲୀ,୩୦।୧୧**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ନୂତନ ଉତ୍ପାଦ 'ଜୀବନ ଉତ୍ସବ' ନିକଟରେ ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିଗମର ପାଟନା ଡିଭିଜନ ପକ୍ଷରୁ ଏକ ସ୍ୱତନ୍ତ୍ର ଲୋକାର୍ପଣ ଉତ୍ସବ ସହ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଇଷ୍ଟ ସେଣ୍ଟ୍ରାଲ ଜୋନାଲ ଅଫିସ୍ ପାଟନାର ଜେଡ୍‌ଏମ୍ ସରୱନ୍ କୁମାର,ଆର୍‌ଏମ୍ (ମାର୍କେଟିଂ) ସନୋଜ କୁମାର ଏବଂ ଏସ୍‌ଡିଏମ୍ ପାଟନା ଡିଓ-୧ର ଭିନୀତ ସରନ୍ ପ୍ରମୁଖ ଉପସ୍ଥିତ ରହି ଏଲ୍‌ଆଇସି ଜୀବନ ଉତ୍ସବ(ପ୍ଲାନ୍ ନଂ. ୮୭୧)ର ସମସ୍ତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ନିଗମର ଏହି ନୂତନ ଯୋଜନା ୯୦ ଦିନରୁ ୬୫ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ଥିବାବେଳେ ଉକ୍ତ ଯୋଜନା ଜରିଆରେ ଆଜୀବନ ଗ୍ୟାରେଣ୍ଟିଯୁକ୍ତ ଆୟ ସହ ଲାଇଫ୍ ଟାଇମ ଇନ୍‌ସ୍ୟୁରାନ୍ସର ବ୍ୟବସ୍ଥା ରହିଛି। ସେହିଭଳି ସର୍ବନିମ୍ନ ୫ ବର୍ଷ ଏବଂ ସର୍ବାଧିକ ୧୬ ବର୍ଷ ପାଇଁ ଉକ୍ତ ବୀମାର ପ୍ରିମିୟମ ପ୍ରଦାନ କରାଯାଇପାରିବ। ଏପରିକି ପ୍ରିମିୟମ ପ୍ରଦାନ କରାଯାଉଥିବା ପ୍ରତ୍ୟେକ ବର୍ଷ ପାଇଁ ପ୍ରତି ୧୦୦୦ ଟଙ୍କା ବୀମାରାଶିରେ ୪୦ ଟଙ୍କା ଗ୍ୟାରେଣ୍ଟେଡ୍ ଲାଭ ହିତାଧିକାରୀଙ୍କୁ ମିଳିଥାଏ। ସେହିପରି ପ୍ରିମିୟମ ଅବଧି ପରେ ମଧ୍ୟ ବୀମାଧାରୀ ଅନେକ ସୁବିଧାର ଚୟନ କରିପାରିବେ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଏଲ୍‌ଆଇସିର ଚେୟାରମ୍ୟାନ ସିଦ୍ଧାର୍ଥ ମହାନ୍ତି କହିଛନ୍ତି, ନିଗମର ଉକ୍ତ ଉତ୍ପାଦକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଉତ୍ପାଦ ୨୦୨୩ ନଭେମ୍ବର ୨୯ରୁ ସର୍ବଭାରତୀୟ ସ୍ତରରେ ଉପଲବ୍ଧ। ବିଶେଷକରି ଏହା ଏକ ବ୍ୟକ୍ତିଗତ ଆଜୀବନ ସଞ୍ଚୟ ବୀମା ଯୋଜନା ହୋଇଥିବାବେଳେ ହିତାଧିକାରୀଙ୍କୁ ଅନେକ ସୁବିଧା ଓ ଫାଇଦା ପ୍ରଦାନ କରିଥାଏ ବୋଲି ମହାନ୍ତି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।


# Classified Everyday
0674-2580101, 2549949


REAL ESTATE

**SALE**

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

**Commercial plot: 3 sides road, facing to NH Nakhara to Niali road. Frontage 60 foot facing to South 10000 Sft. 8 Km. from Nakhara, 13 Km. from BBSR. 8249851363, 7809525452.** D-75067

Duplex sale and plot sale near AIIMS Hospital Bhubaneswar. 9777433701. D-75273

**Duplex sale adjacent Retang Medical, C.V. Raman, Tamando, Bhubaneswar@ 57,00,000/-, 7008459987.** D-75272

ଭୁବନେଶ୍ୱର ଏୟାରପୋର୍ଟରୁ ୧୪କିମି, ଜଟଣୀ-ପିପିଲି ମେନ୍‌ରୋଡ଼ ପାଖରେ ୩୦ ଫୁଟ ରୋଡଥାଇ ଘରବାଡି ପ୍ଲଟ୍ ବର୍ଗଫୁଟକୁ- 850/-,1100/- କିଣି ଘର କରନ୍ତୁ। 9853150290. D-75274

Plot size of 470 & 538 decimal, adjacent to National Highway near Gudiapokhari Chhack, Infront of Sai Temple for sale. Brokers not allowed. Contact: 9938022309. D-1809




Newly open spa positively Heath benefits with expert therapist. 9040286886. D- 75173

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75066

**Newly Healthcare benefited spa Experience Therapist in Bhubaneswar. Contact: 9938843929** D- 75172

**Relax, Refresh your body, Mind at Saikrupa Spa with best therapies. 8984068077.** D-1873

## AFFIDAVIT

By the virtue of an affidavit No-68AA 649800 Dated 28.11.2023 before the Notary Public, Bhubaneswar, I Mama Sahoo, D/o- Sukanta Sahoo, At- Budhapada, PO- Anakhia, PS- Biridi, Dist.- Jagatsinghpur, Odisha- 754102 have changed my name from Mama Sahoo to Suprava Sahoo. Henceforth, I shall be known as Suprava Sahoo for all future purposes. D- 1903

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ମୁଁ, ପ୍ରିୟବ୍ରତ ମହାନ୍ତି, ବୟସ ୩୮ ବର୍ଷ, ମୋ ପୁତ୍ରର ନାମ- ଆର୍‌ଭି ମହାନ୍ତି, ଠିକଣା- ଏମ୍-୮୯, ଫେଜ୍-II, ଜିବି ନଗର, ଛେଣ୍ଡ, ରାଉରକେଲା ଏକ୍ଜ୍ୟୁକେଟିଭ୍ ମ୍ୟାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ତା୦୬।୦୬।୨୦୧୮ରିଖର ସତ୍ୟପାଠ ନମ୍ବର ୪୨ଏଏ୬୦୮୩୮୧ ମାଧ୍ୟମରେ ମୋ ପୁତ୍ରର ନାମକୁ ଆର୍‌ଭି ମହାନ୍ତିରୁ ଆଦ୍‌ଭୟ ପ୍ରଣିକ୍ ମହାନ୍ତିକୁ ପରିବର୍ତ୍ତନ କରିଛି। ଏବେ ପରଠାରୁ ମୋ ପୁତ୍ର ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍‌ଭୟ ପ୍ରଣିକ୍ ମହାନ୍ତି ଭାବେ ପରିଚିତ ହେବ। ଧ-୧୯୧୮

By virtue of an affidavit sworn before Executive Magistrate, Bhubaneswar No-CF- 80/ 2023, Dated 10.07.2023, I Bibhuti Bhusan Behera, S/o Narayan Behera, At- 115, Suryanagar, near Governor, House Unit-6, Bhubaneswar, Khordha have changed my Daughter's name from Anvika BS Yadav to Anvika Behera. Henceforth, she shall be known as Anvika Behera, D/o Bibhuti Bhusan Behera for all future purposes. D- 75174

Affidavit No- 124952 Dated 18.10.2023 before Sri N. Mahanty, Notary, Bhubaneswar, my name has changed from Santana Beua, to Santana Dei. Henceforth, I shall be known as Santana Dei, W/o Pandab Nayak, At- Ranihat, Jay Mangala Sahi, PIN- 753007, Dist.- Cuttack for all purposes. D-1915

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିୟା ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି...

# ବନ୍ଦନା କାଟାରିୟା

**ଇଭାନ୍ କୁମାର**

ଭାରତୀୟ ମହିଳା ହକିରେ ବନ୍ଦନା କାଟାରିୟା ଏକ ପରିଚିତ ନାମ। ସଫଳତା ତାଙ୍କୁ କ୍ରମେ କିମ୍ବଦନ୍ତୀ ଖେଳାଳି ସ୍ତରକୁ ଉନ୍ନୀତ କରିଛି। ଦୀର୍ଘ ୧୩ବର୍ଷ ହେଲା ସେ ଜାତୀୟ ହକି ଦଳରେ ରହି ୩ଶହରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଭାରତୀୟ ହକିରେ ଏହା ଏକ ମାଇଲଖୁଣ୍ଟ। ଏଥିରୁ ବନ୍ଦନାଙ୍କ ମନୋବଳ ଅନୁମାନ କରିହେଉଛି। ଅନ୍ତର୍ଜାତୀୟ ମ୍ୟାଚରେ ସର୍ବଦା ଭଲ ଖେଳିବା ଜଣେ ଖେଳାଳି ପକ୍ଷେ ସମ୍ଭବ ନୁହେଁ। ଫରୱାର୍ଡ ବନ୍ଦନା କାଟାରିୟା କିନ୍ତୁ ବ୍ୟତିକ୍ରମ। ଭାରତୀୟ ହକିରେ ସେ ଜଣେ ବହୁ ପରୀକ୍ଷିତ ଖେଳାଳି। ଗାଁଗହଳିର ପିଲାମାନେ କ୍ରୀଡ଼ା କ୍ଷେତ୍ରରେ ଅସାଧାରଣ




କୃତିତ୍ୱ ହାସଲ କରୁଥିବା ଦେଖାଯାଉଛି। ବନ୍ଦନାଙ୍କ ଆଦ୍ୟ କ୍ରୀଡ଼ା ଜୀବନ ଗାଁରେ ଆରମ୍ଭ ହୋଇଥିଲା। ହକି କୌଶଳ ଓ ସ୍ଥିର ପ୍ରଦର୍ଶନ ତାଙ୍କୁ ଜାତୀୟ ଦଳରେ ଜଣେ ନିୟମିତ ଖେଳାଳି ରୂପେ ପ୍ରତିଷ୍ଠା ଦେଇଛି। ୩୧ବର୍ଷୀୟା ବନ୍ଦନା ଜାତୀୟ ଦଳର ବରିଷ୍ଠତମ ଖେଳାଳି। ଉତ୍ତରାଖଣ୍ଡର ହରିଦ୍ୱାରଠାରୁ ୧୫କି.ମି. ଦୂର ରୋଶନାବାଦ୍ ଗାଁ ତାଙ୍କ ଜନ୍ମସ୍ଥାନ। ରାଞ୍ଚିରେ ଏସୀୟ ଚାମ୍ପିୟନ୍ସ ଟ୍ରଫି ଖେଳି ସେ ତାଙ୍କ ଅନ୍ତର୍ଜାତୀୟ ମ୍ୟାଚ ସଂଖ୍ୟା ୩୦୩ରେ ପହଞ୍ଚାଇଛନ୍ତି। ବନ୍ଦନା ତାଙ୍କ ୩୦୦ତମ ମ୍ୟାଚ୍ ଜାପାନ ବିପକ୍ଷରେ ଖେଳିଥିଲେ। ଭାରତ ଏଥିରେ ବିଜୟୀ ହୋଇ ସେମିଫାଇନାଲକୁ ଉଠିଥିଲା।

ବନ୍ଦନାଙ୍କ ପିଲାବେଳର ହକି ଖେଳ ଭଲରେ କଟି ନ ଥିଲା। ତାଙ୍କ ଖେଳିବାକୁ ରକ୍ଷଣଶୀଳ ଗ୍ରାମବାସୀ ପସନ୍ଦ କରି ନ ଥିଲେ। ହେଲେ ବନ୍ଦନାଙ୍କଠାରେ ହକି ପ୍ରତିଭା ଭରିରହିଥିଲା। ଗାଁ ଲୋକଙ୍କ ନାପସନ୍ଦ ସତ୍ତ୍ୱେ ସେ ହକି ଷ୍ଟିକ୍ ଧରି ପଡ଼ିଆକୁ ଯିବା ଛାଡ଼ି ନ ଥିଲେ। ଦଳିତ ବର୍ଗର କନ୍ୟା ବନ୍ଦନା ତାଙ୍କ ବାପା ନହର ସିଂଙ୍କ ସମର୍ଥନ ପାଇ ଆଗକୁ ବଢିଥିଲେ। ପରିବାର ଏବଂ ଜାତୀୟ ଦଳର ସାଥୀ ଖେଳାଳିଙ୍କଠାରୁ ସହଯୋଗ ପାଇ ସେ ଆଜି ଏକ ଇତିହାସ ରଚିବାରେ ସଫଳ ହୋଇପାରିଛନ୍ତି। ୨୦୧୦ ମସିହାରେ ବନ୍ଦନା ଜାତୀୟ ଦଳରେ ପଦାର୍ପଣ କରିଥିଲେ। ଏହାର ବର୍ଷେ ପରେ ସିନିୟର ଦଳରେ ପ୍ରବେଶ କରିଥିଲେ। ୨୦୧୩ କନିଷ୍ଠ ବିଶ୍ୱ କପ୍ ବନ୍ଦନାଙ୍କ ଗତିପଥ ବଦଳାଇ ଦେଇଥିଲା। ଏଥିରେ ସେ ୫ଟି ଗୋଲ ସ୍କୋର କରିଥିଲେ। ଭାରତ ହାତରେ ଲାଗିଥିଲା କାଂସ୍ୟ ପଦକ। ୨୦୧୬ ରିଓ ଅଲିମ୍ପିକ୍ ହକିରେ ତାଙ୍କଠାରୁ ବିଶେଷ କିଛି ଦେଖିବାକୁ ମିଳି ନ ଥିଲା। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ତାଙ୍କ ପ୍ରକୃତ ଦକ୍ଷତା ଦେଖାଯାଇଥିଲା। ଏଠାରେ ସେ ଦକ୍ଷିଣ ଆଫ୍ରିକାକୁ ହ୍ୟାଟ୍ରିକ୍ ଗୋଲ ଦେଇ ବିଶ୍ୱ ନଜରକୁ ଆସିଥିଲେ। ଏହି କୃତିତ୍ୱ ପାଇବାରେ ବନ୍ଦନା ଭାରତର ପ୍ରଥମ ମହିଳ ହକି ଖେଳାଳି। ଟୋକିଓ ସେମିଫାଇନାଲ ମ୍ୟାଚର ଶେଷ ମୁହୂର୍ତ୍ତରେ ଆର୍ଜେଣ୍ଟିନାଠାରୁ ହାରିଯିବାରୁ ଭାରତ ବ୍ରୋଞ୍ଜ ପଦକ ହାତଛଡ଼ା କରିଥିଲା। ଏହି ପରାଜୟ କିନ୍ତୁ ଭାରତୀୟ ଖେଳାଳିଙ୍କୁ ଅଶାନ୍ତିରେ ପକାଇ ଦେଇଥିଲା। ସେମାନଙ୍କୁ ଉଭୟ ଟୋକିଓ ଓ ଭାରତରେ ସମାଲୋଚନା କରାଯାଇଥିଲା। ଦଳରେ ଥିବା କେତେଜଣ ଦଳିତ ବର୍ଗର ଖେଳାଳିଙ୍କ ଯୋଗୁ ଭାରତ ହାରିଲା ବୋଲି ସ୍ୱର ଉଠିଥିଲା। ଏହି ସମାଲୋଚନାରୁ ବନ୍ଦନା ବାଦ୍ ପଡ଼ି ନ ଥିଲେ। ତାଙ୍କ ରୋଶନାବାଦ୍ ଗାଁ ଘର ଆଗରେ ଲୋକେ ନାରାବାଜି କରିବା ସହ ବାଣ ଫୁଟାଇଥିଲେ। ୨୦୧୬ ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଚାମ୍ପିୟନ ହୋଇଥିଲା ବେଳେ ୨୦୨୩ ରାଞ୍ଚି ସଂସ୍କରଣରେ ମଧ୍ୟ ସମାନ ସଫଳତା ପାଇଛି।

ଏହାର ଫାଇନାଲ ମ୍ୟାଚରେ ଭାରତ ୪ ଗୋଲ ଦେଇ ଜାପାନକୁ ହରାଇଥିଲା। ମ୍ୟାଚର ଶେଷ ମିନିଟ୍‌ରେ ବନ୍ଦନା ଅନ୍ତିମ ଗୋଲ କରି ଟୁର୍ନାମେଣ୍ଟର ଯବନିକା ପକାଇଥିଲେ। ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ଏସୀୟ କ୍ରୀଡ଼ାରେ ରୌପ୍ୟ ଓ ୨୦୨୩ ହାଙ୍ଗଝୌ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ହାସଲ କରିଥିଲେ। ୨୦୨୧ରେ ଅର୍ଜୁନ ପୁରସ୍କାର, ୨୦୨୨ରେ ପଦ୍ମଶ୍ରୀ ଉପାଧିରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପ୍ରତି ବନ୍ଦନା କେନ୍ଦ୍ର ସରକାରଙ୍କ 'ବେଟୀ ବଚାଓ, ବେଟୀ ପଢ଼ାଓ' ଆନ୍ଦୋଳନର ବ୍ରାଣ୍ଡ୍ ଆମ୍ବାସାଡର। ଟୋକିଓ ଅଲିମ୍ପିକ୍ ପରାଜୟ ଦୁଃଖରୁ ବନ୍ଦନା ବର୍ତ୍ତି ନ ଥିଲେ। ସେଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଧିନାୟିକା ରାଣୀ ରାମପାଲଙ୍କ କ୍ଷୁବ୍ଧ ଚେହେରା ଦେଖାଯାଇଥିଲା। ସେ ବ୍ୟଥିତ କଣ୍ଠରେ ଯାହା କହିଲେ ସାରା ଭାରତ ପାଇଁ ଏକ ଶିକ୍ଷା ହୋଇଗଲା। ବନ୍ଦନାଙ୍କ ପରିବାର ପ୍ରତି ଘଟିଥିବା ଅସମ୍ମାନକୁ ସେ କଡ଼ା ନିନ୍ଦା କରିଥିଲେ। ରାଣୀ ନିଜ ନୈରାଶ୍ୟଭାବ ପ୍ରକାଶ କରି ଭାରତୀୟ ସମାଜରେ ଭେଦଭାବ, ଧର୍ମ ବିଭାଜନ ଓ ଜାତି ବିଦ୍ୱେଷ ପରି ସାମାଜିକ କୁସଂସ୍କାର ବନ୍ଦ ହେବା ଉଚିତ ବୋଲି କହିଥିଲେ। ବନ୍ଦନା ଭାରତୀୟ ରେଲୱେରେ ଅଫିସର ଭାବେ ଚାକିରି କରୁଛନ୍ତି।

---

# ପ୍ଲେୟର୍ସ ଟ୍ରାନ୍ସଫର

ଆଇପିଏଲ୍‌ରେ ପ୍ଲେୟର୍ସ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍ ଏବଂ ଅନ୍ୟଟି ହେଉଛି ଅଲ୍ କ୍ୟାଶ୍ ଡିଲ୍। ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ...




ହାର୍ଦ୍ଦିକ ପାଣ୍ଡ୍ୟା

କ୍ରୀଡ଼ା ଜଗତରେ ଖେଳାଳିମାନେ ଗୋଟିଏ ଦଳ ଛାଡି ଅନ୍ୟ ଦଳକୁ ଯିବାକୁ ପ୍ଲେୟର୍ସ ଟ୍ରାନ୍ସଫର ବୋଲି କୁହାଯାଏ। ଫୁଟବଲରେ ଏହା ଏକ ଅତ୍ୟନ୍ତ ସାଧାରଣ ଘଟଣା। ଏପରିକି ବିଶ୍ୱର ସବୁଠାରୁ ମହଙ୍ଗା ଟ୍ରାନ୍ସଫର ମଧ୍ୟ ଫୁଟବଲ ସହିତ ଜଡିତ। ବ୍ରାଜିଲର ଫରୱାର୍ଡ ନେମାର ଓ ଫ୍ରାନ୍ସର ତାରକା ଖେଳାଳି କିଲିଆନ୍ ଏମବାପେ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ନେମାର ୨୨୨ ମିଲିୟନ୍ ଡଲାରର ଟ୍ରାନ୍ସଫର ଫି' ସହିତ ପ୍ୟାରିସ୍ ସେଣ୍ଟ ଜର୍ମେନରେ ଯୋଗ ଦେଇଥିବା ବେଳେ ଏମ୍‌ବାପେ ୧୯୮ ମିଲିୟନ୍ ଡଲାରରେ ସମାନ ଦଳରେ ସାମିଲ ହୋଇଥିଲେ। ଫୁଟବଲରେ ଏହା ଏକ ବହୁଳ ବ୍ୟବହୃତ ଶବ୍ଦ ହୋଇଥିଲେ ମଧ୍ୟ କ୍ରିକେଟ ଦୁନିଆ ଦ୍ୱିତୀୟ ଥର ଏଭଳି କିଛି ଦେଖିଥିଲା। ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ଲିଗ୍ ଆଇପିଏଲ୍‌ରେ ଏଭଳି ଘଟିଥିବା ବେଳେ ଏକ ନାଟକୀୟ ଅଲ୍ କ୍ୟାଶ ଟ୍ରାନ୍ସଫରରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ହାତେଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଫ୍ରାଞ୍ଚାଇଜ ପର୍ସରେ ଆବଶ୍ୟକ ଅର୍ଥ ନ ଥିବା ବେଳେ କିଭଳି ଭାବରେ ଏହି ଟ୍ରାନ୍ସଫର ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏପରିକି କ୍ରିକେଟରେ ଟ୍ରାନ୍ସଫର କ'ଣ ଓ ଏହା କିଭଳି କାର୍ଯ୍ୟ କରିଥାଏ ତାକୁ ନେଇ ମଧ୍ୟ ଅନେକଙ୍କ ମନରେ ପ୍ରଶ୍ନ ଉଠିଥିଲା। ଏହା କେତେ ପ୍ରକାରର ଓ କିଭଳି ଭାବରେ କାର୍ଯ୍ୟକାରୀ ହୋଇଥାଏ ତାହାକୁ ନେଇ ଉପସ୍ଥାପନା...

**ଟ୍ରେଡ୍:** ଆଇପିଏଲ୍‌ରେ ପ୍ଲେୟର୍ ଟ୍ରାନ୍ସଫରକୁ ଟ୍ରେଡ୍ ବୋଲି କୁହାଯାଉଥିବା ବେଳେ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟିଏ ହେଉଛି ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍। ଅନ୍ୟ ଟ୍ରେଡ୍‌ଟି ହେଉଛି ଅଲ୍ କ୍ୟାଶ ଡିଲ୍। ଆଇପିଏଲ୍‌ର ଗୋଟିଏ ସିଜନ ସମାପ୍ତ ହେବା ସହିତ ପରବର୍ତ୍ତୀ ସିଜନ ପାଇଁ ଟ୍ରେଡ୍ ୱିଣ୍ଡୋ ଖୋଲିଯାଏ। ଖେଳାଳି ନିଲାମୀ ହେବାର ଏକ ସପ୍ତାହ ପର୍ଯ୍ୟନ୍ତ ଏହି ଟ୍ରେଡ୍ ୱିଣ୍ଡୋ ଓପନ ରହଥାଏ।

**ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପ୍:** ଏକ୍ସଚେଞ୍ଜ ବା ପ୍ଲେୟର ସ୍ୱାପରେ ଦୁଇ ଦଳ ଜଣେ ବା ଏକାଧିକ ଖେଳାଳିଙ୍କୁ ପରସ୍ପର ସହିତ ବଦଳ କରିଥାନ୍ତି। ପ୍ରଥମ ଥର ପାଇଁ ୨୦୦୯ରେ ପ୍ଲେୟର ସ୍ୱାପ ଦେଖିବାକୁ ମିଳିଥିଲା। ଦିଲ୍ଲୀ ଡେୟାର ଡେଭିଲ୍ସର ଶିଖର ଧାୱନଙ୍କୁ ଆଣି ତାଙ୍କ ସହିତ ଆଶିଷ ନେହେରାଙ୍କୁ ସ୍ୱାପ୍ କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ। ତେବେ ଏ କ୍ଷେତ୍ରରେ ଜଣେ ଖେଳାଳିଙ୍କ ସହିତ ଏକାଧିକ ଖେଳାଳିଙ୍କୁ ସ୍ୱାପ କରିବା ସମ୍ଭବ ହେବ। ଏହା ସହିତ ଟ୍ରେଡ ହେଉଥିବା ଖେଳାଳିଙ୍କ ମଧ୍ୟରୁ ଜଣଙ୍କ ମୂଲ୍ୟ ଅଧିକ ରହିଥିଲେ ଅନ୍ୟ ଦଳକୁ ଏହା ଭରଣା କରିବାକୁ ପଡିଥାଏ। ଚଳିତ ସିଜନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଶାହାବାଜ ଅହମଦଙ୍କୁ ରିଲିଜ କରି ପ୍ଲେୟର ସ୍ୱାପ୍ ମାଧ୍ୟମରେ ସନ୍‌ରାଇଜର୍ସ ହାଇଦ୍ରାବାଦରୁ ମୟଙ୍କ ଡାଗରଙ୍କୁ ନିଜ ପାଖକୁ ଆଣିଛି।

**ଅଲ୍ କ୍ୟାଶ୍ ଡିଲ୍:** ଏହି ଚୁକ୍ତି ପୂର୍ବରୁ ୨୦୨୨ରେ ମଧ୍ୟ ହୋଇଥିଲା। ରେହମାନଉଲ୍ଲା ଗୁର୍‌ବାଜ ଓ ଲୋକି ଫର୍ଗୁସନଙ୍କୁ ଅଲ୍ କ୍ୟାଶ୍ ଡିଲ୍‌ରେ କିଣିଥିଲା କୋଲକାତା ନାଇଟ ରାଇଡର୍ସ। ତେବେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଡିଲ୍ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିବାରେ ସଫଳ ହୋଇଥିଲା। ଗୋଟିଏ ଦଳ ଅନ୍ୟ ଦଳରୁ ଖେଳାଳିଙ୍କୁ କିଣିବାକୁ ଚାହୁଁଥିଲେ ଏଥିପାଇଁ କୌଣସି ଖେଳାଳିଙ୍କୁ ସ୍ୱାପ୍ ନ କରି ଅର୍ଥ ପ୍ରଦାନ କରିଥାଏ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କ୍ଷେତ୍ରରେ ସମାନ ଘଟଣା ଦେଖିବାକୁ ମିଳିଥିଲା। ମୁମ୍ବାଇ ପାଣ୍ଡ୍ୟାଙ୍କୁ କିଣିବା ପାଇଁ ତାଙ୍କର ବେସ୍ ପ୍ରାଇସ୍ ସହିତ ଏକ ଅଘୋଷିତ ମୂଲ୍ୟର ଅର୍ଥ ପ୍ରଦାନ କରିଥିଲା। ମୁମ୍ବାଇ ଏହି ଡିଲ୍ ପାଇଁ ତାରକା ଅଲ୍‌ରାଉଣ୍ଡର କାମେରନ୍ ଗ୍ରୀନ୍‌ଙ୍କୁ ମଧ୍ୟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହିତ ଟ୍ରେଡ୍ କରିଥିଲା।

**ଫାଇଦା:** ଅଲ୍ କ୍ୟାଶ୍ ଡିଲ୍‌ରେ ଯେ କେବଳ ଫ୍ରାଞ୍ଚାଇଜର ଫାଇଦାରେ ରହି ନ ଥାଏ ବରଂ ଖେଳାଳିଙ୍କୁ ମଧ୍ୟ ଫାଇଦା ମିଳିଥାଏ। ଯେଉଁ ଅଘୋଷିତ ମୂଲ୍ୟ ଫ୍ରାଞ୍ଚାଇଜକୁ ମିଳିଥାଏ ଖେଳାଳିଙ୍କୁ ଏହାର କିଛି ଅଂଶ ପ୍ରଦାନ କରାଯାଇଥାଏ। ସାଧାରଣତଃ ଏହା ୫୦ ପ୍ରତିଶତ ରହୁଥିବା ବେଳେ ଖେଳାଳିଙ୍କ ସହିତ ହୋଇଥିବା ଚୁକ୍ତି ଉପରେ ଏହା ନିର୍ଭର କରିଥାଏ।

**ବ୍ୟାନ୍ ହୋଇଥିଲେ ଜାଡେଜା:** ୨୦୧୦ରେ ରାଜସ୍ଥାନ ରୟାଲ୍ସ ଦଳର ଖେଳାଳି ରବୀନ୍ଦ୍ର ଜାଡେଜାଙ୍କୁ ଆଇପିଏଲ୍‌ରୁ ୧ ବର୍ଷ ପାଇଁ ବ୍ୟାନ୍ କରାଯାଇଥିଲା। ରାଜସ୍ଥାନ ସହିତ ଡିଲ୍ ସାଇନ୍ ନ କରି ଭିତିରିଆ ମୁମ୍ବାଇ ସହିତ ଚୁକ୍ତି କରିବାକୁ ପ୍ରୟାସ କରିବା କାରଣରୁ ତାଙ୍କୁ ବ୍ୟାନ୍ କରାଯାଇଥିଲା।

**ଖେଳାଳିଙ୍କ ଇଚ୍ଛା:** ଯେ କୌଣସି ଟ୍ରାନ୍ସଫର ପାଇଁ ଖେଳାଳିଙ୍କ ସହମତି ଆବଶ୍ୟକ। ତେବେ ଫ୍ରାଞ୍ଚାଇଜର ମତାମତ ସବୁଠାରୁ ଅଧିକ ଗୁରୁତ୍ୱ ବହନ କରିଥାଏ। ଫ୍ରାଞ୍ଚାଇଜର ସହମତି ନ ରହିଲେ କୌଣସି ଖେଳାଳି ଦଳ ଛାଡି ପାରିବେ ନାହିଁ।

**ଅକ୍ସନ୍ ପର୍ସ ଉପରେ ପ୍ରଭାବ:** କୌଣସି ଖେଳାଳି ଯଦି ଅଲ୍ କ୍ୟାଶ୍ ଡିଲ୍‌ରେ ଆସୁଛନ୍ତି ତେବେ ଏହା ଅକ୍ସନ୍ ପର୍ସକୁ ପ୍ରଭାବିତ କରି ନ ଥାଏ। କେବଳ ଖେଳାଳିଙ୍କ ବେସ୍ ପ୍ରାଇସ୍ ହିଁ ଅକ୍ସନ ପର୍ସରୁ କଟିଥାଏ। ଫ୍ରାଞ୍ଚାଇଜକୁ ପ୍ରଦାନ କରାଯାଉଥିବା ଅଘୋଷିତ ଅର୍ଥର କିଛି ପ୍ରଭାବ ରହି ନ ଥାଏ।

---

# ନୂଆ ଚ୍ୟାଲେଞ୍ଜ

ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଶୁବମନ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ...

କ୍ରିକେଟ ଜଗତର ସବୁଠାରୁ ବ୍ୟୟବହୁଳ ଲିଗ୍ ଆଇପିଏଲ୍ (ଇଣ୍ଡିଆନ ପ୍ରିମିୟର ଲିଗ୍) ଆଗାମୀ ସିଜନ ଆରମ୍ଭ ପୂର୍ବରୁ ଚର୍ଚ୍ଚାକୁ ଆସିଯାଇଛି। ଏବେ ଖେଳ ପାଇଁ ନୁହେଁ ବରଂ ପ୍ଲେୟର୍ସ ଟ୍ରାନ୍ସଫରକୁ ନେଇ ଆଲୋଚନା ବେଶ୍ ସରଗରମ ହୋଇଛି। ଅଲ୍ କ୍ୟାଶ୍ ଡିଲ୍‌ରେ ଗୁଜରାଟ ଟାଇଟନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସକୁ ଯାଇଛନ୍ତି। ଫଳରେ ତାରକା ଓପନର ଶୁବମନ ଗିଲ୍‌ଙ୍କୁ ଟାଇଟନ୍ସ ଦଳର ଅଧିନାୟକ କରାଯାଇଛି। ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସ ଏପର୍ଯ୍ୟନ୍ତ ମାତ୍ର ୨ ସିଜନ ଖେଳିଛି। ହାର୍ଦ୍ଦିକଙ୍କ ନେତୃତ୍ୱରେ ପ୍ରଥମ ବର୍ଷରେ ଟାଇଟଲ ଜିତିଥିବାବେଳେ ଦ୍ୱିତୀୟ ସିଜନରେ ରନରଅପ୍ ହୋଇଛି। ଏବେ ଗିଲ୍‌ଙ୍କ ମୁଣ୍ଡରେ ମୁକୁଟ। ତେଣୁ ଜଣେ ଖେଳାଳିଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଶୁବମନ ଆଗାମୀ ସିଜନରେ ଜଣେ ଅଧିନାୟକଭାବେ ନିଶ୍ଚିତ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

୨୪ ବର୍ଷୀୟ ଗିଲ୍ ପ୍ରଥମଥରପାଇଁ ଆଇପିଏଲ୍‌ରେ ଅଧିନାୟକର ଗୁରୁଦାୟିତ୍ୱ ବହନ କରିବେ। ୨୦୧୮ରେ କୋଲକାତା ନାଇଟ ରାଇଡର୍ସ ଦଳରୁ ତାଙ୍କ ଆଇପିଏଲ୍ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୨୨ ଖେଳାଳି ନିଲାମ ପୂର୍ବରୁ ନାଇଟ ରାଇଡର୍ସ ତାଙ୍କୁ ରିଲିଜ୍ କରି ଦେଇଥିଲା। ନୂଆ ଫ୍ରାଞ୍ଚାଇଜ୍ ହୋଇଥିବାରୁ ଗୁଜରାଟ ଟାଇଟନ୍ସ ଖେଳାଳି ନିଲାମ ପୂର୍ବରୁ ୩ ଖେଳାଳିଙ୍କ ସହ ଚୁକ୍ତି କରିବାର ସୁଯୋଗ ପାଇଥିଲା। ଏହି କ୍ରମରେ ଗୁଜରାଟ ଫ୍ରାଞ୍ଚାଇଜ୍ ୭ କୋଟି ଟଙ୍କାରେ ଗିଲ୍‌ଙ୍କ ସହ ଚୁକ୍ତି କରିଥିଲା। ହାର୍ଦ୍ଦିକ ଏବଂ ରଶିଦ ଖାଁଙ୍କ ସହ ୧୫ କୋଟି ଲେଖାଏ ଟଙ୍କାର ଚୁକ୍ତି ହୋଇଥିଲା। ୨୦୨୨ ଆଇପିଏଲ୍‌ରେ ଗିଲ୍ ୧୬ ମ୍ୟାଚରୁ ୪୮୩ ରନ କରି ଗୁଜରାଟ ଦଳର ଟପ୍ ସ୍କୋରର ହୋଇଥିଲେ। ରାଜସ୍ଥାନ ରୟାଲ୍ସ ବିପକ୍ଷ ଫାଇନାଲରେ ସେ ୪୫ ରନକରି ଅପରାଜିତ ରହିଥିଲେ ଏବଂ ଗୁଜରାଟ ଚାମ୍ପିୟନ ହୋଇଥିଲା। ୨୦୨୩ ଆଇପିଏଲ୍‌ରେ ସେ ୧୭ ଇନିଂସରୁ ୮୯୦ ରନ କରି ଟପ୍ ସ୍କୋରର ହୋଇଥିଲେ। ଏହା ମଧ୍ୟରେ ୩ ଶତକ ସାମିଲ ଥିଲା। ଫାଇନାଲରେ ଚେନ୍ନାଇଠାରୁ ହାରି ଟାଇଟନ୍ସ ରନରଅପ୍ ହୋଇଥିଲା। ମାତ୍ର ଦଳକୁ ଫାଇନାଲକୁ ଆଣିବାରେ ଗିଲ୍‌ଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ଗତ ୬ ବର୍ଷର ପ୍ରଦର୍ଶନକୁ ବିଚାରକୁ ନେଲେ ଗିଲ୍ ଟପ୍ ରନ୍ ସ୍କୋରରଙ୍କ ମଧ୍ୟରେ ୫ମ ସ୍ଥାନରେ ରହିବେ। ଲୋକେଶ ରାହୁଲ, ଶିଖର ଧାୱନ, ବିରାଟ କୋହଲି ଓ ଫାଫ୍ ଡୁ'ପ୍ଲେସିଙ୍କ ପରେ ତାଙ୍କ ନାଁ ଆସିବ। ତେବେ ଓଭରଅଲ୍ ଦେଖିବାକୁ ଗଲେ ଆଇପିଏଲ୍‌ରେ ବିରାଟ କୋହଲି ସର୍ବାଧିକ ୭୨୬୩ ରନ କରି ଶୀର୍ଷସ୍ଥାନରେ ରହିଛନ୍ତି। ଶିଖର ଧାୱନ (୬୬୧୭) ଓ ଡେଭିଡ ୱାର୍ନର (୬୩୯୭) ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି। ଏ କ୍ଷେତ୍ରରେ ଗିଲ୍ (୨୭୯୦) ୨୮ତମ ସ୍ଥାନରେ ରହିଛନ୍ତି। ଶୁବମନ ଏପରି ଏକ ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି ଯେଉଁଥିରେ କେନ୍ ୱିଲିୟମସନ, ରଶିଦ ଖାଁ, ଡେଭିଡ ମିଲର, ମାଥ୍ୟୁ ୱାଡେ ଓ ଋଦ୍ଧିମାନ ଶାହାଙ୍କ ପରି ବହୁ ଅଭିଜ୍ଞ ତାରକା ଖେଳାଳି ରହିଛନ୍ତି। ଆବଶ୍ୟକ ସ୍ଥଳେ ସେମାନଙ୍କ ପରାମର୍ଶ ମଧ୍ୟ ସେ ନେବେ ବୋଲି ଆଶା କରାଯାଉଛି। ଏଥିରୁ ତାଙ୍କୁ ଅନେକ କିଛି ଶିଖିବାକୁ ମିଳିବ। ଏହା ପୂର୍ବରୁ ଘରୋଇ କ୍ରିକେଟରେ ସେ ଦିଲୀପ ଟ୍ରଫି ଏବଂ ଦେଓଧର ଟ୍ରଫିରେ ଦଳର ନେତୃତ୍ୱ ନେବାର କିଛି ଅଭିଜ୍ଞତା ମଧ୍ୟ ରଖିଛନ୍ତି। ଗିଲ୍‌ଙ୍କ ନେତୃତ୍ୱରେ ଗୁଜରାଟ ଟାଇଟନ୍ସ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଦୃଢ଼ ଆଶା ପୋଷଣ କରାଯାଇଛି।




ଶୁବମନ ଗିଲ୍

---

## ନିଶା

ୱାର୍ଲ୍ଡର ପ୍ରଥମ
ଟ୍ରାନ୍ସଜେଣ୍ଡରଭାବେ
ଅଷ୍ଟ୍ରେଲିଆ ଡାନିଏଲ
କାନାଡ଼ା ମହିଳା ଗ୍ରୁପ୍‌ରେ
ଖେଳି
କରିଥିଲା ସେ କମାଲ




ଆଇସିସି କଲବଲ
ମେଲ୍ ଟୁ ଫିମେଲ ରୁଲ୍ ନିଜେ
ବ୍ୟାନ୍ କଲା
ଅଲିମ୍ପିକ୍ସ ପାଇଁ ଝୁଲ।

ପୁରୁଷ ଭାବେ ଯୌବନ ପାଇ
ନ ଖେଳିବେ
ଲେଡି କ୍ରିକେଟରେ କେହି
ଦି' ହଜାର ଅଠେଇଶ
ଅଲିମ୍ପିକ୍ସରେ
କ୍ରିକେଟ ସାମିଲ ନେଇ
ମହିଳା ଆଥଲେଟ୍ ପାଇଁ
ଟେଷ୍ଟୋଷ୍ଟେରନ ଟୁ ପଏଣ୍ଟ
ପାଞ୍ଚ ନାନୋ
ମୋଲ ଲିଟରରେ ଥାଇ।

ସତ୍‌ଚାଳିଶ ବର୍ଷ ପରେ
ଇଟାଲୀକୁ
ପ୍ରଥମ ଡେଭିସ୍ କପ୍
ଜାନିକ ସିନ୍ନର
କ୍ୟାପ୍‌ଟେନଶିପ୍‌ରେ
ଏ ଅଧୁରା ହିଷ୍ଟ୍ରି ବାପ
ଖେଳାଳି ପେସେନ୍ସ ମାପ
ୱିନ୍ ନିଶା କେବେ ବୃଥା
ଯାଏନାହିଁ
ନଶା ମିଶା ଅଭିଶାପ।

–ସୁବାସ ଚନ୍ଦ୍ର ପ୍ରଧାନ

# ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଦଳ ଘୋଷଣା

## ରାହୁଲ ଦିନିକିଆ ଦଳ ଅଧିନାୟକ

■ ଟେଷ୍ଟ ଦଳରେ ନାହାନ୍ତି ରାହାନେ,ପୂଜାରା
■ ରତୁରାଜ, ରିଙ୍କୁ, ରଜତ, ସାଇ ସୁଦର୍ଶନଙ୍କୁ ଡାକରା


ଲୋକେଶ ରାହୁଲ


ରତୁରାଜ ଗାଏକ୍ୱାଡ୍


ରିଙ୍କୁ ସିଂ


ସାଇ ସୁଦର୍ଶନ


ରଜତ ପଟିଦାର

ନୂଆଦିଲ୍ଲୀ,୩୦।୧୧(ପି.ଟି.)

ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରୁ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ଭଳି ବରିଷ୍ଠ ଖେଳାଳି ବାଦ ପଡିଥିବା ବେଳେ ରତୁରାଜ ଗାଏକ୍ୱାଡଙ୍କୁ ପ୍ରଥମ ଥର ଟେଷ୍ଟ ଦଳକୁ ଡାକରା ମିଳିଛି। ସେହିପରି ଟି୨୦ରେ ଫିନିଶର ଭୂମିକା ନିଭାଉଥିବା ରିଙ୍କୁ ସିଂ, ସାଇ ସୁଦର୍ଶନ ଓ ଏନ୍. ଜଗଦୀଶାନଙ୍କୁ ଦିନିକିଆ ଦଳକୁ ଡାକରା ମିଳିଛି। ଗୁରୁବାର ଚୟନକର୍ତ୍ତାଙ୍କ ବୈଠକ ବସିଥିବା ବେଳେ ଦକ୍ଷିଣ ଆଫ୍ରିକା ଗସ୍ତ ପାଇଁ ଭାରତ ଓ ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଭାରତୀୟ ଦଳ ଏହି ଗସ୍ତରେ ଯାଇ ୩ଟି ଲେଖାଏ ଦିନିକିଆ ଓ ଟି ୨୦ ମ୍ୟାଚ୍ ସହିତ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତୀୟ ଦଳର ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସୀମିତ ଓଭର ଦଳରୁ ବିଶ୍ରାମ ପାଇଁ ଅନୁରୋଧ କରିଥିବାରୁ ଦିନିକିଆ ଓ ଟି୨୦ ପାଇଁ ଉଭୟଙ୍କ ନାମ ବିଚାରକୁ ନିଆ ଯାଇ ନ ଥିଲା। ଉଭୟ ଟେଷ୍ଟ ଦଳରେ ସାମିଲ ଥିବା ବେଳେ ରୋହିତ ଟେଷ୍ଟ ଟିମ୍‌ର ଅଧିନାୟକ ରହିଛନ୍ତି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ଦଳର ଅଧିନାୟକ ଘୋଷଣା କରାଯାଇଛି।

### ଦିନିକିଆରେ ନବାଗତଙ୍କୁ ସୁଯୋଗ

ଭାରତୀୟ ଚୟନକର୍ତ୍ତା ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଏକାଧିକ ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛନ୍ତି। ୨୦୨୭ ପାଇଁ ଦଳ ଘୋଷଣାକୁ ପ୍ରାଧାନ୍ୟ ଦେବା ସହିତ ଦିନିକିଆ ଦଳରେ ରିଙ୍କୁ ସିଂ, ରଜତ ପଟିଦାର ଓ ସାଇ ସୁଦର୍ଶନଙ୍କୁ ସାମିଲ କରାଯାଇଛି। ଉଇକେଟ କିପର ଭାବରେ ଲୋକେଶ ରାହୁଲ ପ୍ରଥମ ପସନ୍ଦ ରହିଥିବା ବେଳେ ସଞ୍ଜୁ ସାମସନ ଦ୍ୱିତୀୟ ଉଇକେଟ କିପର ଭାବରେ ଦଳରେ ଅଛନ୍ତି। ଯଶପ୍ରୀତ ବୁମରା, ମହମ୍ମଦ ଶାମି ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଅର୍ଶଦୀପ ସିଂ, ମୁକେଶ କୁମାର, ଯୁଜବେନ୍ଦ୍ର ଚହଲ ଓ ଦୀପକ ଚହରଙ୍କୁ ସ୍ଥାନ ମିଳିଛି।

### ରାହାନେ, ପୂଜାରାଙ୍କ ସମୟ ଶେଷ

ଟେଷ୍ଟ ଦଳରେ ଦୁଇ ଭେଟେରାନ୍ ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରାଙ୍କ ସମୟ ଆପାତତଃ ଶେଷ ହୋଇଛି। ଉଭୟ ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ସିରିଜ୍ ପାଇଁ ଅଣଦେଖା କରିଛନ୍ତି ଚୟନକର୍ତ୍ତା। ପୂଜାରା ଶେଷ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଦଳର ସଦସ୍ୟ ରହିଥିବା ବେଳେ ରାହାନେ ଭାରତୀୟ ଦଳ ସହିତ ଓ୍ୱେଷ୍ଟଇଣ୍ଡିଜ୍ ଗସ୍ତ କରିଥିଲେ। ମହମ୍ମଦ ଶାମିଙ୍କୁ ଟେଷ୍ଟ ସିରିଜ୍ ପାଇଁ ଦଳରେ ସାମିଲ କରାଯାଇଥିଲେ ହେଁ ସେ ଫିଟ ରହିଲେ ଖେଳିବେ ବୋଲି ଘୋଷଣା କରାଯାଇଛି। ଟି୨୦ ପାଇଁ ଘୋଷଣା କରାଯାଇଥିବା ଦଳରେ ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ରଖାଯାଇଛି। ଶୁବମନ ଗିଲ୍, ରବୀନ୍ଦ୍ର ଜାଡେଜା ଓ କୁଲଦୀପ ଯାଦବ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଜାଡେଜାଙ୍କୁ ଉପ ଅଧିନାୟକ ଘୋଷଣା କରାଯାଇଛି।

**ଟେଷ୍ଟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ୍ ଆୟର, ରତୁରାଜ ଗାଏକ୍ୱାଡ, ଇଶାନ କିଶନ (ଉଇକେଟ କିପର), ଲୋକେଶ ରାହୁଲ (ଉଇକେଟ କିପର), ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ମୁକେଶ କୁମାର, ମହମ୍ମଦ ଶାମି, ଯଶପ୍ରୀତ ବୁମରା (ଉପ ଅଧିନାୟକ), ପ୍ରସିଦ୍ଧ କ୍ରିଷ୍ଣା।

**ଟି୨୦ ଦଳ:** ଯଶସ୍ୱୀ ଜୟସ୍ୱାଲ, ଶୁବମନ ଗିଲ, ରତୁରାଜ ଗାଏକ୍ୱାଡ, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ରିଙ୍କୁ ସିଂ, ଶ୍ରେୟସ ଆୟର, ଇଶାନ କିଶନ (ଉଇକେଟ କିପର), ଜିତେଶ ଶର୍ମା (ଉଇକେଟ କିପର), ରବୀନ୍ଦ୍ର ଜାଡେଜା (ଉପ ଅଧିନାୟକ), ଓ୍ୱାଶିଂଟନ୍ ସୁନ୍ଦର, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ମୁକେଶ କୁମାର, ଦୀପକ ଚହର।

**ଦିନିକିଆ ଦଳ:** ରତୁରାଜ ଗାଏକ୍ୱାଡ, ସାଇ ସୁଦର୍ଶନ, ତିଳକ ବର୍ମା, ରଜତ ପଟିଦାର, ରିଙ୍କୁ ସିଂ, ଶ୍ରେୟସ ଆୟର, ଲୋକେଶ ରାହୁଲ (ଅଧିନାୟକ,ଉଇକେଟ କିପର), ସଞ୍ଜୁ ସାମସନ (ଉଇକେଟ କିପର), ଅକ୍ଷର ପଟେଲ, ଓ୍ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ମୁକେଶ କୁମାର, ଆଭେଶ ଖାନ୍, ଅର୍ଶଦୀପ ସିଂ, ଦୀପକ ଚହର।

# ପ୍ରିୟାଂଶୁ କ୍ୱାର୍ଟରଫାଇନାଲରେ

ଲକ୍ଷ୍ନୌ, ୩୦।୧୧(ପି.ଟି.)

ସୟଦ ମୋଦି ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ପୁରୁଷ ସିଙ୍ଗଲ୍ସରେ ତିଷ୍ଠି ରହିଥିବା ଏକମାତ୍ର ଭାରତୀୟ ଖେଳାଳି ପ୍ରିୟାଂଶୁ ରାଜାଓ୍ୱତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ମହିଳା ଡବଲ୍ସରେ ସେମାନଙ୍କ ମ୍ୟାଚ ଜିତିଛନ୍ତି। ଚଳିତବର୍ଷ ଓର୍ଲିନ୍ସ ମାଷ୍ଟର୍ସ ଜିତିଥିବା ପ୍ରିୟାଂଶୁ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ୨୧-୧୮, ୧୧-୬ରେ ଅଗ୍ରଣୀ ଥିବାବେଳେ ପ୍ରତିଦ୍ୱନ୍ଦ୍ୱୀ ଭାରତୀୟ ଖେଳାଳି ସତୀଶ କୁମାର ଆଘାତପ୍ରାପ୍ତ ହୋଇ ରିଟାର୍ଡ ନେଇଯାଇଥିଲେ। ଫଳରେ ପ୍ରିୟାଂଶୁଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଖେଳାଳି କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆର କ୍ୱାଲିଫାୟର ଅଲୱି ଫରହାନ୍‌ଙ୍କୁ ଭେଟିବେ। ଏଠାରେ ଚତୁର୍ଥ ସିଡ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ପଦକ ବିଜେତା ତ୍ରିସା ଓ ଗାୟତ୍ରୀ ନିଜ ଦେଶର ଧାନ୍ୟା ନନ୍ଦକୁମାର ଓ ରିଦ୍ଧି କୌର ତୁର୍‌ଙ୍କୁ ୨୧-୯, ୨୧-୫ରେ ପରାସ୍ତ କରିଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ମଧ୍ୟ ସେମାନେ ଏକ ଭାରତୀୟ ଯୋଡ଼ିଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସ ଡ୍ର'ରେ ୧୦ ଭାରତୀୟ ଅଂଶଗ୍ରହଣ କରିଥିଲେ। ଏଥିରେ ବିଶ୍ୱର ୧୨ ନମ୍ବର ଜାପାନିଜ ଖେଳାଳି କେଣ୍ଟା ନିଶିମୋତୋ ଏବଂ ବିଶ୍ୱର ୧୪ ନମ୍ବର ଚୋଉ ତିନ୍ ଚେନ୍ ହେଉଛନ୍ତି ବିଶ୍ୱର ଦୁଇ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ଏଚ.ଏସ୍. ପ୍ରଣୟ ଓ ଲକ୍ଷ୍ୟ ସେନ୍ ଶେଷ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଓହରିଯାଇଥିଲେ। ପ୍ରିୟାଂଶୁଙ୍କୁ ଛାଡ଼ିଦେଲେ ଅନ୍ୟ ଭାରତୀୟମାନେ ଏହି ସୁପର ୩୦୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ଚଳିତବର୍ଷ ଡେନମାର୍କ ମାଷ୍ଟର୍ସ ଜିତିଥିବା ବିଶ୍ୱର ୪୦ ନମ୍ବର ଖେଳାଳି କିରନ ଜର୍ଜ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ବିଶ୍ୱର ୩୬ ନମ୍ବର ତାଇଓ୍ୱାନର ଚିଆ ହାଓ ଲି'ଙ୍କଠାରୁ ୧୬-୨୧, ୨୧-୧୮, ୨୦-୨୨ରେ ହାରିଯାଇଥିଲେ। ମହିଳା ସିଙ୍ଗଲ୍ସରେ ୧୧ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ ମଧ୍ୟ ଜଣେ ହେଲେ ଭାରତୀୟ ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନାହାନ୍ତି। ବିଶ୍ୱର ୧୭ ନମ୍ବର ଖେଳାଳି ଜାପାନର ଆୟା ଓହୋରି ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି।



ପ୍ରିୟାଂଶୁ ରଜାଓ୍ୱତ୍

# ପଙ୍ଘାଲ, ଥାପା ସେମିଫାଇନାଲରେ

**ଶିଲଂ, ୩୦।୧୧ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍ ରନର ଅପ୍ ଅମିତ ପଙ୍ଘାଲ (୫୧କେଜି) ଓ ୨୦୨୧ ଏସିଆନ ଚାମ୍ପିୟନ(୯୨କେଜି) ପ୍ରଭାବୀ ପ୍ରଦର୍ଶନ ସହ ଏଠାରେ ଚାଲିଥିବା ଜାତୀୟ ପୁରୁଷ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଏସ୍‌ଏସ୍‌ସିବ (ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ)ର ୧୨ଜଣ ବକ୍ସର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଆସାମରୁ ପ୍ରତିନିଧିତ୍ୱ କରୁଥିବା ୬ଥର ଏସିଆନ ଚାମ୍ପିୟନଶିପ୍ ପଦକ ବିଜେତା ଶିବ ଥାପା ମଧ୍ୟ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପଙ୍ଘାଲ ତାଙ୍କ ମୁକାବିଲାରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଜମ୍ମୁ କଶ୍ମୀରର ମହମ୍ମଦ ଆରିଫ୍‌ଙ୍କ ବିପକ୍ଷ ମୁକାବିଲାକୁ ସେ ସହଜରେ ସର୍ବସମ୍ମତି ନିଷ୍ପତ୍ତିରେ ଜିତି ନେଇଥିଲେ।

# ଗାନେମତ-ଅଙ୍ଗଦ ଯୋଡ଼ିଙ୍କୁ ଟାଇଟଲ

ନୂଆଦିଲ୍ଲୀ, ୩୦।୧୧ (ପି.ଟି.)

ଯୁବ ଶୁଟର ଗାନେମତ ସେଖନ ଓ ତାଙ୍କ ପାର୍ଟନର ଅଙ୍ଗଦ ବୀର ସିଂ ବାଜଓ୍ୱା ଏଠାରେ ଚାଲିଥିବା ନ୍ୟାଶନାଲ ଶୁଟିଂ ଚାମ୍ପିୟନଶିପ୍‌ରେ ମିକ୍ସଡ ଟିମ୍ ଟାଇଟଲ ହାସଲ କରିଛନ୍ତି। ପଞ୍ଜାବର ଏହି ଯୋଡ଼ି କ୍ୱାଲିଫିକେଶନ ରାଉଣ୍ଡରେ ୧୪୦ ସ୍କୋର କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ ସେମାନେ ରାଜସ୍ଥାନ ଯୋଡ଼ି ଦର୍ଶନ ରାଠୋର ଓ ଅନନ୍ତଜିତ୍ ସିଂ ନାରୁକାଙ୍କୁ ୪୭-୪୧ରେ ହରାଇ ଦେଇଛନ୍ତି। ଦର୍ଶନ ଓ ଅନନ୍ତଜିତ୍ କ୍ୱାଲିଫିକେଶନରେ ୧୩୮ ସ୍କୋର ସହ ପଞ୍ଜାବ ଯୋଡ଼ିକ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଅଲିମ୍ପିଆନ ମୈରାଜ ଅହମଦ ଖାନ୍ ଓ ଆରିବା ଖାନ୍ ଉତ୍ତର ପ୍ରଦେଶ ପାଇଁ ବ୍ରୋଞ୍ଜ ପଦକ ଆଣି ଦେଇଛନ୍ତି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ସେମାନେ ହରିୟାଣାର ସଞ୍ଜନା ସୁଦ୍ ଓ ଇଶାନ ସିଂ ଙ୍କୁ ୪୪-୩୮ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, ଗାନେମତ ବୁଧବାର ତାଙ୍କର ପ୍ରଥମ ବ୍ୟକ୍ତିଗତ ଜାତୀୟ ସିନିୟର ମହିଳା ସ୍କିଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୬୦ଶଟ୍ ବିଶିଷ୍ଟ ଫାଇନାଲରେ ସେ ୫୬ ଟାର୍ଗେଟ ହାସଲ କରିପାରିଥିଲେ।


ଅଙ୍ଗଦ ବୀର ସିଂ ବାଜଓ୍ୱା ଓ ଗାନେମତ ସେଖନ।

# ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବ

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ସର୍ବଭାରତୀୟ ଫୁଟବଲ୍ ଟୁର୍ନାମେଣ୍ଟ ସନ୍ତୋଷ ଟ୍ରଫିର ଫର୍ମାଟ ବଦଳିବାକୁ ଯାଉଛି। ପ୍ରଥମ ପାଇଁ ଏହାର ନକ୍‌ଆଉଟ ଫର୍ମାଟକୁ ପରିବର୍ତ୍ତନ କରିବାକୁ ଗୁରୁବାର ନିଷ୍ପତ୍ତି ନେଇଛି ସର୍ବାଭାରତୀୟ ଫୁଟବଲ ମହାସଂଘ(ଏଆଇଏଫ୍‌ଏଫ୍)। ପୂର୍ବରୁ ୧୨ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଥିବା ବେଳେ ବର୍ତ୍ତମାନ ଏହାକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ ଦଳ ନକ୍‌ଆଉଟକୁ ଯୋଗ୍ୟତା ଅର୍ଜନ କରିବେ। ଏହା ପରଠାରୁ କ୍ୱାର୍ଟର ଫାଇନାଲ ଖେଳାଯିବ। ୬ଟି ଗ୍ରୁପ ପର୍ଯ୍ୟାୟ ବିଜେତା ଭାବେ ଗୋଆ, ଦିଲ୍ଲୀ, ମଣିପୁର, ଆସାମ, ସର୍ଭିସେସ ଓ ମହାରାଷ୍ଟ୍ର ଯୋଗ୍ୟତା ଅର୍ଜନ କରିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଥିବା ୩ ଶ୍ରେଷ୍ଠ ଦଳ ମଧ୍ୟରେ ଅଛନ୍ତି କେରଳ, ମିଜୋରାମ ଓ ରେଲଓ୍ୱେଜ ରହିଛନ୍ତି। ଆୟୋଜକ ଦଳ ଭାବରେ ଅରୁଣାଚଳ ପ୍ରଦେଶ ଯୋଗ୍ୟତା ହାସଲ କରିଥିବା ବେଳେ ବିଗତ ସଂସ୍କରଣ ଚାମ୍ପିୟନ କର୍ଣ୍ଣାଟକ ଓ ରନର ଅପ୍ ମେଘାଳୟ ମଧ୍ୟ ରହିଛନ୍ତି।

# ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର

ଲଣ୍ଡନ,୩୦।୧୧(ପି.ଟି.)

ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ବାମ ଆଣ୍ଠୁରେ ଅସ୍ତ୍ରୋପଚାର ସଫଳ ହୋଇଛି। ଆସନ୍ତାବର୍ଷ ଜାନୁୟାରୀରେ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ବେଳକୁ ସେ ଫିଟ୍ ହୋଇ ଯାଇଥିବେ। ଏହି ୩୨ ବର୍ଷୀୟ ଷ୍ଟାର ଅଲରାଉଣ୍ଡର ଚଳିତବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ ୩ ଆଶେସ ଟେଷ୍ଟରେ ବୋଲିଂ କରିବାରେ ଅସମର୍ଥ ଥିଲେ। ନିକଟରେ ଭାରତରେ ଅନୁଷ୍ଠିତ ବିଶ୍ୱକପ୍‌ରେ ସେ କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ମାତ୍ର ଆଣ୍ଠୁ ସମସ୍ୟା ଯୋଗୁ ବୋଲିଂ କରି ନ ଥିଲେ। ବିଶ୍ୱକପ୍ ପରେ ସେ ତାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର କରିବେ ବୋଲି ମାସ ଆରମ୍ଭରେ ଘୋଷଣା କରିଥିଲେ। ଷ୍ଟୋକ୍ସଙ୍କ ରିହାବିଲିଟେଶନ ଆରମ୍ଭ ହୋଇଛି। ଲଣ୍ଡନର କ୍ରମଓ୍ୱେଲ୍ ହସ୍ପିଟାଲ ବାହାରେ ସେ ଆଶାବାଡ଼ି ସହ ଉଠାଇଥିବା ତାଙ୍କର ଏକ ଫଟୋକୁ ସେ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଭାରତରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଜାନୁୟାରୀ ୨୫ରୁ ହାଇଦ୍ରାବାଦଠାରେ ଆରମ୍ଭ ହେବ। ଭାରତରେ ପହଞ୍ଚିବା ପୂର୍ବରୁ ଆରବ ଏମିରେଟ୍ସ (ୟୁଏଇ)ରେ ଇଂଲଣ୍ଡ କ୍ରିକେଟ ଦଳ ଦୁଇ ସପ୍ତାହ ପାଇଁ ଆୟୋଜିତ ଏକ ଓ୍ୱାର୍ମଅପ୍ କ୍ୟାମ୍ପରେ ଯୋଗ ଦେବ। ଓ୍ୱାର୍କଲୋଡ୍ ଓ ଫିଟ୍‌ନେସ୍‌ଜନିତ କାରଣରୁ ସେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ ପାଇଁ ଉପଲବ୍ଧ ହେବେ ନାହିଁ ବୋଲି ଷ୍ଟୋକ୍ସ ଗତ ସପ୍ତାହରେ ଘୋଷଣା କରିଥିଲେ। ଷ୍ଟୋକ୍ସ ୨୦୨୩ରେ ଚେନ୍ନାଇ ସୁପର କିଙ୍ଗ୍ସର ସବୁଠାରୁ ଦାମୀ ଖେଳାଳି ଥିଲେ। ମାତ୍ର ଇଞ୍ଜୁରି ଯୋଗୁ ସେ ମାତ୍ର ଦୁଇଟି ମ୍ୟାଚରେ ଖେଳିପାରିଥିଲେ।



# ଶାନ୍ତୋଙ୍କ ଶତକ: ଦୃଢ଼ ସ୍ଥିତିରେ ବାଂଲାଦେଶ


ମୁଶଫିକୁର ରହିମ ଓ ନଜମୁଲ ହୋସେନ୍ ଶାନ୍ତୋ।

ସିଲହଟ୍,୩୦।୧୧(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋଙ୍କ ଶତକ ବଳରେ ଦୃଢ ସ୍ଥିତିରେ ରହିଛି ବାଂଲାଦେଶ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୭ ରନ୍‌ର ଅଗ୍ରଣୀ ହାସଲ କରିଥିବା ବେଳେ ତୃତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ବାଂଲାଦେଶ ୩ ଉଇକେଟ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ହାତରେ ୭ ଉଇକେଟ ବାକି ଥାଇ ବାଂଲାଦେଶ ୨୦୫ ରନ୍‌ରେ ଆଗୁଆ ରହିଛି। ପିଚ୍‌ରେ ବଲ୍ ସ୍ପିନ୍ ହେଉଥିବାରୁ ବାଂଲାଦେଶ ଯଦି ୩୦୦ରୁ ଅଧିକ ରନ୍ ସ୍କୋର କରେ ତେବେ ନ୍ୟୁଜିଲାଣ୍ଡ ଅସୁବିଧାରେ ପଡିବ।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୨୬୬/୮ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଆଉ ୫୧ ରନ୍ ଯୋଡିଥିଲା। ଅଧିନାୟକ ଟିମ୍ ସାଉଦି ଚମତ୍କାର ୩୫ ରନ୍‌ର ଇନିଂସ ଖେଳିଥିଲେ। ନିୟମିତ ବୋଲର ଏହି ଯୋଡି ଭାଙ୍ଗିବାରେ ଅସମର୍ଥ ହୋଇଥିଲେ। ତେବେ ପାର୍ଟ ଟାଇମର ମୋମିନୁଲ୍ ହକ୍ ଉଭୟ ଟିମ୍ ସାଉଦି ଓ କାଇଲ ଜେମିସନ୍(୨୩)ଙ୍କୁ ଆଉଟ କରିଥିଲେ। ବାଂଲାଦେଶ ଇନିଂସ ଆରମ୍ଭ କରିଥିବା ବେଳେ ଦୁଇ ଓପନର ମାତ୍ର ୨୬ ରନ୍ ମଧ୍ୟରେ ପ୍ୟାଭିଲିୟନ୍ ଫେରିଥିଲେ। ଜାକିର ହସନ(୧୭)ଙ୍କୁ ଏଜାଜ ପଟେଲ ଲେଗ୍ ବିଫୋର କରିଥିଲେ। ମହମ୍ମଦୁଲ ହସନ ଜୟ ୮ ରନ୍ କରି ଦୁର୍ଭାଗ୍ୟଜନକ ଭାବରେ ରନ୍‌ଆଉଟ ହୋଇଥିଲେ। ତେବେ ଏହାପରେ ନବନିଯୁକ୍ତ ଅଧିନାୟକ ନଜମୁଲ ହୋସେନ୍ ଶାନ୍ତୋ ଖେଳିଥିଲେ ଏକ ଚମତ୍କାର ଇନିଂସ। ଅପରାଜିତ ୧୦୪ ରନ୍‌ର ଇନିଂସ ଖେଳିବା ସହ ବାଂଲାଦେଶକୁ ସଙ୍କଟରୁ ଉଦ୍ଧାର କରିଥିଲେ। ମୋମିନୁଲ୍ ହକ୍(୪୦)ଙ୍କୁ ସାଥୀ କରି ତୃତୀୟ ଉଇକେଟରେ ୯୦ ରନ୍ ଯୋଡିଥିଲେ ଶାନ୍ତୋ। ତେବେ ମୋମିନୁଲ ଭୁଲ ବୁଝାମଣା କାରଣରୁ ରନଆଉଟ ହେବା ପରେ ମୁଶଫିକୁର ରହିମଙ୍କ ସହ ଆଉ ଏକ ଅର୍ଦ୍ଧଶତକୀୟ ଭାଗୀଦାରି କରିଥିଲେ। ମୁଶଫିକୁର ୪୩ ରନ୍ କରିଥିବା ବେଳେ ଉଭୟ ଚତୁର୍ଥ ଉଇକେଟରେ ଅବିଭାଜିତ ୯୬ ରନ୍ ଯୋଡିଛନ୍ତି। ଶାନ୍ତୋ ୧୯୩ ବଲ୍ ଖେଳି ୧୦ ଚୌକା ସହ ୧୦୪ ରନ୍‌ରେ ବ୍ୟାଟିଂ କରୁଛନ୍ତି।

# ସେଲ୍ ହକି ଏକାଡେମୀକୁ ଡବଲ ଟାଇଟଲ

ଭୁବନେଶ୍ୱର, ୩୦।୧୧
(ତପନ ସ୍ୱାଇଁ)

ତାମିଲନାଡୁର କୋଭିଲପଟ୍ଟିଠାରେ ଅନୁଷ୍ଠିତ ସର୍ବପ୍ରଥମ ହକି ଇଣ୍ଡିଆ ଏକାଡେମୀ ଚାମ୍ପିୟନଶିପ୍ (ଜୋନ-ବି)ରେ ସେଲ୍ ହକି ଏକାଡେମୀ ଡବଲ ଟାଇଟଲ ହାସଲ କରିଛି। ଏହି ଦଳ ଉଭୟ ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ସ୍ୱର୍ଣ୍ଣ ପଦକ ଜିତିଛି। ସବ୍‌ଜୁନିୟର ବର୍ଗ ଫାଇନାଲରେ ସେଲ୍ ଏକାଡେମୀ ୪-୧ ଗୋଲରେ ରାୟପୁରର ସ୍ମାର୍ଟ ହକି ଏକାଡେମୀକୁ ପରାସ୍ତ କରିଛି। ସେହିପରି ତୀବ୍ର ସଂଘର୍ଷପୂର୍ଣ୍ଣ ଜୁନିୟର ବର୍ଗର ଫାଇନାଲରେ ସେଲ୍ ଏକାଡେମୀ ୩-୨ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି)କୁ ହରାଇ ଦେଇଛି। ସବ୍‌ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ତାମିଲନାଡୁ ହକି ଏକାଡେମୀ ୩-୧ ଗୋଲରେ ଲକ୍ଷ୍ମୀ ଅମଲ ସ୍ପୋର୍ଟ୍ସ ଏକାଡେମୀକୁ ହରାଇ ବ୍ରୋଞ୍ଜ ପଦକ ପାଇଛି। ସେହିପରି ଜୁନିୟର ବର୍ଗର ପ୍ଲେ-ଅଫ୍‌ରେ ହୁବଳି ହକି ଏକାଡେମୀ ବିଦର୍ଭର ବେରାର ହକି ଏକାଡେମୀକୁ ୨-୧ ଗୋଲରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି।



ଜୁନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ସେଲ୍ ହକି ଏକାଡେମୀ ଦଳ ଅତିଥିଙ୍କ ଗହଣରେ।

# ‘ମିଶନ ସୁଡ଼ଙ୍ଗ’ରେ ଅକ୍ଷୟଙ୍କ ମୁଖ୍ୟ ଭୂମିକା

**ମୁମ୍ବାଇ:** ଉତ୍ତରାଖଣ୍ଡର ଟନେଲ୍‌ରେ ଉଦ୍ଧାର କାର୍ଯ୍ୟର ସଫଳତା ପରେ ଏହାକୁ ନେଇ ଫିଲ୍ମ ହେବାକୁ ଯୋଜନା ଆରମ୍ଭ ହୋଇଛି। ରିପୋର୍ଟ ଅନୁଯାୟୀ ଏହି ଉଦ୍ଧାର କାର୍ଯ୍ୟ ଉପରେ ଖୁବ୍‌ଶୀଘ୍ର ଏକ ଫିଲ୍ମ ନିର୍ମାଣ କରାଯିବ। ଜଣାପଡ଼ିଛି ଯେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଏହି ଉଦ୍ଧାର କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତାଙ୍କୁ ଟନେଲ୍ ବିଶେଷଜ୍ଞ ଅନୋଲ୍ଡ ଡିକ୍ସଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଦାବି ହୋଇଛି। ହେଲେ ଏ ପର୍ଯ୍ୟନ୍ତ ଅକ୍ଷୟଙ୍କଠାରୁ କୌଣସି ସୂଚନା ମିଳିନାହିଁ। ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ଦାବି ହୋଇଛି ଯେ କେବଳ ଫିଲ୍ମର ନାମ ନୁହେଁ ତା’ର ଶୁଟିଂ ପାଇଁ ସ୍ଥାନ ମଧ୍ୟ ସ୍ଥିର କରାଯାଇଛି। ଫିଲ୍ମର ନାମ ‘ମିଶନ ସୁଡ଼ଙ୍ଗ’ ରଖାଯିବ। ୧୯୯୧ରେ ଅକ୍ଷୟ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଅନେକ ସିନେମା କରି ଦର୍ଶକଙ୍କ ପ୍ରିୟ ପାଲଟିଛନ୍ତି। ସେ ବହୁତ ଥର ହାସ୍ୟରସ ଭୂମିକାରେ ନଜରକୁ ଆସି ଦର୍ଶକଙ୍କୁ ହସାଇ ନାକେଦମ୍ କରିଛନ୍ତି। ଅକ୍ଷୟ ହାଉସଫୁଲ, ଏଣ୍ଟରଟେନ୍‌ମେଣ୍ଟ ଭଳି ଫିଲ୍ମ କରି ଲୋକଙ୍କୁ ଖୁସି କରାଇଛନ୍ତି।



# ସଚେତନତା ହିଁ ପ୍ରକୃତ ନିଦାନ

ଏଡସ ଏକ ଦୂରାରୋଗ୍ୟ ବ୍ୟାଧି। ଆକ୍ୱାର୍ଡ ଇମ୍ୟୁନୋଡେଫେସିସିଏନ୍ସି ସିଣ୍ଡ୍ରୋମ (ଏଡସ) ଇମ୍ୟୁନୋଡେଫେସିସିଏନ୍ସି ଭୁତାଣୁ(ଏଚଆଇଭି) ଦ୍ୱାରା ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ। ଏଚଆଇଭି ମଣିଷର ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ କରି ଅନ୍ୟ ରୋଗର ପ୍ରତିରୋଧକୁ ହ୍ରାସ କରିଥାଏ। ଏକ୍ଷେତ୍ରରେ ସଚେତନତା ହିଁ ପ୍ରକୃତ ନିଦାନ ସାବ୍ୟସ୍ତ ହୋଇ ପାରିଥାଏ।

ବିଶ୍ୱସ୍ତରରେ ଏଡସର ମୁକାବିଲା ଲାଗି ଏବଂ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଡିସେମ୍ବର ୧ରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଥାଏ। ଏଥିରୁ ଦୂରେଇ ରହିବା ନେଇ ଲୋକଙ୍କୁ ସଚେତନ କରାଇବା ଏହି




ଦିବସ ପାଳନର ମୂଳ ଲକ୍ଷ୍ୟ। ୧୯୮୮ରେ ଏହି ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ପୂର୍ବରୁ ୧୯୮୭ ଅଗଷ୍ଟରେ ବିଶ୍ୱ ଏଡସ ଦିବସ ପାଳନ ପାଇଁ ସ୍ୱିଜରଲାଣ୍ଡର ଜେନେଭା ଠାରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରେ ଏଡସ ଉପରେ ଗ୍ଲୋବାଲ ପ୍ରୋଗ୍ରାମ ପାଇଁ କାର୍ଯ୍ୟକରୁଥିବା ଦୁଇଜଣ ଜନ ସୂଚନା ଅଧିକାରୀ ଜେମ୍ସ ଡବ୍ଲୁ ବୁନ ଏବଂ ଥୋମାସ ନେଟରଙ୍କ ଦ୍ୱାରା ପ୍ରସ୍ତାବ ଆଗତ କରାଯାଇଥିଲା। ସେମାନେ ଏଡସ ଗ୍ଲୋବାଲ ପ୍ରୋଗ୍ରାମର ନିର୍ଦ୍ଦେଶକ ଜୋନାଥନ ମାନଙ୍କୁ ଏନେଇ ସୂଚନା ପ୍ରଦାନ କରିଥିଲେ। ପରେ ଏହି ଦିବସ ପାଳନ କରିବାକୁ ଅନୁମୋଦନ ମିଳିଥିଲା। ରିପୋର୍ଟ ଅନୁସାରେ ୨୦୧୭ ସୁଦ୍ଧା, ଏଡସ ଯୋଗୁ ବିଶ୍ୱସ୍ତରରେ ୪୧.୫ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ଆନୁମାନିକ ୩୬.୭ ନିୟୁତ ଲୋକ ଏଚଆଇଭିରେ ସଂକ୍ରମିତ ଅଛନ୍ତି। ବିଶ୍ୱର ଅନେକ ଅଞ୍ଚଳରେ ଆଣ୍ଟିରେଟ୍ରୋଭାଇରାଲ ଚିକିତ୍ସା ଯୋଗୁ ୨୦୦୫ଠାରୁ ଏଡସ ମୃତ୍ୟୁ ହାର କମିବାରେ ଲାଗିଛି। ଏହି ଦିବସ ପାଳନ ଅବସରରେ ରେଡ ରିବନର ଆଇକନିକ ପ୍ରଦର୍ଶନ କରାଯାଇଥାଏ।

ଏଡସ ରୋକିବା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କିତ ଶିକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ଦିବସ ପାଳନ ଅବସରରେ ଲୋକଙ୍କ ମଧ୍ୟରେ ହାରିବାନି ହରାଇବା ଭାନା ଜାଗ୍ରତ କରିବା ସୃଷ୍ଟି କରିବା ଲାଗି ପ୍ରୟାସ କରାଯାଇଥାଏ।


ଧରିତ୍ରୀର ୫୦ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଧରିତ୍ରୀ ପରିବାର ଏବଂ ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରାକୃତିକ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାରେ ନିଜକୁ ନିୟୋଜିତ କରିବା ପାଇଁ ବିନୀତ ଅନୁରୋଧ ।
ଦିବାକର ଜେନା
ବନପାଳ, ଶିଖପାଲ୍ଲୀ, ମାଲକାନଗିରି

ଅଭିନନ୍ଦନ
ସାହିତ୍ୟକୁ ମାନ୍ୟତା ଦେଇଆସୁଥିବା ‘ଧରିତ୍ରୀ’ ଖବରକାଗଜର ୫୦ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ
ସଭାପତି
ଫକୀରମୋହନ ସାହିତ୍ୟ ପରିଷଦ

ଅଭିନନ୍ଦନ
‘ଧରିତ୍ରୀ’ ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ନିରଞ୍ଜନ ବେହେରା (ମାରାଥନ୍)
ଅବସରପ୍ରାପ୍ତ ପୋଲିସ ଅଧିକାରୀ

ଧରିତ୍ରୀର ୫୦ତମ ଜନ୍ମଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ ଉତ୍ତପ୍ତ ଜଳବାୟୁ ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ ମାଟି ଇଟା ବଦଳରେ ସିମେଣ୍ଟ ଇଟା ବ୍ୟବହାର କରିବା ପାଇଁ ଅନୁରୋଧ । ଏହାଦ୍ୱାରା ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ।
ସାବିତ୍ରୀ ଫ୍ଲାଏ ଆସ୍ ବ୍ରିକ୍ସ
ମାଲକାନଗିରି

ଅଭିନନ୍ଦନ
‘ଧରିତ୍ରୀ’ ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ସଞ୍ଜୀବ ଦାସ (ବାବୁନି)
କାଉନ୍‌ସିଲର
ମ୍ୟୁନିସିପାଲିଟି, ବାଲେଶ୍ୱର

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି
ମାଲକାନଗିରି ଜିଲ୍ଲାର ଚାଷୀ ଭାଇମାନଙ୍କ ମଙ୍ଗଳ କାମନା କରିବା ସହ ଚଳିତ ବର୍ଷ ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି କରି ଉପକୃତ ହେବା ସହ ଧାନ କଟା ପରେ ଜମିକୁ ପଡ଼ିଆ ନ ରଖି ପନିପରିବା ଏବଂ ଡାଲି ଚାଷ କରନ୍ତୁ ।
ଗୁରୁଚରଣ ନାୟକ
ମାଲକାନଗିରି

ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଉପଲକ୍ଷେ ଧରିତ୍ରୀ ପରିବାରଙ୍କୁ ଶୁଭେଚ୍ଛା ଜଣାଉଛି । ମାଲକାନଗିରି ଜିଲ୍ଲାର ଚାଷୀ ଭାଇମାନେ ଅତ୍ୟଧିକ ରାସାୟନିକ ସାର ବ୍ୟବହାର ନ କରି ଜୈବିକ ସାର ବ୍ୟବହାର କରି ପୁଷ୍ଟିକର ରବି ଏବଂ ଖରିଫ ଚାଷ କରି ଲାଭବାନ ହୁଅନ୍ତୁ ଏହା ହିଁ ମୋର କାମନା ।
ମନମୋହନ ପଟ୍ଟନାୟକ
ଜିଲ୍ଲା ଯୋଗାଣ ଅଧିକାରୀ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅଜିତ ମହାକୁଡ଼
ଯୁବ ବ୍ୟବସାୟୀ, ବାଲେଶ୍ୱର

ଧରିତ୍ରୀର ୫୦ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଆମର ହାର୍ଦ୍ଦିକ ଶୁଭେଚ୍ଛା ।
ମାଲକାନଗିରି ବନାଞ୍ଚଳ
ସମସ୍ତ ବନ ସଂରକ୍ଷଣ ସମିତି ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ କରିବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ପାଇଁ ନିବେଦନ କରୁଅଛି ।
ବାସୁଦେବ ନାୟକ
ବନାଞ୍ଚଳ ଅଧିକାରୀ, ମାଥିଲି

‘ଧରିତ୍ରୀ’ର ୫୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଶ୍ରୀ ରଜନୀକାନ୍ତ ଶତପଥୀ
ଅଧ୍ୟକ୍ଷ
ଭାରତ ରକ୍ଷା ମଞ୍ଚ, ବାଲେଶ୍ୱର
ଶ୍ରୀ ଆଲୋକ କୁମାର ପଣ୍ଡା
ସମ୍ପାଦକ
ଭାରତ ରକ୍ଷା ମଞ୍ଚ, ବାଲେଶ୍ୱର

ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁଭ ଅବସରରେ ଧର୍ମଶାଳାର ସୁଦକ୍ଷ ବିଧାୟକ ଶ୍ରୀଯୁକ୍ତ ପ୍ରଣବ କୁମାର ବଳବନ୍ତରାୟଙ୍କ ହାତରେ ହାତ ମିଳାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ଦଳେ ଦଳେ ଆଗେଇ ଆସନ୍ତୁ ।
ଧର୍ମଶାଳା ବିଜୁ ଜନତା ଦଳ, ଯୁବ, ଛାତ୍ର, ମହିଳା ସଂଗଠନ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ୫୦ ବର୍ଷ ପୂର୍ତ୍ତି ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ରାସବିହାରୀ ବେହେରା
ଜିଲ୍ଲା ସାଧାରଣ ସମ୍ପାଦକ
ଭାରତୀୟ ଜନତା ପାର୍ଟି, ଢେଙ୍କାନାଳ

ଅଭିନନ୍ଦନ
ଧରିତ୍ରୀର ୫୦ବର୍ଷ ପଦାର୍ପଣ ଅବସରରେ ରାଜ୍ୟର ଅଗଣିତ ପାଠକପାଠିକା ତଥା ରେମୁଣା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।
ଇଂ. ଗୌତମ ସେଠୀ
ରେମୁଣା

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୧/୨୦୨୩ Bhubaneswar, Friday, December 1/ 2023

# ଯୁବ ବୋଲରଙ୍କ ଉପରେ ନଜର

**ରାୟପୁର,୩୦।୧୧(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଶୁକ୍ରବାର ରାୟପୁରରେ ଖେଳାଯିବ। ଏହି ମ୍ୟାଚ୍‌କୁ ଜିତି ଭାରତ ଆଗୁଆ ସିରିଜ୍ ଜିତିବାକୁ ପ୍ରୟାସ କରିବ। ତେବେ ଭାରତର ଯୁବ ବୋଲିଂ ଲାଇନଅପ୍ ଉପରେ ସମସ୍ତଙ୍କ ନଜର ରହିବ। ଭାରତ ଏହାର ଦ୍ୱିତୀୟ ପସନ୍ଦର ବୋଲିଂ ଲାଇନ୍‌ଅପ୍ ସହିତ

**ଆଜି ୪ର୍ଥ ଟି୨୦**
**ମ୍ୟାଚ୍ ସ୍ଥାନ: ରାୟପୁର**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ ସ୍ପୋର୍ଟ୍ସ ୧୮**

ଓହ୍ଲାଇଥିଲେ ମଧ୍ୟ ଅନ୍ତିମ ୨ ଓଭରରେ ୪୦ ରନ୍ ବ୍ୟୟ କରିବା ଗ୍ରହଣୀୟ ନୁହେଁ। ଖାସ୍ କରି ପ୍ରସିଦ୍ଧ କ୍ରିଷ୍ଣା ଶେଷ ମ୍ୟାଚ୍‌ରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ୪ ଓଭରରେ ସେ ୬୮ ରନ୍ ବ୍ୟୟ କରିଥିବା ବେଳେ ଅନ୍ତିମ ଓଭରରେ ୨୧ ରନ୍ ମଧ୍ୟ ଡିଫେଣ୍ଡ କରିପାରି ନ ଥିଲେ। ଦୀପକ ଚହର ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଗୋଟିଏ ମ୍ୟାଚ୍‌ର ବ୍ରେକ୍ ପରେ ମୁକେଶ କୁମାର ମଧ୍ୟ ଦଳକୁ ଫେରିଛନ୍ତି। ଉଭୟ ଖେଳାଳି ଏହି ମ୍ୟାଚ୍‌ରେ ସ୍ଥାନ ପାଇବାର ସମ୍ଭାବନା ଅଧିକ। ଚହର ପାୱାର ପ୍ଲେ ଓଭରରେ ବଲକୁ ଉଭୟ ଦିଗକୁ ସୁଇଂ କରିବାର ଦକ୍ଷତା ରଖନ୍ତି। ଅନ୍ୟପକ୍ଷରେ ମୁକେଶ ଡେଥ୍ ଓଭରରେ ଚମତ୍କାର ବୋଲିଂ କରିଥାନ୍ତି। ପ୍ରସିଦ୍ଧ କ୍ରିଷ୍ଣା ଓ ଆଭେଶ୍ ଖାନ୍ ସର୍ଟ ଅଫ୍ ଲେନ୍ଥ ବଲ୍ ଉପରେ ଅଧିକ ନିର୍ଭରଶୀଳ ରହୁଥିବା ବେଳେ ଭାରତୀୟ ପିଚ୍‌ରେ ଉଭୟ ବେଶ୍ ମହଙ୍ଗା ସାବ୍ୟସ୍ତ ହେଉଛନ୍ତି। ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌ରେ ବିଶେଷ ପରିବର୍ତ୍ତନର ସମ୍ଭାବନା କମ୍। ଶ୍ରେୟସ୍ ଆୟର ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏକମାତ୍ର ଖେଳାଳି ଭାବରେ ତିଳକ ବର୍ମା ଟିମ୍‌ରୁ ବାହାରେ ବସିବେ। ଚଳିତ ସିରିଜରେ ଭାରତୀୟ ଟପ୍ ଅର୍ଡର ଜବରଦସ୍ତ ଫର୍ମରେ ରହିଛି। ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଦୁଇ ମ୍ୟାଚ୍‌ରେ ଧୂଆଁଧାର ବ୍ୟାଟିଂ ଆରମ୍ଭ କରିଥିବା ବେଳେ ଅନ୍ତିମ ମ୍ୟାଚ୍‌ରେ ଟି୨୦ କ୍ୟାରିୟରର ପ୍ରଥମ ଶତକ ହାସଲ କରିଥିଲେ। ସେହିପରି ଅଷ୍ଟ୍ରେଲୀୟ ବ୍ୟାଟିଂ ଲାଇନ୍ ଅପ୍‌ରେ ମ୍ୟାକ୍ସୱେଲଙ୍କ ଅନୁପସ୍ଥିତି ଭାରତୀୟ ବୋଲରଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିବ। ମ୍ୟାକ୍ସୱେଲଙ୍କ ସମେତ ଷ୍ଟିଭେନ୍ ସ୍ମିଥ୍ ଓ ଆଡାମ ଜାମ୍ପା ମଧ୍ୟ ଦଳରେ ନ ଥିବାରୁ ଏହା ଭାରତକୁ ମ୍ୟାଚ୍‌ର ଫେଭରିଟ୍ କରୁଛି। ଅଷ୍ଟ୍ରେଲିଆର ମଧ୍ୟକ୍ରମ ବ୍ୟାଟିଂ ଭାର ଟିମ୍ ଡେଭିଡ୍, ଜୋଶ ଫିଲିପ୍ ଓ ବେନ୍ ମ୍ୟାକଡେରମଟ୍‌ଙ୍କ ଉପରେ ରହିବ। ଗୁଆହାଟୀ ପରି ରାୟପୁରରେ ମଧ୍ୟ କାକରର ବଡ ଭୂମିକା ରହିବ। ରନ୍‌ର ପିଛା କରୁଥିବା ଦଳ ଏଠାରେ ମଧ୍ୟ ଫାଇଦାରେ ରହିବ। ୩ ମ୍ୟାଚ୍‌ର ୬ ଇନିଂସ ମଧ୍ୟରୁ ୫ଟିରେ ୨୦୦+ ସ୍କୋର ଦେଖିବାକୁ ମିଳିଛି। ରାୟପୁରରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିବ।



ରାୟପୁରରେ ବ୍ୟାଟିଂ ଅଭ୍ୟାସ କରୁଛନ୍ତି ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର।




ରାଜ୍ୟ ମ୍ୟୁଜିୟମସ୍ଥିତ କଳିଙ୍ଗ ଆର୍ଟ ଗ୍ୟାଲେରିରେ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଉପରେ ଆଧାରିତ ଫଟୋ ପ୍ରଦର୍ଶନୀ ଗୁରୁବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅବସରରେ ଦିଲୀପଙ୍କ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ମହିଳା ଫୁଟବଲର ତଥା ଜାତୀୟ କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।

# ଭାରତର ନେତୃତ୍ୱ ନେବେ ହରମନ୍‌ପ୍ରୀତ

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ସ୍ପେନ୍‌ର ଭାଲେନ୍ସିଆରେ ଅନୁଷ୍ଠିତ ହେବାକୁ ଥିବା ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ୨୪ ଜଣିଆ ଭାରତୀୟ ଦଳ ଗୁରୁବାର ଘୋଷଣା କରାଯାଇଛି। ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ ସିଂଙ୍କୁ ଏହି ଦଳର ଅଧିନାୟକ ରଖା ଯାଇଥିବା ବେଳେ ଓଡ଼ିଶାରୁ ଦୁଇ ଖେଳାଳି ଅମିତ ରୋହିଦାସ ଓ ନିଲମ ସଞ୍ଜୀପ ଖେସ୍ ସାମିଲ ଅଛନ୍ତି। ଭାରତ ବ୍ୟତୀତ ସ୍ପେନ୍, ଜର୍ମାନୀ, ଫ୍ରାନ୍ସ ଓ ବେଲଜିୟମ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଡିସେମ୍ବର ୧୫-୨୨ ମଧ୍ୟରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ଅମିତ ରୋହିଦାସ ଏହି ଦଳରେ ଉପ ଅଧିନାୟକ ରହିଛନ୍ତି। ଦୁଇ ବରିଷ୍ଠ ଗୋଲକିପର ପି.ଆର. ଶ୍ରୀଜେସ୍ ଓ କ୍ରିଷନ୍ ବାହାଦୁର ପାଠକଙ୍କ ସହିତ ସୂରଜ କାରକେରା ତୃତୀୟ ଗୋଲକିପର ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ହକି ଲିଗ୍‌ର ପ୍ରସ୍ତୁତି ଭାବେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ବୋଲି କହିଛନ୍ତି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ।




ହରମନ୍‌ପ୍ରୀତ୍ ସିଂ

**ପଞ୍ଚରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ**
**୨୪ ଜଣିଆ ଦଳରେ ଓଡ଼ିଶାରୁ ଅମିତ, ନିଲମ ସଞ୍ଜୀପ**

**ଭାରତୀୟ ଦଳ:**
ଗୋଲକିପର୍ସ: ପି.ଆର. ଶ୍ରୀଜେସ୍, କ୍ରିଷନ୍ ବାହାଦୁର ପାଠକ ଓ ସୂରଜ କାରକେରା।
ଡିଫେଣ୍ଡର୍ସ: ଜରମନପ୍ରୀତ୍ ସିଂ, ଯୁଗରାଜ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ୍ ସିଂ(ଅଧିନାୟକ), ବରୁଣ କୁମାର, ସୁମନ୍ତ, ସଞ୍ଜୟ, ନିଲମ ସଞ୍ଜୀପ ଖେସ୍।
ମିଡ୍‌ଫିଲ୍ଡର୍ସ: ଯଶଦୀପ ସିୱାଚ୍, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ୍, ଶମଶେର ସିଂ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍। ଫରୱାର୍ଡ୍ସ: ମନଦୀପ ସିଂ, ଅଭିଷେକ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, କାର୍ଥି ସେଲଭମ୍, ଦିଲପ୍ରୀତ ସିଂ, ଆକାଶଦୀପ ସିଂ।

# ୟୁନିଟ-୬, କିସ୍ ହାଇସ୍କୁଲ ସେମିରେ

**ଭୁବନେଶ୍ୱର, ୩୦।୧୧**
**(ତପନ ସ୍ୱାଇଁ)**

ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏଶନ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ ୟୁନିଟ୍-୬ ହାଇସ୍କୁଲ ଓ କିସ୍ ହାଇସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୬ ପ୍ରଥମ

**ଆନ୍ତଃ ସ୍କୁଲ ଫୁଟ୍‌ବଲ**

କ୍ୱାର୍ଟର ଫାଇନାଲରେ ବିକାଶ ରେସିଡେଣ୍ଟାଲ ସ୍କୁଲକୁ ୫-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସପନ ଡାକୁଆ ଓ ସୂର୍ଯ୍ୟ ରଞ୍ଜନ ନାୟକ ୨ଟି ଲେଖାଏ ଏବଂ ସୋମୁ ମୁଦୁଲି ଗୋଟିଏ ଗୋଲ ସ୍କୋର କରିଥିଲେ। ଅବସରପ୍ରାପ୍ତ ଡେପୁଟି କମିଶନର ପ୍ରଣତି ମିଶ୍ର ଅତିଥିଭାବେ ଯୋଗଦେଇ ସୋମୁ ମୁଦୁଲିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କିସ୍ ହାଇସ୍କୁଲ ୩-୦ ଗୋଲରେ ୟୁନିଟ-୧ ହାଇସ୍କୁଲକୁ ହରାଇ ଦେଇଛି। କିସ୍ ପକ୍ଷରୁ ରାମଚନ୍ଦ୍ର ବାସ୍କେ ୩ଟି ଯାକ ଗୋଲ ଦେଇ ଟୁର୍ନାମେଣ୍ଟରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଆସୋସିଏଶନର କାର୍ଯ୍ୟକାରୀ ସମ୍ପାଦକ ଚିନ୍ମୟ ଦାସ ଉପସ୍ଥିତ ରହି ରାମଚନ୍ଦ୍ରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ସରୋଜ ମହାରଣା, କୀର୍ତ୍ତି ରଞ୍ଜନ ସ୍ୱାଇଁ, ବରୁଣ ପ୍ରଧାନ, ସୁଦୀପ ଦାସ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ। କ୍ୟାପିଟାଲ ହାଇସ୍କୁଲ ଓ ଓଡିଏମ୍ ଗ୍ଲୋବାଲ ସ୍କୁଲ ମଧ୍ୟରେ ଅନ୍ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।




ହ୍ୟାଟ୍ରିକ ଗୋଲ କରିଥିବା ରାମଚନ୍ଦ୍ର ବାସ୍କେଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଉଗାଣ୍ଡାକୁ ଟି୨୦ ବିଶ୍ୱକପ୍ ଯୋଗ୍ୟତା

**ୱିଣ୍ଡହୋକ୍, ୩୦।୧୧(ପି.ଟି.)**

ର୍ୱାଣ୍ଡା ବିପକ୍ଷରେ ୯ ଉଇକେଟରେ ବିଜୟ ହାସଲ ପରେ ଉଗାଣ୍ଡା ଆସନ୍ତାବର୍ଷ ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ଏରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ଚଳିତ ଆଫ୍ରିକାନ କ୍ୱାଲିଫାୟରରେ ନାମ୍ବିୟା ପରେ ଦ୍ୱିତୀୟ ଦଳ ଭାବେ ଉଗାଣ୍ଡା ମୁଖ୍ୟ ଟୁର୍ନାମେଣ୍ଟରେ ପ୍ରବେଶ କରିଛି। ଆଫ୍ରିକା କ୍ୱାଲିଫାୟର୍ସର ଆଞ୍ଚଳିକ ଫାଇନାଲରେ ର୍ୱାଣ୍ଡାକୁ ହରାଇ ଦେବା ଦ୍ୱାରା ଉଗାଣ୍ଡା ଟପ୍ ଟୁ ଫିନିଶ କରିବ ବୋଲି ସ୍ପଷ୍ଟ ହୋଇଥିଲା। ୬ଟି ମ୍ୟାଚରେ ଏହା ହେଉଛି ଦଳର ୫ମ ବିଜୟ। ଗୁରୁବାର ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ର୍ୱାଣ୍ଡା ୧୮.୫ ଓଭରରେ ୬୫ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଉଗାଣ୍ଡା ୮.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟି୨୦ ବିଶ୍ୱକପ୍ ଖେଳିବାରେ ଉଗାଣ୍ଡା ୫ମ ଆଫ୍ରିକୀୟ ରାଷ୍ଟ୍ର ହେବାକୁ ଯାଉଛି। ଅନ୍ୟପକ୍ଷରେ ଆଫ୍ରିକା କ୍ୱାଲିଫାୟର ଫେଭରାଇଟ୍ ଜିମ୍ବାୱେ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି। ଏହି ଦେଶ ଖେଳିଥିବା ୫ଟି ମ୍ୟାଚରୁ ୩ଟିରେ ବିଜୟ ହାସଲ କରିବା ସହ ଆଞ୍ଚଳିକ ଟୁର୍ନାମେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଛି। ଆଫ୍ରିକାନ କ୍ୱାଲିଫାୟର ପରେ ଟି୨୦ ବିଶ୍ୱକପ୍‌ରେ ଭାଗ ନେବାକୁ ଥିବା ୨୦ଟି ଦଳର ସ୍ଥାନ ପୂରଣ ହୋଇଛି। ମୁଖ୍ୟ ଟୁର୍ନାମେଣ୍ଟ ଆସନ୍ତା ଜୁନ୍ ୪ରୁ ୩୦ ପର୍ଯ୍ୟନ୍ତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବେ। ପରେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ। ଟି୨୦ ବିଶ୍ୱକପ୍ ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଦଳଗୁଡ଼ିକ ହେଲେ- ୟୁଏସ୍‌ଏ, ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ତାନ, ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ପପୁଆ ନ୍ୟୁ ଗିନି, କାନାଡା, ନେପାଳ, ଓମାନ, ନାମ୍ବିୟା ଓ ଉଗାଣ୍ଡା।

# ଆଜିଠୁ ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ 'ଗତିକୃଷ୍ଣ ମେମୋରିଆଲ' ଭୁବନେଶ୍ୱର 'ଏ' ଡିଭିଜନ ଫୁଟ୍‌ବଲ ଲିଗ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଅନୁଷ୍ଠିତ ହେବ। ଗତ ଅକ୍ଟୋବରରେ ଭୁବନେଶ୍ୱର 'ବି' ଡିଭିଜନ ଲିଗ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା। 'ଏ' ଡିଭିଜନ ଲିଗ୍‌ରେ ଏଥର କିଶୋର କ୍ଲବ, ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ, କ୍ଲବ-୭୩, କିସ୍ ଫୁଟ୍‌ବଲ ଦଳ, ଘାଟିକିଆର ବଜରଙ୍ଗ କ୍ଲବ ଓ ଏଜି ରିକ୍ରିଏଶନ କ୍ଲବ ଆଦି ୬ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ୟୁନିଟ-୬ ଆଥ୍‌ଲେଟିକ ଆସୋସିଏଶନ ଓ ଏଜି ରିକ୍ରିଏଶନ କ୍ଲବ ମଧ୍ୟରେ ଫ୍ଲଡ୍ ଲାଇଟରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ ଏବଂ ଏହି ଲିଗ୍ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆସୋସିଏଶନର ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାସ କହିଛନ୍ତି।

# ଭାରତର ୮ ବକ୍ସରଙ୍କ ପଦକ ପକ୍କା

**ବିଶ୍ୱ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୩୦।୧୧ (ପି.ଟି.)**

ଆର୍ମେନିଆର ୟେରେଭାନ୍‌ଠାରେ ଚାଲିଥିବା ଆଇବିଏ ଜୁନିୟର ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍ ୨୦୨୩ର ୬ଷ୍ଠ ଦିବସରେ ଭାରତର ୮ଜଣ ସେମିଫାଇନାଲରେ ପ୍ରବେଶ କରିବା ସହ ପଦକ ପକ୍କା କରିଛନ୍ତି। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୮ଜୁନିୟର ବାଳିକାଙ୍କ ମଧ୍ୟରୁ ୬ ଜଣ ସେମିଫାଇନାଲରେ ପ୍ରବେଶ କରିବା ଏକ ଉଲ୍ଲେଖନୀୟ ସଫଳତା। ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ର ଦୁଇ ସ୍ୱର୍ଣ୍ଣ ବିଜେତା ପରୀ (୫୦କେଜି) ଓ ନିଧି (୬୬କେଜି) ଯଥାକ୍ରମେ ରୋମାନିଆର ମୁଲର ମିକାଏଲା ଓ ଚାଇନିଜ ତାଇପେର କାଓ ଚିନ୍ ଆଇଙ୍କ ବିପକ୍ଷରେ ସମାନ ୫-୦ରେ ସହଜ ବିଜୟ ହାସଲ କରିଛନ୍ତି। ପାୟଲ (୪୮କେଜି) ୫-୦ରେ ଆୟର୍ଲାଣ୍ଡର ଡୋହର୍ଟି ଲରେନଙ୍କୁ ପରାସ୍ତ କରିଥିବା ବେଳେ ବିଜୟ ହାସଲ କରିଥିବା ବେଳେ ଆମିଶା (୫୪କେଜି) ଏକ ସର୍ବ ସମ୍ମତି ନିଷ୍ପତ୍ତିରେ ଦକ୍ଷିଣ କୋରିଆର କିମ୍ ଜିଆଇଙ୍କୁ ହରାଇ ଦେଇଛନ୍ତି। ଏସିଆନ ଜୁନିୟର ରୌପ୍ୟ ପଦକ ବିଜେତା ନେହା ଲୁଥିନୀ (୪୬କେଜି) ବେଲାରୁଷର ହିକୋସ୍କାୟା ଆନହେଲିନାଙ୍କୁ ୪-୧ ବିଭାଜିତ ନିଷ୍ପତ୍ତିରେ ହରାଇ ଦେଇଛନ୍ତି।ଙ୍ ଅନ୍ୟପକ୍ଷରେ ପ୍ରାଚୀ (୫୪କେଜି) କାଜାଖସ୍ତାନର ସିଥାନକାଇଜିକ୍ ପାନାରଙ୍କ ବିପକ୍ଷରେ କଷ୍ଟସାଧ ବିଜୟ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ପ୍ରଥମ ରାଉଣ୍ଡରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ବିପକ୍ଷ ଖେଳାଳିଙ୍କ ଦୁର୍ବଳତା ଓ ଶକ୍ତିକୁ ସେ ପରଖି ନେଇଥିଲେ। ଶେଷ ଦୁଇ ରାଉଣ୍ଡରେ ଦୃଢ ପ୍ରତ୍ୟାବର୍ତ୍ତନ ସହ ସେ ବିଭାଜିତ ରାୟ ୩-୨ରେ ମୁକାବିଲା ଜିତି ନେଇଥିଲେ। ଭାରତର ଏକମାତ୍ର ମହିଳା ଜୟଶ୍ରୀ ଦେବୀ ଏକତରଫା ମୁକାବିଲାରେ ରୁଷିଆର ଲିଓନେଭା କିରାଙ୍କଠାରୁ ୧-୪ରେ ହାରିଯାଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସର ପଦକ ରାଉଣ୍ଡକୁ ଉନ୍ନୀତ ହେବାରେ ସଫଳ ହୋଇଛନ୍ତି। ବାଳକ ବିଭାଗରେ ୪ ଭାରତୀୟ ବକ୍ସରଙ୍କ ମଧ୍ୟରୁ ୨ଜଣ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଏସିଆନ ଜୁନିୟର ସ୍ୱର୍ଣ୍ଣ ବିଜେତା ହାର୍ଦ୍ଦିକ ପନୱାର (୮୦କେଜି) ଓ ଯତିନ (୫୪କେଜି) ଚମତ୍କାର ପ୍ରଦର୍ଶନ ସହ ଯଥାକ୍ରମେ ଦକ୍ଷିଣ କୋରିଆର ପାର୍କ ଡାମିୟନ ଏବଂ ଜର୍ଜିଆର ମୁସ୍କୁଡିଆନି ଡେଭିଡ୍‌ଙ୍କୁ ସର୍ବସମ୍ମତି ନିଷ୍ପତ୍ତିରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ବ୍ରିଜେଶ ଟାମଟା (୪୬କେଜି) ଓ ଡିଭାଶ କାଟାରେ (୫୦କେଜି) ଏହି ଦୁଇ ବକ୍ସର କ୍ୱାର୍ଟରଫାଇନାଲରେ ପରାଜିତ ହୋଇଛନ୍ତି। ସେମିଫାଇନାଲ ଡିସେମ୍ବର ୨ରେ ଫାଇନାଲ ଡିସେମ୍ବର ୩ରୁ ୪ ଅନୁଷ୍ଠିତ ହେବ।










1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ